# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୧୦/୨୦୨୫ (୧୬ ପୃଷ୍ଠା) | Bhubaneswar, Thursday, April 10/2025 | Page 16 | ₹ 7.00 | SAMBALPUR

୫୧ଶ ଭାଗ ୧୩୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 135 | ମୂଲ୍ୟ₹୭/-



DSPL-22



ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଓଡ଼ିଶାର
# ସ୍ୱାସ୍ଥ୍ୟ କ୍ଷେତ୍ରରେ ନୂତନ ଯୁଗର ଶୁଭାରମ୍ଭ

## ଆସନ୍ତାକାଲି ଠାରୁ
## ଲାଗୁ ହେବାକୁ ଯାଉଛି

## ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା
## ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ
## ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା

- ହିତାଧିକାରୀ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ମିଳିବ ଏ.ବି.ପିଏମ୍.ଜେଏ.ୱାଇ - ଜି.ଜେ.ଏ.ୱାଇ କାର୍ଡ଼
- ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳାଙ୍କ ପାଇଁ ପରିବାର ପିଛା ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା
- ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୭୦ ବର୍ଷ କିମ୍ବା ୭୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ମିଳିବ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ବରିଷ୍ଠ ମହିଳାଙ୍କ ପାଇଁ ପରିବାର ପିଛା ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା
- ରାଜ୍ୟର ୧.୦୩ କୋଟିରୁ ଊର୍ଦ୍ଧ୍ୱ ପରିବାରର ୩.୪୬ କୋଟି ଲୋକଙ୍କ ପାଇଁ ମାଗଣା ଚିକିତ୍ସା ସେବା
- ଦେଶର ୨୯,୦୦୦ ରୁ ଊର୍ଦ୍ଧ୍ୱ ସରକାରୀ ଓ ପଞ୍ଜିକୃତ ଘରୋଇ ଚିକିତ୍ସାଳୟରେ ଚିକିତ୍ସା ସୁବିଧା

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-10001/13/0045/2425

# ୨ ମହାଶକ୍ତି ମୁହାଁମୁହିଁ





ନ୍ୟୁୟର୍କ ଷ୍ଟକ୍ ଏକ୍ସଚେଞ୍ଜରେ କମ୍ପାନୀଗୁଡ଼ିକର ଶେୟାର ତଳକୁ ଖସୁଥିବା ଦେଖି ଚିନ୍ତାରେ ଜଣେ ଟ୍ରେଡର।

## ତେଜିଲା ଆମେରିକା-ଚାଇନା ବାଣିଜ୍ୟ ଯୁଦ୍ଧ

**ଆମେରିକା ଓ ଚାଇନା ପରସ୍ପର ଉପରେ ଉଚ୍ଚ ଟାରିଫ୍ ଘୋଷଣା କରିବା ପରେ ବାଣିଜ୍ୟ ଯୁଦ୍ଧ ତେଜିଛି । ବାଣିଜ୍ୟିକ କାରବାର କ୍ଷେତ୍ରରେ ଦୁଇ ମହାଶକ୍ତି ମୁହାଁମୁହିଁ ହୋଇଥିବାରୁ ଏହାର ପ୍ରଭାବ କେବଳ ଏହି ୨ ଦେଶ ମଧ୍ୟରେ ସୀମିତ ନ ରହି ବୈଶ୍ୱିକ ବଜାର ଉପରେ ପଡ଼ିବ ବୋଲି ଅର୍ଥନୀତି ବିଶେଷଜ୍ଞ ଆଶଙ୍କା ପ୍ରକାଶ କରିଛନ୍ତି ।**

ୱାଶିଂଟନ୍/ବେଜିଂ,୯।୪

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗତ ଜାନୁଆରୀରେ ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରଠାରୁ ଜାତୀୟ ସ୍ୱାର୍ଥର ଦ୍ୱାହି ଦେଇ ନେଇଚାଲିଥିବା ପଦକ୍ଷେପଗୁଡ଼ିକ ମଧ୍ୟରୁ ରେସିପ୍ରୋକାଲ୍ ଟାରିଫ୍ ଅନ୍ୟତମ। ଆମେରିକା ଅନ୍ୟ ଦେଶଗୁଡ଼ିକ ଉପରେ ସ୍ୱଳ୍ପ ଆମଦାନୀ ଶୁଳ୍କ ଲଗାଉଥିବାବେଳେ ସମ୍ପୃକ୍ତ ରାଷ୍ଟ୍ରଗୁଡ଼ିକ ଅତ୍ୟଧିକ ଟିକସ କଷୁଥିବାରୁ ଆମେରିକାର ଅର୍ଥନୀତି କ୍ଷତିଗ୍ରସ୍ତ ହୋଇଥିବା ଟ୍ରମ୍ପ୍ ଯୁକ୍ତି ବାଢ଼ିଛନ୍ତି। ଟ୍ରମ୍ପ୍ ଅନେକ ଦେଶ ଉପରେ ପାଲଟା ଶୁଳ୍କ ଲଗାଇ ନିଜ ଦେଶର ଆର୍ଥିକ ସ୍ଥିତିକୁ ସୁଧାରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଏହି କ୍ରମେ ସେ ଚାଇନାରୁ ଆମେରିକାକୁ ଆମଦାନୀ ହେଉଥିବା ସାମଗ୍ରୀଗୁଡ଼ିକ ଉପରେ ୧୦୪% ଟିକସ ଲଗାଇଛନ୍ତି। ଚାଇନା ଏହାର ଜବାବରେ ସବୁ ପ୍ରକାର ଆମେରିକୀୟ ସାମଗ୍ରୀ ଉପରେ ୮୪% ଟାରିଫ୍ ଘୋଷଣା କରିଛି, ଯାହାକି ଏପ୍ରିଲ ୧୦ ଗୁରୁବାରଠାରୁ ଲାଗୁହେବ। ଚାଇନା ଅଧିକାରୀମାନେ ଏହି ଲଢ଼େଇ ଶେଷ ପର୍ଯ୍ୟନ୍ତ ଲଢ଼ିବା ପାଇଁ ପଣ କରିଛନ୍ତି। ଏତିକି ନୁହେଁ, ଆବଶ୍ୟକ ହେଲେ ଆମେରିକା ବିରୋଧରେ ଆହୁରି କଠୋର ପଦକ୍ଷେପ ନିଆଯିବ ବୋଲି ସ୍ପଷ୍ଟ କରିଛନ୍ତି। ଉଭୟ ଦେଶ ପକ୍ଷରୁ ପରସ୍ପର ଉପରେ ଏପରି କାର୍ଯ୍ୟାନୁଷ୍ଠାନ ଏବେ ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି। ଏଥିଲାଗି ବିଶ୍ୱର ପୁଞ୍ଜିବଜାର ମଧ୍ୟ ଦୋହଲିଯାଇଛି। ଜର୍ମାନୀର ଡିଏଏକ୍ସ ୩.୮% ଖସିଥିବାବେଳେ ଆମେରିକାର ଡୋ ଜୋନ୍ସ ଇଣ୍ଡଷ୍ଟ୍ରିଆଲ ଏଭାରେଜ୍ ୦.୭% ନିମ୍ନଗାମୀ ହୋଇଛି। ଘରୋଇ ହସ୍ତକ୍ଷେପ ଯୋଗୁ ଚାଇନା ବଜାରରେ କିଛିଟା ସ୍ଥିରତା ଦେଖିବାକୁ ମିଳିଥିବା ସତ୍ତ୍ୱେ ଏସିଆ ମାର୍କେଟ ତଳମୁହାଁ ହୋଇ ରହିଛି। ଏଭଳି ସ୍ଥଳେ ପେଟ୍ରୋଲ, ଡିଜେଲର ବୈଶ୍ୱିକ ଚାହିଦା ହ୍ରାସ ପାଇବା ଆଶଙ୍କାରେ ଅଏଲ୍ ପ୍ରାଇସ୍ ୨୦୨୧ ଫେବୃଆରୀ ସ୍ତରକୁ କମିଯାଇଛି। ଏହି ବାଣିଜ୍ୟିକ ଯୁଦ୍ଧ ବିଶ୍ୱର ବୃହତ୍ ଅର୍ଥନୀତିଗୁଡ଼ିକରେ ମାନ୍ଦାବସ୍ଥା ଆସିବା ନେଇ ଭୟ ସୃଷ୍ଟି କରିଛି। ବିଶେଷଜ୍ଞମାନେ ଯୁକ୍ତି ବାଢ଼ିଛନ୍ତି, ଗଭୀର ଢାଞ୍ଚାଗତ ପରିବର୍ତ୍ତନ ଆବଶ୍ୟକ। ଚାଇନାକୁ ସାମଗ୍ରୀ ବ୍ୟବହାର ବୃଦ୍ଧି କରିବାକୁ ପଡ଼ିବ। ସେହିପରି ଆମେରିକାକୁ ମଧ୍ୟ ବର୍ତ୍ତମାନର ବାଣିଜ୍ୟିକ ଅସନ୍ତୁଳନକୁ ଦୂର କରିବାକୁ ପଡ଼ିବ। ତେବେ ଏଭଳି ଢାଞ୍ଚାଗତ ପରିବର୍ତ୍ତନର ସୁଫଳ ମିଳିବା ପାଇଁ ସମୟ ଓ ସମନ୍ୱିତ ସଂସ୍କାର ଲୋଡ଼ା।

## ବିଶ୍ୱ ବଜାର ପ୍ରଭାବିତ

**ଟ୍ରେଡ୍ ୱାର୍‌ରେ କେହି ବିଜୟୀ ହୁଅନ୍ତି ନାହିଁ**

ଆମେରିକା ଓ ଚାଇନା ମଧ୍ୟରେ ବାଣିଜ୍ୟିକ ଯୁଦ୍ଧ ୨୦୧୮ ଜୁଲାଇରେ ଆରମ୍ଭ ହୋଇଥିଲା। ସେତେବେଳେ ଡୋନାଲ୍ଡ ଟ୍ରମ୍ପ୍ ଆମେରିକାର ରାଷ୍ଟ୍ରପତି ଥିଲେ। ଚାଇନା ସାମଗ୍ରୀ ଉପରେ ଟ୍ରମ୍ପ୍ ପ୍ରଶାସନ ୫୫୦ ବିଲିୟନ୍ ଡଲାର ଟାରିଫ୍ କଷିଥିବାବେଳେ ବେଜିଂ ଆମେରିକୀୟ ସାମଗ୍ରୀଗୁଡ଼ିକ ଉପରେ ୧୮୫ ବିଲିୟନ୍ ଡଲାର ଶୁଳ୍କ ଲଗାଇଥିଲା। ୨୦୨୦ରେ ଟ୍ରେଡ୍ ଡିଲ୍ ସମ୍ପନ୍ନ ହୋଇଥିଲା। ଜୋ ବାଇଡେନ୍ ପ୍ରଶାସନ ବେଳେ ଦୁଇଦେଶର ସମ୍ପର୍କରେ କିଛିଟା ଉନ୍ନତି ଆସିଥିଲା। ତେବେ ରିପବ୍ଲିକାନ୍ ଟ୍ରମ୍ପ୍ ପୁନଃ ନିର୍ବାଚିତ ହୋଇ ୨୦୨୫ ଜାନୁଆରୀ ୨୦ରେ ଦ୍ୱିତୀୟ ଥର କ୍ଷମତାକୁ ଅସିବା ପରେ ଚାଇନା ସାମଗ୍ରୀ ଉପରେ ୩୪% ଟାରିଫ୍ ଘୋଷଣା କରିଥିଲେ। ଏହାର ଜବାବରେ ଚାଇନା ପ୍ରଥମେ ଆମେରିକା ଉପରେ ୫୦% ଟାରିଫ୍ ଲଗାଇଥିଲା। ଟ୍ରମ୍ପ୍ ଚାଇନା ଉପରେ ଆହୁରି ୫୦% ଟାରିଫ୍ ଲଗାଇବା ପରେ ବେଜିଂ ମଧ୍ୟ ଅନୁରୂପ ପଦକ୍ଷେପ ନେବାକୁ ଯାଇ ଅତିରିକ୍ତ ୫୦% ଟାରିଫ୍ ଘୋଷଣା କରିଛି। ୨ ମହାଶକ୍ତିଙ୍କ ଏହି ଯେସାକୁ ତେସା ନୀତିର ଦୁଷ୍ପରିଣାମ ଏବେ ବୈଶ୍ୱିକ ଅର୍ଥନୀତିକୁ ପ୍ରଭାବିତ କରିବା ସହ ଅସ୍ଥିରତା ସୃଷ୍ଟି କରିଛି। ଆମେରିକା ଟ୍ରେଜେରି ସେକ୍ରେଟାରି ସ୍କଟ୍ ବେସେଣ୍ଟ କହିଛନ୍ତି, ଚାଇନା ଅଚଳାବସ୍ଥା ଦୂର ପାଇଁ ଆଲୋଚନାର ଟେବୁଲକୁ ଆସିବା ଉଚିତ। ବେଜିଂର ପଦକ୍ଷେପ ଦୁର୍ଭାଗ୍ୟଜନକ। ଟ୍ରେଡ୍ ୱାର୍‌ରେ କେହି ବିଜୟୀ ହୁଅନ୍ତି ନାହିଁ।

## ଭାରତକୁ ମାଡ଼ିଆସୁଛି ଆର୍ଥିକ ଝଡ଼: ରାହୁଲ

ଅହମଦାବାଦ,୯।୪

ଭାରତକୁ ଏକ ଆର୍ଥିକ ଝଡ଼ ମାଡ଼ିଆସୁଛି ବୋଲି ଅହମଦାବାଦରେ ଚାଲିଥିବା ଏଆଇସିସି ବୈଠକରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସତର୍କ କରାଇଛନ୍ତି। ଆମେରିକା ପକ୍ଷରୁ ଭାରତ ଉପରେ ଲଗାଯାଇଥିବା ଉଚ୍ଚ ଟାରିଫ୍ ପ୍ରସଙ୍ଗରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀରବତାକୁ ନେଇ ସମାଲୋଚନା କରିଛନ୍ତି। ରାହୁଲ କହିଛନ୍ତି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ମୋଦି ବନ୍ଧୁ ବୋଲି କହୁଛନ୍ତି। ମୋଦିଙ୍କ ଆମେରିକା ଗସ୍ତବେଳେ ଟ୍ରମ୍ପ୍‌ଙ୍କୁ ସେ ଆଲିଙ୍ଗନ କରିବା ସମୟରେ ଫଟୋ କେହି ଦେଖିଛନ୍ତି ? ଟ୍ରମ୍ପ୍ ମୋଦିଙ୍କୁ କହିଥିଲେ, ଏଥର ଆଲିଙ୍ଗନ ନୁହେଁ, ନୂଆ ଟାରିଫ୍ ଜାରି କରିବି। କିନ୍ତୁ ମୋଦିଙ୍କ ପାଟିରୁ ଗୋଟିଏ ବି ଶବ୍ଦ ବାହାରି ନ ଥିଲା।

## ନାଇଟ୍ କ୍ଲବ୍‌ର ଛାତ ଭୁଶୁଡ଼ି ୧୧୩ ମୃତ

ସାଣ୍ଟୋ ଡୋମିଙ୍ଗୋ, ୯।୪

କାରିବିଆନ୍ ଦେଶ ଡୋମିନିକନ୍ ରିପବ୍ଲିକର ରାଜଧାନୀ ସାଣ୍ଟୋ ଡୋମିଙ୍ଗୋସ୍ଥିତ ଜେଟ୍ ସେଟ୍ ନାଇଟ୍ କ୍ଲବ୍‌ର ଛାତ ମଙ୍ଗଳବାର ଅଚାନକ ଭୁଶୁଡ଼ି ପଡ଼ିଥିଲା। ସେତେବେଳେ ଜେଟ୍ ସେଟ୍ ନାଇଟ୍ କ୍ଲବ୍‌ରେ ଲାଇଭ୍ ମ୍ୟୁଜିକ ପର୍ଫମାନ୍ସ ଚାଲିଥିଲା, ଫଳରେ ସେଠାରେ ବିରାଟ ଜନସମାଗମ ରହିଥିଲା। ବୁଧବାର ସୁଦ୍ଧା ଏହି ଦୁର୍ଘଟଣାରେ ୧୧୩ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୫୫ ଜଣ ଅଧିକ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ୨୪ ଘଣ୍ଟାରୁ ଅଧିକ ସମୟ ଧରି ଉଦ୍ଧାର କାର୍ଯ୍ୟ ଜାରି ରହିଛି ଏବଂ ମୃତ୍ୟୁସଂଖ୍ୟା ଆହୁରି ବଢ଼ିପାରେ ବୋଲି ସାଣ୍ଟୋ ଡୋମିଙ୍ଗୋସ୍ଥିତ ଜରୁରିକାଳୀନ ଅପରେଶନ ସେଣ୍ଟରର ନିର୍ଦ୍ଦେଶକ ଜୁଆନ୍ ମାନୁଏଲ ମେଣ୍ଡେଜ୍ କହିଛନ୍ତି। ବର୍ତ୍ତମାନ ସୁଦ୍ଧା କେବଳ ୩୨ ମୃତକଙ୍କ ପରିଚୟ ମିଳିପାରିଥିବା ସେ କହିଛନ୍ତି।

## ନର୍ସିଂହୋମ୍‌ରେ ନିଆଁ, ୨୦ ମୃତ

ବେଜିଂ, ୯।୪

ଉତ୍ତର ଚାଇନାର ହାବେଇ ପ୍ରଦେଶ ଅନ୍ତର୍ଗତ ଚେଙ୍ଗଦେ ସହରର ଲୋଙ୍ଗହୁଆ କାଉଣ୍ଟିସ୍ଥିତ ଏକ ନର୍ସିଂହୋମ୍‌ରେ ନିଆଁ ଲାଗିବାରୁ ୨୦ ଜଣଙ୍କର ମୃତ୍ୟୁ ହୋଇଛି। ଏନେଇ ବେଜିଂସ୍ଥିତ ସରକାରୀ ସମାଚାର ଏଜେନ୍ସି ସିନ୍‌ହୁଆ ସୂଚନା ଦେଇଛି। ରାଜଧାନୀ ବେଜିଂଠାରୁ ୧୮୦ କି.ମି. ଉତ୍ତର-ପୂର୍ବ ଦିଗରେ ଅବସ୍ଥିତ ଏହି ନର୍ସିଂହୋମରେ ଘଟିଥିବା ଅଗ୍ନିକାଣ୍ଡରେ କେତେଜଣ ଆହତ ହୋଇଛନ୍ତି, ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ସ୍ଥାନୀୟ ଅଗ୍ନିଶମ ବାହିନୀର ଅନେକ ଘଣ୍ଟାର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ତେବେ ଏହି ନର୍ସିଂହୋମ୍‌ରେ ନିଆଁ କିପରି ଲାଗିଲା, ସେନେଇ ତଦନ୍ତ ଜାରି ରହିଛି ବୋଲି ସ୍ଥାନୀୟ ଅଧିକାରୀ କହିଛନ୍ତି।

## ମେ’ ୯ରେ ରୁଷିଆ ବିଜୟ ଦିବସ ପରେଡ୍: ଯୋଗଦେବା ପାଇଁ ମୋଦିଙ୍କୁ ନିମନ୍ତ୍ରଣ

ମସ୍କୋ,୯।୪

ରୁଷିଆରେ ମେ’ ୯ରେ ପାଳିତ ହେବାକୁ ଥିବା ୮୦ତମ ବିଜୟ ଦିବସକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମସ୍କୋ ନିମନ୍ତ୍ରଣ କରିଛି। ଏନେଇ ରୁଷିଆର ବହିର୍ବ୍ୟାପାର ଉପମନ୍ତ୍ରୀ ଆଣ୍ଡ୍ରେ ରୁଡେଙ୍କୋ ବୁଧବାର ସୂଚନା ଦେଇଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥିବାବେଳେ ୧୯୪୫ ଜାନୁଆରୀରେ ସୋଭିଏଟ୍ ଆର୍ମି ଜର୍ମାନୀ ଉପରେ ଆକ୍ରମଣ କରିଥିଲା। ମେ’ ୯ରେ ସୋଭିଏଟ୍ ସଂଘ ବିଜୟ ହାସଲ କରିଥିଲା। ଜର୍ମାନୀ ସୋଭିଏଟ୍ ୟୁନିୟନ୍ ନିକଟରେ ନିଃସର୍ତ୍ତ ଆତ୍ମସମର୍ପଣ ସକାଶେ ଏକ ଚୁକ୍ତିରେ ସ୍ୱାକ୍ଷର କରିବା ପରେ ଯୁଦ୍ଧାବସାନ ହୋଇଥିଲା। ଏହାର ୮୦ତମ ବର୍ଷ ପୂର୍ତ୍ତି ପାଳନ ହେବାକୁ ଯାଉଥିବାରୁ ମସ୍କୋ ମୋଦିଙ୍କୁ ଏଥିରେ ଅତିଥି ରୂପେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଛି।

## କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ଦୁର୍ଘଟଣା ପୀଡ଼ିତଙ୍କୁ ନଗଦବିହୀନ ଚିକିତ୍ସାରେ ବିଳମ୍ବ**

ନୂଆଦିଲ୍ଲୀ, ୯।୪

ମୋଟର ଦୁର୍ଘଟଣା ପୀଡ଼ିତଙ୍କ ପାଇଁ ନଗଦବିହୀନ ଚିକିତ୍ସାରେ ବିଳମ୍ବକୁ ନେଇ ବୁଧବାର ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ଏହାସହ ଆସନ୍ତା ଏପ୍ରିଲ ୨୮ ମଧ୍ୟରେ ଏନେଇ ସ୍ପଷ୍ଟୀକରଣ ରଖିବାକୁ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରଣାଳୟ ସଚିବଙ୍କୁ ସମନ ଜାରି କରିଛନ୍ତି। ଗତ ଜାନୁଆରୀ ୮ରେ ମୋଟର ଦୁର୍ଘଟଣା ପୀଡ଼ିତଙ୍କ ପାଇଁ ନଗଦବିହୀନ ଚିକିତ୍ସା ନେଇ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶକୁ କେନ୍ଦ୍ର ସରକାର ଅନୁପାଳନ କରି ନ ଥିବା କହି ଶୁଣାଣି ସମୟରେ ଜଷ୍ଟିସ୍ ଅଭୟ ଏସ୍ ଓକା ଏବଂ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାନଙ୍କୁ ନେଇ ଗଠିତ ଖଣ୍ଡପୀଠ ଆପତ୍ତି ପ୍ରକାଶ କରିଛନ୍ତି।

## ପଥଚାରୀଙ୍କୁ କାର୍‌ରେ ମଡ଼ାଇଲେ କଂଗ୍ରେସ ନେତା, ୩ ମୃତ

ଜୟପୁର, ୯।୪

ରାଜସ୍ଥାନର ରାଜଧାନୀ ଜୟପୁରରେ ଏକ ହିଟ୍ ଆଣ୍ଡ୍ ରନ୍ ମାମଲା ସାମ୍ନାକୁ ଆସିଛି। ଜୟପୁର ଜିଲା କଂଗ୍ରେସ କମିଟିର ଉପାଧ୍ୟକ୍ଷ ଉସ୍‌ମାନ ଖାନ୍ ନିଜ ଏସ୍‌ୟୁଭି କାର୍‌ରେ ଏମ୍ଆଇ ରୋଡ୍‌ରୁ ନାହରଗଡ଼ ରୋଡ୍ ମଧ୍ୟରେ ତୀବ୍ର ବେଗରେ ଗାଡ଼ି ଚଳାଇ ୧୦ ପଥଚାରୀଙ୍କୁ ମଡ଼ାଇ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୭ ଜଣ ଗୁରୁତର ଆହତ ହୋଇଛନ୍ତି। ପୋଲିସ ଘଟଣା ସମ୍ପର୍କରେ ଖବର ପାଇ ଉସ୍‌ମାନଙ୍କୁ ଗିରଫ କରିଛି। ସେ ମଦ୍ୟପାନ କରି କାର୍ ଚଳାଉଥିଲେ ବୋଲି ପୋଲିସ କହିଛି। ସମସ୍ତ ଆହତଙ୍କୁ ଜୟପୁରର ସୱାଇ ମାନସିଂ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେହିପରି ୩ ମୃତକଙ୍କୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ଦିଆଯିବ ବୋଲି ରାଜସ୍ଥାନ ସରକାର ଘୋଷଣା କରିଛନ୍ତି। ତେବେ ଏହି ଘଟଣା ପରେ କଂଗ୍ରେସ ଦଳ ଉସ୍‌ମାନଙ୍କୁ ଜୟପୁର ଜିଲା କଂଗ୍ରେସ କମିଟିର ଉପାଧ୍ୟକ୍ଷ ପଦରୁ ହଟାଇବା ସହ ତାଙ୍କୁ ଦଳରୁ ବହିଷ୍କୃତ ମଧ୍ୟ କରିଛି।





ଉସ୍‌ମାନ ଖାନ୍

## ୧୨ ହଜାର ବର୍ଷ ପରେ ଫେରିଲା ଡାୟାର ୱୁଲ୍ଫ

ୱାଶିଂଟନ, ୯।୪



ଆମେରିକାର ବୈଜ୍ଞାନିକମାନେ ଜେନେଟିକ୍ ଇଞ୍ଜିନିୟରିଂ ମାଧ୍ୟମରେ ୧୨ ହଜାର ବର୍ଷ ତଳେ ବିଲୁପ୍ତ ହୋଇଯାଇଥିବା ଡାୟାର ୱୁଲ୍ଫ (ଆମେରିକାରେ ଦେଖାଯାଉଥିବା ଏକ ପ୍ରଜାତିର ଗଧିଆ) ପରି ୩ଟି ଗଧିଆ ଶାବକ ସୃଷ୍ଟି କରିଛନ୍ତି। ଏହି ଶାବକମାନେ ଏବେ ୬ ମାସର ହୋଇଥିବାବେଳେ ସେମାନଙ୍କୁ ଏକ ଗୁପ୍ତ ଏବଂ ନିରାପଦ ସ୍ଥାନରେ ରଖାଯାଇଛି। ବିଲୁପ୍ତ ପ୍ରଜାତିଙ୍କୁ ପୁନଃ ପ୍ରବର୍ତ୍ତନ କରିବା ପାଇଁ କାର୍ଯ୍ୟ କରୁଥିବା ଆମେରିକାର ଟେକ୍ସାସ୍‌ସ୍ଥିତ ବାୟୋ ଟେକ୍ନୋଲୋଜି କମ୍ପାନୀ କୋଲୋସଲ୍ ବାୟୋ ସାଇନ୍ସେସ୍ ପକ୍ଷରୁ ଏହି ସୂଚନା ଦିଆଯାଇଛି।

ଡାୟାର ୱୁଲ୍ଫ ଉପରେ ଗବେଷଣା କରୁଥିବା ବୈଜ୍ଞାନିକମାନେ କହିଛନ୍ତି, ଏହି ୩ ଗଧିଆ ଶାବକଙ୍କ ନାମ ରୋମୁଲସ, ରେମସ ଏବଂ ଖଲିସି ରଖାଯାଇଛି। ସେମାନଙ୍କର କେଶ ଲମ୍ବା ଏବଂ ଧଳା ରହିଛି। କୋଲୋସଲର ମୁଖ୍ୟ ବୈଜ୍ଞାନିକ ବେଥ୍ ସାପିରୋ କହିଛନ୍ତି, ବୈଜ୍ଞାନିକମାନେ ପ୍ରାଚୀନ ଜୀବାଶ୍ମରୁ ଡାୟାର ୱୁଲ୍ଫର ଡିଏନ୍ଏ ବାହାର କରିଥିଲେ। ଆମେରିକାର ଓହିୟୋରୁ ମିଳିଥିବା ଡାୟାର ୱୁଲ୍ଫର ୧୨ ହଜାର ବର୍ଷର ପୁରୁଣା ଦାନ୍ତ ଏବଂ ଇଦାହୋରୁ ମିଳିଥିବା ୭୨ ହଜାର ବର୍ଷର ପୁରୁଣା ଖପୁରି ଖଣ୍ଡରୁ ଗଧିଆଙ୍କ ଏହି ବିଲୁପ୍ତ ପ୍ରଜାତିର ବିଶେଷ ଗୁଣ ସମ୍ପର୍କରେ ବୈଜ୍ଞାନିକମାନେ ଜାଣିବାକୁ ପାଇଥିଲେ।

# ଫୁରସତ୍

## ଇଣ୍ଡୋନେସିଆର ରାଜଧାନୀ ପରିକଳ୍ପନାକୁ ମୂଷା ବିପଦ





ନୁସନ୍ତାରା

ବୋର୍ନିଓ ଦ୍ୱୀପର ପୂର୍ବ ଉପକୂଳରେ ଥିବା ନୁସନ୍ତାରା ସହରକୁ ଇଣ୍ଡୋନେସିଆ ନିଜ ଭବିଷ୍ୟତର ରାଜଧାନୀ ଭାବେ ଗଢ଼ି ତୋଳିବାକୁ ପ୍ରୟାସ କରୁଛି। ତେବେ ସମ୍ପ୍ରତି ନୁସନ୍ତାରା ସହରକୁ ମୂଷା ବିପଦ ଘାରିଥିବାର ରିପୋର୍ଟ ପ୍ରକାଶ ପାଇଛି।

ନୁସନ୍ତାରା ରାଜଧାନୀ ପରିକଳ୍ପନା ପ୍ରାଧିକରଣର ଡେପୁଟି ମ୍ୟାନେଜର ଥୋମସ ଉମ୍ବୁ ପତି ତେନା କହିଛନ୍ତି, ନୁସନ୍ତାରାରେ ମୂଷାଙ୍କ ପ୍ରକୋପ ବଢୁଥିବା ନେଇ ଅଧିକାରୀମାନେ ସଚେତନ ଅଛନ୍ତି ଏବଂ ସେମାନେ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେଉଛନ୍ତି। ଭବିଷ୍ୟତର ଇଣ୍ଡୋନେସିଆ ରାଜଧାନୀକୁ ମୂଷାଙ୍କ ଦାଉରୁ ରକ୍ଷା କରିବା ପାଇଁ ସ୍ଥାନୀୟ ଅଧିକାରୀମାନେ ନୁସନ୍ତାରା ସହରର ମୁଖ୍ୟ ସରକାରୀ ଅଞ୍ଚଳରେ ଶତାଧିକ ଯନ୍ତା ବସାଇଛନ୍ତି।

କିଛିଦିନ ତଳେ ଇଦ୍ ଛୁଟିରେ ଇଣ୍ଡୋନେସିଆର ବିଭିନ୍ନ ସ୍ଥାନ ସମେତ ବାହାର ଦେଶର ପର୍ଯ୍ୟଟକମାନେ ନୁସନ୍ତାରାକୁ ଭ୍ରମଣ ପାଇଁ ଆସିଥିବା ବେଳେ ସହରରେ ମୂଷାଙ୍କ ପ୍ରକୋପ ସାମାନ୍ୟଠାରୁ ଅଧିକ ଥିବା ନେଇ ସେମାନେ ଅଭିଯୋଗ କରିଥିଲେ। ଥୋମସ କହିଛନ୍ତି, ନୁସନ୍ତାରା ରାଜଧାନୀ ପ୍ରକଳ୍ପର ଅଧିକାଂଶ ଅଞ୍ଚଳ ପୂର୍ବରୁ ଜଙ୍ଗଲ ସହ ପାହାଡ଼ିଆ ଅଞ୍ଚଳ ଥିଲା। ସେତେବେଳେ ଏହି ଜଙ୍ଗଲ ଭୂମିରେ ମୂଷାଙ୍କ ଅନେକ ବସା ରହିଥିଲା। ଅଧିକାରୀମାନେ ସହରର ବିଭିନ୍ନ ସ୍ଥାନରେ ବିଷ ଏବଂ ଯନ୍ତା ପକାଇ ସାରିଛନ୍ତି। ସେହିପରି ଖୁବ୍‌ଶୀଘ୍ର ସ୍ଥାନୀୟ ସ୍ୱାସ୍ଥ୍ୟ ଟିମ୍ ସହରରେ ଅଧିକ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବେ। ସହରରେ ବଢୁଥିବା ମୂଷା ସମସ୍ୟା ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତାର ଅଭାବ ଏବଂ ପର୍ଯ୍ୟଟକଙ୍କ ଦ୍ୱାରା ବର୍ଜ୍ୟବସ୍ତୁ ନିଷ୍କାସନକୁ ଥୋମସ ଦାୟୀ କରିଛନ୍ତି।

ନୁସନ୍ତାରାକୁ ଭ୍ରମଣରେ ଆସିଥିବା ପର୍ଯ୍ୟଟକ ଭିଆ ଏବଂ ସାରା କହିଛନ୍ତି, ପ୍ରାରମ୍ଭରେ ଜଙ୍ଗଲ ମଧ୍ୟରେ ଅବସ୍ଥିତ ନୁସନ୍ତାରାର ଆକର୍ଷଣୀୟ ସ୍ଥାପତ୍ୟ ଦ୍ୱାରା ସେମାନେ ପ୍ରଭାବିତ ହୋଇଥିଲେ, କିନ୍ତୁ ପରେ ପ୍ଲାଷ୍ଟିକ୍ ବୋତଲ ପରି ଆବର୍ଜନା ଏହି ସହରର ଅନେକ ସ୍ଥାନରେ ଏଣେତେଣେ ପଡ଼ିଥିବାର ଦେଖି ସେମାନେ ନିରାଶ ହୋଇଥିଲେ।

## ଆଇଏସ୍‌ଏସ୍‌ରେ ୩ ମହାକାଶଚାରୀ

ମସ୍କୋ

ଆମେରିକୀୟ ମହାକାଶ ସଂସ୍ଥା (ନାସା) ମହାକାଶଚାରୀ ଜନି କିମ୍‌ଙ୍କ ସହ ରୁଷୀୟ ମହାକାଶ ସଂସ୍ଥା (ରୋସ୍କୋସ୍‌ମୋସ୍)ର ୨ ମହାକାଶଚାରୀ ସର୍ଗି ରିଜିକୋଭ ଓ ଆଲେକ୍ସି ଜୁବ୍ରିଟସ୍କି ମଙ୍ଗଳବାର ଏକ ରୁଷୀୟ ମହାକାଶ ଯାନରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରେ ପହଞ୍ଚିଛନ୍ତି। ରୁଷିଆର ‘ସୋୟୁଜ୍ ଏମ୍ଏସ୍-୨୭’ ମିଶନ ଅନ୍ତର୍ଗତ କାଜାଖସ୍ତାନସ୍ଥିତ ବୈକୋନୁର ପ୍ରକ୍ଷେପଣ କେନ୍ଦ୍ରରୁ ଏହି ୩ ଆଷ୍ଟ୍ରୋନଟ୍‌ଙ୍କୁ ଧରି ସୋୟୁଜ୍ ବୁଷ୍ଟର ରକେଟ ଉଡ଼ାଣ ଭରିଥିଲା। ଆଇଏସ୍‌ଏସ୍‌ରେ ଏହି ୩ ମହାକାଶଚାରୀ ପ୍ରାୟ ୮ ମାସ ବିତାଇବେ। ରୋସ୍କୋସ୍‌ମୋସ୍ ପକ୍ଷରୁ କୁହାଯାଇଛି, ଭବିଷ୍ୟତର ମହାକାଶ ମିଶନ ପାଇଁ କ୍ରିଉ ସଦସ୍ୟଙ୍କୁ ପ୍ରସ୍ତୁତ ହେବା ପାଇଁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଏହି ୩ ଆଷ୍ଟ୍ରୋନଟ ଆଇଏସ୍‌ଏସ୍‌ରେ ବିଭିନ୍ନ ବୈଜ୍ଞାନିକ ଏବଂ ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧିତ ପରୀକ୍ଷଣ କରିବେ।

**ରୁଷିଆର ମିଶନ ‘ସୋୟୁଜ୍ ଏମ୍ଏସ୍-୨୭’**



ନାସା ମହାକାଶଚାରୀ ଜନି କିମ୍ (ବାମ)ଙ୍କ ସହ ରୋସ୍କୋସ୍‌ମୋସ୍’ର ୨ ମହାକାଶଚାରୀ ସର୍ଗି ରିଜିକୋଭ ଓ ଆଲେକ୍ସି ଜୁବ୍ରିଟସ୍କି।

ଯଦି ସବୁ କିଛି ଯୋଜନା ଅନୁସାରେ ରହେ, ତେବେ ଏହି ୩ ଆଷ୍ଟ୍ରୋନଟ୍ ଆସନ୍ତା ଡିସେମ୍ବରରେ ପୃଥିବୀ ଫେରିବେ ବୋଲି ରୋସ୍କୋସ୍‌ମୋସ୍ କହିଛି।

# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୧୦/୨୦୨୫ | Bhubaneswar, Thursday, April 10/2025 | ପୃଷ୍ଠା-୧




**‘ଫୁଲେ’ ଫିଲ୍ମକୁ ନେଇ ବିବାଦ**
ଅଭିନେତା ପ୍ରତୀକ ଗାନ୍ଧୀ ଓ ଅଭିନେତ୍ରୀ ପତ୍ରଲେଖାଙ୍କର ଫିଲ୍ମ ‘ଫୁଲେ’କୁ ନେଇ ବିବାଦ ଦେଖାଦେବାରୁ ଏହାର ରିଲିଜ ତାରିଖକୁ ଘୁଞ୍ଚାଇ ଦିଆଯାଇଛି।
୦୨

୧୪
**ଅପରାଜିତା ମହିଳା ଫେୟାର ପ୍ଲେ ଏକ୍ସପର୍ଟ**
ଫିଡେ ପକ୍ଷରୁ ଓଡ଼ିଶାର ଅନ୍ତର୍ଜାତୀୟ ଚେସ୍ ଖେଳାଳି ତଥା ଆର୍ବିଟର ଅପରାଜିତା ଗୋଛିକାରଙ୍କୁ ସମ୍ମାନଜନକ ଫେୟାର ପ୍ଲେ ଏକ୍ସପର୍ଟ ଉପାଧିରେ ସମ୍ମାନିତ କରାଯାଇଛି।





ଦିଲ୍ଲୀରେ ଗ୍ରୀଷ୍ମ ପ୍ରବାହ ବଢ଼ିବାରେ ଲାଗିଥିବାବେଳେ ତାତିରୁ ବର୍ତ୍ତିବା ପାଇଁ ଜଣେ ବାଳକ ଯମୁନା ନଦୀ କୂଳରେ ନିଜ ଦେହରେ କାଦୁଅ ବୋଳି ହୋଇଛନ୍ତି। **(ଫଟୋ–ଗାର୍ଡିଆନ୍)**

# ମନୋଜ ପରିଡ଼ା ମୁଖ୍ୟ ସୂଚନା ଆୟୁକ୍ତ

## ପ୍ରଣବିନ୍ଦୁ, କଳ୍ପନା, ପବିତ୍ର ସୂଚନା ଆୟୁକ୍ତ ନିଯୁକ୍ତ

ଭୁବନେଶ୍ୱର, ୯।୪
(ରବିନାରାୟଣ ଜେନା)

ରାଜ୍ୟ ସୂଚନା ଆୟୋଗରେ ଖାଲିଥିବା ପଦକୁ ନେଇ ଦୀର୍ଘ ୬ ମାସ ଧରି ଚାଲିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ବୁଧବାର ମୁଖ୍ୟ ସୂଚନା ଆୟୁକ୍ତଙ୍କ ସହ ୩ ନୂତନ ସୂଚନା ଆୟୁକ୍ତ ନିଯୁକ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପୂର୍ବତନ ଅବସରପ୍ରାପ୍ତ ପ୍ରଶାସକ(ଏଜିଏମ୍‌ୟୁଟି) ମନୋଜ କୁମାର ପରିଡ଼ାଙ୍କୁ ମୁଖ୍ୟ ସୂଚନା ଆୟୁକ୍ତ ଭାବେ ନିଯୁକ୍ତ କରାଯାଇଛି। ସେହିପରି ପୂର୍ବତନ ଆଇପିଏସ୍ ଅଧିକାରୀ ପ୍ରଣବିନ୍ଦୁ ଆଚାର୍ଯ୍ୟ, ହାଇକୋର୍ଟ ଆଇନଜୀବୀ କଳ୍ପନା ପଟ୍ଟନାୟକ ଓ ପୂର୍ବତନ ଆଇଏଏସ୍ ପବିତ୍ର ମଣ୍ଡଳଙ୍କୁ ସୂଚନା ଆୟୁକ୍ତ ସଦସ୍ୟ ଭାବେ ନିଯୁକ୍ତି ମିଳିଛି।

ସୂଚନାଯୋଗ୍ୟ, ମୁଖ୍ୟ ସୂଚନା ଆୟୁକ୍ତ ଜଳଦ କୁମାର ତ୍ରିପାଠୀ



ମନୋଜ ପରିଡ଼ା

୨୦୨୪ ଅକ୍ଟୋବର ୪ରେ ଅବସର ଗ୍ରହଣ କରିଥିଲେ। ଏହାପରେ ସୂଚନା ଆୟୁକ୍ତ ସୁଶାନ୍ତ କୁମାର ମହାନ୍ତିଙ୍କୁ ସୂଚନା ଆୟୋଗର ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟଭାର ପ୍ରଦାନ କରାଯାଇଥିଲା। ସମ୍ପ୍ରତି ସୂଚନା ଆୟୋଗରେ ସୁଶାନ୍ତ କୁମାର ମହାନ୍ତି ଓ ଜଗନ୍ନାଥ ରଥ ଦୁଇଜଣ ସଭ୍ୟ(ସୂଚନା ଆୟୁକ୍ତ) ରହିଛନ୍ତି। ଏହାପୂର୍ବରୁ ପର୍ଯ୍ୟାୟକ୍ରମେ ବାଳକୃଷ୍ଣ ମହାପାତ୍ର, ଦିଲୀପ ବିଶୋଇ, ବିକ୍ରମ ସେନାପତି ☞ପୃଷ୍ଠା–୨

# ରେପୋ ରେଟ୍ ୨୫ ବେସିସ୍ ପଏଣ୍ଟ ହ୍ରାସ

ଭୁବନେଶ୍ୱର,୯।୪
(ଅନୁରାଧା ମହାରଣା)

ପାଞ୍ଚ ବର୍ଷ ମଧ୍ୟରେ ଚଳିତ ବର୍ଷ କ୍ରମାଗତ ଦ୍ୱିତୀୟଥର ପାଇଁ ରେପୋ ରେଟ୍ ଖସିଛି। ଭାରରତୀୟ ରିଜର୍ଭ ବ୍ୟାଙ୍କ ମୁଦ୍ରାନୀତି କମିଟିର ସର୍ବସମ୍ମତିକ୍ରମେ ବୁଧବାର ରେପୋ ରେଟ୍ ୦.୨୫% ହ୍ରାସ କରାଯାଇଛି। ଆରବିଆଇର ଏହି ଘୋଷଣା ପରେ ରେପୋ ରେଟ୍ ୬% ରହିଛି। ଗତ ସୋମବାରଠାରୁ ଆରମ୍ଭ ହୋଇଥିବା ଆର୍‌ବିଆଇର ମୁଦ୍ରା ନୀତି କମିଟି(ଏମ୍‌ପିସି) ବୈଠକ ଶେଷ ହେବା ପରେ ଆରବିଆଇ ଗଭର୍ନର ସଞ୍ଜୟ ମାଲହୋତ୍ରା ଏନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏମ୍‌ପିସି ବୈଠକରେ ରେପୋ ରେଟ୍ ସଂକ୍ରାନ୍ତରେ ଆଲୋଚନା କରାଯାଇ ସଦସ୍ୟଙ୍କ ମତ ଲୋଡାଯାଇଥିଲା। ଏହି ଆଧାରରେ ରେପୋ ରେଟ୍‌ରେ ୨୫ ବେସିସ୍ ପଏଣ୍ଟ ହ୍ରାସ କରାଯାଇଛି। ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ**
**ସତୀତ୍ୱର ବହ୍ନି**

# ଆଧାର: ପୁଣି ନୂଆ ଆପ୍



- ଆବଶ୍ୟକ ହେବନାହିଁ କାର୍ଡ
- ଫେସିଆଲ୍ ରେକଗ୍ନିଶନ, କ୍ୟୁଆର୍ କୋଡ୍‌ରେ ହେବ ଯାଞ୍ଚ

ଡିଜିଟାଲ ସୁବିଧା ଏବଂ ବ୍ୟକ୍ତିଗତ ସୁରକ୍ଷାକୁ ଅଧିକ ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାର ଆଧାରର ଏକ ନୂଆ ଆପ୍ ଉନ୍ମୋଚନ କରିଛନ୍ତି। ସରକାରୀ ଯୋଜନାଗୁଡ଼ିକର ସୁବିଧା ପାଇବା ଲାଗି ଏବେ ଆଉ ପୂର୍ବଭଳି ପ୍ରତ୍ୟେକ ସ୍ଥାନରେ ଆଧାର କାର୍ଡ କିମ୍ବା ଏହାର ଫଟୋ କପି ଆବଶ୍ୟକ ପଡ଼ିବ ନାହିଁ। କିନ୍ତୁ ଏଥିରେ ଫେସିଆଲ୍ ରେକଗ୍ନିଶନ(ବ୍ୟକ୍ତିଙ୍କ ମୁହଁକୁ ସ୍କାନ୍ କରି ପରିଚୟ ଚିହ୍ନଟ) ବୈଶିଷ୍ଟ୍ୟକୁ ସଂଲଗ୍ନ କରାଯାଇଛି। ଡିଜିଟାଲ୍ ଭେରିଫିକେଶନ ଜରିଆରେ ସୁବିଧା ହାସଲ ପାଇଁ ୟୁପିଆଇ ଏବଂ ଅନ୍ୟ ଡିଜିଟାଲ୍ ପେମେଣ୍ଟ ସିଷ୍ଟମ ଭଳି ଆଧାର ଆପ୍‌କୁ ମୋବାଇଲ ଫୋନ୍‌ରେ ଡାଉନ୍‌ଲୋଡ୍ କରିବାକୁ ପଡ଼ିବ। ଫଳରେ ଏଥିରେ ମିଳିବାକୁ ଥିବା କ୍ୟୁଆର୍ କୋଡ୍ ସାହାଯ୍ୟରେ ଜଣେ ବ୍ୟକ୍ତି ହୋଟେଲ, ଦୋକାନ, ବିମାନବନ୍ଦର ଏବଂ ଅନ୍ୟାନ୍ୟ ଆଧାର ଯାଞ୍ଚ ସ୍ଥାନରେ ସହଜରେ ତଥ୍ୟ ପ୍ରଦାନ କରିପାରିବେ ବୋଲି କେନ୍ଦ୍ର ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା (ଆଇଟି) ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଏହି ନୂଆ ଆପ୍ ଦ୍ୱାରା ଲୋକମାନଙ୍କ ବ୍ୟକ୍ତିଗତ ତଥ୍ୟ ଅଧିକ ସୁରକ୍ଷିତ ହେବା ସହ ଡକ୍ୟୁମେଣ୍ଟ ଜାଲିଆତିକୁ ରୋକାଯାଇ ପାରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ତେବେ ଏହାର କାର୍ଯ୍ୟକାରିତାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି। ପୂର୍ବରୁ ଡାର୍କୱେବ ସମେତ ବେଆଇନ କାର୍ଯ୍ୟକଳାପ ପାଇଁ ଉଦ୍ଦିଷ୍ଟ କେତେକ ୱେବ୍‌ସାଇଟରେ କାର୍ଡଧାରୀଙ୍କ ଠିକଣା, ଜନ୍ମ ତାରିଖ ଭଳି ବ୍ୟକ୍ତିଗତ ସୂଚନା ଉପଲବ୍ଧ ହୋଇଥିବାରୁ ନୂଆ ଆପ୍‌ରେ ଲୋକଙ୍କ ପ୍ରିଭେସି କେତେ ସୁରକ୍ଷିତ, ସେନେଇ ପ୍ରଶ୍ନ ଉଠିଲାଣି।

ଭୁବନେଶ୍ୱର,୯।୪
(ଅନୁରାଧା ମହାରଣା)

ବର୍ତ୍ତମାନ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟ ପାଇଁ ଆଧାର କାର୍ଡ ଖୁବ୍ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଏଭଳି ପରିସ୍ଥିତିରେ ଏହାର ବ୍ୟବହାରକୁ ସହଜ ଏବଂ ଅଧିକ ପ୍ରଭାବଶାଳୀ କରିବାକୁ ସରକାର ଏକ ନୂତନ ବୈଶିଷ୍ଟ୍ୟ ଆରମ୍ଭ କରିଛନ୍ତି। ଡିଜିଟାଲାଇଜେଶନ ଦିଗରେ ଏହା ଏକ ବଡ଼ ପଦକ୍ଷେପ। କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଫେସ୍ ଆଇଡି ପ୍ରାମାଣିକୀକରଣ ବୈଶିଷ୍ଟ୍ୟଯୁକ୍ତ ବା ଫେସ୍ ରେକଗ୍ନିଶନ ନାମରେ ଏକ ନୂତନ ଆଧାର କାର୍ଡ ଆପ୍ ଲଞ୍ଚ କରିଛନ୍ତି। ଏହା ସାହାଯ୍ୟରେ ହୋଟେଲ କିମ୍ବା ବିମାନବନ୍ଦରରେ ପ୍ରବେଶ କରିବା ସମୟରେ ଆଧାର କାର୍ଡର ସଫ୍ଟ କିମ୍ବା ହାର୍ଡ କପି ପ୍ରଦାନ କରିବାର କୌଣସି ଆବଶ୍ୟକତା ନାହିଁ। ୟୁନିକ ଆଇଡେଣ୍ଟିଫିକେଶନ ଅଥରିଟି ଅଫ ଇଣ୍ଡିଆ (ୟୁଆଇଡିଏଆଇ) ଏହି ନୂତନ ଆଧାର ଆପ୍ ବିକଶିତ କରିଛି, ଯାହା ବର୍ତ୍ତମାନ ବିଟା ପରୀକ୍ଷଣ ପର୍ଯ୍ୟାୟରେ ଅଛି। ଏହା ସଫଳ ହେଲେ ଲୋକମାନେ ଆଧାର କାର୍ଡ ପାଖରେ ରଖିବା ଆବଶ୍ୟକ ହେବ ନାହିଁ। କ୍ୟୁଆର୍‌କୋଡ୍ ଏବଂ ଫେସ୍ ଆଇଡି ମାଧ୍ୟମରେ ଯାଞ୍ଚ ପ୍ରକ୍ରିୟା କିଛି ମିନିଟରେ ଶେଷ ହେବ। ଆପ୍‌ର ସୁରକ୍ଷା ଏବଂ ଗୋପନୀୟତା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ର ସାହାଯ୍ୟ ନିଆଯାଉଛି। ଏହି ନୂତନ ଆଧାର ଆପରେ ଗୋପନୀୟତା ଉପରେ ଗୁରୁତ୍ୱ ଦିଆଯାଇଛି। ଏହାର ଅର୍ଥ ହେଉଛି ବ୍ୟକ୍ତିଗତ ବିବରଣୀଗୁଡ଼ିକର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ବ୍ୟବହାରକାରୀଙ୍କ ହାତରେ ରହିବ। ଯେହେତୁ ଆପ୍‌ରେ ଡେଟା ଅଂଶୀଦାର ପାଇଁ ଉପଭୋକ୍ତାଙ୍କ ସମ୍ମତି ଆବଶ୍ୟକ ହେବ, ତଥାପି ଗୋପନୀୟତା ମଧ୍ୟ ବଜାୟ ରହିବ। ଫେସ୍ ଆଇଡି ପ୍ରାମାଣୀକରଣ ହେତୁ ଆଧାର ଯାଞ୍ଚ ବର୍ତ୍ତମାନ କେବଳ ଚେହେରା ମାଧ୍ୟମରେ କରାଯିବ। ଏହି ପ୍ରକ୍ରିୟା ୟୁପିଆଇ କାରବାର ପରି ସହଜ ହେବ। ୟୁଡିଆଇ ଦାବି କରିଛି ଯେ, ଏହା ୧୦୦% ଡିଜିଟାଲ ଏବଂ ସୁରକ୍ଷିତ ଥିବାରୁ ଏଥିରେ ଥିବା ତଥ୍ୟକୁ ଟାମ୍ପରିଂ କରାଯାଇପାରିବ ନାହିଁ। ଏହା ତଥ୍ୟ ଲିକ୍ କରିବ ନାହିଁ କିମ୍ବା ଏହାର ଅପବ୍ୟବହାର ହେବାକୁ ଦେବ ନାହିଁ। ଫଟୋଶପ୍ ଭଳି ଅପବ୍ୟବହାର ମଧ୍ୟ ହେବାକୁ ଦେବ ନାହିଁ ବୋଲି ମନ୍ତ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି।

ଅପରପକ୍ଷରେ ସାଇବର ସୁରକ୍ଷା ବିଶେଷଜ୍ଞ ଲିଙ୍ଗରାଜ ସେଠୀଙ୍କ କହିବାନୁସାରେ, ମଣିଷ ଯେତେ ଡିଜିଟାଇଜେଶନ୍ ଯୁଗକୁ ପ୍ରବେଶ କରୁଛି, ସେମାନଙ୍କ ଗୋପନୀୟତା କିଛି ନା କିଛି ମାତ୍ରାରେ ଅସୁରକ୍ଷିତ ହେଉଛି। ଅନ୍ୟ ଆପ୍ ଭଳି ଆଧାର ଆପ୍‌ରେ ମଧ୍ୟ ବ୍ୟବହାରକାରୀ ସତର୍କ ରହିବା ଉଚିତ୍। ଆଧାର ☞ପୃଷ୍ଠା–୨

# ପାଣ୍ଡିଆନଙ୍କ ପାଇଁ ବାହାରିଲେ ନବୀନ

ଭୁବନେଶ୍ୱର, ୯।୪ (ରବିନାରାୟଣ ଜେନା)

ୱକ୍‌ଫ ବିଲ୍‌କୁ ନେଇ ବିଜେଡିରେ ସୃଷ୍ଟି ହୋଇଥିବା ବିବାଦ ଦିନକୁ ଦିନ ବଢ଼ିବାରେ ଲାଗିଥିବାବେଳେ ଦଳର ସଭାପତି ନବୀନ ପଟ୍ଟନାୟକ ବୁଧବାର ଭି.କେ. ପାଣ୍ଡିଆନଙ୍କ ସପକ୍ଷରେ ପୁଣି ବାହାରିଛନ୍ତି। ଗଣମାଧ୍ୟମ ସମ୍ମୁଖରେ ମତ ରଖି ନବୀନ କହିଛନ୍ତି, ପାଣ୍ଡିଆନ୍ ରାଜ୍ୟ ଓ ବିଜେଡି ପାଇଁ ବହୁତ ଭଲ କାମ

**ପ୍ରଭାତ ବିଜେଡିର କେହି ନୁହନ୍ତି**

କରିଛନ୍ତି। ସେ ୧୦ ମାସ ତଳୁ ଦଳ ପରିତ୍ୟାଗ କରିସାରିଛନ୍ତି। ବର୍ତ୍ତମାନ ସେ ବିଜେଡିର କୌଣସି କାର୍ଯ୍ୟରେ ଲିପ୍ତ ନାହାନ୍ତି କିମ୍ବା ଦଳୀୟ ନିଷ୍ପତ୍ତିରେ ତାଙ୍କର କୌଣସି ହସ୍ତକ୍ଷେପ ନାହିଁ। ତାଙ୍କୁ କୌଣସି ପ୍ରକାର ବଦ୍‌ନାମ କରିବା ଉଚିତ୍ ନୁହେଁ। ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଦଳରୁ କେବେଠାରୁ ବହିଷ୍କୃତ ହୋଇସାରିଛନ୍ତି। ସେ ବିଜେଡିରେ ଏବେ ଆଉ ନାହାନ୍ତି, ଚିଟ୍‌ଫଣ୍ଡ ଠକେଇ ମାମଲାରେ ସେ ଜେଲ୍ ଯାଇଥିଲେ। ବିଜେଡି ସହିତ ତାଙ୍କର କୌଣସି ସମ୍ପୃକ୍ତି ନାହିଁ ବୋଲି ନବୀନ କହିଥିଲେ। ସେ କହିଥିଲେ ଯେ, ☞ପୃଷ୍ଠା–୨






# ତହଉର ରାଣାଙ୍କୁ ପ୍ରତ୍ୟର୍ପଣ କଲା ଆମେରିକା

ନୂଆଦିଲ୍ଲୀ,୯।୪

୨୦୦୮ ମୁମ୍ବାଇ ଆକ୍ରମଣର ଅନ୍ୟତମ ମାଷ୍ଟରମାଇଣ୍ଡ ତହଉର ହୁସେନ୍ ରାଣାଙ୍କ ସବୁ ପ୍ରକାର ଆଇନଗତ ବିକଳ୍ପ ଶେଷ ହୋଇଯିବା ପରେ ଆମେରିକା ତାଙ୍କୁ ଭାରତକୁ ପ୍ରତ୍ୟର୍ପଣ କରିଛି। ରାଣାଙ୍କୁ ଏକ ସ୍ୱତନ୍ତ୍ର ବିମାନରେ ଭାରତକୁ ଅଣାଯାଉଛି। ବିମାନଟି ମଝିରେ ଇନ୍ଧନ ଭର୍ତ୍ତି



**ଆଜି ଭାରତରେ ପହଞ୍ଚିପାରନ୍ତି ୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ**

କରିବାକୁ ଥିବାରୁ ଗୁରୁବାର ସକାଳେ ଭାରତରେ ଅବତରଣ କରିପାରେ ବୋଲି କୁହାଯାଉଛି।

ରାଣାଙ୍କ ପ୍ରତ୍ୟର୍ପଣ ଉପରେ ସ୍ଥଗିତାଦେଶ ଜାରି କରିବାକୁ ଆମେରିକାର ପ୍ରଧାନ ବିଚାରପତି ସୋମବାର ମନା କରିଦେଇଥିଲେ। ଏହା ପୂର୍ବରୁ ମଧ୍ୟ ସେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ପିଟିଶନ ଦାଖଲ କରିଥିଲେ, ଯାହାକି ଗତ ମାର୍ଚ୍ଚରେ ଖାରଜ ହୋଇଯାଇଥିଲା। ଉକ୍ତ ପିଟିଶନରେ ସେ ଜାତୀୟତା, ଧର୍ମୀୟ ଓ ସାଂସ୍କୃତିକ ଶତ୍ରୁତାର ଶିକାର ହୋଇ ଭାରତରେ ପ୍ରାଣ ହରାଇପାରନ୍ତି ☞ପୃଷ୍ଠା–୨

# ଏମ୍‌ବିବିଏସ୍‌ରେ ଯାଆଁଳା ଭଉଣୀଙ୍କ ସମାନ ସ୍କୋର



ଯାଆଁଳା ଭଉଣୀ ରିବା ହାଫେଜି ଏବଂ ରାହିନ୍ ହାଫେଜି

ସୁରଟ, ୯।୪

ଗୁଜରାଟର ସୁରଟରେ ଯାଆଁଳା ଭଉଣୀ ରିବା ହାଫେଜି ଏବଂ ରାହିନ୍ ହାଫେଜି ଡାକ୍ତରୀ ପାଠ୍ୟକ୍ରମ ଏମ୍‌ବିବିଏସ୍ ପରୀକ୍ଷାରେ ସମାନ ସ୍କୋର ହାସଲ କରି ଏକ ନିଆରା ରେକର୍ଡ କରିଛନ୍ତି। ବଡ଼ୋଦରାର ଜିଏମ୍‌ଇଆର୍‌ଏସ୍ ମେଡିକାଲ କଲେଜରେ ଏହି ୨ ଭଉଣୀ ସମାନ ସ୍କୋର ସହ ନିଜ ଏମ୍‌ବିବିଏସ୍ ପାଠପଢ଼ାକୁ ଶେଷ କରିଛନ୍ତି। ପରୀକ୍ଷାରେ ଉଭୟଙ୍କ ସ୍କୋର ୯୩୫ ମାର୍କ (୬୬.୮%) ରହିଛି। ତେବେ ପ୍ରଥମଥର କୌଣସି ପରୀକ୍ଷାରେ ରିବା ଏବଂ ରାହିନ୍ ସମାନ ନମ୍ବର ରଖିନାହାନ୍ତି। ପୂର୍ବରୁ ଅନେକ ପରୀକ୍ଷାରେ ଏହି ୨ ଭଉଣୀ ପାଖାପାଖି ସ୍କୋର ରଖିଥାନ୍ତି। ୧୦ମ ବୋର୍ଡ ପରୀକ୍ଷାରେ ରିବାଙ୍କର ୯୯ ପର୍ସେଣ୍ଟାଇଲ ସ୍କୋର ଥିବାବେଳେ ରାହିନ୍‌ଙ୍କର ୯୮.୫% ପର୍ସେଣ୍ଟାଇଲ ସ୍କୋର ରହିଥିଲା। ସେହିପରି ଦ୍ୱାଦଶ ବୋର୍ଡ ପରୀକ୍ଷାରେ ରିବା ଓ ରାହିନଙ୍କୁ ଯଥାକ୍ରମେ ୯୮.୨ ☞ପୃଷ୍ଠା–୨

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭଗବତୀ ମା' ପାଟୋଳୀଶ୍ୱରୀଙ୍କ ଦ୍ୱାଦଶତମ ବିଶ୍ୱଶାନ୍ତି ମହାଯଜ୍ଞର କଳସ ଯାତ୍ରା ଓ ଅଗ୍ନି ସ୍ଥାପନ, ସ୍ଥାନ: ବେଣ୍ଣୁପୁର ବାଲିକାଜ୍ଞିଆସ୍ଥିତ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଶ୍ରୀ ସୀତା ରାମେଶ୍ୱର ରାମଲୀଳା ଗୀତିନାଟ୍ୟ ସଂଘ ଆନୁକୂଲ୍ୟରେ ନାଟକ 'ପର୍ଶୁରାମ ଭେଟ', ସ୍ଥାନ: ସୀତା ରାମେଶର ମନ୍ଦିର ସମ୍ମୁଖ, ଗୋଡକବିନ୍ଧା, ସମୟ: ରାତି ୧୧ଟା।
- ଶ୍ରୀ ଶ୍ରୀ ପତିତପାବନ ଦେବ ରାମଲୀଳା ନାଟ୍ୟ ପରିଷଦ ଆନୁକୂଲ୍ୟରେ ରାମଲୀଳାର ନାଟକ 'ଭରତ ମିଳନ ଓ ପାଦୁକା ପୂଜା', ସ୍ଥାନ: ଶ୍ରୀ ପତିତପାବନ ମନ୍ଦିର ପରିସର, କାକରୁଦ୍ରପୁର, ସମୟ: ରାତି ୧୧ଟା।
- ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ରାମଲୀଳା ପ୍ରଚାର କମିଟି ପକ୍ଷରୁ ରାମଲୀଳାର ନାଟକ 'ଭରତ ମିଳନ', ସ୍ଥାନ: ବଇଚୁଆ ଗ୍ରାମ ଗାନ୍ଧୀ ଛକସ୍ଥିତ ରାମଲୀଳା ପଡ଼ିଆ, ସମୟ: ରାତି ୧୧ଟା ୩୦।
- ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ରାମଲୀଳା ପ୍ରଚାର ସମିତି ପକ୍ଷରୁ ୪୭ତମ ବାର୍ଷିକ ରାମଲୀଳାର ନାଟକ 'ମନ୍ଥରାର କୁମନ୍ତ୍ରଣା ଓ କୈକେୟୀର କୋପ ଭବନ ପ୍ରବେଶ', ସ୍ଥାନ: ରାମଲୀଳା ପଡ଼ିଆ, ବେଣ୍ଣୁପୁର, ସମୟ: ରାତି ୧୧ଟା ୩୦।

## କଟକ

- ପଞ୍ଚ ବିଂଶତମ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବଡ଼ମ୍ବା ଧୋବଣୀନାଳ ନିକଟସ୍ଥ ମା' ଶ୍ୟାମାକାଳୀ ମନ୍ଦିର ନିକଟ ଯଜ୍ଞ ମଣ୍ଡପ, ସମୟ: ସକାଳ ୭ଟା।
- ଶ୍ରୀ ଶ୍ରୀତ୍ରିନାଥଦେବଙ୍କ ବାର୍ଷିକ ଉତ୍ସବ, ସ୍ଥାନ: କନ୍ତପଡା ତ୍ରିନାଥଦେବଙ୍କ ମନ୍ଦିର ପରିସର, ସମୟ: ସକାଳ ୮ଟା।

## ବାଲେଶ୍ୱର

- ଟିୟୁଏସିସି ପକ୍ଷରୁ ଗଣ ସମ୍ମେଳନ, ସ୍ଥାନ: ବ୍ରିଟ୍ କଲ୍ୟାଣମଣ୍ଡପ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସିଏମ୍ ଟ୍ରଫି ଜିଲାସ୍ତରୀୟ ଫୁଟବଲ ଚାମ୍ପିୟନଶିପ୍ ଚତୁର୍ଥ ଦିବସ, ସ୍ଥାନ: ସ୍ପୋର୍ଟ୍ସ ହଷ୍ଟେଲ ଗ୍ରାଉଣ୍ଡ, ଭୀମପୁରା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ଡ. ଭୀମରାଓ ଅମ୍ବେଡକରଙ୍କ ୧୩୫ତମ ଜନ୍ମଜୟନ୍ତୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଶ୍ରୀଦୁର୍ଗା କଲ୍ୟାଣ ମଣ୍ଡପ, ପାରୁଳିଆ ଛକ, ବାଲିଆପାଳ, ସମୟ: ଅପରାହ୍ନ ୪ଟା।
- ଚନ୍ଦନେଶ୍ୱର ମହାଦେବଙ୍କର ୪ ଅର୍ଘ୍ୟ, ସ୍ଥାନ: ଚନ୍ଦନେଶ୍ୱର, ଭୋଗରାଇ, ସମୟ: ସନ୍ଧ୍ୟା ୬ରୁ ରାତି ପର୍ଯ୍ୟନ୍ତ।
- ଭୂଷଣ୍ଡେଶ୍ୱର ମହାଦେବଙ୍କର ୪ ଅର୍ଘ୍ୟ, ସ୍ଥାନ: କୁମ୍ଭୀରଗଡ଼ି, ଭୋଗରାଇ, ସମୟ: ସନ୍ଧ୍ୟା ୬ରୁ ରାତି ପର୍ଯ୍ୟନ୍ତ।
- ଧବଳେଶ୍ୱର ମହାଦେବଙ୍କର ୪ ଅର୍ଘ୍ୟ, ସ୍ଥାନ: କୁମ୍ଭାରମୁଳୀ, ଭୋଗରାଇ, ସମୟ: ସନ୍ଧ୍ୟା ୬ରୁ ରାତି ପର୍ଯ୍ୟନ୍ତ।

## ଭଦ୍ରକ

- ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଦୁଇଚକିଆ ଓ ଚାରିଚକିଆ ଯାନ ଚେକିଂ, ସ୍ଥାନ: ହଳଦୀଡିହ ବାଇପାସ୍, ଭଦ୍ରକ, ସମୟ: ସକାଳ ୮ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ କଳାକାରମାନଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ବନ୍ଧଟିଆ, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀରାମ ମଣ୍ଡପ, ଆଡ଼ିଆ, ବନ୍ତ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ରଜତ ଜୟନ୍ତୀ ସମାରୋହର ଦ୍ୱିତୀୟ ଦିବସ, ସ୍ଥାନ: ଡୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପାଟଣା, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ସିଏମ୍ ଟ୍ରଫି-୨୦୨୫ ଫୁଟବଲ ଟୁର୍ନାମେଣ୍ଟରେ ଖେରୱାଲ ଜୁମିଦ ସହିତ ନବଜ୍ୟୋତି ଯୁବକର ମ୍ୟାଚ, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ବିଶ୍ୱଶାନ୍ତି ଶ୍ରୀ ହରିହର ଯଜ୍ଞାନୁଷ୍ଠାନ ପକ୍ଷରୁ ତୁଳସୀ ଦର୍ପଣ ଅଭିଷେକ, ସ୍ଥାନ: ବାବା କଖାରୁଆ ବୈଦ୍ୟନାଥ ମନ୍ଦିର ପ୍ରାଙ୍ଗଣ ମାଣତ୍ରୀ,ବଡ଼ସାହି,ସମୟ: ସକାଳ ୮ଟା।
- ରାଧାବଲ୍ଲଭଜୀଉ ହରିହାଟ ମହୋତ୍ସବ, ସ୍ଥାନ:ନାଖରା ବାସୁଲୀପଦା ପଡ଼ିଆ, ବଡ଼ସାହି,ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ବ୍ଲଡ୍ ବ୍ୟାଙ୍କ ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ସିଏମ୍ ଟ୍ରଫି-୨୦୨୫ ଫୁଟବଲ ଟୁର୍ନାମେଣ୍ଟରେ ଫ୍ୟୁଚର ଷ୍ଟାର ସହିତ ଜଗନ୍ନାଥ ବୀରସାବୀର ଟିମ୍‌ର ମ୍ୟାଚ, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୪ଟା।

## ଢେଙ୍କାନାଳ

- ଲୋକକଳା ଗ୍ରାମ ପରିକ୍ରମା ଓ ସାଂସ୍କୃତିକ ସଭା, ସ୍ଥାନ: ରାୟନୃସିଂହପୁର ଗ୍ରାମ, କାମାକ୍ଷାନଗର ବ୍ଲକ, ସମୟ: ସକାଳ ୮ଟା।
- ପିଏମ୍‌ଶ୍ରୀ ସାରଙ୍ଗଧର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, କାମାକ୍ଷାନଗର, ସମୟ: ସକାଳ ୯ ଟା।
- ଶ୍ରୀଅରବିନ୍ଦ ଇଣ୍ଟିଗ୍ରାଲ ଏଜୁକେଶନ ସେଣ୍ଟରର ୪୧ତମ ବାର୍ଷିକ ଉତ୍ସବ, ବିଦ୍ୟାଳୟ ପରିସର, କାମାକ୍ଷାନଗର, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ଶନି ମନ୍ଦିରର ବାର୍ଷିକ ଉତ୍ସବ ଉପଲକ୍ଷେ ବିଶ୍ୱଶାନ୍ତି ମହାଯଜ୍ଞ ଓ କଳସଯାତ୍ରା, ସ୍ଥାନ: ଶନି ମନ୍ଦିର, ପାରାଦୀପଗଡ଼, ପାରାଦୀପ, ସମୟ: ସକାଳ ୬ ଟା।
- ଆୟୁଷ୍ମାନ ଭାରତ ଯୋଜନାର କାର୍ଯ୍ୟକାରିତା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଜଗନ୍ନାଥପୁର ଉପସ୍ୱାସ୍ଥ୍ୟକେନ୍ଦ୍ର ପରିସର, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୦ଟା।
- କର୍ପୋରେଟ ହାଉସ ମଧ୍ୟରେ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସନ୍ଧ୍ୟାରେ ମ୍ୟାଚ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଓଷକଣାର ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ ଉତ୍ସବ, ସ୍ଥାନ: ବାଲିକୁଦା ବ୍ଲକ ଖାଲଗାଁ ପଞ୍ଚାତ ଶୋଭା, ସମୟ: ସନ୍ଧ୍ୟା ୭ ଟା।

## କେନ୍ଦ୍ରାପଡ଼ା

- ରାଜକନିକା ବ୍ଲକ କଳାସଂସ୍କୃତି ସଂଘ ପକ୍ଷରୁ ଲୋକକଳା ମହୋତ୍ସବ, ସ୍ଥାନ: ଗିରିଆ ମେଳଣ ପଡ଼ିଆ, ରାଜକନିକା, ସମୟ:ସନ୍ଧ୍ୟା ୬ଟା।
- ଶ୍ରୀମଦ୍ ଭାଗବତ ପାରାୟଣ ମହୋତ୍ସବ, ସ୍ଥାନ: ଦୋଉତି ନାହାକାଣୀ ପୀଠ, ଅଢ଼ାଯୋଡି, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ପଞ୍ଚସଖା ବିଶ୍ୱଶାନ୍ତି ମହାଯଜ୍ଞ ଓ ସାଧୁସନ୍ଥ ସମ୍ମିଳନୀ, ସ୍ଥାନ: ବାରିମୂଳ ପଞ୍ଚାୟତ ପଡ଼ିଆ, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ଶ୍ରୀ ଭାଗବତ ପାରାୟଣ ଓ ଗୀତା ମହଯଜ୍ଞ, ସ୍ଥାନ: ସିଦ୍ଧ ମହାପୁରୁଷ ଯଜ୍ଞ ପୀଠ, ବାରୁଅ, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଜୟଦୁର୍ଗା ବଣିକ ସଂଘ ପକ୍ଷରୁ ରାମାୟଣ ପାଠ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ମା'ଦୁର୍ଗା ମନ୍ଦିର, ରାଜନଗର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ରାଜ୍ୟସ୍ତରୀୟ ଡିଫା କପ୍‌ର ୨ୟ ମ୍ୟାଚ୍, ସ୍ଥାନ: ଧର୍ମଶାଳା ବାଣୀପୀଠ ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା।
- ହେଙ୍ଗୁଳାଯାତ୍ର ଶୁଭାରମ୍ଭ, ସ୍ଥାନ: ଧର୍ମଶାଳା ବ୍ଲକ୍‌ର ଇମାମନଗର ଗ୍ରାମ, ସମୟ: ସକାଳ ୬ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ଲୋକ କଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ଜିଲାର ସମସ୍ତ ବ୍ଲକ ଅଞ୍ଚଳ, ସମୟ: ପୂର୍ବାହ୍ନ ୯ଟା।

## ସମ୍ବଲପୁର

- ଜିଲାପ୍ରଶାସନ ଆୟୋଜିତ ଓଡ଼ିଶା ପକ୍ଷରେ କଳାକାର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ : ଖଣ୍ଡୋକଟା ଗ୍ରାମ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ପକ୍ଷରୁ କଳାଗ୍ରାମ ପରିଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ : ଖଣ୍ଡୋକଟା ଗ୍ରାମ, ସମୟ : ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ନବମୀ ଉତ୍ସବରେ ବେଶ କାର୍ଯ୍ୟକ୍ରମ, ସ୍ଥାନ : ରାମଜୀ ମନ୍ଦିର, ସମୟ : ମଧ୍ୟାହ୍ନ ୧୨ଟା।
- ସେବା ଆୟୋଜନରେ ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ମଧ୍ୟାହ୍ନ ୧୨ଟା।
- ରୋଟାରୀ କ୍ଲବ ଆୟୋଜିତ ଆନ୍ତର୍ଜାତୀୟ ଟ୍ରେଡ ଫେୟାର, ସ୍ଥାନ : ଅଇଁଠାପାଲି ସ୍ଥିତ ପିଏଚ୍‌ଡି ପଡିଆ, ସମୟ : ଅପରାହ୍ନ ୩ଟା।
- ପର୍ଶୁରାମ ଜୟନ୍ତୀ ପାଳନ କମିଟିର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ରାତି ୭ଟା।
- ରାମଲୀଳା ମହୋତ୍ସବ, ସ୍ଥାନ : ବିଶାଳଖିଣ୍ଡା ଗ୍ରାମ, ସମୟ : ରାତି ୭ଟା।
- ରାମଲୀଳା ଉତ୍ସବ, ସ୍ଥାନ : କବରାପାଲି ଗ୍ରାମ, ସମୟ : ରାତି ୭ ଟା।

## ରାଉରକେଲା

- ଓଡ଼ିଶାର ପ୍ରାଣ, ଲୋକକଳା ଶିର୍ଷକ ସାହିତ୍ୟ ଆଲୋଚନା ଚକ୍ର,ସ୍ଥାନ: ସେକ୍ଟର-୪, ରାଉରକେଲା କଲେଜ,ସମୟ: ସନ୍ଧ୍ୟା ୭ଟା।
- ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର,ସ୍ଥାନ: ଆରଏସପି ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟ,କୋଏଲ ନଗର,ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା ହୋମିଓପାଥି ମେଡିକାଲ କଲେଜରେ ରକ୍ତଦାନ ଶିବିର,ସ୍ଥାନ:ସେକ୍ଟର- -୨୧,ସମୟ:ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ରାମନବମୀର ପଞ୍ଚମ ସନ୍ଧ୍ୟାରେ ପୁରୀରୁ ଆଗତ ପଣ୍ଡିତ ଗୌରହରି ଦାଶ ମହାରାଜଙ୍କ ଦ୍ୱାରା ରାମାୟଣ ଉପରେ ପ୍ରବଚନ କାର୍ଯ୍ୟକ୍ରମ,ସ୍ଥାନ:ରାମଜୀମନ୍ଦିର, ସୁନ୍ଦରଗଡ, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ, ସ୍ଥାନ: କେସିଙ୍ଗା ଦଳୀୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଭାରତ ସ୍କାଉଟ୍ସ ଓ କାମ୍ପୋରି କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ବ୍ଲକ ମେଦିନିପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: ଜୁନାଗଡ଼ ବ୍ଲକ ଛୋରିଆଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ବୌଦ୍ଧ ରାମଲିଳା ନାଟ୍ୟ ସଂସଦ ପକ୍ଷରୁ ରାମଲିଳା ଯାତ୍ରାର ପଞ୍ଚମ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ରଘୁନାଥ ମନ୍ଦିର ପ୍ରାଙ୍ଗଣ ପଡ଼ିଆ, ବୌଦ୍ଧ, ସମୟ: ରାତି ୯ଟା।
- ବହିରା ରାମଲିଳା ନାଟ୍ୟ ସଂସଦ ପକ୍ଷରୁ ରାମଲିଳା ଯାତ୍ରାର ପଞ୍ଚମ ଦିବସ ପାଲା, ସ୍ଥାନ:ବହିରା ରାମଲିଳା ମଣ୍ଡପ, ବହିରା, ସମୟ: ରାତି ୯ଟା।

## ଦେବଗଡ଼

- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ଶ୍ରୀ ରାମନବମୀ ମହୋତ୍ସବ ପାଳନ, ସ୍ଥାନ: ଗୋପାଳଜୀ ମନ୍ଦିର, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଲୋକ କଳା ପାଇଁ ଦିନ ଟିଏ ଓ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଭେରୁବନି ଗ୍ରାମ, ତିଲେଇବଣି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃ କ୍ଲବ୍ ଜିଲାସ୍ତରୀୟ ଫୁଟବଲ୍ ଚାମ୍ପିୟନଶିପ୍ ଫର୍ ସିଏମ୍ ଟ୍ରଫି, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ଦେବଗଡ଼, ସମୟ: ଅପରାହ୍ନ ୪ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ରାମନବମୀ ମହୋତ୍ସବ ପାଳନ ଅବସରରେ ପ୍ରବଚନ, ଆଳତି ଓ ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ଓଡ଼ିଆ ପକ୍ଷ ଅବସରରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ବିନିକା ବ୍ଲକର କର୍ତ୍ତଙ୍ଗ ଗ୍ରାମ, ସମୟ: ସକାଳ ୮ଟା।
- ତରଭା ବ୍ଲକ ସରଗଜରେ ରାମନବମୀର ପଞ୍ଚମ ଦିବସ ଓ ବାଳି ବଧ ନାଟକ ପରିବେଷଣ, ସ୍ଥାନ: ଗ୍ରାମ ସ୍ଥିତ ମଣ୍ଡପ, ସମୟ: ସକାଳ ୯ଟା।
- ମୁଖ୍ୟମନ୍ତ୍ରୀ ଅନ୍ତଃକ୍ଲବ ଫୁଟବଲ୍ ଚାମ୍ପିୟନଶିପ୍‌ର ଚତୁର୍ଥ ଦିବସ, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ତରଭା ବ୍ଲକ ରାଏକେଡାରେ ରାମଲୀଳାର ପଞ୍ଚମ ଦିବସରେ ତୁଳସୀ ରାମାୟଣ ପଠନ ଓ ନାଟକ ବାଳି ବଧ ପରିବେଷଣ, ସ୍ଥାନ: ଶ୍ରୀରାମ ମଣ୍ଡପ, ସମୟ: ରାତି ୮ଟା।
- ତରଭା ବ୍ଲକ ନକଟିକନା ଗାଁରେ ରାମଲୀଳାର ପଞ୍ଚମ ସନ୍ଧ୍ୟା ଓ ବାଳି ବଧ ନାଟକ ପରିବେଷଣ, ସ୍ଥାନ: ଗ୍ରାମ ରାମଲୀଳା ମଣ୍ଡପ, ସମୟ: ରାତି ୯ଟା।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ବୃନ୍ଦିକୋମନା ପଞ୍ଚାୟତ ଡୋଙ୍ଗରିପାଲି ଗାଁ, ସମୟ: ସକାଳ ୭ଟା ୩୦।
- ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧନା ଓ କଳାଗ୍ରାମ ପରିଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ସାହିତ୍ୟ ଓ ସଂସ୍କୃତି ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ ଟା
- ଷୋହଳପ୍ରହର ନାମଯଜ୍ଞ ନାମଧାରଣ ଓ ଆଳତି, ସ୍ଥାନ: କୋମନା ବ୍ଲକ କୁରୁମପୁରି ପଞ୍ଚାୟତ ଦଳଦଳି ଗାଁ, ସମୟ: ପ୍ରାତଃ ୫ଟା ୧୫।
- ପ୍ରଭୁଦାସ ଶ୍ରୀ ଅନନ୍ତ ଚରଣ ଆଚାର୍ଯ୍ୟଙ୍କ ସ୍ୱଧର୍ମଚେତନା ରାମକଥା କାର୍ଯ୍ୟକ୍ରମ ୪ର୍ଥ ସନ୍ଧ୍ୟା, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ ସାପ୍ତାହିକ ବଜାର ପଡିଆ, ସମୟ: ସନ୍ଧ୍ୟା ୭ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ଜଟଗଡ ପଞ୍ଚାୟତ ଭରୁଆମୁଣ୍ଡା ଗାଁ, ସମୟ: ସକାଳ ୮ଟା ୧୫।

## ଝାରସୁଗୁଡ଼ା

- ଚଣ୍ଡୀପାଠ ଓ ଷୋଳ ଉପଚାର ପୂଜା, ସ୍ଥାନ: ବେହେରାମାଲ ଦୁର୍ଗା ମନ୍ଦିର, ସମୟ: ସକାଳ ୭ଟା।
- ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ଦେଓପାଲି ଯଜ୍ଞ ମଣ୍ଡପ, ସମୟ: ସକାଳ ୭ଟା।
- ଶନି ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଅମାପାଲି, ସମୟ: ସକାଳ ୮ଟା।
- ୨୪ ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ସାଗରପାଲି ନାମ ମଣ୍ଡପ ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ବନ୍ଧୁଙ୍କ ସହ ସମ୍ପର୍କ ସ୍ଥାପନ, ଉନ୍ନତ ମାନର ଆଲୋଚନା ଏବଂ ପାରିବାରିକ ସଦ୍ଭାବଜନିତ ମନ ଖୁସି ରହିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ରାଜନୀତିରେ ଆଶା ପୂରଣ ହେବ। ପରିବାରର ବରାଦି ମୁତାବକ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। ଅଫିସ କାମରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ।

**ବୃଷ** – ଆର୍ଥିକ ଉନ୍ନତି ସାଙ୍ଗକୁ ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, ଅଦାଲତ କ୍ଷେତ୍ରରେ ସୁଫଳ ପାଇବେ। ନିଜ କାମ ପଛକୁ ପକାଇ ପଡ଼ୋଶୀଙ୍କ କଥାରେ ମୁଣ୍ଡ ପୂରାଇଲେ ସମାଲୋଚିତ ହେବେ। ଘର, ଯାନ ମରାମତି, ସଭା ସମିତିରୁ ଉପକୃତ ହେବେ। ପରିବାର ସହ ଭଲ ସମ୍ପର୍କ ରଖୁ ନ ଥିବା ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି।

**ମିଥୁନ** – ଆଜି ଜମିଜମା, ପୁରୁଣା ଗାଡ଼ି ଓ ଯାନ୍ତ୍ରିକ ଜିନିଷ କିଣିବିକା ଦିଗରେ ଖର୍ଚ୍ଚାନ୍ତ ସହ କ୍ଷତିରେ ପଡିପାରନ୍ତି। ଭାଇ କିମ୍ବା ପଡ଼ୋଶୀଙ୍କ ସହ ସମସ୍ୟାମୂଳକ ପରିସ୍ଥିତି ସୃଷ୍ଟି ହେବ। ଆଜି ଯାହା କରିବେ କ୍ଷତି ହେବନି, ଆଗାମୀ ଆନୁଷ୍ଠାନିକ କିମ୍ବା ମାଙ୍ଗଳିକ କାମ ପାଇଁ ଆଲୋଚନା କରିବା ମନ୍ଦ ହେବନି।

**କର୍କଟ** – ଅନୁକୂଳ ଗ୍ରହସ୍ଥିତିରୁ ଆଜି କୌଣସି କଥାକୁ ଖାତିର ନ କରି ଆଗକୁ ମାଡି ଚାଲିବେ। ଟଙ୍କା ପଇସା, ଦିଆ ନିଆ କ୍ଷେତ୍ରରେ ସତର୍କ ନ ରହିଲେ କ୍ଷତିରେ ପଡିବେ। କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। ପରିବାରରେ ସମସ୍ୟା ସମାଧାନ ପରିପ୍ରେକ୍ଷୀରେ ପ୍ରତିକ୍ରିୟା ହଠାତ୍ ପ୍ରକାଶ କରିବା ଠିକ୍ ନ ହୋଇପାରେ।

**ସିଂହ** – ସବୁ କାମରେ ଜଗି ରଖି ଚଳନ୍ତୁ ଅବଶ୍ୟ କାମଗୁଡିକ ଡେରିରେ ସମ୍ପନ୍ନ ହେବ। କର୍ମକ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ବ୍ୟବସାୟ, ବାଣିଜ୍ୟ, ଜମିଜମା କାରବାର, ନିର୍ମାଣ, ପରିବହନରୁ ଭଲ ଲାଭ ପାଇବେ। ପର ଉପରେ ନିର୍ଭର କରିବା କାରଣରୁ କେତେକ ବ୍ୟତିକ୍ରମ ଦେଖା ଦେଇ ପାରେ।

**କନ୍ୟା** – ଅନ୍ତରରେ ସହୃଦୟତା ଭରି ରହିଥିଲେ ମଧ୍ୟ ମୁହଁରେ କଡ଼ାଭାଷାର ପରିଣାମ ଭୋଗିବାକୁ ପଡିବ। ଶତ୍ରୁତା କରୁଥିବା ଲୋକ ମଧ୍ୟ ମିତ୍ରତା ସାଜିବା ପାଇଁ ଚେଷ୍ଟିତ ହେବେ। ରାଜନୀତି, ସଂଗଠନ, ଆଲୋଚନା, କ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ପାଇବ। ପ୍ରଶାସନ, ଆଇନ, ପ୍ରକାଶନ କ୍ଷେତ୍ରରେ ଯେମିତି ଇଚ୍ଛା କରୁଛନ୍ତି ତାହା ପାଇପାରନ୍ତି।

**ତୁଳା** – କେତେକ କ୍ଷେତ୍ରରେ ସମସ୍ୟାର ସମାଧାନଜନିତ ଟେନ୍ସନ ଲାଗିରହିବ। ଅପରାହ୍ନରେ ହାତକୁ ନେଇଥିବା କାମ ସୁରୁଖୁରୁରେ ସମ୍ପନ୍ନ ହୋଇପାରିବ। ସାମ୍ବାଦିକତା, ସାହିତ୍ୟ ଚର୍ଚ୍ଚା, ଲେଖାପଢ଼ା, ସଭାସମିତି ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହୋଇପାରିବ।

**ବିଛା** – ଆଜିର କର୍ମକ୍ଷେତ୍ରରେ ଅନ୍ୟକୁ ସହଜରେ ପ୍ରଭାବିତ କରି କାମ ହାସଲ କରିପାରିବେ। ଅର୍ଥଲାଭ ହେବ ଏବଂ ସୁନ୍ଦର କଥା ମାଧ୍ୟମରେ ବନ୍ଧୁଙ୍କୁ ଆପଣାର କରି ପାରିବେ। ପ୍ରତ୍ୟେକ କ୍ଷେତ୍ରରେ ଦେଖି ଚାହିଁ କାମ ନ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ ଓ ପ୍ରଶାସନିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବ।

**ଧନୁ** – ଆପଣ ମନେ ମନେ ଯାହା ଭାବୁଛନ୍ତି ତାହାକୁ ବନ୍ଧୁଙ୍କ ଆଗରେ ପ୍ରକାଶ କରିପାରିଲେ ହିଁ ଭଲ ହେବ। ପୁରାତନ ରୋଗ ପୀଡ଼ା ଅନୁଭବ କଲେ ମଧ୍ୟ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ। ସରକାରୀ ସ୍ତରରୁ ଶୁଭଖବର ପାଇ ଉଲ୍ଲସିତ ହେବେ। ସଭାସମିତିରେ କିମ୍ବା କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ।

**ମକର** – ଆଜି କୌଶଳ ଓ କୂଟନୀତି ପ୍ରୟୋଗକରି ଯେମିତି ଚାହୁଁଛନ୍ତି ସେମିତି କରିବାରେ ସଫଳ ହେବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଯାତ୍ରା କାଳରେ ବନ୍ଧୁଙ୍କ ସହ ନୂତନ ସମ୍ପର୍କରୁ ଖୁସି ରହିବେ। ଗୁରୁଜନମାନଙ୍କ ପରାମର୍ଶ କ୍ରମେ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କୁମ୍ଭ** – ଆଜିର କାମ ଠିକ୍ ଭାବେ କାର୍ଯ୍ୟକାରୀ ହେବା ବଦଳରେ କଷ୍ଟକର ହେବ। ନୂଆ ଯୋଜନା ସକାଶେ ବନ୍ଧୁଙ୍କ ପରାମର୍ଶ ଆବଶ୍ୟକ ମନେ କରି ସଫଳତା ହାସଲ କରିବେ। ନୀଚ ସଂସର୍ଗରୁ ଦୂରେଇ ନ ରହିଲେ ଅନୁତାପ ପାଇଁ ସମୟ ପାଇବେ ନାହିଁ। ଜମିଜମା କାରବାର, ନିର୍ମାଣ ବାଣିଜ୍ୟ, ବ୍ୟବସାୟରେ ଆଶାନୁଯାୟୀ ସୁଫଳ ପାଇବେ।

**ମୀନ** – ଆବଶ୍ୟକତା ପୂରଣ ସକାଶେ ସରକାରୀ ସ୍ତରରୁ କିମ୍ବା ବ୍ୟାଙ୍କରୁ ଋଣ ଯୋଜନା କରିପାରନ୍ତି। କର୍ମକ୍ଷେତ୍ରରେ ମନ୍ଥର ଗତି ହେତୁ ସଫଳତାର ଆଶଙ୍କା ସୃଷ୍ଟି ହୋଇପାରେ। ସମସ୍ୟା ଲାଗିରହୁଥିବାରୁ ବ୍ୟବସାୟ କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। ସମ୍ପର୍କୀୟମାନଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ।

ଆଜି ଏପ୍ରିଲ ୧୦ ତାରିଖ, ହୋମିଓପ୍ୟାଥିକର ଜନକ ହାନିମାନ୍‌ଙ୍କ ଜୟନ୍ତୀ, ମହାବୀର ଜୀନ ଜୟନ୍ତୀ, ସମରକବି ବ୍ରଜନାଥ ବଡ଼ଜେନାଙ୍କ ଜୟନ୍ତୀ, ଚୈତ୍ର ଶୁକ୍ଳପକ୍ଷର ଅନଙ୍ଗତ୍ରୟୋଦଶୀ ଗୁରୁବାର, ଶ୍ରୀମନ୍ଦିରରେ ଦମନକ ଯାତ୍ରା, ସୀତାଚୋରି, ଦୟଣାଚୋରି ନୀତି, ରାମଲୀଳା, ମାୟାମୃଗ ପ୍ରସ୍ତାବ। ରାଶି/ ନକ୍ଷତ୍ର-ଦିବା ଘ.୧୨.୨୪ ପର୍ଯ୍ୟନ୍ତ-ପୂର୍ବାଫାଲଗୁନୀ/ ସିଂହ, ଅଦ୍ୟ ବ୍ରତୋପନୟନ, ଜଳାଶୟ ଖନନ ଓ ଦେବତା ଗଠନ ପାଇଁ ଶୁଭଦିନ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୩୬ ଗତେ ଘ.୦୭.୧୫ ମଧ୍ୟେ, ଘ. ୧୦.୩୩ ଗତେ ଘ.୦୧.୦୨ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧.୨୧ ଗତେ ଘ.୦୨.୫୩ ମଧ୍ୟେ ରାହୁ କାଳ ।

# 'ଫୁଲେ' ଫିଲ୍ମକୁ ନେଇ ବିବାଦ

**ରିଲିଜ୍ ତାରିଖ ଘୁଞ୍ଚିଲା**

ମୁମ୍ବାଇ: ଆସନ୍ତା ୧୧ରେ ଅଭିନେତା ପ୍ରତୀକ ଗାନ୍ଧୀ ଓ ଅଭିନେତ୍ରୀ ପତ୍ରଲେଖାଙ୍କର 'ଫୁଲେ' ଫିଲ୍ମ ରିଲିଜ୍ ହେବାକୁ ଥିଲା। ତେବେ ଏହାର ୨ ଦିନ ପୂର୍ବରୁ ବୁଧବାର ଫିଲ୍ମର ରିଲିଜ୍ ତାରିଖକୁ ୨ ସପ୍ତାହ ପାଇଁ ଘୁଞ୍ଚାଇ ଦିଆଯାଇଛି। ଏବେ ଏହି ଫିଲ୍ମ ଏପ୍ରିଲ ୨୫ରେ ରିଲିଜ୍ ହେବ ବୋଲି ନିର୍ମାତାଙ୍କ ପକ୍ଷରୁ କୁହାଯାଇଛି। ଫିଲ୍ମକୁ ନେଇ ବିବାଦ ଦେଖାଦେବାରୁ ରିଲିଜ୍ ତାରିଖକୁ ଘୁଞ୍ଚାଯାଇଥିବା ନେଇ ଅନୁମାନ କରାଯାଉଛି। 'ଫୁଲେ' ଚଳଚ୍ଚିତ୍ର ବିପ୍ଲବୀ ଜ୍ୟୋତି ସାବିତ୍ରୀବାଈ ଫୁଲେଙ୍କ ସାମାଜିକ ସଂସ୍କାର ଏବଂ ସଂଘର୍ଷ ଉପରେ ଆଧାରିତ ରହିଛି। ଫିଲ୍ମରେ ଜ୍ୟୋତି ସାବିତ୍ରୀବାଈଙ୍କ ଭୂମିକାରେ ପତ୍ରଲେଖା ଅଭିନୟ କରିଥିବାବେଳେ ତାଙ୍କ ସ୍ୱାମୀ ମହାତ୍ମା ଫୁଲେଙ୍କ ଭୂମିକାରେ ପ୍ରତୀକ ଅଭିନୟ କରିଛନ୍ତି। ତେବେ 'ଫୁଲେ' ଫିଲ୍ମର ଟ୍ରେଲର ରିଲିଜ୍ ହେବାପରେ ଏହାକୁ ନେଇ ବିବାଦ ଜାରି ରହିଛି। ଏହି ଫିଲ୍ମ ଜାତିବାଦକୁ ପ୍ରଶ୍ରୟ ଦେଉଥିବା ନେଇ ବ୍ରାହ୍ମଣ ମହାସଂଘର ଅଧ୍ୟକ୍ଷ ଆନନ୍ଦ ଦବେ ଅଭିଯୋଗ ଆଣିଛନ୍ତି। ଜାତିବାଦକୁ ନେଇ 'ଫୁଲେ' ଫିଲ୍ମର ଏକପାଖିଆ କାହାଣୀକୁ ସେ ଏବଂ ତାଙ୍କ ସଙ୍ଗଠନ ବିରୋଧ କରୁଥିବା ଆନନ୍ଦ କହିଛନ୍ତି। ଇତିମଧ୍ୟରେ ବୁଧବାର ଫିଲ୍ମ ନିର୍ଦ୍ଦେଶକ ଅନନ୍ତ ମହାଦେବନ ଏବଂ ନିର୍ମାତା ରିତେଶ କୁଡେଚା ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ନେତା ଛଗନ ଭୁଜବଳଙ୍କୁ ଭେଟିଛନ୍ତି।



**ପ୍ରଥମ ପୃଷ୍ଠାରୁ...**

## ମନୋଜ ପରିଡ଼ା ...

ଏବଂ ସଞ୍ଜୟ କୁମାର ସ୍ୱାଇଁ ଅବସର ଗ୍ରହଣ କରିଥିଲେ। ଏହାକୁ ନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଦୁଇଟି ପର୍ଯ୍ୟାୟରେ ବିଜ୍ଞପ୍ତି ଜାରି ହୋଇଥିଲା। ମୁଖ୍ୟ ସୂଚନା କମିଶନର ପଦବୀ ଦୌଡ଼ରେ ୪୩ ଜଣ ଅଧିକାରୀ ଥିବା ବେଳେ ସୂଚନା କମିଶନର ପଦ ପାଇଁ ୧୭୯ ଜଣ ଆବେଦନ କରିଥିଲେ। ତେବେ ଏହି ଦୌଡ଼ରେ ପୂର୍ବତନ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଅବସରପ୍ରାପ୍ତ ପ୍ରଶାସକ ରଞ୍ଜନ କୁମାର ଦାସ, ଶ୍ରୀକାନ୍ତ ପୃଷ୍ଟି, ମନୋଜ ପରିଡ଼ା, ଅବସରପ୍ରାପ୍ତ ପୋଲିସ ଅଧିକାରୀ ସନ୍ତୋଷ ଉପାଧ୍ୟାୟ, ଲଳିତ ଦାସ, ଆଇପିଏସ୍ ସଞ୍ଜୀବ ପାଣ୍ଡୋଶୀ ପ୍ରମୁଖ ସିଆଇସି ପଦ ପାଇଁ ଆବେଦନ କରିଥିଲେ। ସେହିଭଳି ୪ଟି ସୂଚନା କମିଶନ ପଦ ପାଇଁ ନଭେମ୍ବର ୧୯ରେ ବିଜ୍ଞପ୍ତି ପ୍ରକାଶ ପାଇ ଡିସେମ୍ବର ୨୪ ସୁଦ୍ଧା ଆବେଦନର ଶେଷ ତାରିଖ ଧାର୍ଯ୍ୟ କରାଯାଇଥିଲା। ଏହି ପଦ ପାଇଁ ଅବସରପ୍ରାପ୍ତ ପ୍ରଶାସକ ରଞ୍ଜନ କୁମାର ଦାସ, ସୁରେଶ ଚନ୍ଦ୍ର ଦଳାଇ, ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ପ୍ରଣବିନ୍ଦୁ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ସିପ୍ରା ମଲ୍ଲିକଙ୍କ ସମେତ ବହୁ ସାମ୍ବାଦିକ, ସୂଚନା ଅଧିକାର କର୍ମୀ ଓ ଅବସରପ୍ରାପ୍ତ କର୍ମଚାରୀ ଆବେଦନ କରିଥିଲେ। ଅନ୍ୟପଟେ ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ ଓ ଶ୍ରୀକାନ୍ତ ପାକଳ ମଧ୍ୟ ଆବେଦନ କରିଥିଲେ।

**ପ୍ରଥମ ପୃଷ୍ଠାରୁ...**

## ଆଧାର: ପୁଣି ...

ଆପ୍‌କୁ ଆୟତ୍ତ କରିବା ସାଇବର ଅପରାଧୀଙ୍କ ପାଇଁ ଯଦିଓ ସହଜ ନୁହେଁ ମାତ୍ର ଅସମ୍ଭବ ମଧ୍ୟ ନୁହେଁ, କୌଣସି ସ୍ଥାନରେ କେହି ଆଧାର ମାଗିଲେ, ବ୍ୟବହାରକାରୀ ପ୍ରଥମେ ଭଲରେ ବୁଝିନେବା ଜରୁରୀ କି କେଉଁଥି ପାଇଁ ଆଧାର ତଥ୍ୟ ମଗାଯାଉଛି। ସେହିଭଳି ମୋବାଇଲ୍ କିଣିବାବେଳେ ହେଉ ବା ଅନ୍ୟାନ୍ୟ ସମୟରେ ଆଧାର ତଥ୍ୟ ନେଉଥିବା ବ୍ୟକ୍ତି ବା ଅନୁଷ୍ଠାନ ଏ ସମ୍ପର୍କରେ ଉପଭୋକ୍ତାଙ୍କୁ ଅବଗତ କରାଇବା ମଧ୍ୟ ଆବଶ୍ୟକ ବୋଲି ଲିଙ୍ଗରାଜ କହିଛନ୍ତି।।

## ପାଣ୍ଡିଆନଙ୍କ ...

ଶଙ୍ଖ ଭବନର ବିସ୍ତୃତ ଜାଗା ଅଛି। ତେଣୁ ଏଣେତେଣେ ବୈଠକକୁ ନାପସନ୍ଦ କରିଥିଲେ। ପାଣ୍ଡିଆନ୍‌ଙ୍କ ସପକ୍ଷରେ ନବୀନ ଏଭଳି ମତ ପରେ ଏବେ ଦଳରେ ବହୁ ବରିଷ୍ଠ ନେତା ପ୍ରଭାତଙ୍କ ବିରୋଧରେ ବିକ୍ଷୋଭାଗାର କରିଛନ୍ତି। ୱାକ୍‌ଫ ବିଲ୍ ପ୍ରସଙ୍ଗରେ ଚାଲିଥିବା ହାଇଡ୍ରାମାକୁ ନେଇ ବୁଧବାର ବିଜେଡିର ବରିଷ୍ଠ ନେତାଙ୍କ ଘନ ଘନ ବୈଠକ ବସିବା ସହ କେତେଜଣ ବିଧାୟକ ଦଳର ସଭାପତିଙ୍କୁ ଖୋଲା ଚିଠି ଲେଖିଥିଲେ। ପୂର୍ବାହ୍ନରେ ପଟିଆସ୍ଥିତ ଏକ ହୋଟେଲରେ ବରିଷ୍ଠ ନେତାଙ୍କୁ ନେଇ ଅନୁଷ୍ଠିତ ବୈଠକ ପରେ ବରିଷ୍ଠ ନେତା ଶଶିଭୂଷଣ ବେହେରା କହିଥିଲେ, ଦଳକୁ ଅଧିକ ଶକ୍ତିଶାଳୀ କରାଯିବ। ଯେଉଁ ବାହ୍ୟ ଶତ୍ରୁମାନେ ଦଳର ନେତା ନବୀନଙ୍କ ଉପରକୁ ଅଙ୍ଗୁଳି ଉଠାଇବେ ତାଙ୍କୁ ବରଦାସ୍ତ କରାଯିବ ନାହିଁ। ସେହିପରି ବରିଷ୍ଠ ନେତା ଅତନୁ ସବ୍ୟସାଚୀ ନାୟକ ଦଳକୁ ସୁସଙ୍ଗଠିତ କରିବା ପାଇଁ ସବୁକିଛି କରାଯିବ ବୋଲି କହିଥିଲେ। ଏହାପରେ ଦଳର ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ଅନ୍ୟ ୬ଜଣ ନେତା ଦଳର ସୁପ୍ରିମୋଙ୍କୁ ପତ୍ର ଲେଖି ହସ୍ତକ୍ଷେପ ଲୋଡ଼ିଥିଲେ। ଉଲ୍ଲେଖଯୋଗ୍ୟ ଯେ, ୨୦୨୪ ସାଧାରଣ ନିର୍ବାଚନରେ ବିଜେଡିର ପରାଜୟ ହେବାପରେ ବହୁ ବରିଷ୍ଠ ନେତା ପାଣ୍ଡିଆନଙ୍କୁ ଦାୟୀ କରିଥିଲେ। ତାଙ୍କ ଯୋଗୁଁ ଦଳ ପରାଜୟର ସମ୍ମୁଖୀନ ହେଲା ବୋଲି ପ୍ରତ୍ୟକ୍ଷ ଓ ପରୋକ୍ଷରେ କହି ବୁଲିଥିଲେ। ଏହାକୁ ନେଇ ସେତେବେଳେ ନବୀନ ଗଣମାଧ୍ୟମ ସମ୍ମୁଖକୁ ଆସି ପାଣ୍ଡିଆନ ରାଜ୍ୟ ଓ ଦଳ ପାଇଁ ଭଲ କାମ କରିଥିବା କହିଥିଲେ। ଏହାପରେ ପାଣ୍ଡିଆନ ବିଜେଡିରୁ ସନ୍ନ୍ୟାସ ନେଇଥିଲେ। ସେବେଠାରୁ ପାଣ୍ଡିଆନ ଦଳର କୌଣସି ବୈଠକରେ ଦେଖାଯାଉ ନ ଥିବାବେଳେ ସାମାଜିକ କାର୍ଯ୍ୟକ୍ରମରେ କେବଳ ଦୃଶ୍ୟ ହେଉଥିଲେ। ନିକଟରେ ୱାକ୍‌ଫ ବିଲ୍‌କୁ ନେଇ ରାଜ୍ୟ ସଭାରେ ସୃଷ୍ଟି ହୋଇଥିବା ବିଭାଜିତ ମତ ପଛରେ ପାଣ୍ଡିଆନ୍‌ଙ୍କ ସମ୍ପୃକ୍ତି ଥିବା ନେଇ କେତେକ ନେତା ଟାର୍ଗେଟ କରିବା ପରେ ସ୍ଥିତି ବିଗିଡ଼ିବାରେ ଲାଗିଛି।

## ଏମ୍‌ବିବିଏସ୍‌ରେ ଯାଆଁଳା ...

ଏବଂ ୯୭.୩ ପର୍ସେଣ୍ଟାଇଲ ସ୍କୋର ମିଳିଥିଲା। ମେଡିକାଲ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି(ୟୁଜି)ରେ ରିବାଙ୍କୁ ୯୭ ପର୍ସେଣ୍ଟାଇଲ ମିଳିଥିବାବେଳେ ରିହାନଙ୍କୁ ୯୭.୭ ପର୍ସେଣ୍ଟାଇଲ ସ୍କୋର ମିଳିଥିଲା। ଉଭୟ ଭଉଣୀଙ୍କ ବୟସ ଏବେ ୨୪। ସେମାନଙ୍କର ମା' ଗୁଲଶାଦ ବାନୁ ଜଣେ ସିଙ୍ଗଲ ମଦର ହୋଇଥିବା ବେଳେ ସେ ପେସାରେ ଜଣେ ଶିକ୍ଷୟିତ୍ରୀ। ଗଣମାଧ୍ୟମ ସମ୍ମୁଖରେ ରାହିନ୍ କହିଛନ୍ତି, ସେ ଏବଂ ରିବା ହେଉଛନ୍ତି ତାଙ୍କ ପରିବାରର ପ୍ରଥମ ଡାକ୍ତର। ମେଡିକାଲ କ୍ଷେତ୍ରରେ କ୍ୟାରିୟର କରିବା ପାଇଁ ଉଭୟଙ୍କୁ ତାଙ୍କ ମାମୁ ପ୍ରେରଣା ଦେଇଥିଲେ। ଏହାସହ ଉଭୟଙ୍କ ସଫଳତା ପଛରେ ମା' ଓ ଆଇଅଜାଙ୍କର ଭୂମିକା ମଧ୍ୟ ରହିଥିବା ସେ କହିଛନ୍ତି। ସବୁବେଳେ ଏକସଙ୍ଗେ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବାରୁ ଏମ୍‌ବିବିଏସ୍ ପରୀକ୍ଷାରେ ଉଭୟଙ୍କର ସମାନ ନମ୍ବର ଆସିଛି ବୋଲି ସେ କହିଛନ୍ତି। ଆର୍ଥିକ ସ୍ଥିତି ଭଲ ନ ଥିବା ସତ୍ତ୍ୱେ ମଧ୍ୟ ସରକାରୀ ଛାତ୍ରବୃତ୍ତି ଏବଂ ଅନ୍ୟାନ୍ୟ ଆର୍ଥିକ ସହାୟତା ଯୋଗୁ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ଉଭୟଙ୍କୁ କୌଣସି ବିଶେଷ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ି ନ ଥିଲା। ଜିଏମ୍‌ଇଆର୍‌ଏସ୍ ମେଡିକାଲ କଲେଜରେ ଉଭୟ ଭଉଣୀ ଗୋଟିଏ ହଷ୍ଟେଲରେ ରହୁଥିଲେ। କ୍ଲାସ୍‌ରେ ମଧ୍ୟ ଦୁହେଁ ଏକାଠି ବସୁଥିଲେ। ଜାମନଗର ଏବଂ ଭାବନଗରସ୍ଥିତ ସରକାରୀ ମେଡିକାଲ କଲେଜରେ ରିବା ନାମ ଲେଖାଇ ପାରିଥାନ୍ତେ ବୋଲି କହିଛନ୍ତି। ତେବେ ସେ ରିହାନ୍‌ଙ୍କଠାରୁ ଅଲଗା ହେବାକୁ ଚାହୁଁ ନ ଥିଲେ। ତେଣୁ ଉଭୟ ଭଉଣୀ ଏକାଠି ମିଶି ଜିଏମ୍‌ଇଆର୍‌ଏସ୍ ମେଡିକାଲ କଲେଜରେ ନାମ ଲେଖାଇଥିଲେ। ରାହିନ୍ ପ୍ରସୂତି ଏବଂ ସ୍ତ୍ରୀ ରୋଗ ଚିକିତ୍ସାରେ ରୁଚି ରଖୁଥିବାବେଳେ ରିବା ଇଣ୍ଟରନାଲ ମେଡିସିନ କ୍ଷେତ୍ରରେ ରୁଚି ରଖୁଛନ୍ତି। ତେବେ ଆଗାମୀ ଦିନରେ ଉଭୟ ରିବା ଓ ରିହାନ୍ କୌଣସି ଏକ କଲେଜରେ ଏକାଠି ପୋଷ୍ଟ ଗ୍ରାଜୁଏଶନ ପାଇଁ ନାମ ଲେଖାଇବାକୁ ଚାହୁଁଛନ୍ତି।

## ତହଉର ରାଣାଙ୍କୁ ...

ବୋଲି ଆଶଙ୍କା ପ୍ରକାଶ କରିଥିଲେ। ତେବେ ଆମେରିକା ସୁପ୍ରିମକୋର୍ଟ ଭାରତକୁ ପ୍ରତ୍ୟର୍ପଣ ବିରୋଧୀ ଆବେଦନକୁ ଖାରଜ କରିଦେବା ପରେ ତାଙ୍କ ବର୍ତ୍ତିବା ବାଟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଏହା ପୂର୍ବରୁ ଫେବୃଆରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୱାଶିଂଟନ୍ ଗସ୍ତବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରାଣାଙ୍କୁ ଭାରତକୁ ପ୍ରତ୍ୟର୍ପଣ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ।

୨୦୦୮ ନଭେମ୍ବର ୨୬ରେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା (ଏଲ୍‌ଇଟି) ଆତଙ୍କବାଦୀମାନେ ଭାରତର ଆର୍ଥିକ ରାଜଧାନୀ ମୁମ୍ବାଇରେ ଅତର୍କିତ ଆକ୍ରମଣ କରିଥିଲେ। ୩ ଦିନ ଧରି ଚାଲିଥିବା ଏହି ଆକ୍ରମଣରେ ୧୬୬ ଜଣଙ୍କ ମୃତ୍ୟୁ ଘଟିଥିଲା। ରାଣା ହେଉଛନ୍ତି ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ ପାକିସ୍ତାନୀ-ଆମେରିକୀୟ ଆତଙ୍କବାଦୀ ଡେଭିଡ୍ କୋଲ୍‌ମ୍ୟାନ୍ ହେଡ୍‌ଲିଙ୍କ ସହଯୋଗୀ। ଆକ୍ରମଣ ସମୟରେ ସେ ହେଡ୍‌ଲିଙ୍କ ସହ ୨୩୧ ଥର ଟେଲିଫୋନ୍‌ରେ କଥା ହୋଇଥିଲେ ବୋଲି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ତଦନ୍ତରୁ ଜାଣିବାକୁ ପାଇଛି। ଇତିମଧ୍ୟରେ ଉକ୍ତ ଆକ୍ରମଣରେ ପ୍ରାଣ ହରାଇଥିବା ମହାରାଷ୍ଟ୍ର ଏସ୍‌ଆର୍‌ପିଏଫ୍ କନ୍‌ଷ୍ଟେବଲ ରାହୁଲ ଶିନ୍ଦେଙ୍କ ବାପା ସୁଭାଷ ଶିନ୍ଦେ ରାଣାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉ ବୋଲି ଦାବି କରିଛନ୍ତି। ରାଣାଙ୍କୁ ଫାଶୀ ଦିଆଗଲେ ହିଁ ତାଙ୍କ ପୁଅଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ ବୋଲି ସୁଭାଷ କହିଛନ୍ତି। ରାଣା ଜଣେ ପାକିସ୍ତାନୀ ବଂଶୋଦ୍ଭବ ବ୍ୟବସାୟୀ, ଡାକ୍ତର ଓ ଆପ୍ରବାସନ ଉଦ୍ୟୋକ୍ତା। ଏହି ଆକ୍ରମଣ ପାଇଁ ଷଡ଼ଯନ୍ତ୍ର ଚାଲିଥିବାବେଳେ ସେ ଏଲ୍‌ଇଟି ଏବଂ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ସହ ଯୋଗସୂତ୍ରରେ ରହିଥିଲେ ବୋଲି ଭାରତ ସରକାରଙ୍କ ପକ୍ଷରୁ ଆମେରିକାକୁ ପ୍ରତ୍ୟର୍ପଣ ସକାଶେ ଦିଆଯାଇଥିବା ଡୋଜିଅରରୁ ଜଣାପଡ଼ିଛି।

## ରେପୋ ରେଟ୍ ୨୫ ...

ଏହାକୁ ଗଭର୍ନର ମାଲହୋତ୍ରା ବିଶ୍ୱ ବିକାଶ ପାଇଁ ନୂତନ ଚ୍ୟାଲେଞ୍ଜ ବୋଲି ମତ ଦେଇଛନ୍ତି। ତେବେ ରେପୋ ହାର ହ୍ରାସ ପରେ ବ୍ୟାଙ୍କଗୁଡ଼ିକ ଗୃହ ଋଣ ସମେତ ବିଭିନ୍ନ ପ୍ରକାରର ଋଣ ଉପରେ ସୁଧ ହାର ହ୍ରାସ କରିପାରନ୍ତି ବୋଲି ଆଶା କରାଯାଉଛି।

# ଆଜି ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

କେନ୍ଦୁଝର,୯।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଦିନିକିଆ କେନ୍ଦୁଝର ଗସ୍ତରେ ଆସିବେ। ହେଲିକପ୍ଟର ଯୋଗେ ସକାଳ ୯ଟା ୩୦ରେ ସ୍ଥାନୀୟ ରିଜର୍ଭ ପୋଲିସ ପଡ଼ିଆରେ ଓହ୍ଲାଇବେ। ସେଠାରୁ ସର୍କିଟ ହାଉସରେ ବିଶ୍ରାମ ନେଇ ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ହ୍ୟାଣ୍ଡବଲ ପଡ଼ିଆ ଯାଇ ୩୯ତମ ସବ ଜୁନିୟର ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଯୋଗଦେବେ। ପରେ ପୂର୍ବାହ୍ନ ୧୦ଟା ୪୦ରେ କାଳୀପଡ଼ିଆ ଯାଇ ସେଠାରେ ରାଜ୍ୟସ୍ତରୀୟ ଧର୍ମ ସମ୍ମିଳନୀରେ ଯୋଗଦେବା ନେଇ ସୂଚନା ମିଳିଛି। ପୂର୍ବାହ୍ନ ୧୧ଟା ୩୫ରେ ସଦର ବ୍ଲକ୍ ବୀରକିଶୋରପୁର ଗ୍ରାମର ମଣ୍ଡଳପାଟ ନୋଡାଲ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗଦେବେ। ସେଠାରୁ ସର୍କିଟ ହାଉସ କେନ୍ଦୁଝର ଫେରି ଅପରାହ୍ନ ୪ଟା ୨୫ରେ ସରସ୍ୱତୀ ବିଦ୍ୟାମନ୍ଦିର ଝୁମ୍ପୁରାର ୩୭ତମ ବାର୍ଷିକ ଉତ୍ସବରେ ଯୋଗଦେବେ।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ତାରକ ଚନ୍ଦ୍ର ମିଶ୍ର
ଆବିର୍ଭାବ: ତା. ୦୧.୦୧.୧୯୪୫
ତିରୋଧାନ: ତା. ୨୧.୦୪.୨୦୨୪
ମୋତି ଭବନ ପ୍ଲଟ ନଂ-୨୨/୧୩୦/୭୮୯
ସୁବୁଦ୍ଧିପୁର, କଳିଙ୍ଗ ବିହାର, ଭୁବନେଶ୍ୱର-୭୫୧୦୧୯

ଜୀବନର ରଣଶୁଝି
ରଣଭୂମେ ଯୁଝି ଯୁଝି
ବାହୁଡ଼ି ଯାଇଛ
ତୁମେ ସଂଗ୍ରାମ କେଶରୀ
ଅମର ଅକ୍ଷୟ
ସଦା ତୁମ କୀର୍ତ୍ତିଗୁଣ
ଅବିନାଶୀ ଆତ୍ମା
ତୁମ ପ୍ରଭୁ ପାଦେ ଲୀନ
ତୁମର ଆଶୀର୍ବାଦ ଆଜି
ଆମର ପାଥେୟ
ବିଭୁ ପାଦେ ତୁମ ମୁକ୍ତି
ସଦା ଥାଉ ଧେୟ

ପତ୍ନୀ, ପୁତ୍ର, କନ୍ୟା, ପୁତ୍ରବଧୂ, ଜାମାତା, ଭାଇ, ବନ୍ଧୁ ଓ ପରିବାର ବର୍ଗ

ଧ-୧୧୧




# ପିସିସି ସଭାପତିଙ୍କ ସମେତ ୫ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଅଭିଯୁକ୍ତ

## ଗାନ୍ଧୀମାର୍ଗରେ କଂଗ୍ରେସ ବିକ୍ଷୋଭ ଘଟଣା

ଭୁବନେଶ୍ୱର,୯।୪(ସତ୍ୟଜିତ୍ ରାଉତ)

ମହିଳାଙ୍କ ସୁରକ୍ଷା ଓ ନ୍ୟାୟ ଦାବି ପ୍ରସଙ୍ଗରେ କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ ଉଦ୍ୟମ ସହ ଗାନ୍ଧୀମାର୍ଗରେ ବିକ୍ଷୋଭ ପ୍ରଦର୍ଶନ ବେଳେ ହିଂସା ଘଟଣାରେ କ୍ୟାପିଟାଲ ଥାନା ପୋଲିସ ଏଯାଏ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ତେବେ ମାମଲା ନଂ.୧୩୦/୨୦୨୫ ସମ୍ବନ୍ଧୀୟ ଏଫ୍ଆଇଆର୍ କପି ବୁଧବାର ଭାଇରାଲ ହୋଇଛି। ଏଥିରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ୫ ହଜାରରୁ ଊର୍ଦ୍ଧ୍ୱ ଜଣଙ୍କୁ ପୋଲିସ ଅଭିଯୁକ୍ତ ଦର୍ଶାଇଥିବା ଉଲ୍ଲେଖ ରହିଛି। ଅନ୍ୟ ଅଭିଯୁକ୍ତମାନେ ହେଲେ ବିଧାୟକ ତାରା ପ୍ରସାଦ ବାହିନୀପତି, ରମେଶ ଚନ୍ଦ୍ର ଜେନା, ପବିତ୍ର ଶାନ୍ତ, ସାଗର ଚରଣ ଦାଶ, ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ମଙ୍ଗୁ ଖିଲ୍ଲା, ସି. ଏସ୍ ରାଜିନ୍ ଏକ୍କା, ପୂର୍ବତନ ବିଧାୟକ ମହମ୍ମଦ ମୋକ୍ବିମ, ସୁରେଶ ଚନ୍ଦ୍ର ରାଉତରାୟ। ତେବେ ୧୨ନମ୍ବର ଅଭିଯୁକ୍ତ ତାଲିକାରେ ୫ହଜାରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ଅଭିଯୁକ୍ତ ଥିବା ପୋଲିସ ଏଫ୍ଆଇଆର୍‌ରେ ଦର୍ଶାଯାଇଛି।

ସୂଚନାନୁଯୋଗ୍ୟ, ମାର୍ଚ୍ଚ ୨୭ରେ ଲୋୟର ପିଏମ୍‌ଜିରେ କଂଗ୍ରେସ ବିକ୍ଷୋଭ କରିବାବେଳେ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ପୋଲିସ ଓ କଂଗ୍ରେସ କର୍ମୀ ମୁହାଁମୁହିଁ ହୋଇଥିଲେ। କଂଗ୍ରେସ ପକ୍ଷରୁ ପୋଲିସ ଉପରକୁ ଚେୟାର, ଢ଼େଲା, ପଥର ଆଦି ମାଡ଼ ହୋଇଥିଲା। କଂଗ୍ରେସ କର୍ମୀଙ୍କ ଆକ୍ରମଣରେ ୧୫ଜଣ ପୋଲିସ କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ଆହତ ହୋଇଥିଲେ। ଅପରପକ୍ଷରେ ପୋଲିସ ମାଡ଼ରେ ବହୁ କଂଗ୍ରେସ କର୍ମୀ ମଧ୍ୟ ଆହତ ହୋଇଥିଲେ।




# ବଲାଙ୍ଗୀରରେ ନବଜାତ ଶିଶୁ ବିକ୍ରି

ବଲାଙ୍ଗୀର,୯।୪
(ବୀରେନ୍ଦ୍ର କୁମାର ଝାଙ୍କର)


ଅତିରିକ୍ତ ଜିଲାପାଳ ପବିତ୍ର ବେହେରା, ଡିସିପିୟୁ, ସିଡବ୍ଲ୍ୟୁସି, ଟିମ୍ ମାଳପଡ଼ାରେ ଶିଶୁବିକ୍ରିର ତଦନ୍ତ କରୁଛନ୍ତି।

- ଅଭିଯୋଗର ତଦନ୍ତ କଲେ ଅତିରିକ୍ତ ଜିଲାପାଳ, ସିଡବ୍ଲ୍ୟୁସି, ଡିସିପିୟୁ ଟିମ୍
- ଟିଟିଲାଗଡ଼ର ଜଣେ ମହିଳା ସାଜିଥିଲେ ମଧ୍ୟସ୍ଥି
- ଶିଶୁ ଉଦ୍ଧାର ପାଇଁ ଟିଟିଲାଗଡ଼ ଗଲା ସ୍ପେଶାଲ ଟିମ୍

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରୁ ଜଣେ ନବଜାତ ଶିଶୁପୁତ୍ର ୨୦ ହଜାର ଟଙ୍କାରେ ବିକ୍ରି ହୋଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଟିଟିଲାଗଡ଼ର ଜଣେ ମହିଳା ମଧ୍ୟସ୍ଥ ସାଜି ନବଜାତ ଶିଶୁପୁତ୍ରକୁ ରାଉରକେଲାର ଏକ ଦମ୍ପତିଙ୍କ ପାଇଁ ନେଇଥିବା ଜଣାପଡ଼ିବା ପରେ ହଇଚଇ ସୃଷ୍ଟି ହୋଇଛି। ବୁଧବାର ନବଜାତ ଶିଶୁ ବିକ୍ରି ଘଟଣା ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ (ଡିସିପିୟୁ), ଚାଇଲ୍ଡଲାଇନ୍ ଓ ଜିଲା ଶିଶୁ କଲ୍ୟାଣ ସମିତି (ସିଡବ୍ଲ୍ୟୁସି) ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ପାଇଥିଲେ। ଏହାପରେ ତଦନ୍ତ ଆରମ୍ଭ ହୋଇଛି। ବଲାଙ୍ଗୀର ସହର ମାଳପଡ଼ାଠାରେ ରହୁଥିବା ଜଣେ ବିଧବା ମହିଳାଙ୍କ ଭଡ଼ାଘରେ ଡିସିପିୟୁ, ଚାଇଲ୍ଡଲାଇନ୍, ସିଡବ୍ଲ୍ୟୁସି ଟିମ୍, ଜିଲା ସମାଜ ମଙ୍ଗଳ ଅଧିକାରୀ ଓ ଅତିରିକ୍ତ ଜିଲାପାଳ ପହଞ୍ଚି ପଚରାଉଚରା କରିବା ପରେ ନବଜାତ ଶିଶୁଟି ଟିଟିଲାଗଡ଼ର ଜଣେ ମହିଳାଙ୍କ ନିକଟରେ ଥିବା ଜଣାପଡିବାରୁ ପ୍ରଶାସନିକ ଟିମ୍ ଟିଟିଲାଗଡ଼ ଅଭିମୁଖେ ଯାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ପୁଇଁତଲା ଥାନା ତଲଗଜର ଜଣେ ଯୁବତୀ ପ୍ରାୟ ୪ ବର୍ଷ ତଳେ ସୋନପୁର ଜିଲା ଡୁଙ୍ଗୁରିପାଲି ଥାନା ଅଞ୍ଚଳରେ ବିବାହ କରିଥିଲେ। ସେମାନଙ୍କର ୩ବର୍ଷର ଏକ ଶିଶୁକନ୍ୟା ଅଛି। ଇତିମଧ୍ୟରେ ସ୍ୱାମୀଙ୍କ ମୃତ୍ୟୁ ଘଟିବାରୁ ମହିଳା ଜଣକ କୁନି ଝିଅକୁ ଧରି ବାପଘରକୁ ଚାଲିଆସିଥିଲେ। ପ୍ରାୟ ୬ ମାସ ତଳେ ସେ ନିଜ କୁନି ଝିଅ, ତାଙ୍କ ବାପା, ନାବାଳକ ଭାଇ ଓ ନାବାଳିକା ଭଉଣୀ ସହ ବଲାଙ୍ଗୀର ମାଳପଡ଼ାକୁ ଆସି ଏକ ଘରଭଡ଼ା ନେଇ ରହୁଥିଲେ। ତାଙ୍କ ବାପା ଦିନ ମଜୁରିଆ ଭାବେ କାମ କରି ପରିବାର ଚଳାଉଥିଲେ। ଗତ ୬ ତାରିଖରେ ମହିଳା ଜଣକ ସେହି ଭଡ଼ାଘରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ଶିଶୁ ଜନ୍ମକରିବା ପରେ ସେ ଅସୁସ୍ଥ ହୋଇପଡିବାରୁ ଘରଭଡା ଦେଇଥିବା ମହିଳା ଜଣକ ତାଙ୍କୁ ଭୀମ ଭୋଇ ମେଡିକାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଗତ ୮ ତାରିଖରେ ତାଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଥିଲା। ଡିସ୍‌ଚାର୍ଜ ପରେ ସେ ଘରକୁ ଫେରିଥିଲେ ମଧ୍ୟ ନବଜାତ ଶିଶୁପୁତ୍ର ତାଙ୍କ ସହ ଘରକୁ ଫେରି ନ ଥିଲେ। ଏହାପରେ ଶିଶୁ ବିକ୍ରି ଖବର ପ୍ରଘଟ ହୋଇଥିଲା। ଟିଟିଲାଗଡ଼ର ଜଣେ ମହିଳା ମଧ୍ୟସ୍ଥ ଭାବେ ରାଉରକେଲାର ଜଣେ ଦମ୍ପତିଙ୍କ ପାଇଁ ଶିଶୁପୁତ୍ର କିଣିଥିବା ଜଣାପଡିଥିଲା। ୨୦ ହଜାର ଟଙ୍କାରେ ଶିଶୁପୁତ୍ର ବିକ୍ରି ହୋଇଥିବା ଏବଂ ଜନ୍ମଦାତ୍ରୀ ମହିଳାଙ୍କୁ ପ୍ରଥମ ପର୍ଯ୍ୟାୟରେ ୫ ହଜାର ଟଙ୍କା ଦିଆଯାଇଥିବା ଜଣାପଡିଥିଲା। ବୁଧବାର ଶିଶୁବିକ୍ରି ସମ୍ପର୍କରେ ଷ୍ଟାମ୍ପ ପେପରରେ ଲେଖାପଢ଼ା ହେବାର ଥିଲା। ଏହି ଖବର ପ୍ରଘଟ ହେବା ପରେ ସିଡବ୍ଲ୍ୟୁସିର ସାମାଜିକ କର୍ମୀ ଅରୁଣ ଖୁଆସ, ଚାଇଲ୍ଡଲାଇନ୍‌ର ଶ୍ରଦ୍ଧାଞ୍ଜଳି ସିଂ, ସିଡବ୍ଲ୍ୟୁସିର ଏସ୍. ଲତାଶ୍ରୀ, ଲିନା ବାବୁ ମାଳପଡ଼ା ଯାଇ ସମ୍ପୃକ୍ତ ମହିଳାଙ୍କୁ ଭେଟି ଶିଶୁବିକ୍ରି ସମ୍ପର୍କରେ ପଚାରିଥିଲେ। ଏହାପରେ ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର ଏବଂ ଅତିରିକ୍ତ ଜିଲାପାଳ ପବିତ୍ର ବେହେରା ମାଳପଡ଼ା ଯାଇ ସମ୍ପୃକ୍ତ ମହିଳାଙ୍କୁ ପଚରାଉଚରା କରିଥିଲେ। ଅତିରିକ୍ତ ଜିଲାପାଳ ବେହେରାଙ୍କୁ ଗଣମାଧ୍ୟମ ପ୍ରତିନିଧିମାନେ ଶିଶୁବିକ୍ରି ସଂକ୍ରାନ୍ତରେ ପଚାରିବାରୁ ଶିଶୁବିକ୍ରି ହୋଇଛି କି ନାହିଁ ତାହା ତଦନ୍ତ ପରେ ଜଣାପଡିବ। ଏବେ ନବଜାତ ଶିଶୁ ମା' ପାଖରେ ନାହିଁ। ଟିଟିଲାଗଡ଼ର ଜଣେ ମହିଳାଙ୍କ ପାଖରେ ଥିବା ସୂଚନା ମିଳିଛି।

# ସ୍ତ୍ରୀ, ପୁଅଙ୍କୁ ମାରିବାକୁ ଘରେ ଡିନାମାଇଟ୍ ବିସ୍ଫୋରଣ

ଦିଗପହଣ୍ଡି,୯।୪(ଅଶେଷ ନାଥ ମିଶ୍ର)


ବିସ୍ଫୋରଣ ପ୍ରଭାବରେ ଭାଙ୍ଗି ଯାଇଥିବା ଘର।

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କୁଶପଡା ଗ୍ରାମ କାଳିଞ୍ଜି ସାହିରେ ବୁଧବାର ଅପରାହ୍ନ ୨ଟାରେ ବୋମା ବିସ୍ଫୋରଣରେ ୩ ଘରର ଛାତ ଉଡ଼ି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଗାଁରେ ଚାଲିଥିବା ମା' ଦଣ୍ଡକାଳୀଙ୍କ ନାଚ ଦେଖିବାକୁ ଯାଇଥିବାରୁ ୩ ପରିବାର ଲୋକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ସ୍ୱାମୀ-ସ୍ତ୍ରୀ କଳହରୁ ସ୍ୱାମୀ ଏପରି ଘଟାଇଥିବା ଜଣାପଡ଼ିଛି। ଗ୍ରାମର ଗୌଡ଼ ସାହି ବାସିନ୍ଦା ବି. ଲାଛୁ ଦୋରାଙ୍କ ଜ୍ୱାଇଁ ସୁରେନ୍ଦ୍ର ଦୋରା ଏହି ଘଟଣା ଘଟାଇଛନ୍ତି।

ଖବରରୁ ଜଣାପଡ଼ିଛି, ସମ୍ବଲପୁର ଜିଲା ରଣାବନ୍ଧ ଗ୍ରାମର ସୁରେନ୍ଦ୍ର ପ୍ରାୟ ୭ ବର୍ଷ ତଳେ ବି . ଲାଛୁ ଦୋରାଙ୍କ ଝିଅ ଗୀତାଞ୍ଜଳିଙ୍କୁ ବିବାହ କରିଥିଲେ। ସୁରେନ୍ଦ୍ର ଭୁବନେଶ୍ୱରରେ ଦିନ ମଜୁରିଆ ଭାବେ କାମ କରୁଥିଲେ। ପ୍ରାୟ ୬ ମାସ ତଳେ ଶ୍ୱଶୁର ଘର କୁଶପଡ଼ା ଗ୍ରାମକୁ ଆସି ଅନୀଲ ସାହୁଙ୍କ ଘରେ ସ୍ତ୍ରୀ ପୁଅଙ୍କୁ ଧରି ଭଡ଼ାରେ ରହୁଥିଲେ। ଗତ ୩ ଦିନ ତଳେ ସୁରେନ୍ଦ୍ର ଭୁବନେଶ୍ୱରରୁ କୁଶପଡାକୁ ଆସିଥିଲେ। ମଙ୍ଗଳବାର ରାତିରେ କୌଣସି କାରଣରୁ ସ୍ତ୍ରୀଙ୍କ ସହ ଝଗଡା ହୋଇଥିଲା। ବୁଧବାର ଦ୍ୱିପହରରେ ସ୍ତ୍ରୀ ତାଙ୍କ ପୁଅ(୫)କୁ ନେଇ ଘରେ ଶୋଇଥିବା ବେଳେ ଉଭୟଙ୍କୁ ଜୀବନରେ ମାରିଦେବା ପାଇଁ ସୁରେନ୍ଦ୍ର ଘରେ ଡିନାମାଇଟ ଖଞ୍ଜି ଦେଇଥିଲେ। ମାତ୍ର ଏହାର କିଛି ସମୟ ପୂର୍ବରୁ ସ୍ତ୍ରୀ ତାଙ୍କ ପୁଅକୁ ଧରି ଦଣ୍ଡନାଚ ଦେଖିବାକୁ ପାଖ ପଡୋଶୀଙ୍କ ସହ ଚାଲିଯାଇଥିଲେ। ଗ୍ରାମରେ ଦଣ୍ଡନାଚ ଚାଲିଥିବା ବେଳେ ଡିନାମାଇଟ ବିସ୍ଫୋରଣ ଘଟି ପ୍ରଚଣ୍ଡ ଶବ୍ଦ ହୋଇଥିଲା। ପ୍ରଥମେ ଗ୍ରାମବାସୀ ଭୟଭୀତ ହୋଇଯାଇଥିଲେ। ପରେ ବହୁ ସଂଖ୍ୟକ ଲୋକ ଘଟଣାସ୍ଥଳକୁ ଦୌଡି ଯାଇ ଦେଖିବା ବେଳକୁ ଗ୍ରାମର ଅନୀଲ ସାହୁ, ବାବୁ ସାହୁ ଏବଂ ଦଣ୍ଡପାଣି ସାହୁଙ୍କ ଘର ଛାତ ଭାଙ୍ଗି ଯାଇ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଏହି ବିସ୍ଫୋରଣରେ ବାବୁ ସାହୁଙ୍କ ଘରେ ଭଡ଼ାରେ ରହୁଥିବା ଶୁଭଶ୍ରୀ ବିଷୋୟୀ ଏବଂ ଅନିଲ, ଦଣ୍ଡପାଣି ୨ ପରିବାରଙ୍କ ଲକ୍ଷାଧିକ ଟଙ୍କାର ଆସବାବ ପତ୍ର ନଷ୍ଟ ହୋଇଯାଇଛି। ସୁରେନ୍ଦ୍ର ସେଠାରୁ ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ଗ୍ରାମବାସୀ ତାଙ୍କୁ ଅଟକ ରଖି ଦିଗପହଣ୍ଡି ଥାନାକୁ ଖବର ଦେଇଥିଲେ। ପୋଲିସ ଟିମ୍ ଗ୍ରାମରେ ପହଞ୍ଚି ସୁରେନ୍ଦ୍ରଙ୍କୁ ଥାନାକୁ ନେଇ ପଚରାଉଚରା ଚଳାଇଛି।

ଜନ୍ମଦିନ ଶୁଭେଚ୍ଛା



ଶିବାନୀ
ଯାଜପୁର ରୋଡ଼, ବ୍ୟାସନଗର
୧୮ତମ ଜନ୍ମଦିନର ଅନେକ ଶୁଭେଚ୍ଛା। ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ବାବା, ମାମା, ଟ୍ୱିଙ୍କଲ, ପୁପୁନ, ଆଶୁ, ବାପା, ବୋଉ, ଦେବସ୍ମିତା, ଜେଜେମା, ଜେଜେବାପା, କାହ୍ନା

ଧ-୮୭

# ୧୩ରେ ଏନ୍‌ଡିଏ, ଏନ୍‌ଏ(ଆଇ) ପରୀକ୍ଷା

କଟକ,୯।୪(କାର୍ତ୍ତିକ ସାହୁ)

କେନ୍ଦ୍ରୀୟ ଲୋକସେବା ଆୟୋଗଙ୍କ ଦ୍ୱାରା ଆସନ୍ତା ୧୩ ତାରିଖ ରବିବାର ଏନ୍‌ଡିଏ, ଏନ୍‌ଏ (ଆଇ) ପରୀକ୍ଷା ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧୨ଟା ୩୦ ପର୍ଯ୍ୟନ୍ତ (ପ୍ରଥମ ପେପର) ଏବଂ ଅପରାହ୍ନ ୨ଟାରୁ ୪ଟା ୩୦ ପର୍ଯ୍ୟନ୍ତ (ଦ୍ୱିତୀୟ ପେପର) ଲିଖିତ ପରୀକ୍ଷା ହେବାକୁ ସ୍ଥିର ହୋଇଛି। ସେହିପରି ଉକ୍ତ ଦିନ ସିଡିଏସ୍(ଆଇ) ୨୦୨୫ ଲିଖିତ ପରୀକ୍ଷାର ୩ଟି ପେପର ଯଥାକ୍ରମେ ସକାଳ ୯ଟାରୁ ପୂର୍ବାହ୍ନ ୧୧ଟା, ଅପରାହ୍ନ ୧୨ଟା ୩୦ରୁ ୨ଟା ୩୦ ଏବଂ ଅପରାହ୍ନ ୪ଟାରୁ ୬ଟା ପର୍ଯ୍ୟନ୍ତ ହେବାକୁ ଯାଉଛି। କଟକର ମୋଟ୍ ୮ଟି ପରୀକ୍ଷା କେନ୍ଦ୍ରରେ ଏନ୍‌ଡିଏ, ଏନ୍‌ଏ (ଆଇ) ଏବଂ ୬ଟି ପରୀକ୍ଷା କେନ୍ଦ୍ରରେ ସିଡିଏସ୍(ଆଇ) ଲିଖିତ ପରୀକ୍ଷା ଅନୁଷ୍ଠିତ ହେବ। କେନ୍ଦ୍ରୀୟ ଲୋକସେବା ଆୟୋଗଙ୍କ ପ୍ରଣୀତ ନିୟମ ଅନୁସାରେ ପରୀକ୍ଷା ଆରମ୍ଭ ହେବାର ୩୦ ମିନିଟ୍ ପୂର୍ବରୁ ପରୀକ୍ଷା କେନ୍ଦ୍ରର ଦ୍ୱାର ବନ୍ଦ କରାଯିବ। କୌଣସି ପରୀକ୍ଷାର୍ଥୀଙ୍କୁ ଉକ୍ତ ସମୟରେ ପରୀକ୍ଷା କେନ୍ଦ୍ର ଭିତରକୁ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ। ନିର୍ଦ୍ଧାରିତ ସମୟ ପରେ ପରୀକ୍ଷା କେନ୍ଦ୍ରରେ ପ୍ରବେଶ ପାଇଁ ପରୀକ୍ଷା ପରିଚାଳନା କରୁଥିବା କୌଣସି ଅଧିକାରୀଙ୍କୁ ଇଚ୍ଛାମୂଳକ ସାମର୍ଥ୍ୟ ଦିଆଯାଇନାହିଁ। ଏଣୁ କଟକର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଉକ୍ତ ପରୀକ୍ଷା ଦେବାକୁ ସ୍ଥିରୀକୃତ ହୋଇଥିବା ପରୀକ୍ଷାର୍ଥୀ ନିଜ ନିଜର ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଆରମ୍ଭ ହେବାର ଅତିକମ୍‌ରେ ୩୦ ମିନିଟ୍ ପୂର୍ବରୁ ପ୍ରବେଶ କରିବାକୁ ଅନୁରୋଧ କରାଯାଇଛି।






ବାହାର ଜଗତରେ ଘୁରି ବୁଲୁଥିବା ଉଡନ୍ତା ଶକ୍ତିଗୁଡିକ ହାତରେ ନିଜକୁ ଛାଡି ଦିଅନାହିଁ। କୌଣସି କାମ ପାଇଁ ତରବର ଥିଲେ ମଧ୍ୟ, କିଛି ସମୟ ପଛକୁ ହଟିଯାଅ। ଦେଖି ଆଶ୍ଚର୍ଯ୍ୟ ହେବ ଯେ ତୁମ କାମଟି କେତେ ଶୀଘ୍ର ଓ କେତେ ସାଫଲ୍ୟମଣ୍ଡିତ ହୋଇଛି। -ଶ୍ରୀମା

-ଅନଙ୍ଗ ତ୍ରୟୋଦଶୀ

# ସତୀତ୍ୱର ବହ୍ନି



ଦେବଦତ୍ତ ପଟ୍ଟନାୟକ

ୟୁରୋପରେ ଖ୍ରୀଷ୍ଟିଆନ ଧର୍ମଯାଜକ ସଇତାନଙ୍କୁ ପୂଜାକରୁଥିବା ଡାହାଣୀ ସନ୍ଦେହରେ ମହିଳାମାନଙ୍କୁ ଜିଅନ୍ତା ପୋଡ଼ିଦେଉଥିଲେ। ଆରବରେ ଇସ୍‌ଲାମ ଛାଡ଼ିଦେବା ପରିବର୍ତ୍ତେ ମୃତ୍ୟୁକୁ ପସନ୍ଦ କରୁଥିଲେ ଓ ଶହୀଦ ହେଉଥିଲେ। ସେମାନଙ୍କୁ ଏକ ଖାଇରେ ପକାଇ ଦିଆଯାଇ ନିଆଁ ଲଗାଇ ଦିଆଯାଉଥିଲା। ଧର୍ମୀୟ ବିବାଦକୁ ଦେଖିଲେ ମୃତ୍ୟୁର ରଙ୍ଗମଞ୍ଚ ମାନବ ସଂସ୍କୃତିର ଏକ ବଡ଼ ଅଂଶ ହୋଇ ରହିଛି। ଏହି ପରିପ୍ରେକ୍ଷୀରେ ଯେଉଁଥିରେ ହିନ୍ଦୁ ବିଧବାଙ୍କୁ ଜଳିଦିଆଯାଉଥିବା ସତୀପ୍ରଥାକୁ ଦେଖାଯାଉ। ୧୮୯୨ରେ ଇଷ୍ଟ ଇଣ୍ଡିଆ କମ୍ପାନୀ ସତୀପ୍ରଥାକୁ ବନ୍ଦକରିବାକୁ ଏକ ଆଇନ ଆଣିଥିଲେ। ଖ୍ରୀଷ୍ଟଧର୍ମ ପ୍ରଚାରକମାନେ ବହୁ ଦିନ ଧରି ୟୁରୋପୀୟ ଦେଶଗୁଡ଼ିକରେ ଏହି ପ୍ରଥାକୁ ସାମ୍ନାକୁ ଆଣି ବିରୋଧ କରିଥିଲେ। ସେମାନେ ଯୁକ୍ତି ବାଢ଼ିଥିଲେ, ଭାରତ ଏହାର ଉଚ୍ଚ ଦର୍ଶନ ପରିବର୍ତ୍ତେ ଏକ ବର୍ବର ଭୂମି ଥିଲା ଯାହାର ସଭ୍ୟତାକୁ ବଞ୍ଚାଇବାର ଆବଶ୍ୟକତା ଥିଲା। ଏହି ପ୍ରତିବନ୍ଧକକୁ ଅସ୍ୱୀକାର କରି ୧ ଦଶନ୍ଧି ପରେ ଶିଖ୍ ସାମ୍ରାଜ୍ୟରେ ୪ ଜଣ ରାଜପୁତ ରାଣୀ ଏବଂ ୭ ଜଣ ଦାସୀ ରାଜା ରଣଜିତ ସିଂହଙ୍କ ଚିତାଗ୍ନିରେ ଝାସ ଦେଇଥିଲେ। ଏକ କଙ୍ଗଡ଼ା ଚିତ୍ରକଳାରେ ଏହି ଘଟଣାକୁ ଦର୍ଶାଯାଇଥିଲା। ୧୮୬୧ରେ ମାଇକେଲ ମଧୁସୂଦନ ଦତ୍ତ ମେଘନାଦ ବଧ ଗୀତିନାଟ୍ୟ ଲେଖିଥିଲେ। ଏଥିରେ ରାବଣର ପୁତ୍ରବଧୂ ତଥା ଇନ୍ଦ୍ରଜିତଙ୍କ ବିଧବା ରାଣୀ ପ୍ରମିଳାଙ୍କ ସତୀତ୍ୱର କାହାଣୀକୁ ଏହା ସାମ୍ନାକୁ ଆଣିଥିଲେ। ଏହାର ମୂଳ କାହାଣୀ ୭୦୦ ବର୍ଷ ପୁରୁଣା ତେଲଗୁ ରଙ୍ଗନାଥ ରାମାୟଣରେ ରହିଛି। ଏପରିକି ସତୀପ୍ରଥା ବନ୍ଦକୁ ସମର୍ଥନ କରୁଥିବା ହିନ୍ଦୁ ସମାଜ ସଂସ୍କାରକମାନେ ମଧ୍ୟ ଏହି ବେଙ୍ଗଲୀ ଗୀତିନାଟ୍ୟକୁ ପ୍ରଶଂସାକରିବା ତାହାକୁ ସାହିତ୍ୟର ଉତ୍କୃଷ୍ଟ କୃତି ବୋଲି କହିଥିଲେ।

ବୀରାଙ୍ଗନାମାନେ ସେମାନଙ୍କ ସ୍ୱାମୀଙ୍କ ମୃତଦେହ ସହ କିମ୍ବା ବିନା ମୃତଦେହରେ ନିଜକୁ ଅଗ୍ନିରେ ଝାସଦେଇ 'ସତୀ' ହେବା ପରମ୍ପରା କେବେଠୁ ଭାରତରେ ରହିଥିଲା ତାହା କେହି ଠିକ୍ ଭାବେ ଜାଣନ୍ତିନାହିଁ। ସତୀ ଶବ୍ଦର ଅର୍ଥ ପତିବ୍ରତା ନାରୀ। ଏହି ଅମାନବୀୟ ସତୀ ପରମ୍ପରାର ବିଶ୍ୱସ୍ତତା ସିଦ୍ଧାନ୍ତ ସହ ସମ୍ପର୍କ ରହିଛି। ସତୀ ସିଦ୍ଧାନ୍ତରେ ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ବ୍ୟତୀତ ଅନ୍ୟ କାହା କଥା ଚିନ୍ତାକରେ ନାହିଁ। ତାଙ୍କ ପତିଙ୍କର ଅଲୌକିକ ଶକ୍ତି ଥିଲା। ସେହି ପତିବ୍ରତା ନାରୀ ଅଧାଗଢ଼ା ମାଠିଆରେ ପାଣି କାଢ଼ି ପାରୁଥିଲେ, ଯାହା ସତୀ ରେଣୁକାଙ୍କ କାହାଣୀରେ ବର୍ଣ୍ଣନା କରାଯାଇଛି। ସତୀ ନାରୀ ସୂର୍ଯ୍ୟ ଉଦୟକୁ ଅଟକାଇ ଦେଇପାରୁଥିବା କଥା ସତୀ ଶୀଳାବତୀ କାହାଣୀରେ ଉଲ୍ଲେଖ ରହିଛି। ସତୀ ନାରୀ ମଧ୍ୟ ହିନ୍ଦୁଧର୍ମର



ତ୍ରିମୂର୍ତ୍ତିଙ୍କୁ ତାଙ୍କ ସନ୍ତାନରେ ପରିଣତ କରିଦେଇପାରନ୍ତି, ଯାହା ସତୀ ଅନସୂୟା କାହାଣୀରେ ବର୍ଣ୍ଣନା କରାଯାଇଛି। ସତୀ ସାବିତ୍ରୀ ଯମ କବଳରୁ ତାଙ୍କ ସ୍ୱାମୀଙ୍କୁ ରକ୍ଷା କରିପାରିଥିଲେ। ଏଣୁ ଏହା ଗ୍ରହଣକରି ନିଆଗଲା ଯେ, ଜଣେ ସତୀ ନାରୀ ତାଙ୍କ ବୀର ସ୍ୱାମୀଙ୍କୁ ମୃତ୍ୟୁରୁ ରକ୍ଷା କରିପାରିବେ।

ବୈଦିକ ସାହିତ୍ୟରେ ଏହି ପ୍ରଥା ସମ୍ପର୍କରେ କିଛି କୁହାଯାଇନାହିଁ। ଋଗ୍‌ବେଦରେ କେବଳ ଉଲ୍ଲେଖ ରହିଛି, ଜଣେ ବିଧବା ତାଙ୍କ ସ୍ୱାମୀଙ୍କ ମୃତଦେହ କଡ଼ରେ ଶୋଇ ରହନ୍ତି ଓ ପରେ ଅନ୍ୟ ଜଣେ ପୁରୁଷଙ୍କ ହାତ ଧରି ପୁଣି ନୂଆ ଜୀବନକୁ ଫେରନ୍ତି। ଏହା ଉତ୍ତର ଭାରତର ପଶୁପାଳକ ଗୋଷ୍ଠୀର 'ଚାଦର ଚନ୍ଦନ' ପରମ୍ପରାକୁ ଉତ୍ସାହିତ କରିଛି , ଯେଉଁଥିରେ ଜଣେ ବିଧବା ତାଙ୍କ ସ୍ୱାମୀଙ୍କ ସମ୍ପର୍କୀୟଙ୍କୁ ବିବାହ କରିଥାନ୍ତି। ଏହି ପ୍ରକାର ପରମ୍ପରା ଇହୁଦୀ ବାଇବେଲରେ ମଧ୍ୟ ଦେଖିବାକୁ ମିଳେ, ଯେଉଁଠି ତମାର(ରାଜା ଡାଭିଡ୍‌ଙ୍କ କନ୍ୟା ତଥା ଜୁଦାଙ୍କ ପୁତ୍ରବଧୂ)ଙ୍କୁ ତାଙ୍କ ଦିଅରକୁ ବିବାହ କରିବାକୁ ବାଧ୍ୟକରାଯାଇଥିଲା। ନାରୀ ଅଧିକାର ପାଇଁ ଲଢୁଥିବା ବ୍ୟକ୍ତିମାନେ ଏହି ପ୍ରକାର ପୁନର୍ବିବାହକୁ ପୁରୁଷପ୍ରଧାନ ସାମାଜିକ ବ୍ୟବସ୍ଥା ଭାବେ ଦେଖୁଥିଲେ, ଯେହେତୁ ବିଧବାଙ୍କ କୌଣସି ପ୍ରଭାବ ନ ଥିଲା। ବ୍ରାହ୍ମଣ ଓ ରାଜପୁତମାନେ ପୁନର୍ବିବାହକୁ ସ୍ୱୀକାର କରୁ ନ ଥିଲେ। କାରଣ ଏହାକୁ ସେମାନେ ନିମ୍ନ ଜାତିର ପରମ୍ପରା ଭାବେ ଦେଖୁଥିଲେ, ଯାହା ରାମାୟଣର ରାକ୍ଷସ ଓ ମର୍କଟଙ୍କ ମଧ୍ୟରେ ଦେଖିବାକୁ ମିଳେ। ଜଣେ ଉଚ୍ଚଜାତିର ବିଧବା ଯଦି ତାଙ୍କ ସ୍ୱାମୀଙ୍କ ଚିତାରେ ଝାସଦେବାକୁ ମନାକରୁଥିଲେ,ତେବେ ସେ ଲଣ୍ଡାହୋଇ ଶରୀରକୁ ଗହଣାରେ ଢାଙ୍କିହେବା ସହ ବିନା ଲୁଣ କିମ୍ବା ମସଲାଯୁକ୍ତ ଖାଦ୍ୟ ଖାଇଲେ ହିଁ ତାଙ୍କୁ ସମ୍ମାନ ମିଳୁଥିଲା। ସେ ଜଣେ ନନ୍ ଭଳି ବଞ୍ଚୁଥିଲେ ଏବଂ ମଥୁରା ଓ ବୃନ୍ଦାବନର ମନ୍ଦିରଗୁଡ଼ିକରେ ଏକୁଟିଆ ରହୁଥିଲେ। ଷୋଡ଼ଶ ଶତାବ୍ଦୀର ରାଜପୁତ ରାଜକୁମାରୀ ମୀରା ସତୀ ହେବା ପାଇଁ ମନା କରିଦେଇ ସର୍ବସାଧାରଣରେ କୃଷ୍ଣ ଭଜନ ଗାଇବାରେ ନିଜ ଜୀବନକୁ ସମର୍ପିତ କରିଦେଇଥିଲେ। ତାଙ୍କ ପରିବାର ଓ ସମ୍ପର୍କୀୟମାନେ ତାଙ୍କୁ ସମସ୍ୟାରେ ପକାଇବା ଯୋଗୁ ସେ ଅଲୌକିକ ଭାବେ ଦ୍ୱାରକାରେ ଅନ୍ତର୍ଦ୍ଧାନ ହୋଇଯାଇଥିଲେ।

ବିଧବା ନିଆଁରେ ଝାସଦେଇ ମୃତ୍ୟୁବରଣ କରିବାର ପ୍ରମାଣ ନେପାଳ, କେନ୍ଦ୍ର ଓ ପଶ୍ଚିମ ଭାରତରୁ ମିଳିଥିବା ୧୬୦୦ ବର୍ଷ ପୁରୁଣା ପୁରାତନ ପ୍ରତ୍ନତାତ୍ତ୍ୱିକ ଓ ଶିଳାଲେଖରୁ ମିଳେ। ଏହା ହେଉଛି ପାଖାପାଖି ସେହି ସମୟ ଯେତେବେଳେ ରାଜା ସାତବାହାନ ଗୋଦାବରୀ ନଦୀ ଅବବାହିକାକୁ ଅଧିକାର କରିଥିଲେ। ସେହି ସମୟର ଏକ ତାମିଲ ସଙ୍ଗମ କବିତାରେ ଜଣେ ବିଧବା କହିଛନ୍ତି, ''ମୋଟା କାଠଗଣ୍ଡିର ଚିତା ବା ଅଗ୍ନିଶିଖା ତୁମକୁ ଡରାଇଦେବ, କିନ୍ତୁ ତା'ପ୍ରତି ମୋ ମନରେ ଭୟ ନାହିଁ, କାରଣ ମୋ ସହ ବୀର ସ୍ୱାମୀ ରହିଛନ୍ତି। ଏକ ପଦ୍ମପୋଖରୀ ଏବଂ ଏକ ଅଗ୍ନିଶିଖାର ବେଦି ଉଭୟ ମୋ ପାଇଁ ସମାନ (ପୁରାଣନୁରୁ, ୨୪୬)।'' ସେହି ସମୟର ପ୍ରକୃତି ସାହିତ୍ୟର ଗହା ସତ୍ତାସି ( କବିତା ୪୦୭)ରେ ନିଜର ପ୍ରିୟ ସ୍ୱାମୀ କଡ଼ରେ ରହିଥିବା ଜଣେ ବିଧବା ଶରୀରରୁ ନିଗୁଡ଼ୁଥିବା ବୁନ୍ଦାବୁନ୍ଦା ଜଳ କିଭଳି ଚିତାକୁ ଲିଭାଇଦିଏ ସେ ସମ୍ପର୍କରେ ବର୍ଣ୍ଣନା ରହିଛି।

ପ୍ରାୟ ୧୩୦୦ ବର୍ଷ ପୂର୍ବର ପୁରାତନ ବ୍ରାହ୍ମଣୀୟ ଗ୍ରନ୍ଥ (ପ୍ରସାର ଓ ବିଷ୍ଣୁ ଧର୍ମଶାସ୍ତ୍ର)ରେ ଏହି ପ୍ରଥା ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଏହାକୁ ସତୀତ୍ୱ ବଜାୟ ରଖିବା ଏବଂ ସ୍ୱର୍ଗକୁ ଯିବାର ପଥ ବୋଲି କୁହାଯାଇଛି। କିନ୍ତୁ ଏହା କେବଳ ଯୋଦ୍ଧା ସମୁଦାୟଙ୍କ ମଧ୍ୟରେ ସୀମିତ ଥିଲା। ଏଥିରେ ସମ୍ମାନ ମିଳୁଥିଲା, ବେଶ୍ ଲୋକପ୍ରିୟ ଥିଲା। ରାଜସ୍ଥାନଠାରୁ ଆରମ୍ଭକରି କେନ୍ଦ୍ର ଭାରତ, ନର୍ମଦା ଅବବାହିକା ଏବଂ ଓଡ଼ିଶା ପର୍ଯ୍ୟନ୍ତ ସତୀ ପ୍ରଥାର ବ୍ୟାପକ ପ୍ରସାରରୁ ଏହାର ସଙ୍କେତ ମିଳେ। ଚତୁର୍ଦ୍ଦଶ ଶତାବ୍ଦୀରେ ଏହାକୁ ଔପଚାରିକ ଭାବେ ବିରୋଧ କରିବାରେ ପ୍ରଥମ ରାଜା ହେଉଛନ୍ତି ମହମ୍ମଦ ତୋଗଲକ। କିନ୍ତୁ ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀରେ ବିଶେଷକରି ମରାଠା ଓ ରାଜପୁତମାନେ ସତୀ ଝାସଦେଇଥିବା ସ୍ଥାନରେ ସ୍ମାରକ ନିର୍ମାଣ କରିଥିଲେ। ପାଖାପାଖି ୩୦୦ ବର୍ଷ ପୂର୍ବେ ପଶ୍ଚିମବଙ୍ଗର କୁଳୀନ ବ୍ରାହ୍ମଣମାନେ ଏହି ପ୍ରଥାକୁ ଗ୍ରହଣ କରିଥିଲେ। ତେବେ ଚିନ୍ତାର ବିଷୟ ହେଲା, ଏହା କ'ଣ ବହୁ ବିବାହ ପରମ୍ପରା ସହ ରହିଥିଲା ? ଜାତିଶୁଦ୍ଧତାର ସେବାରେ ନିଃସନ୍ତାନ ବାଲ୍ୟ ବିଧବାଙ୍କ ପାଇଁ କୁଳୀନ ପୂଜକ ଗୋଷ୍ଠୀଙ୍କ ଦ୍ୱାରା ଏହା ଯୁକ୍ତିଯୁକ୍ତ ଥିଲା। ସେଥିପାଇଁ ଭାରତକୁ ବଦନାମ କରିବା ଏବଂ ଏହା ଉପରେ ପ୍ରତିବନ୍ଧକ ଲଗାଇବା ସକାଶେ ବ୍ରିଟିଶ ଧର୍ମଯାଜକମାନେ ୟୁରୋପରେ ଜୋର୍‌ସୋର ପ୍ରଚାର କରିଥିଲେ।

-devduttofficial@gmail.com

## ଏଇ ଭାରତରେ

ଜୀବାଶ୍ମ ଇନ୍ଧନ ବ୍ୟବହାର ହ୍ରାସକରି ପରିବେଶ ପ୍ରଦୂଷଣକୁ ନିୟନ୍ତ୍ରଣ କରାଯିବାର ପ୍ରୟାସ କରାଯାଉଛି। ସବୁଜ ଶକ୍ତି ତଥା ଜୈବ ଇନ୍ଧନ ଏହାର ବିକଳ୍ପ ହୋଇଥିବାରୁ ଏବେ ଏସବୁ ଉପରେ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ଆଇଆଇଟି ମାଡ୍ରାସ୍‌ର ପୁରାତନ ଛାତ୍ରମାନଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ସି-୬ ଏନର୍ଜୀ ଫାଉଣ୍ଡେଶନ ସିଓ୍ୱିଡ୍ ବା ସମୁଦ୍ରଶୈବାଳରୁ ବାୟୋଫୁଏଲ ବା ଜୈବ ଇନ୍ଧନ ପ୍ରସ୍ତୁତ କରାଯାଇପାରୁଛି। ସେମାନେ ଏଭଳି ଶୈବାଳକୁ ସମୁଦ୍ରରେ ଚାଷ କରିବାର ବ୍ୟବସ୍ଥା ମଧ୍ୟ କରିଛନ୍ତି। ନେଲ୍‌ସନ ଭାଓ୍ୱସେରି, ଶ୍ରୀକୁମାର ସୂର୍ଯ୍ୟନାରାୟଣ, ଶୈଳଜା ନୋରି ଏବଂ ସୌମ୍ୟା ବାଲେନ୍ଦିରାନ ୨୦୧୦ରେ ଏହି ଷ୍ଟାର୍ଟଅପ୍ ଗଠନ କରିଥିଲେ। ବାୟୋଫୁଏଲ ପ୍ରସ୍ତୁତ ପ୍ରକ୍ରିୟା ସମ୍ପୂର୍ଣ୍ଣ କାର୍ବନ ନ୍ୟୁଟ୍ରାଲ। ଅର୍ଥାତ୍ ଇନ୍ଧନ ପ୍ରସ୍ତୁତବେଳେ ଯେଉଁ ପରିମାଣର କାର୍ବନ ଡାଇଅକ୍ସାଇଡ ନିର୍ଗତ ହେଉଛି ତାହାକୁ ଚାଷ ସମୟରେ ସମୁଦ୍ରଶୈବାଳ ଗ୍ରହଣ କରିନେଉଛି। ଏବେ ଏହି ଷ୍ଟାର୍ଟଅପ୍‌କୁ ନେଦରଲାଣ୍ଡସର ଆକ୍ୱା ସ୍ପାର୍କ ଇନ୍‌ଭେଷ୍ଟମେଣ୍ଟ ଫାର୍ମରୁ ପାଣ୍ଠି ମିଳିଛି। ଏହା ମଧ୍ୟ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍(ଏଚ୍‌ପିସିଏଲ) ସହ ଗବେଷଣା ଓ ପ୍ରଯୁକ୍ତି ବିକାଶ କ୍ଷେତ୍ରରେ ମିଳିତ ଭାବେ କାମ କରୁଛି। ଶୈବାଳ ଚାଷ ହେବାଦ୍ୱାରା ସାମୁଦ୍ରିକ ଜୈବବିବିଧତାର ବିକାଶ ଘଟୁଛି ଏବଂ ଜଳବାୟୁ ପରିବର୍ତ୍ତନ ପଦକ୍ଷେପରେ ସି-୬ ଏନର୍ଜୀ ଫାଉଣ୍ଡେଶନ ସାମିଲ ହୋଇପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୧୦ ଏପ୍ରିଲ ୧୯୭୬

- ଧଉଳିଠାରେ ଏକ ମତ୍ସ୍ୟ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ କେନ୍ଦ୍ର ସରକାର ୪୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।
- ହରିଜନମାନଙ୍କର ସାମାଜିକ ତଥା ଅର୍ଥନୈତିକ ଉନ୍ନତି ନିମନ୍ତେ ୭୩୦ ନିୟୁତ ଟଙ୍କା ବ୍ୟୟ ବରାଦ।
- ବାଙ୍ଗାଲୋରଠାରେ ଥିବା ହିନ୍ଦୁସ୍ତାନ ଯନ୍ତ୍ରପାତି କାରଖାନା ୮୬ କୋଟି ଟଙ୍କାର ଯନ୍ତ୍ରପାତି ଉତ୍ପାଦନ କରି ନୂତନ ରେକର୍ଡ କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 4 | 1 | | | 3 | |
| | 8 | | | | | | | |
| | | 1 | | 8 | | 7 | | 9 |
| | 6 | | | | | 1 | 8 | 2 |
| | 3 | | | | | | | 7 |
| 8 | | 9 | | | | | 6 | 5 |
| | 7 | 8 | | | 9 | | | |
| 3 | | | | | | | | |
| 4 | | | 7 | 6 | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 2 | 4 | 5 | 7 | 3 | 9 | 8 |
| 8 | 7 | 3 | 9 | 6 | 2 | 4 | 1 | 5 |
| 9 | 4 | 5 | 8 | 1 | 3 | 6 | 2 | 7 |
| 6 | 3 | 8 | 1 | 2 | 5 | 7 | 4 | 9 |
| 7 | 5 | 9 | 3 | 4 | 6 | 2 | 8 | 1 |
| 4 | 2 | 1 | 7 | 8 | 9 | 5 | 3 | 6 |
| 5 | 9 | 6 | 2 | 3 | 8 | 1 | 7 | 4 |
| 2 | 8 | 4 | 6 | 7 | 1 | 9 | 5 | 3 |
| 3 | 1 | 7 | 5 | 9 | 4 | 8 | 6 | 2 |

ଗତକାଲିର ଉତ୍ତର

# ବିଶ୍ୱ ରାଜନୀତି ଓ ଟ୍ରମ୍ପ୍



ଜନାର୍ଦ୍ଦନ ପତି

୨୦୨୫, ଜାନୁଆରୀ ୨୦ ତାରିଖରେ ଡୋନାଲ୍ଡ ଟ୍ରମ୍ପ ଯୁକ୍ତରାଷ୍ଟ୍ର ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କଲାପରେ ବିଶ୍ୱର ବିଭିନ୍ନ ଦେଶରେ ଏହାର ପ୍ରତିକ୍ରିୟା ଦେଖାଦେଇଛି। ଟ୍ରମ୍ପ ଘୋଷଣା କରିଥିଲେ ଯେ, ସେ ଶପଥ ନେବାର ୨୪ଘଣ୍ଟା ମଧ୍ୟରେ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ବନ୍ଦ କରିଦେବେ। ଗାଜା ଷ୍ଟ୍ରିପ୍‌ରେ ଯୁଦ୍ଧ ବିରତି ନିମନ୍ତେ ହମାସ ଓ ଇସ୍ରାଏଲ ସରକାର ମଧ୍ୟରେ ଚୁକ୍ତି ହୋଇଥିଲା। ୨୦୨୩ ଅକ୍ଟୋବର ୭ ତାରିଖରୁ ୨୦୨୫, ଜାନୁଆରୀ ୧୯ ପର୍ଯ୍ୟନ୍ତ ଏକପାଖିଆ ଯୁଦ୍ଧରେ ଇସ୍ରାଏଲ ଜିତିପାରିଲା ନାହିଁ। ଇସ୍ରାଏଲ ଗାଜାଷ୍ଟ୍ରିପ୍ ଉପରେ ଯୁଦ୍ଧ ଆରମ୍ଭ କରିବା ପୂର୍ବରୁ ଘୋଷଣା କରିଥିଲା ଯେ, ହମାସ୍‌କୁ ସମୂଳେ ଧ୍ୱଂସ କରିବା ଓ ସମସ୍ତ ପଣବନ୍ଦୀଙ୍କୁ ହମାସ୍ କବଳରୁ ମୁକ୍ତ ନ କଲା ପର୍ଯ୍ୟନ୍ତ ଯୁଦ୍ଧ ଶେଷ ହେବ ନାହିଁ। ଇସ୍ରାଏଲର ଶକ୍ତିଶାଳୀ ସାମରିକ ବାହିନୀ ଓ ଆମେରିକାର ଅସରନ୍ତି ଅସ୍ତ୍ର ଭଣ୍ଡାରରୁ ଇସ୍ରାଏଲକୁ ଅବିରାମ ଅସ୍ତ୍ର ଚାଲାଣ ସତ୍ତ୍ୱେ ହମାସ୍ କ'ଣ ଧ୍ୱଂସ ହୋଇଯାଇଛି? ହମାସ୍ ଅବଶ୍ୟ ଦୁର୍ବଳ ହୋଇଛି ସତ, ମାତ୍ର ଆମେରିକାର ପୂର୍ବତନ ସେକ୍ରେଟାରୀ ଅଫ୍ ଷ୍ଟେଟ୍ସ ବ୍ଲିଙ୍କନଙ୍କ ମତରେ ହମାସ୍ ଯେତିକି ଯୋଦ୍ଧାଙ୍କୁ ଯୁଦ୍ଧରେ ହରାଇଛି, ତା'ଠାରୁ ବେଶି ଯୋଦ୍ଧାଙ୍କୁ ସେମାନେ ତାଙ୍କ ବାହିନୀରେ ସାମିଲ କରିପାରିଛନ୍ତି। ବାସ୍ତବିକ ଏ ଯୁଦ୍ଧରେ ଇସ୍ରାଏଲ ଓ ଆମେରିକାର ପରାଜୟ ଘଟିଛି। ଆମେରିକା ଓ ଇସ୍ରାଏଲ ବିଶ୍ୱରେ କ୍ରମଶଃ ଏକଘରକିଆ ହୋଇଯାଇଛନ୍ତି। ୧୯ ଜାନୁଆରୀ ୨୦୨୫ରେ ହୋଇଥିବା ଯୁଦ୍ଧ ବିରତକୁ ଇସ୍ରାଏଲ ବାତିଲ କରି ପାଲେଷ୍ଟାଇନଙ୍କ ଉପରେ ପୁଣି ଯୁଦ୍ଧ ଓ ହତ୍ୟାକାଣ୍ଡ ଘଟାଇ ଚାଲିଛି।

ଯୁକ୍ତରାଷ୍ଟ୍ର ଆମେରିକାର ବୈଦେଶିକ ନୀତି କ'ଣ ହେବ, ତାହାର ଏକ ଝଲକ ଟ୍ରମ୍ପଙ୍କ ଶପଥଗ୍ରହଣର ୨୪ଘଣ୍ଟା ମଧ୍ୟରେ ଜଣାପଡିଥିଲା। ରୁଷିଆ-ୟୁକ୍ରେନ ଯୁଦ୍ଧ ସମାପ୍ତ ହୋଇନାହିଁ, କିନ୍ତୁ ଆମେରିକାର ୪୭ତମ ରାଷ୍ଟ୍ରପତି ଟ୍ରମ୍ପଙ୍କ ଘୋଷଣା କାନାଡ଼ା, ମେକ୍ସିକୋ, ୟୁରୋପ, ଆଫ୍ରିକା, ପଶ୍ଚିମ ଏସିଆ, ଚାଇନା, ରୁଷିଆ, ଭାରତ, ବ୍ରାଜିଲ ଓ ଦକ୍ଷିଣ ଆଫ୍ରିକା ଉପରେ ପ୍ରଭାବ ପକାଇଛି। ଟ୍ରମ୍ପ ଘୋଷଣା କରିଛନ୍ତି ଯେ, କାନାଡ଼ାର ଅସ୍ତିତ୍ୱ ରହିବ ନାହିଁ ଓ ଏହା ଯୁକ୍ତରାଷ୍ଟ୍ର ଆମେରିକାର ୫୧ତମ ରାଜ୍ୟ ଭାବେ ପରିଗଣିତ ହେବ। କାନାଡ଼ାର ନାଗରିକମାନେ କ'ଣ ଏହାକୁ ଗ୍ରହଣ କରିନେବେ? କାନାଡ଼ା ସରକାର ଟ୍ରମ୍ପଙ୍କ ଏ ପ୍ରକାର ଘୋଷଣାକୁ ପାଗଳାମି ବୋଲି କହିଛି।

ଟ୍ରମ୍ପ କହିଛନ୍ତି ଯେ, ସେ ଡେନମାର୍କଠାରୁ ଗ୍ରୀନ୍‌ଲାଣ୍ଡକୁ ଜବରଦସ୍ତ କିଣିନେବେ ନଚେତ୍ ସାମରିକ ବାହିନୀ ଦ୍ୱାରା ଦଖଲ କରିବେ। ସେ ଆଉ ମଧ୍ୟ କହିଛନ୍ତି, ମେକ୍ସିକୋ ସାଗରକୁ (ଗଲ୍ଫ ଅଫ୍ ମେକ୍ସିକୋ) ଆମେରିକା ସାଗରରେ ନାମିତ କରିବେ। ଏହା ସହ ଟ୍ରମ୍ପ ଦମ୍ଭରେ କହିଛନ୍ତି, ପାନାମାଠାରୁ ପାନାମା କେନାଲର କର୍ତ୍ତୃତ୍ୱକୁ ଛଡ଼ାଇ ନେବେ। ପୃଥିବୀର ମାନଚିତ୍ର ବଦଳାଇବା ପାଇଁ ଘୋଷଣା କରିବା ସହ ସେ ବିଶ୍ୱସ୍ୱାସ୍ଥ୍ୟ ସଂଗଠନଠାରୁ ଯୁକ୍ତରାଷ୍ଟ୍ର ଆମେରିକାର ସମ୍ପର୍କ ଛିନ୍ନ କରିଛନ୍ତି ଓ ପ୍ୟାରିସ ଜଳବାୟୁ ଚୁକ୍ତିନାମାରୁ ଆମେରିକାକୁ ଅଲଗା କରିଛନ୍ତି। ଅର୍ଥାତ୍ ବିଶ୍ୱର ସ୍ୱାସ୍ଥ୍ୟସେବା ଯେପରି ଗୁରୁତର ବ୍ୟାହତ ହେବ, ତାହା ହେଉଛି ଟ୍ରମ୍ପଙ୍କ ଲକ୍ଷ୍ୟ।

ଅର୍ଥନୈତିକ ପ୍ରସଙ୍ଗରେ ଟ୍ରମ୍ପଙ୍କ ଆଦେଶନାମା ଆହୁରି ଗୁରୁତ୍ୱ ବହନ କରିଛି। ୟୁରୋପୀୟ




ଦେଶଗୁଡ଼ିକୁ ସେ ନିର୍ଦ୍ଦେଶ ଦେଇଛନ୍ତି ଯେ, ସେମାନଙ୍କ ଜିଡିପିର ୫ ଶତାଂଶ ସାମରିକ କ୍ଷେତ୍ରରେ ବ୍ୟୟ କରାଯିବା ଆବଶ୍ୟକ। ଯଦିଓ ଆମେରିକା ନିଜେ ବି ଏହି ଅନୁପାତ ସାମରିକ କ୍ଷେତ୍ର ପାଇଁ ବ୍ୟୟ କରିନାହିଁ। ୟୁରୋପୀୟ ଦେଶମାନେ ଆମେରିକାର ଉତ୍ପାଦିତ ସାମଗ୍ରୀ ନ କିଣିଲେ ସେମାନଙ୍କ ପଣ୍ୟ ଉପରେ ୧୦% ଟିକସ ବସାଯିବ ବୋଲି ସେ ଘୋଷଣା କରିଛନ୍ତି। ବ୍ରିକ୍ସ ଦେଶମାନଙ୍କର ପଣ୍ୟ ଉପରେ ୧୦% ଟିକସ ବସାଇବାକୁ ଧମକ ଦେଇଛନ୍ତି।

୧୯୫୦ରୁ ୭୦ ଦଶକରେ ଆମେରିକା ଯେପରି ଭିଏଟନାମ, କୋରିଆ ଓ କାମ୍ବୋଡିଆରେ ଯୁଦ୍ଧ କରି ଶେଷରେ ପରାସ୍ତ ହୋଇଥିଲା ଓ ଆଫଗାନିସ୍ଥାନ ଉପରେ ୨୦ବର୍ଷ ଆକ୍ରମଣ କରି ଶେଷରେ ଏକତରଫା ଯୁଦ୍ଧ ସମାପ୍ତି ଘୋଷଣା କରିଥିଲା- ତାହା ଆମେରିକା ସରକାରଙ୍କ ପାଇଁ ଏକ ଶିକ୍ଷା ହେବା ଆବଶ୍ୟକ। ମାତ୍ର ଡୋନାଲ୍ଡ ଟ୍ରମ୍ପ ଯେଉଁ ରାସ୍ତା ଆପଣେଇଛନ୍ତି, ତାହା ସମଗ୍ର ବିଶ୍ୱକୁ ଏକ ସଙ୍କଟର ଗହ୍ୱର ଭିତରକୁ ଠେଲିଦେବ।

ଟ୍ରମ୍ପ ବାରମ୍ବାର କହୁଛନ୍ତି , ଆମେରିକା ଫାର୍ଷ୍ଟ। ଯଦି ଆମେରିକା ଅତି ଧନୀରୁ ପୁଣି ଧନୀ ଦେଶରେ ପରିଣତ ହୁଏ ଓ ଅନ୍ୟ ସମସ୍ତ ଦେଶ ଗରିବ ହୋଇ ରହିବେ, ତେବେ ଆମେରିକା କିପରି ନିଜକୁ ବଞ୍ଚାଇପାରିବ। ଅର୍ଥ ଓ ସାମରିକ ଅସ୍ତ୍ରରେ ବଳୀୟାନ ହୋଇ ସମଗ୍ର ବିଶ୍ୱକୁ ପଦାନତ କରିବାର ଆସ୍ପର୍ଦ୍ଧା ଯଦି କୌଣସି ବ୍ୟକ୍ତି ବା କୌଣସି ରାଷ୍ଟ୍ର ଦେଖାଏ, ତେବେ ତା'ର ପତନ ଅନିବାର୍ଯ୍ୟ। ଆଲେକଜାଣ୍ଡାର, ନେପୋଲିୟନ, ହିଟ୍‌ଲରଙ୍କ ବିଶ୍ୱ ବିଜୟ ଅଭିଯାନର ପରିଣାମ କ'ଣ ହୋଇଥିଲା, ତାହା ଇତିହାସ ଆମକୁ ବାରମ୍ବାର ସ୍ମରଣ କରାଇ ଦେଇଥାଏ।

ମାର୍କ୍ସ ଲେଖିଛନ୍ତି- ''ପୁଞ୍ଜି ହେଉଛି ଏକ ମୃତ ପିଶାଚ। ଶ୍ରମଜୀବୀ ମଣିଷ ଓ ସାଧାରଣ ଜନତାଙ୍କ ରକ୍ତ ପିଇପିଇ ଏହା ଦାନବ ହୋଇ ଠିଆ ହୁଏ।'' ସପ୍ତଦଶ ଶତାବ୍ଦୀ ପରଠାରୁ ୟୁରୋପୀୟ ପୁଞ୍ଜିପତିମାନେ ସମଗ୍ର ବିଶ୍ୱକୁ ଦଖଲ କରି ନିଜ ଅକ୍ତିଆରରେ ରଖିଥିଲେ। ଏସିଆ, ଆଫ୍ରିକା, ଲାଟିନ୍ ଆମେରିକା, ଅଷ୍ଟ୍ରେଲିଆ ଓ ଆମେରିକାକୁ ଏମାନେ ଦଖଲ କରିଥିଲେ। ଏକବିଂଶ ଶତାବ୍ଦୀରେ ପୁଞ୍ଜିପତିଙ୍କ ସବୁଠାରୁ ଦାନବୀୟ ଶକ୍ତିମାନେ ଯୁକ୍ତରାଷ୍ଟ୍ର ଆମେରିକା ନେତୃତ୍ୱରେ ସମଗ୍ର ବିଶ୍ୱ ଦଖଲ ପାଇଁ ଉଦ୍ୟମରତ। ସେଇଥିପାଇଁ ସେମାନେ ଲାଟିନ୍ ଆମେରିକାର ଖଣିଜ ସମ୍ପଦ, ମଧ୍ୟପ୍ରାଚ୍ୟର ତୈଳ, ଗ୍ୟାସ୍ ଓ ଏସିଆର ପ୍ରାକୃତିକ ସମ୍ପଦ ଲୁଣ୍ଠନ ପାଇଁ ନାନାଦି ଫନ୍ଦି ବାହାର କରୁଛନ୍ତି। ପାଲେଷ୍ଟାନୀୟମାନଙ୍କର ଆତ୍ମନିୟନ୍ତ୍ରଣ ଅଧିକାର ଓ ଜାତିର ମାନ୍ୟତା ହରଣ କରାଯାଉଛି।

ଟ୍ରମ୍ପଙ୍କ ଘୋଷଣା ବା ଧମକ ଜଣେ ବ୍ୟକ୍ତିର ନୁହେଁ, ଏହା ସମଗ୍ର ପୁଞ୍ଜିପତି ଶ୍ରେଣୀର ଅପ୍ରତିଦ୍ୱନ୍ଦ୍ୱୀ ଦାନବର ଧମକ। ଆମ ଦେଶରେ ସରକାର ଦେଶୀ ଓ ବିଦେଶୀ ପୁଞ୍ଜିପତିଙ୍କ ସ୍ୱାର୍ଥ ପାଇଁ ଶ୍ରମିକମାନଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରୁଛନ୍ତି, ବେକାରମାନଙ୍କୁ ରୋଜଗାରର ଗ୍ୟାରେଣ୍ଟି ଦେବାକୁ ଅସ୍ୱୀକାର କରୁଛନ୍ତି । ଭାରତ ଉପରେ ଅତ୍ୟଧିକ ଟିକସ ଲଗାଇବାକୁ ଟ୍ରମ୍ପ ବାରମ୍ବାର ଧମକ ଦେବା ସତ୍ତ୍ୱେ ସରକାର ନୀରବ ରହୁଛନ୍ତି। କଲମ୍ବିଆ, କାନାଡ଼ା, ମେକ୍ସିକୋ, ୟୁରୋପ ଓ ଚାଇନା ଆଦି ଆମେରିକାକୁ ମୁହଁତୋଡ଼ ଜବାବ ଦେଲାବେଳେ ଭାରତ ଆମେରିକା ପାଖରେ ନତଜାନୁ ହୋଇ ରହିଛି। ବିଶ୍ୱର ସମସାମୟିକ ପରିସ୍ଥିତି କ୍ରମଶଃ ଅଧିକରୁ ଅଧିକ ସଙ୍କଟମୟ ହେବାରେ ଲାଗିଛି। ପ୍ରତ୍ୟେକ ଦେଶର ସଚେତନ ଜନସାଧାରଣଙ୍କ ଐକ୍ୟବଦ୍ଧ ପ୍ରତିରୋଧ ହିଁ ସମଗ୍ର ମାନବଜାତିକୁ ଆଗାମୀ ବିପଜ୍ଜନକ ପରିସ୍ଥିତିରୁ ମୁକୁଳାଇ ପାରିବ ଓ ଟ୍ରମ୍ପଙ୍କ ବିଶ୍ୱ ଦଖଲ ଅଭିଯାନକୁ ରୋକିପାରିବ।

ମୋ:୯୪୩୭୦୦୭୭୭୦

# ବିଚାର ଆପଣଙ୍କର



ଭାସ୍କର ବାରିକ

ମାତାପିତାଙ୍କଠାରୁ ଦୁନିଆରେ ଆଉ ବଡ଼ ଦେବତା ନାହାନ୍ତି। ବାପାମା'ଙ୍କୁ ଭକ୍ତି କରୁଥିବା, ତାଙ୍କର ସେବା କରୁଥିବା ସନ୍ତାନ ଜୀବନରେ କେବେ କେଉଁଠି ବି ହାରେନି। ବାପାମା'ଙ୍କର ଆଶିଷର ହାତ ସନ୍ତାନ ଉପରେ ଥିଲେ, ଜୀବନର ସମସ୍ତ ଝଡ଼ଝଞ୍ଜାକୁ ସେ ଅକ୍ଳେଶରେ ସାମନା କରିପାରେ। କିନ୍ତୁ ଏବର ଦୁନିଆରେ ବାପାମା'ଙ୍କ ସାହାରାରେ ବଡ଼ହୋଇ ନିଜ ଗୋଡ଼ରେ ଠିଆହେଲା ପରେ କିଛି ସନ୍ତାନ ନିଜ ବାଟରେ। ପରିଣତ ବୟସରେ ବାପାମା' ଗାଁରେ ଆଉ ଶିକ୍ଷିତ ସନ୍ତାନ ପରିବାର ସହିତ ସହରରେ। ଆଉ ଯେଉଁ ବାପାମା' ଜୀବନର ସର୍ବସ୍ୱ ହରେଇ ନିଜ ସନ୍ତାନର ସୁଖ ମନାସୁଥିଲେ, ହଜାରେ ମନ୍ଦିର ଯାଇ ସନ୍ତାନର ସଫଳତା ଓ ଉନ୍ନତି ପାଇଁ ଠାକୁରଙ୍କ ପାଖରେ ମାନସିକ ରଖୁଥିଲେ, ବୁଢ଼ା ବୟସରେ ପାଇଲେ କ'ଣ ସେମାନେ? ଦୁନିଆର ଆଲୋକ ଦେଖେଇଥିବା, ବଢ଼େଇ କୁଢେଇ ମଣିଷ କରିଥିବା ଜିଅନ୍ତା ଠାକୁରଙ୍କୁ ବାର୍ଦ୍ଧକ୍ୟ ଅବସ୍ଥାରେ ହତାଦର କରିବା କ'ଣ ମଣିଷ ପଣିଆ? ଯେଉଁ ସନ୍ତାନମାନେ ଏମିତି କରୁଛନ୍ତି, ସେମାନଙ୍କ ବାର୍ଦ୍ଧକ୍ୟ ସମୟରେ ତାଙ୍କ ନିଜର ସନ୍ତାନ ସନ୍ତତି ଠାରୁ ଏମିତି ବ୍ୟବହାର ପାଇବା ଏକପ୍ରକାର ନିଶ୍ଚିତ। କଥାରେ ଅଛି ପରା ଯେମିତି ବୁଣିବ, ସେମିତି କାଟିବ।

ବୟସର ଅପରାହ୍ନରେ ନଇଁ ଯାଇଛି ଅଣ୍ଟା। ସ୍ପଷ୍ଟ ଭାବରେ କଥା କହିବାର ସାମର୍ଥ୍ୟ ହରେଇବା ଉପରେ ବୃଦ୍ଧ ଜଣକ। କେଉଁ ମୁହୂର୍ତ୍ତରେ ଆସିପାରେ ଉପରୁ ଡାକରା। ସେହି ବୃଦ୍ଧ ବ୍ୟକ୍ତି ଜଣଙ୍କ ବୁଲୁଛନ୍ତି ଜଗନ୍ନାଥ ଧାମ ପୁରୀ ବଡ଼ଦାଣ୍ଡରେ। କାମ କରିବାର ଶକ୍ତି ଆଉ ନାହିଁ। ଭିକ୍ଷାବୃତ୍ତି କରି ପେଟ ପୋଷୁଛନ୍ତି। ରାତି ହେଲେ କେଉଁ ଦୋକାନ ବାରଣ୍ଡା ହିଁ ପାଲଟୁଛି ତାଙ୍କ ଆଶ୍ରୟସ୍ଥଳୀ। ଏକ ଓଡ଼ିଆ ଟିଭି ଚାନେଲରେ ଏମିତି ଦୃଶ୍ୟର ପ୍ରସାରଣ ସେଦିନ ଦେଖିବା ପରେ ମନ ଭିତରେ ଝଡ଼ ଉଠୁଥିଲା। ଥରଥର କଣ୍ଠରେ ବ୍ୟକ୍ତି ଜଣଙ୍କ ତାଙ୍କର ଅତୀତକୁ ଖୋଲିଦେଇଥିଲେ ଦୁନିଆ ଆଗରେ। ସେ ଏକ ଛୋଟିଆ ଚାକିରି କରିଥିଲେ । ଯେଉଁ ସଂସ୍ଥାରେ ଚାକିରି କରିଥିଲେ, ସେହି ସଂସ୍ଥାରେ ପେନ୍‌ସନ ପାଇବାର କୌଣସି ବ୍ୟବସ୍ଥା ନ ଥିଲା। ଚାକିରି କାଳ ଭିତରେ ନିଜର ସମସ୍ତ ଅର୍ଥ ଘର ଚଳେଇବା , ପିଲା ଦୁଇଜଣଙ୍କ ପାଠ ପଢ଼ାରେ ଗଲା। ଅବସର ସମୟରେ ଯେଉଁ ଅର୍ଥ ପାଇଥିଲେ, ସେହି ଅର୍ଥରେ ଝିଅର ବାହାଘର ସାରିଦେଲେ। ଝିଅ ବାହାଘର ପରେ ପରେ ତାଙ୍କ ସ୍ତ୍ରୀ ଉପରକୁ ବାଟ କାଟିଲେ। ଏକୁଟିଆ ହୋଇଗଲେ ସେ। ଆଉ ଯାହା କିଛି ଟଙ୍କା ବାକିଥିଲା ଏକମାତ୍ର ପୁଅର ଉଚ୍ଚ ଶିକ୍ଷାରେ ଗଲା। ଆଶା ଥିଲା ପୁଅ ନିଜ ଗୋଡ଼ରେ ଠିଆହେଲା ପରେ ତାଙ୍କର ଆଉ କିଛି ଅସୁବିଧା ହେବନାହିଁ। ମଣିଷର ଆଶା ପରା ଅସୁମାରୀ। ପୁଅ ଭଲ ପାଠ ପଢ଼ି ଉଚ୍ଚ ପଦବୀରେ ବସିଲା। ପୁଅ ଚାକିରି କଲାପରେ ମଉସା ଭାବିଥିଲେ ତାଙ୍କ ଜୀବନ ସଫଳ ହୋଇଛି। କିନ୍ତୁ ବାସ୍ତବରେ ଦୁର୍ଭାଗ୍ୟ ଏଇଠୁ ଆରମ୍ଭ ହେଲା। ପୁଅ ଉଚ୍ଚପଦସ୍ଥ ଅଧିକାରୀ ହେଲାପରେ ଆଉ ଗାଁରେ ଥିବା ବୁଢ଼ା ବାପାକୁ ଅନେଇଲା ନାହିଁ। ସହରର ଚାକଚକ୍ୟ ଭିତରେ ଆରାମଦାୟକ ଜୀବନ ଜିଇଲା। ବୟସର ତାଡ଼ନା, ପେଟର ଭୋକ ଓ ଯାବତୀୟ ଯନ୍ତ୍ରଣାର ଶିକାର ହେଉଥିଲେ ମଧ୍ୟ ସେହି ବୃଦ୍ଧ ବ୍ୟକ୍ତି ପୁଅକୁ ଆଶୀର୍ବାଦ କରୁଥିଲେ ଟିଭି ପରଦାରେ। କହୁଥିଲେ, ପୁଅ ମୋର ଯେଉଁଠି ଅଛି, ଖୁସିରେ ରହୁ। ଈଶ୍ୱର ତା'ର ମଙ୍ଗଳ କରନ୍ତୁ। ବୋଧହୁଏ ଦୁନିଆରେ ସବୁ ବାପାମାନେ ଏମିତି ସନ୍ତାନର ମଙ୍ଗଳ କାମନା କରୁଥାନ୍ତି ରାତିଦିନ। କଥାରୁ ସ୍ପଷ୍ଟ ବାରିହେଉଥିଲା ତାଙ୍କ ଜୀବନର ଜ୍ୱଳନ, ଉତ୍ପୀଡ଼ନ, ନିଃସଙ୍ଗ ପଣିଆ, ଅସହାୟତା ଓ ଯନ୍ତ୍ରଣା। ଆଜିକାଲି ଦୁନିଆରେ ଏମିତି ଅନେକ ଘଟଣା ଘଟୁଛି। ଆମେ ଅତ୍ୟଧିକ ବସ୍ତୁବାଦୀ ହୋଇଯାଇଛୁ। ମାନବୀୟ ଗୁଣ ଓ ରକ୍ତ ସମ୍ପର୍କକୁ ପଛରେ ପକେଇ ବ୍ୟକ୍ତିବାଦୀ ହୋଇ ଯାଉଛୁ ଯାହା ଆଦୌ ଗ୍ରହଣୀୟ ନୁହେଁ। ଜୀବନର ନିଷ୍ଠୁର ବାସ୍ତବତାକୁ ଅନୁଭବ କଲାବେଳକୁ ହୁଏତ ନେଡ଼ିଗୁଡ଼ କହୁଣିକୁ ଛୁଇଁ ସାରିଥିବ। ଯେତେ ଲୁହ ଝରେଇଲେ ବି ଆଉ କିଛି ଲାଭ ହେବନି। ଆଜିର ବଳ ବୟସ କ୍ଷମତା ପଦବୀ ରୋଜଗାର କାଲିକୁ ନ ଥିବ। ଆଉ ତା' ପରେ ? ପରିଣତ ବୟସରେ ବାପାମା'ଙ୍କ ଆଖିରୁ ଝରୁଥିବା ତତଲା ଲୁହ କାହା ଉପରେ ପଡ଼ିବ ? ଏ ପାପ କୁକର୍ମର ଫଳ କିଏ ଭୋଗିବ ? ଶେଷରେ ଏତିକି କହିବି ସତରେ କ'ଣ ଏହି ବୃଦ୍ଧଙ୍କ ଭଳି ବାପାମାନଙ୍କ ପୁଅମାନଙ୍କୁ ଆମେ ମଣିଷର ଆଖ୍ୟା ଦେଇପାରିବା ? ବିଚାର ଆପଣମାନଙ୍କର।

ବାସୁଦେବପୁର,ଭଦ୍ରକ
ମୋ: ୯୪୩୭୩୨୦୩୫୦

## ଚିରନ୍ତନୀ

ତପତ ହିୟା ଶାନ୍ତିସମ
ସେ ରୂପ ପ୍ରାଣେ ଭାତିଲା ମମ
ନ ଛୁଏଁ ଯଥା ପାଦପ ଛାୟା
ନିଦାଘ ଘୋର ତାପ
ଛୁଇଁନି ତନୁ ପଥର ଅଭିଶାପ।
-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କେନ୍ଦ୍ରାପଡ଼ା ପ୍ରତି ଦୃଷ୍ଟି ଦିଆଯାଉ

ମହାଶୟ,

ଚଳିତ ୧ ଏପ୍ରିଲରେ କେନ୍ଦ୍ରାପଡ଼ା ଜିଲା ଗଠନକୁ ୩୨ ବର୍ଷ ପୂରିଛି। ତେବେ ଜିଲାର ଯେପରି ବିକାଶ ହେବାକଥା, ତାହା ହୋଇପାରିନାହିଁ। ପାରାଦୀପ -ହରିଦାସପୁର ରେଳପଥ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଏହି ରୁଟ୍‌ରେ ଏଯାବତ୍ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ କରିନାହିଁ। ଶିଳ୍ପାନୁଷ୍ଠାନ ନ ଥିବାରୁ ଏହା ଏକ ଶିଳ୍ପବିହୀନ ଜିଲାରେ ପରିଣତ ହୋଇଛି। ଦୁଃଖର କଥା, ଅନେକ ସେତୁ ବର୍ଷ ବର୍ଷ ଧରି ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି। ଉପାନ୍ତ ଗ୍ରାମରୁ ବ୍ଲକ ଓ ଜିଲା ସଦର ମହକୁମାକୁ ଯିବା ଲାଗି ସରକାରଙ୍କ 'ଲକ୍ଷ୍ମୀ' ବସ୍ ସେବା ଉପଲବ୍ଧ ନାହିଁ। ସେହିପରି ରାଜ୍ୟର ଅନେକ କଲେଜ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଛି। କିନ୍ତୁ କେନ୍ଦ୍ରାପଡ଼ା କଲେଜ ଏଥିରୁ ବଞ୍ଚିତ। ଜିଲାରେ ମେଡିକାଲ କଲେଜଟିଏ ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ, କୃଷି, ପର୍ଯ୍ୟଟନ, ପିଇବା ପାଣି- ବିକାଶର ପ୍ରତିଟି ସୂଚକାଙ୍କରେ ଏହି ଜିଲା ପଛୁଆ। କେନ୍ଦ୍ରାପଡ଼ା ଜିଲାର ବିକାଶ ଲାଗି ରାଜ୍ୟ ସରକାର ବିଶେଷ ଦୃଷ୍ଟି ଦିଅନ୍ତୁ।

**-ପ୍ରତାପ କୁମାର ନାୟକ, କନପୁର, ଦୋମଣ୍ଡା, ରାଜକନିକା, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରାଜ୍ୟ ପରିବହନ ନିଗମର ସମ୍ପତ୍ତି ବାଜ୍ୟାପ୍ତି

## ଜମା ଟଙ୍କା ଫେରସ୍ତରେ ଅବହେଳା

### ସୁଧ ମୂଳ ମିଶି ୩ ଲକ୍ଷ ୧୦ ହଜାର ଦେବାକୁ ସିଭିଲ କୋର୍ଟଙ୍କ ନିର୍ଦ୍ଦେଶ ଥିଲା

ସମ୍ବଲପୁର,୯।୪(ଭବାନୀ ଶଙ୍କର ଭୋଇ)



ଓଡ଼ିଶା ରାଜ୍ୟ ପରିବହନ ନିଗମ ସମ୍ବଲପୁର କାର୍ଯ୍ୟାଳୟର ବାଜ୍ୟାପ୍ତ ସମ୍ପତ୍ତି ନିଆଯାଉଛି ।

ଲିଜ୍‌ଧାରୀଙ୍କୁ ସେମାନଙ୍କ ଟଙ୍କା ଫେରସ୍ତ କରିବାରେ ଅବହେଳା ମାମଲା ସମ୍ବଲପୁର ସିଭିଲ କୋର୍ଟଙ୍କ ନିର୍ଦ୍ଦେଶରେ ବୁଧବାର ଓଡ଼ିଶା ରାଜ୍ୟ ପରିବହନ ନିଗମ ସମ୍ବଲପୁର କାର୍ଯ୍ୟାଳୟର ସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି କରାଯାଇଛି । ସମ୍ବଲପୁର ସିଭିଲ କୋର୍ଟର କର୍ମଚାରୀଙ୍କ ତତ୍ତ୍ୱାବଧାନରେ ମୁଦିପଡ଼ାସ୍ଥିତ ରାଜ୍ୟ ପରିବହନ ନିଗମ କାର୍ଯ୍ୟାଳୟର ସମ୍ପତ୍ତି ବାଜ୍ୟାପ୍ତି କରାଯାଇଥିଲା । ଜମା ଟଙ୍କା ଫେରସ୍ତ କରିବାରେ ଓଡ଼ିଶା ରାଜ୍ୟ ପରିବହନ ନିଗମ କର୍ତ୍ତୃପକ୍ଷଙ୍କ ପକ୍ଷରୁ ହଇରାଣ କରାଯିବା ନେଇ ଲିଜଧାରୀ ବସ୍ ମାଲିକ କୋର୍ଟର ଦ୍ୱାରସ୍ଥ ହୋଇଥିଲେ । ମାମଲାର ଶୁଣାଣି କରି ସିଭିଲ ଜଜ କାର୍ଯ୍ୟାଳୟର ସମ୍ପତ୍ତି ବାଜ୍ୟାପ୍ତି କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

୧୯୯୯ ମସିହାରେ ଓଡ଼ିଶା ରାଜ୍ୟ ପରିବହନ ନିଗମ ପକ୍ଷରୁ ସମ୍ବଲପୁରରୁ ଜୟପୁର ପର୍ଯ୍ୟନ୍ତ ସରକାରୀ ବସ୍ ଚଳାଇବା ପାଇଁ ଟେଣ୍ଡର କରିଥିଲା । ସରୋଜ ତ୍ରିପାଠୀ ନାମକ ଜଣେ ବ୍ୟକ୍ତି ପରିବହନ ନିଗମକୁ ୫୦ ହଜାର ଟଙ୍କା ସିକ୍ୟୁରିଟି ଦେଇ ଏକ ବସ୍ ଲିଜ୍‌ରେ ନେଇଥିଲେ । ହେଲେ ପରିବହନ ବିଭାଗ ତାଙ୍କୁ ଏକ ଖରାପ ବସ୍ ଲିଜ୍‌ରେ ଦେଇଥିଲା । ବସ୍‌କୁ ମରାମତି କରି ସମ୍ବଲପୁର-ଜୟପୁର ରୁଟ୍‌ରେ ଚଳାଚଳ କରିଥିଲେ । ହେଲେ ଏକ ବର୍ଷ ପାଇଁ ଚୁକ୍ତି ଥିବାସତ୍ତ୍ୱେ ପରିବହନ ବିଭାଗ ୬ମାସ ପରେ ଆଉ ବସ୍ ଚଳାଇବା ପାଇଁ ଅନୁମତି ଦେଲେ ନାହିଁ । ଫଳରେ ଲିଜ୍ ନେଇଥିବା ବ୍ୟକ୍ତି ପରିବହନ ବିଭାଗକୁ ଦେଇଥିବା ଜମାରୁ ଛଅ ମାସର ଜମା ଟଙ୍କା କାଟି ବକେୟା ୨୫ ହଜାର ଟଙ୍କା ଫେରସ୍ତ କରିବାକୁ ଦାବି କରିଥିଲେ । କିନ୍ତୁ ବିଭାଗ ଟଙ୍କା ଫେରାଇ ନ ଥିଲା । ଏହାକୁ ନେଇ ସରୋଜ ୨୦୦୦ ମସିହାରେ ସମ୍ବଲପୁର ସିଭିଲ କୋର୍ଟରେ ମାମଲା ଦାଏର କରିଥିଲେ । ଦୁଇଥର ଡିଗ୍ରୀ ପାଇଥିଲେ ମଧ୍ୟ ପରିବହନ ବିଭାଗ ଟଙ୍କା ଫେରାଇ ନ ଥିଲା । ଶେଷରେ କୋର୍ଟ ସୁଧ ମୂଳ ମିଶି ୩ ଲକ୍ଷ ୧୦ ହଜାର ଟଙ୍କା ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ତେବେ ଏହି ଟଙ୍କା ପଇଠ ନ କରିବା ଫଳରେ ବୁଧବାର ମୁଦିପଡ଼ାସ୍ଥିତ ରାଜ୍ୟ ପରିବହନ ନିଗମ କାର୍ଯ୍ୟାଳୟର ୩ଟି କମ୍ପ୍ୟୁଟର, ୪ଟି ଚେୟାର ଟେବୁଲ ବାଜ୍ୟାପ୍ତି କରାଯାଇଥିଲା । ଘଟଣା ବିଷୟରେ ଓଡ଼ିଶା ରାଜ୍ୟ ପରିବହନ ନିଗମ ଜିଲା ପ୍ରବନ୍ଧକ ଗୋପାଳକୃଷ୍ଣ ବିଶୋଇ କହିଛନ୍ତି, କୋର୍ଟର ନିର୍ଦ୍ଦେଶ ନେଇ ତାଙ୍କ ପାଖରେ କୌଣସି ସୂଚନା ନ ଥିଲା । ହଠାତ୍ କୋର୍ଟ ଆଦେଶ ଦେଖାଇ ସମ୍ପତ୍ତି ବାଜ୍ୟାପ୍ତି କରାଯାଇଥିଲା । ସେ ଘଟଣା ବିଷୟରେ ଉପରିସ୍ଥ ଅଧିକାରୀମାନଙ୍କୁ ଜଣାଇଥିବା କହିଛନ୍ତି ।

# ମାଣ୍ଡିଆ ସଂଗ୍ରହରେ ୭ ବର୍ଷର ରେକର୍ଡ ଭାଙ୍ଗିଲା କୋରାପୁଟ ଜିଲା

## ୧୪,୫୭୪ ଚାଷୀଙ୍କଠାରୁ ୨,୩୯,୮୭୫ କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ

କୋରାପୁଟ/ନନ୍ଦପୁର,୯।୪(ଅମିତାଭ ବେହେରା/ତୁଷାରକାନ୍ତ ମହାନ୍ତି)



ଚାଷୀ ମାଣ୍ଡିଆ ଅମଳ କରୁଛନ୍ତି ।

ମାଣ୍ଡିଆ ଚାଷ ଓ ଚାଷୀଙ୍କ ପାଇଁ ରାଜ୍ୟ ସରକାରଙ୍କ ୨ଟଙ୍କା ୧୦ ପଇସାର ଆର୍ଥିକ ପ୍ରୋତ୍ସାହନ ଯୋଗୁ କୋରାପୁଟ ଜିଲା ମାଣ୍ଡିଆ ସଂଗ୍ରହରେ ଗତ ୭ ବର୍ଷର ରେକର୍ଡ ଭାଙ୍ଗିଛି । ଚଳିତ ଏପ୍ରିଲ ୭ ସୁଦ୍ଧା ଜିଲାର ୧୪,୫୭୪ ଚାଷୀଙ୍କଠାରୁ ଧାର୍ଯ୍ୟ ଲକ୍ଷ୍ୟ ୨,୪୪,୨୦୦ କୁଇଣ୍ଟାଲ ମଧ୍ୟରୁ ୨,୩୯,୮୭୫ କୁଇଣ୍ଟାଲ ମାଣ୍ଡିଆ କ୍ରୟକରି ସଂଗ୍ରହ କରାଯାଇଥିବା କୋରାପୁଟ ଜିଲାପାଳ ଭି.କୀର୍ତ୍ତିଭାସନ ସୂଚନା ଦେଇଛନ୍ତି । ଧାର୍ଯ୍ୟ ସମୟ ଓ ଲକ୍ଷ୍ୟଠାରୁ ଅଧିକ ମାଣ୍ଡିଆ ସଂଗ୍ରହ କରି ଚାଷୀଙ୍କୁ ସ୍ୱାବଲମ୍ବୀ, ରୋଜଗାରକ୍ଷମ ଓ ବିଶ୍ୱ ଦରବାରରେ ମଣ୍ଡିଆର ପୁଷ୍ଟିପୋଷକ ତତ୍ତ୍ୱକୁ ସ୍ୱତନ୍ତ୍ର ସ୍ଥାନ ଦେବାକୁ ରାଜ୍ୟ ସରକାରଙ୍କ ଚେଷ୍ଟା ସଫଳ ହୋଇଥିବା ସେ କହିଛନ୍ତି ।

ସୂଚନା ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଜିଲା ପ୍ରଶାସନ, ଟିଡିସିସିଓଏଲ୍ ଓ ମିଲେଟ ମିଶନ କର୍ମକର୍ତ୍ତା ସରକାରଙ୍କ 'ଶ୍ରୀ ଅନ୍ନ ଅଭିଯାନ'ଯୋଜନା ମାଧ୍ୟମରେ ଜିଲାର ଚାଷୀଙ୍କଠାରୁ ମାଣ୍ଡିଆ ସଂଗ୍ରହ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଥିଲେ । ଚାଷୀଙ୍କଠାରୁ ସିଧାସଳଖ ମାଣ୍ଡିଆ କ୍ରୟ ପାଇଁ ଜିଲାର ୧୪ ବ୍ଲକ୍ ଅଞ୍ଚଳରେ କାର୍ଯ୍ୟରତ ୨୧ କୃଷି ଉତ୍ପାଦକ ସମିତି(ଏଫ୍‌ପିଓ) ଓ ସମବାୟ ସମିତି(ଲ୍ୟାମ୍ପସ) ନିଯୁକ୍ତ କରାଯାଇଥିଲା । ସମସ୍ତ ଚାଷୀଙ୍କ ବ୍ୟାଙ୍କ ଖାତାକୁ ମାଣ୍ଡିଆର ଧାର୍ଯ୍ୟ ଏମ୍‌ଏସ୍‌ପି ମୂଲ୍ୟ କିଲୋ ପିଛା ୪୨ଟଙ୍କା ୯୦ ପଇସା ଓ ରାଜ୍ୟ ସରକାରଙ୍କ କିଲୋ ପିଛା ୨ଟଙ୍କା ୧୦ ପଇସାର ପ୍ରୋତ୍ସାହନ ରାଶିକୁ ମିଶାଇ ୪୫ ଟଙ୍କା ହାରରେ ମୂଲ୍ୟ ପୈଠ କରାଯାଇଛି । ମାଣ୍ଡିଆ କ୍ରୟ ପାଇଁ ଧାର୍ଯ୍ୟ ଲକ୍ଷ୍ୟର ୯୮.୨ ପ୍ରତିଶତ ଲକ୍ଷ୍ୟ ହାସଲକରି କୋରାପୁଟ ଜିଲା ୭ ବର୍ଷର ରେକର୍ଡ ଭାଙ୍ଗିଥିବାରୁ ଜିଲାର ସମସ୍ତ ମାଣ୍ଡିଆ ଚାଷୀ, କ୍ରୟ କରିଥିବା ଏଫ୍‌ପିଓ, ଲ୍ୟାମ୍ପସ, ମିଲେଟ୍ ମିଶନ ଓ ଟିଡିସିସିଓଏଲ୍ କର୍ତ୍ତୃପକ୍ଷଙ୍କ ପ୍ରଶଂସା କରିଛନ୍ତି । ନନ୍ଦପୁର ବ୍ଲକ୍‌ରେ ଚଳିତ ବର୍ଷ ୬ଟି କେନ୍ଦ୍ର ସ୍ଥାପନକରି ମାଣ୍ଡିଆ କ୍ରୟ କରିଥିବା ଶ୍ରୀ ଜୈବିକ ଫାର୍ମର୍ସ କୃଷି ଉତ୍ପାଦକ ସମିତି ୨୩୮୨ ଚାଷୀଙ୍କଠାରୁ ୩୪,୯୫୦ କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ କରିଛି । ସେହିପରି ଲମତାପୁଟ ବ୍ଲକ୍‌ରେ ସର୍ବାଧିକ ୨୫୯୭ ଚାଷୀଙ୍କଠାରୁ ୪୧ ହଜାର କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ କରିବା ରେକର୍ଡ ହୋଇଛି । ଜିଲାରେ ୨୦୨୩-୨୪ରେ ୩୮ଟଙ୍କା ୪୬ ପଇସା ଏମ୍‌ଏସ୍‌ପି ହାରରେ ୮୨୩୨ ଚାଷୀଙ୍କଠାରୁ ୧,୧୮,୬୨୪ କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯାଇଥିଲା ବୋଲି ଜିଲାପାଳ ସୂଚନା ଦେଇଛନ୍ତି । ଏମ୍‌ଏସ୍‌ପି ମୂଲ୍ୟ ୩୮ ଟଙ୍କା ୪୬ ପଇସାରୁ ୪୨ ଟଙ୍କା ୯୦ ପଇସାକୁ ବୃଦ୍ଧି ସହ ରାଜ୍ୟ ସରକାରଙ୍କ ମାଣ୍ଡିଆ ଚାଷୀଙ୍କୁ କିଲୋ ପିଛା ୨ ଟଙ୍କା ୧୦ ପଇସାର ପ୍ରୋତ୍ସାହନ ରାଶି ସେମାନଙ୍କୁ ଅଧିକ ମାଣ୍ଡିଆ ଚାଷ ଓ ଉତ୍ପାଦନ କରିବାରେ ପ୍ରୋତ୍ସାହିତ କରିଥିଲା । ସଂଗୃହୀତ ମାଣ୍ଡିଆକୁ ବର୍ତ୍ତମାନ ଦେଶ ବିଦେଶକୁ ରପ୍ତାନି କରାଯିବ । ରାଜ୍ୟରେ ଶିକ୍ଷା ବିଭାଗର ସଦ୍ୟ ପ୍ରସ୍ତୁତ ପୋଷଣ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ମାଣ୍ଡିଆ ଲଡୁ ପ୍ରଦାନ ଏବଂ ମଙ୍ଗଳ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗର ହିତାଧିକାରୀଙ୍କୁ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ପ୍ରଦାନ କରାଯାଇ ସଂଗୃହୀତ ମାଣ୍ଡିଆର ସଦୁପଯୋଗ କରାଯିବ ବୋଲି ଜିଲାପାଳ କୀର୍ତ୍ତିଭାସନ ସୂଚନା ଦେଇଛନ୍ତି ।

# ଅର୍ବାନ ବ୍ୟାଙ୍କ ଶାଖାରେ ଅଗ୍ନିକାଣ୍ଡ

- ବହୁ କାଗଜପତ୍ର, ଆସବାବପତ୍ର ଜଳିଗଲା
- ଷ୍ଟ୍ରଙ୍ଗ୍‌ରୁମ୍ ସୁରକ୍ଷିତ

କେନ୍ଦ୍ରାପଡ଼ା,୯।୪(ଜଗନ୍ନାଥ ଧଳ)




କେନ୍ଦ୍ରାପଡ଼ା ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କରେ ବୁଧବାର ଅଗ୍ନିକାଣ୍ଡ ଘଟିଛି । ସହରର ପୁରୁଣା ବସ୍‌ଷ୍ଟାଣ୍ଡ ଶାଖା କାର୍ଯ୍ୟାଳୟରେ ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ହଠାତ୍ ନିଆଁ ଲାଗିଯାଇଥିଲା । କର୍ମଚାରୀମାନେ ଏ ସଂକ୍ରାନ୍ତରେ ତୁରନ୍ତ କେନ୍ଦ୍ରାପଡ଼ା ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ । ଅଗ୍ନିଶମ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ । ହେଲେ ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ରେ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇଥିଲା । ଏହି ଅଗ୍ନିକାଣ୍ଡରେ ବ୍ୟାଙ୍କର ବହୁ ଆସବାବପତ୍ର ପୋଡ଼ିଯାଇଛି । ତେବେ ବ୍ୟାଙ୍କ ଷ୍ଟ୍ରଙ୍ଗ୍‌ରୁମ୍ ସୁରକ୍ଷିତ ଅଛି ବୋଲି ସିଇଓ ଭାଗ୍ୟଲକ୍ଷ୍ମୀ ପଣ୍ଡା ସୂଚନା ଦେଇଛନ୍ତି । ସେ କହିଛନ୍ତି, ବ୍ୟାଙ୍କ ଖୋଲିବାର ଅଳ୍ପ ସମୟ ପରେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା । କର୍ମଚାରୀମାନେ ଦମକଳ ବାହିନୀକୁ ଖବର ଦେଇଥିଲେ । ବ୍ୟାଙ୍କରେ ଥିବା ଫାୟାର ଏକ୍ସଟିଙ୍ଗୁଇସର ମାଧ୍ୟମରେ ନିଆଁ ଲିଭାଇବା ପାଇଁ ଚେଷ୍ଟା କରାଯାଇଥିଲା । ଏପରିକି ନିକଟ ବ୍ୟବସାୟୀମାନେ ଏହି ଯନ୍ତ୍ରକୁ ବ୍ୟବହାର କରିଥିଲେ । ହେଲେ ସଫଳତା ମିଳି ନ ଥିଲା । ବ୍ୟାଙ୍କରେ ଥିବା ଆସବାବପତ୍ରରେ ନିଆଁ ଲାଗିଯିବାରୁ ପ୍ରବଳ ଧୂଆଁ ସବୁ ପ୍ରକୋଷ୍ଠକୁ ବ୍ୟାପିଯାଇଥିଲା । ଫଳରେ ଭିତରକୁ ପଶିବା ସମ୍ଭବ ହୋଇ ନ ଥିଲା । ଅଗ୍ନିକାଣ୍ଡରେ ବହୁ ପୁରୁଣା କାଗଜପତ୍ର ପୋଡ଼ିଯାଇଛି । ଋଣ ନେଇଥିବା କର୍ମଚାରୀ ଦ୍ୱାରା କିମ୍ବା ରୋଷେଇ ନିଆଁରୁ ଏପରି ଅଗ୍ନିକାଣ୍ଡ ଘଟିଥିବା ଆଲୋଚନା ହେଉଛି । ହେଲେ ଏପରି ଆଲୋଚନାକୁ ସିଇଓ ଅସ୍ୱୀକାର କରିଛନ୍ତି । ବ୍ୟାଙ୍କର କ୍ଷତି ସମ୍ପର୍କରେ ଅନୁଧ୍ୟାନ କରାଯିବ ବୋଲି ସେ କହିଛନ୍ତି । ଅପରପକ୍ଷେ ଅଗ୍ନିଶମ ବାହିନୀର ସୂଚନା ଅନୁଯାୟୀ, ବ୍ୟାଙ୍କ ପରିସରରେ ଚା' ପ୍ରସ୍ତୁତି ସାମଗ୍ରୀ ସହ ଗ୍ୟାସ୍ ସିଲିଣ୍ଡର କଣ୍ଟେନର ଥିବା ସ୍ଥାନଟି ଅଧିକ କ୍ଷତିଗ୍ରସ୍ତ ହୋଇଛି । ଏଥିସହିତ ଜେନେରେଟର ଚାଲୁଥିବାରୁ ବ୍ୟାଙ୍କରେ ବିଦ୍ୟୁତ୍ ଶର୍ଟସର୍କିଟ୍ ଏହାର କାରଣ ହୋଇପାରେ ବୋଲି ଅଗ୍ନିଶମ ଅଧିକାରୀ ସୂଚନା ଦେଇଛନ୍ତି ।

# ବଡ଼ମାଳ ଗୋଳାବାରୁଦ କାରଖାନାରେ ବିସ୍ଫୋରଣ, ଜଣେ ଗୁରୁତର

ସଇଁତଲା,୯।୪
(ରାଖାଲ ପ୍ରସାଦ ଶତପଥୀ)



ଆହତ ଶିବଶଙ୍କର ଭୋଇଙ୍କୁ ଆମ୍ବୁଲାନ୍ସରେ ରାଉରକେଲା ଆଇଜିଏଚ୍‌କୁ ପଠାଯାଉଛି ।

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ୍ ଅନ୍ତର୍ଗତ ବଡ଼ମାଳ ଗୋଳାବାରୁଦ କାରଖାନା ପରିସରରେ ବୁଧବାର ସକାଳେ ବିସ୍ଫୋରଣ ଘଟି ଜଣେ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି । ଆହତ କର୍ମଚାରୀ ଜଣକ ହେଲେ ଶିବଶଙ୍କର ଭୋଇ (୫୮) । ତାଙ୍କ ଘର ସଇଁତଲା ବ୍ଲକ୍ ଭଦ୍ରା ପଞ୍ଚାୟତର ଭଦ୍ରା ଗ୍ରାମରେ ବୋଲି ଜଣାଯାଇଛି ।

ପ୍ରକାଶ ଯେ, ସକାଳ ପ୍ରାୟ ୯ଟା୧୫ ମିନିଟ୍ ସମୟରେ କାରଖାନାର ୟୁନିଟ୍-୬ରେ ଶିବଶଙ୍କର ଗୋଳାବାରୁଦ ନିର୍ମାଣ ପାଇଁ କେମିକାଲଗୁଡ଼ିକୁ ମିଶ୍ରଣ କରୁଥିଲେ । ଏହି ସମୟରେ ସେଠାରେ ଏହି ବିସ୍ଫୋରଣ ହୋଇଥିଲା । ନିରାପଦ ପୋଷାକ ପିନ୍ଧିଥିବା ସତ୍ତ୍ୱେ ନିକଟରେ ବିସ୍ଫୋରଣ ହେବାରୁ ତାଙ୍କର ମୁହଁ ଓ ଦୁଇ ହାତ ପୋଡ଼ିଯାଇଛି । ତାଙ୍କୁ ସଙ୍ଗେ ସଙ୍ଗେ ଗୋଳାବାରୁଦ କାରଖାନା ସ୍ଥିତ ଡାକ୍ତରଖାନାକୁ ନିଆଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା । ପରେ ଉନ୍ନତର ଚିକିତ୍ସା ପାଇଁ ଶିବଶଙ୍କରଙ୍କୁ ରାଉରକେଲାର ଆଇଜିଏଚ୍ ପଠାଯାଇଥିବା କାରଖାନାର ଜନସମ୍ପର୍କ ଅଧିକାରୀ ଦିଲୀପ ଚନ୍ଦ୍ର ପଟ୍ଟନାୟକଙ୍କ ସୂତ୍ରରୁ ଜଣାପଡ଼ିଛି । ସୂଚନାଯୋଗ୍ୟ, ବର୍ଷେ ପୂର୍ବରୁ ଏହି କାରଖାନାରେ ବିସ୍ଫୋରଣ ଘଟି କେତେଜଣ କର୍ମଚାରୀ ଆହତ ହୋଇଥିଲେ ।

# ମାଲବାହୀ ଟ୍ରେନ୍ ଇଞ୍ଜିନ ଲାଇନଚ୍ୟୁତ




ଲାଇନଚ୍ୟୁତ ହୋଇଥିବା ଟ୍ରେନ୍ ।

ଲକ୍ଷ୍ମୀପୁର,୯।୪(ଅନନ୍ତ ନାୟକ)

କୋରାପୁଟ ଜିଲା ଦାମନଯୋଡ଼ି ନାଲ୍‌କୋ ପ୍ରକଳ୍ପ ପରିସରରେ ମାଲବାହୀ ଟ୍ରେନ୍‌ର ଇଞ୍ଜିନ ଲାଇନଚ୍ୟୁତ ହୋଇଛି । ଏଥିରେ କୌଣସି କ୍ଷୟକ୍ଷତି ଓ କେହି ଆହତ ହୋଇ ନ ଥିବା ସୂଚନା ମିଳିଛି । ଟ୍ରେନ୍‌ଟି ଅନୁଗୋଳରୁ ଆସି ନାଲ୍‌କୋକୁ ପ୍ରବେଶ କରୁଥିବା ବେଳେ ଏହାର ଇଞ୍ଜିନ ଲାଇନଚ୍ୟୁତ ହୋଇଥିଲା । ଇଞ୍ଜିନକୁ ଟ୍ରାକ୍‌କୁ ଉଠାଇବା ପାଇଁ ରେଳ ବିଭାଗ ଓ ନାଲ୍‌କୋ କର୍ତ୍ତୃପକ୍ଷ ଉଦ୍ୟମ ଜାରି ରଖିଥିଲେ । ନାଲ୍‌କୋ କାରଖାନା ପରିସରରେ ଘଟଣା ଘଟିଥିବାରୁ ରେଳ ବିଭାଗର କୌଣସି ଅସୁବିଧା ନାହିଁ ବୋଲି କୋରାପୁଟ ରେଳ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

# ଋଣ ଶୁଝି ନ ପାରି ଦମ୍ପତିଙ୍କ ଆତ୍ମହତ୍ୟା

ପୁରୁଷୋତ୍ତମପୁର,୯।୪(ସୀମାଞ୍ଚଳ ମିଶ୍ର)

ଋଣ ବୋଝ ଅସହ୍ୟ ହେବାରୁ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଖଲ୍ଲିକୋଟ ବ୍ଲକ ବେଢ଼ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର ଦମ୍ପତି ବିଷ ପିଇ ବୁଧବାର ଆତ୍ମହତ୍ୟା କରିଛନ୍ତି । ସେମାନେ ହେଲେ ଲଡୁ କିଶୋର ମହାରଣା (୬୧) ଓ ସଜନୀ ମହାରଣା(୫୭) । ଦମ୍ପତିଙ୍କ ଘରୁ ବିଷ ପାଉଡର ଲାଗିଥିବା ଏକ ଗ୍ଲାସ୍ ଜବତ ହୋଇଛି ।

ଲଡୁକିଶୋରଙ୍କ ଏକମାତ୍ର ପୁଅ ସନ୍ତୋଷ ପରିବାର ସହ ବିଦେଶରେ ରହୁଛନ୍ତି । ୩ ଝିଅଙ୍କ ବିବାହ ସରିଛି । ଗାଁରେ ସ୍ତ୍ରୀ ସଜନୀଙ୍କ ସହ ଲଡୁକିଶୋର ଏକାକୀ ରହୁଥିଲେ । ଚାଷ କାର୍ଯ୍ୟ କରି ଦମ୍ପତି ଚଳୁଥିଲେ । ସେମାନେ ବିଭିନ୍ନ ଘରୋଇ ଫାଇନାନ୍ସ କମ୍ପାନୀ ଓ ବାହାର ଲୋକଙ୍କଠାରୁ ପ୍ରାୟ ୩ ଲକ୍ଷ ଟଙ୍କା ଋଣ ଆଣି ଚାଷ କରିଥିଲେ । ଧାନ ଅମଳ ସମୟରେ ହୋଇଥିବା ଲଗାଣ ବର୍ଷାରେ ନଷ୍ଟ ହୋଇଯାଇଥିଲା । ଅନ୍ୟପଟେ ଗତ କିଛିଦିନ ହେଲା ଲଡୁକିଶୋରଙ୍କ ଦେହ ଖରାପ ହେବାରୁ ସେ ଆଉ କାମଧନ୍ଦା କରିପାରୁ ନ ଥିଲେ । ଏପଟେ ଫାଇନାନ୍ସ କମ୍ପାନୀ କର୍ମଚାରୀ ଘରକୁ ବାରମ୍ବାର ଆସି ଟଙ୍କା ପରିଶୋଧ କରିବାକୁ କହୁଥିଲେ । ଧାର ଦେଇଥିବା ଲୋକେ ମଧ୍ୟ ଟଙ୍କା ମାଗୁଥିଲେ । ବୁଧବାର ମଧ୍ୟାହ୍ନରେ ଏକ ଫାଇନାନ୍ସ କମ୍ପାନୀର କର୍ମଚାରୀ ଲଡୁକିଶୋରଙ୍କ ଘରକୁ ଆସିଥିବା ବେଳେ ଦମ୍ପତିଙ୍କ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ । ଗ୍ରାମବାସୀ ପୁରୁଷୋତ୍ତମପୁର ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା ।

# ହୋମିଓପ୍ୟାଥିକ୍ ଚିକିତ୍ସାର ପ୍ରସାର ପାଇଁ ଅଧିକ ସରକାରୀ ପଦକ୍ଷେପ ଲୋଡ଼ା

ଭୁବନେଶ୍ୱର, ୯।୪ (ବନ୍ଦନା ସେଠୀ)



ଆଧୁନିକ ଚିକିତ୍ସା ପ୍ରଣାଳୀ ସହ ହୋମିଓପାଥିକ୍ ଚିକିତ୍ସା ପ୍ରଣାଳୀ ଦିନକୁ ଦିନ ଲୋକାଦୃତ ହେବାରେ ଲାଗିଛି । ତେବେ ହୋମିଓପାଥିକୁ ନେଇ ଲୋକଙ୍କ ମଧ୍ୟରେ ଅଧିକ ସଚେତନତା ସୃଷ୍ଟିକରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏପ୍ରିଲ ୧୦କୁ 'ହୋମିଓପାଥିକ୍ ଦିବସ' ଭାବେ ପାଳନ କରାଯାଉଛି । ଡା. ସାମୁଏଲ୍ ହ୍ୟାନିମ୍ୟାନ୍‌ଙ୍କୁ ଏହି ଚିକିତ୍ସା ପଦ୍ଧତିର ଜନକ ଭାବେ ବିବେଚନା କରାଯାଏ । ବିଶ୍ୱବାସୀଙ୍କ କଲ୍ୟାଣ ନିମନ୍ତେ ହ୍ୟାନିମ୍ୟାନ୍‌ଙ୍କ ଅବଦାନକୁ ମନେପକାଇବା ପାଇଁ ଏହିଦିନଟିକୁ ପାଳନ କରାଯାଉଛି । ୧୭୫୫ ଏପ୍ରିଲ ୧୦ରେ ଜର୍ମାନୀର ଏକ ଚିତ୍ରକର ପରିବାରରେ ଡ. ହ୍ୟାନିମ୍ୟାନ୍‌ଙ୍କ ଜନ୍ମ ହୋଇଥିଲା । ପିଲାଟି ଦିନରୁ ସେ ଦୁଃସ୍ଥ, ଅସହାୟ ଓ ଗରିବ ଲୋକଙ୍କ ପ୍ରତି ଦରଦ ମନୋଭାବ ପୋଷଣ କରୁଥିଲେ । ବହୁ ବାଧାବିଘ୍ନ ସତ୍ତ୍ୱେ ୧୭୭୯ରେ ସେ ଭେଷଜ ବିଜ୍ଞାନରେ ଡିଗ୍ରୀ ହାସଲ କରିଥିଲେ ମଧ୍ୟ ତତ୍କାଳୀନ ଚିକିତ୍ସା ପଦ୍ଧତିରେ କରାଯାଉଥିବା ତ୍ରୁଟିପୂର୍ଣ୍ଣ ଶଲ୍ୟ ପ୍ରକ୍ରିୟା ବା ଅପରେଶନକୁ ସେ ନାପସନ୍ଦ କରୁଥିଲେ । ତେଣୁ ରୋଗୀଙ୍କୁ ସରଳ ଓ ଉତ୍ତମ ଚିକିତ୍ସା ପ୍ରଦାନ କରିବା ସହ ସେମାନଙ୍କ କଷ୍ଟ ଦୂର କରିବା ପାଇଁ ଗବେଷଣାକରି ହୋମିଓପ୍ୟାଥିକ୍ ଚିକିତ୍ସା ବିଜ୍ଞାନକୁ ଜନ୍ମଦେଇଥିଲେ । ବୃକ୍ଷଲତା, ଖଣିଜ ସମ୍ପଦ, ଜୀବଜନ୍ତୁ ଅବଶେଷ ଆଦି ଉପରେ ଗବେଷଣାକରି ବିଭିନ୍ନ ପ୍ରକାର ଔଷଧ ପ୍ରସ୍ତୁତ କରିବା ସହ ନିଜର ବନ୍ଧୁ ପରିଜନଙ୍କ ଉପରେ ପ୍ରୟୋଗକରି ସୁଫଳ ହାସଲ କରିଥିଲେ । ଯେଉଁ ଚିକିତ୍ସାରେ ଆରୋଗ୍ୟ ହାର ଅଧିକ ଥିବ, ବେଦନାନାଶକ ଗୁଣ ଥାଇ ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ନ ଥିବ ଏବଂ ବିନା ଶଲ୍ୟ ପ୍ରକ୍ରିୟାରେ ଶରୀର ମଧ୍ୟରେ ଥିବା ବିଷାକ୍ତ ଦ୍ରବ୍ୟକୁ ବାହାର କରାଯାଇପାରିବ ସେ ସମ୍ପର୍କରେ ତଥ୍ୟ ପ୍ରଦାନକରି ସେ ହୋମିଓପ୍ୟାଥିକ୍ ଚିକିତ୍ସାକୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲେ । ତାଙ୍କ ଲିଖିତ ୪୧ଖଣ୍ଡ ଅମୂଲ୍ୟ ଗ୍ରନ୍ଥ ମନୁଷ୍ୟ ଓ ପ୍ରାଣୀ କଲ୍ୟାଣ ନିମନ୍ତେ ଅତ୍ୟନ୍ତ ଉପଯୋଗୀ ।

ଦେଶ ତଥା ରାଜ୍ୟରେ ହୋମିଓପ୍ୟାଥି ଚିକିତ୍ସକମାନେ ଏବେ ଆଧୁନିକ ଚିକିତ୍ସକଙ୍କ ସହିତ ସମାନ ଭାବେ ରାଷ୍ଟ୍ରୀୟ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି । ସରକାର ଏହି ଚିକିତ୍ସକଙ୍କୁ ଆୟୁଷ ଚିକିତ୍ସକ ମାନ୍ୟତା ପ୍ରଦାନ କରିଛନ୍ତି । ଦେଶରେ ୨୭୭ଟି ହୋମିଓପ୍ୟାଥିକ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲ ରହିଥିବାବେଳେ ବିଭିନ୍ନ ରାଜ୍ୟରେ ମୋଟ ୮୫୯୩ଟି ସରକାରୀ ଡିସ୍‌ପେନ୍‌ସାରି କାର୍ଯ୍ୟ କରୁଛି । ଓଡ଼ିଶାରେ ଭୁବନେଶ୍ୱର, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁରରେ ୪ଟି ସରକାରୀ ହୋମିଓପ୍ୟାଥିକ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲ ରହିଛି । ରାଜ୍ୟରେ ମୋଟ ୫୬୨ଟି ହୋମିଓପ୍ୟାଥିକ ସରକାରୀ ଡିସ୍‌ପେନ୍‌ସାରି ରହିଥିବାବେଳେ ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବହୁ ହୋମିଓପ୍ୟାଥିକ୍ ଡାକ୍ତର ଆୟୁଷ ବିଭାଗରେ ରହି ଚିକିତ୍ସା ସେବା ଯୋଗାଇଦେଉଛନ୍ତି । ଏନେଇ ଓଡ଼ିଶା ଆୟୁଷ ବିକାଶ ପରିଷଦର ସମ୍ପାଦକ ଡା. ତ୍ରୈଲୋକ୍ୟନାଥ ମହାରଣା କହିଛନ୍ତି, ଯେଉଁଠି ଅନ୍ୟ ମେଡିସିନ ସ୍ଥୁଳ ଓ ଅଧିକ ମାତ୍ରାରେ ଖାଇବାକୁ ପଡ଼ିଥାଏ, ସେହି କ୍ଷେତ୍ରରେ ହୋମିଓପ୍ୟାଥିକ ମେଡିସିନ ଅତି ସୂକ୍ଷ୍ମ ମାତ୍ରାରେ ଖାଇବା ଦ୍ୱାରା ଖୁବ୍ ଫଳପ୍ରଦ ହୋଇଥାଏ । ଏହା ହିଁ ହୋମିଓପ୍ୟାଥିକ୍ ମେଡିସିନର ସ୍ୱତନ୍ତ୍ରତା । ଏହାର ପ୍ରଭାବରେ ରୋଗ କମିବା ସହ ଶରୀରରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇ ନ ଥାଏ, ଯାହାକି ପାଶ୍ଚାତ୍ୟ ଚିକିତ୍ସା ଓ ଔଷଧରେ ଦେଖାଯାଏ । ବହୁ ଦେଶରେ ପାଶ୍ଚାତ୍ୟ ଚିକିତ୍ସା ଛାଡ଼ି ହୋମିଓପ୍ୟାଥିକ୍‌କୁ ଆଦରି ନେଇଛନ୍ତି । ତେବେ ଆମ ରାଜ୍ୟରେ ହୋମିଓପ୍ୟାଥିକ୍ ଚିକିତ୍ସାକୁ ଆହୁରି ଉନ୍ନତ କରିବା ପାଇଁ ସରକାରୀ ପଦକ୍ଷେପର ଆବଶ୍ୟକତା ରହିଛି ବୋଲି ଡା. ମହାରଣା ମତ ଦିଅନ୍ତି ।

ଆଜି ବିଶ୍ୱ ହୋମିଓପ୍ୟାଥିକ ଦିବସ

# ଅଧ୍ୟୟନ, ଅଧ୍ୟାପନା ଓ ଅନୁସନ୍ଧାନ



ପ୍ରତିବର୍ଷ ଏପ୍ରିଲ ୧୦ ତାରିଖକୁ 'ବିଶ୍ୱ ହୋମିଓପାଥିକ୍ ଦିବସ' ଭାବରେ ପାଳନ କରାଯାଇ ଆସୁଅଛି । ଏହି ଦିନ ହୋମିଓପ୍ୟାଥିକ୍ ଚିକିତ୍ସାର ଜନକ ଖ୍ରୀଷ୍ଟିଆନ୍ ଫେଡ୍ରିକ ସାମୁଏଲ ହାନିମାନଙ୍କ ଜନ୍ମ ଦିବସ । ହୋମିଓପ୍ୟାଥିକ୍ ଚିକିତ୍ସାର ସେ ଥିଲେ ସ୍ରଷ୍ଟା । ଏବଂ ଏହାର ପ୍ରଚାର ପ୍ରସାରରେ ତାଙ୍କର ଭୂମିକା ଚିର ସ୍ମରଣୀୟ । ସେଥିପାଇଁ ତାଙ୍କର ଜନ୍ମଦିନକୁ 'ବିଶ୍ୱ ହୋମିଓପ୍ୟାଥି ଦିବସ' ଭାବରେ ପାଳନ କରାଯାଏ । ଏହି ଦିବସ ଅବସରରେ ଚଳିତ ବର୍ଷର ଥିମ୍ ରହିଛି-'ଅଧ୍ୟୟନ, ଅଧ୍ୟାପନା ଓ ଅନୁସନ୍ଧାନ' । ହୋମିଓପ୍ୟାଥିକ୍ ଚିକିତ୍ସା ପଦ୍ଧତିରେ ରୋଗୀର ରୋଗ ପ୍ରତିରୋଧକ ଶକ୍ତିକୁ ବ୍ୟବହାର କରି ରୋଗର ସମ୍ପୂର୍ଣ୍ଣ ବିନାଶ କରାଯାଇଥାଏ । ଏହି ଚିକିତ୍ସା ପ୍ରଣାଳୀ ବେଶ୍ ସହଜ ଏବଂ ସରଳ । ଏହାର ମଧ୍ୟ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ । ସବୁଠାରୁ ଖାସ୍ କଥା ହେଲା ଏହା ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଦେଶରେ ପ୍ରଚଳିତ । ସାଧାରଣ ଥଣ୍ଡାଠାରୁ ଆରମ୍ଭ କରି ପୁରାତନ ଏବଂ କଷ୍ଟସାଧ୍ୟ ତଥା ଜଟିଳ ରୋଗ ପାଇଁ ମଧ୍ୟ ବେଶ୍ ଫଳପ୍ରଦ ସାବ୍ୟସ୍ତ ହୋଇଥାଏ । ଏହି ଚିକିତ୍ସା ଦ୍ୱାରା କେତେକ କ୍ଷେତ୍ରରେ ଶଲ୍ୟ ଚିକିତ୍ସା (ଅପରେଶନ)କୁ ରୋକାଯାଇପାରୁଛି । ଭାରତ ଭଳି ଏକ ପ୍ରଗତିଶୀଳ ତଥା ଜନବହୁଳ ଦେଶରେ ଏହି ଚିକିତ୍ସା ବେଶ୍ ଆଦୃତିଲାଭ କରିପାରିଛି । ଭାରତ ସରକାର ଏହି ଚିକିତ୍ସାର ପ୍ରଚାର ପ୍ରସାର ଏବଂ ଗବେଷଣା ଉପରେ ଗୁରୁତ୍ୱାରୋପ କରି ବହୁମୁଖୀ ଯୋଜନାମାନ ହାତକୁ ନେଇଛନ୍ତି ।

କେତେକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଯଥା କ୍ୟାନ୍‌ସର ଏବଂ ଜରୁରିକାଳୀନ ଚିକିତ୍ସାକୁ ବାଦ୍ ଦେଲେ ଅନ୍ୟ ସବୁ ରୋଗ ପାଇଁ ହୋମିଓପ୍ୟାଥିକର ଉପାଦେୟତା ରହିଛି । ହୋମିଓପ୍ୟାଥିକ୍ ଚିକିତ୍ସାକୁ ଲୋକାଭିମୁଖୀ କରିବାରେ ସମସ୍ତ ହୋମିଓପ୍ୟାଥିକ୍ ଚିକିତ୍ସକଙ୍କର (ସରକାରୀ ହୁଅନ୍ତୁ ଅବା ପ୍ରାଇଭେଟ) ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଯତ୍ନଶୀଳ ହୋଇ ନିସ୍ୱାର୍ଥପର ଭାବରେ ସେବା ଯୋଗାଇ ଦେଲେ ଏହି ଚିକିତ୍ସା ମାନବ କଲ୍ୟାଣ ଦିଗରେ ଏବଂ ଚିକିତ୍ସା କ୍ଷେତ୍ରରେ ନିଜର ସ୍ଥାନକୁ ଆହୁରି ଦୃଢ଼ ତଥା ମଜଭୂତ କରିବ । ଏହି ଚିକିତ୍ସା ପଦ୍ଧତି 'ଆୟୁଷ ଚିକିତ୍ସା ପଦ୍ଧତି' ମଧ୍ୟରେ ଅନ୍ୟତମ । ଦିନକୁ ଦିନ ହୋମିଓପ୍ୟାଥିକ୍ ଚିକିତ୍ସା ଆହୁରି ଜନାଦୃତ ହେବାରେ ଲାଗିଛି ।

ହୋମିଓପ୍ୟାଥିକ୍ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଠିକ୍ ଭାବରେ ଚିକିତ୍ସିତ ହେଲେ ଚିକିତ୍ସା କରାଯାଉଥିବା ରୋଗ ମୂଳୋତ୍ପାଟନ ସମ୍ଭବ ହୋଇଥାଏ । ଏହି ଚିକିତ୍ସାରେ ରୋଗୀର ରୋଗ ସହ ତାଙ୍କର ଶାରୀରିକ ଏବଂ ମାନସିକ ଅବସ୍ଥାକୁ ଲକ୍ଷଣ ରୂପେ ଗ୍ରହଣ କରାଯାଇ ଚିକିତ୍ସା କରାଯାଏ ।

**- ଡା. ସୁକାନ୍ତି ସୁଚରିତା ଷଡ଼ଙ୍ଗୀ,**
ଅଧ୍ୟାପିକା, ବିଜୁ ପଟ୍ଟନାୟକ କଲେଜ ଆଣ୍ଡ ହସପିଟାଲ,
ବ୍ରହ୍ମପୁର, ମୋ :୯୪୩୭୨୩୧୪୯୦

# ବନ କର୍ମଚାରୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

**ରାଉରକେଲା,୯।୪(ସଙ୍ଗୀତା ଜେନା) :** ରାଉରକେଲା ବନଖଣ୍ଡ ଅନ୍ତର୍ଗତ କୁଆଁରମୁଣ୍ଡା ରେଞ୍ଜ ଅଧୀନ ବିରଡା ଗ୍ରାମ ନିକଟରେ ଥିବା ବ୍ରାହ୍ମଣୀ ପାହାଡରେ ଗତ ୭ତାରିଖରେ ଲାଗିଥିବା ନିଆଁ ଲିଭାଇବାକୁ ଯାଇଥିବା ବନକର୍ମଚାରୀ ସମରା ଓରାମଙ୍କ ବୁଧବାର ସନ୍ଧ୍ୟାରେ ଆଇଜିଏଚ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ, ସମରା ୨ଦିନ ପୂର୍ବେ ବ୍ରାହ୍ମଣୀ ପାହାଡରେ ଲାଗିଥିବା ନିଆଁ ଲିଭାଇବାକୁ ଯାଇଥିଲେ। ନିଆଁଲିଭା ମେଶିନ ବ୍ୟାକ ଫାୟାର କରିବାରୁ ସମରା ପୋଡି ଗୁରୁତର ହୋଇଥିଲେ। ସେ ପ୍ରାୟ ୬୦ରୁ ୭୦ ଭାଗ ପୋଡି ଯାଇଥିଲେ। ତାଙ୍କୁ ତୁରନ୍ତ ଜେପି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ବନବିଭାଗ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେକ୍ଟର-୧୯ ଇସ୍ପାତ ଜେନେରାଲ ହସ୍ପିଟାଲ ବର୍ନିଂସେଣ୍ଟରରେ ଭର୍ତ୍ତି କରାଯାଇଥିଲା। ବୁଧବାର ସନ୍ଧ୍ୟାରେ ତାଙ୍କ ମୃତ୍ୟୁ ହୋଇଥିବା ରାଉରକେଲା ବନଖଣ୍ଡ ଡିଏଫ୍‌ଓ ଯଶୋବନ୍ତ ସେଠୀ ସୂଚନା ପ୍ରଦାନ କରିଛନ୍ତି। ଏ ନେଇ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

# ଭଡ଼ାଘରେ ରହୁଛନ୍ତି ଛାତ୍ର

- ଛାତ୍ରାବାସ କାର୍ଯ୍ୟକ୍ଷମରେ ବିଳମ୍ବ
- ହୋମିଓପାଥି କଲେଜ ଭିତ୍ତିଭୂମି ଅସଜଡା
- ଅସନ୍ତୋଷ ପ୍ରକାଶ କଲେ ଛାତ୍ର

**ରାଉରକେଲା,୯।୪(ବିପ୍ଳବ ରଞ୍ଜନ ଦାଶ)** ରାଉରକେଲା ସେକ୍ଟର-୨୧ସ୍ଥିତ ହୋମିଓପାଥି ମେଡିକାଲ କଲେଜରେ ଅଧ୍ୟୟନରତ ଛାତ୍ରମାନେ ରହିବା ଓ ପଢ଼ିବା ନେଇ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କଲେଜ ପରିସରରେ ଛାତ୍ରାବାସ ନ ଥିବାରୁ ସେମାନେ ୧୦ କିଲୋମିଟର ଦୂର ଏକ ସ୍ଥାନରେ ଭଡାଘରେ ରହି କଲେଜକୁ ଯିବା ଆସିବା କରୁଛନ୍ତି। ପାଠପଢ଼ାରେ ଯେତିକି ଖର୍ଚ୍ଚ ହେଉନାହିଁ ତା'ଠାରୁ ଅଧିକ ଘରଭଡା ସୂତ୍ରରେ ଖର୍ଚ୍ଚ ହେଉଛି। ବୁଧବାର ଏହିଭଳି ପ୍ରତିକ୍ରିୟା ପ୍ରକାଶ କରି ଅସନ୍ତୋଷ ପ୍ରକାଶ କରିଛନ୍ତି କଲେଜର ଛାତ୍ରମାନେ।

ଅଭିଯୋଗ ମୁତାବକ, ୨୦୨୦-୨୧ରେ ଛାତ୍ରଙ୍କ ରହିବା ପାଇଁ ୨କୋଟି ଟଙ୍କା ବ୍ୟୟବରାଦରେ ୫୦ଶଯ୍ୟା ବିଶିଷ୍ଟ ଏକ ଛାତ୍ରବାସ ନିର୍ମାଣ ପାଇଁ ବ୍ୟବସ୍ଥା କରାଯାଇଥିଲା। ୨୦୨୪ମସିହାରେ କଲେଜ ପରିସରରେ ଛାତ୍ରାବାସ ନିର୍ମାଣ ସହ ଖେଳ ପଡ଼ିଆ ପାଇଁ ସରକାରଙ୍କ ପକ୍ଷରୁ ଆର୍ଥିକ ବ୍ୟୟବରାଦ କରାଗଲା। ରାଉରକେଲା ଆର୍‌ଆଣ୍ଡବି ବିଭାଗ ଅଧୀନରେ ନିର୍ମାଣ କାର୍ଯ୍ୟ ଜଣେ ଠିକାଦାରଙ୍କୁ ପ୍ରଦାନ କରାଗଲା। ଛାତ୍ରାବାସ ନିର୍ମାଣ କାମଡିସେମ୍ବରରୁ ସମ୍ପନ୍ନ ହୋଇ ସାରଛି। ହେଲେ ବିଦ୍ୟୁତ ସଂଯୋଗୀକରଣ, ଶଯ୍ୟା ଏବଂ ଆନୁଷଙ୍ଗିକ କାର୍ଯ୍ୟ ହୋଇନାହିଁ। ଫଳରେ ଛାତ୍ରାବାସ କାର୍ଯ୍ୟକ୍ଷମରେ ବିଳମ୍ବ ହୋଇଛି। ଅନ୍ୟପକ୍ଷରେ ପିଲାମାନେ କଲେଜଠାରୁ ୧୦କି.ମି. ଦୂରରେ ଭଡାଘରେ ରହି ଦୈନିକ ଶିକ୍ଷାନୁଷ୍ଠାକୁ ପଢିବାକୁ ଆସୁଛନ୍ତି। ଅନ୍ୟପଟେ ଖେଳ ପଡିଆ କାମ କାମଚଳା ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି।

କଲେଜରେ ୧୮୦ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୧୨ଟି ବିଷୟ ମୁତାବକ ଏଠାରେ ୪୨ଜଣ ଅଧ୍ୟାପକ, ପ୍ରଫେସର ରହିବା କଥା। ମାତ୍ର ଏଠାରେ ୨୦ଜଣ ଅଛନ୍ତି। ଏନସିଏଚ ରେଗୁଲେଶନ ମୁତାବକ ହୋମିଓପାଥି କଲେଜଗୁଡିକରେ ପ୍ରତି ୧୦୦ଜଣ ଛାତ୍ରୀଛାତ୍ରଙ୍କ ନାମଲେଖା ଅନୁପାତରେ ୩୬ଜଣ ଅଧ୍ୟାପକ ରହିବା ନିୟମ ରହିଛି। ମାତ୍ର ଏଠାରେ ତାହାର ଅନୁପାଳନ ହେଉନାହିଁ। ଆନାଟୋମୀ, ମେଡିକା, ମ୍ୟାଟେରିଆ, ସର୍ଜରୀ, ମେଡିସିନ, ରିପ୍ରୋଟୋରୀ, ଫିଜିଓଲୋଜି, ଫାର୍ମାସିକାଲି, ଆଷ୍ଟାଜନ, ପାଥୋଲୋଜି, ଏଫଏମଡି, ଗାଇନିଙ୍ଗ ଓ ପିଏସ୍‌ଏମ ପାଇଁ ଆବଶ୍ୟକ ଅନୁଯାୟୀ ପ୍ରଫେସର ନାହାନ୍ତି। ଫଳରେ ଏଠାକୁ ଆସୁଥିବା ରୋଗୀ ଚିକିତ୍ସା ସୁବିଧାରୁ ବଞ୍ଚିତ ହେଉଛନ୍ତି। କଲେଜ ତରଫରୁ ବିଶେଷଭାବେ ମାନସିକ ରୋଗ ଓ ସ୍ତ୍ରୀ ରୋଗ(ବାଳିକା ବର୍ଗ) କ୍ଷେତ୍ରରେ ସଚେତନତା ବୃଦ୍ଧି ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଥିବା ବେଳେ କାର୍ଯ୍ୟକ୍ରମ ନିମନ୍ତେ ସ୍ଥାନୀୟ ସମର୍ଥନ ଏବଂ ଜାଗା ମିଳୁନାହିଁ। କଲେଜର ଛାତ୍ରୀଛାତ୍ର ଗତ ୨ବର୍ଷ ମଧ୍ୟରେ ଅଲ ଓଡ଼ିଶା ଆୟୁଶ ଇଣ୍ଟର କଲେଜ ସ୍ପୋର୍ଟସ ମିଟରେ ଲଗାତର ଭାବେ ଚାମ୍ପିୟନ ହୋଇ ଆସୁଛନ୍ତି। ମାତ୍ର ପରିତାପର ବିଷୟ କଲେଜ ପାଖରେ ଖେଳିବା ପାଇଁ ଏକ ଭଲମାନର ଖେଳ ପଡିଆ ନାହିଁ। ଏଭଳି ସ୍ଥିତିରେ ପ୍ରତିଯୋଗୀତା କିଭଳି ହେବ ତାକୁ ନେଇ ଚିନ୍ତାରେ ପଡିଯାଇଛନ୍ତି ସ୍ଥାନୀୟ କଲେଜର ଛାତ୍ର ସଙ୍ଗଠନ। ତେଣୁ ଏଦିଗରେ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରାଯାଉ ବୋଲି କଲେଜର ଛାତ୍ରୀଛାତ୍ର ଦାବି କରିଛନ୍ତି। ଏନେଇ କଲେଜର ଛାତ୍ର ମୁକେଶ ମଲ୍ଲିକ କହିଛନ୍ତି, ବାରମ୍ବାର ଛାତ୍ରବାସ ନିର୍ମାଣ କାମ ସାରି କଲେଜକୁ ହସ୍ତାନ୍ତର କରିବା ପାଇଁ ସମ୍ପୃକ୍ତ ବିଭାଗ ପାଖରେ ଦାବି କରୁଛୁ। ମାତ୍ର ଏଥିପ୍ରତି କର୍ଣ୍ଣପାତ ନ କରି ୬ମାସ ହେଲା କାମକୁ ବନ୍ଦ କରିଛି। ଆମେ ଘରଭଡା ବାବଦରେ ଅଯଥାରେ ଖର୍ଚ୍ଚାନ୍ତ ହେଉଛୁ। ତୁରନ୍ତ ଅବିଳମ୍ବେ ଛାତ୍ରବାସ ହସ୍ତାନ୍ତର ନ ହେଲେ ଆଗାମୀ ଦିନରେ ଛାତ୍ର ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି। ଏନେଇ କଲେଜ ଅଧକ୍ଷ ଡ. ସୁଭାଶିଷ ସେଠୀଙ୍କୁ ପଚାରିବାରୁ, ଛାତ୍ରବାସ ନିର୍ମାଣ କାର୍ଯ୍ୟ ସରିଥିବା ବେଳେ ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବା ସ୍ୱୀକାର କରିଛନ୍ତି। ଏନେଇ ସେ ଆର୍‌ଆଣ୍ଡବି ବିଭାଗ ମୁଖ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଥିବା କହିଛନ୍ତି। ସରକାରଙ୍କ ପକ୍ଷରୁ ୪ ଜଣ ଅଧ୍ୟାପକଙ୍କୁ ନିଯୁକ୍ତି ମିଳିଛି। ଆଗକୁ ଆହୁରି ନିଯୁକ୍ତି ମିଳିବ ବୋଲି ସେ ଆଶା ରଖିଛନ୍ତି। ଏନେଇ ଆର୍‌ଆଣ୍ଡବି ବିଭାଗୀୟ ମୁଖ୍ୟ ଅଧିକାରୀ ଆଲୋକ କୁମାର ନାୟକଙ୍କୁ ପଚାରିବାରୁ ହୋମିଓପାଥି କଲେଜ ଛାତ୍ରାବାସ ବିଲ୍ଡିଂ କାମ ସମ୍ପୂର୍ଣ୍ଣ ହୋଇଯାଇଛି। ଖୁବଶୀଘ୍ର ଆନୁଷଙ୍ଗିକ ନିର୍ମାଣ କାର୍ଯ୍ୟା ସମ୍ପାଦନ କରାଯିବ ବୋଲି କହିଛନ୍ତି।

# ଆର୍‌ଏମ୍‌ସି କର୍ତ୍ତୃପକ୍ଷଙ୍କୁ ଭେଟିଲେ ନେତୃମଣ୍ଡଳୀ



ଆର୍‌ଏମ୍‌ସି ଉପାୟୁକ୍ତଙ୍କୁ ଭେଟିବାକୁ ଆସିଥିବା ଦୋକାନୀ ଏବଂ ଅନ୍ୟମାନେ।

## ଦୋକାନୀଙ୍କୁ ଥଇଥାନ ଦାବି

**ରାଉରକେଲା,୯।୪(ସଙ୍ଗୀତା ଜେନା)** ଗତ ୨ ମାସ ପୂର୍ବେ ସିଭିଲଟାଉନଶିପ୍ ଅଞ୍ଚଳ ଆଇଟିଆଇ ଛକ ନିକଟରେ ରାଉରକେଲା ମହାନଗରନିଗମ(ଆର୍‌ଏମ୍‌ସି) ପକ୍ଷରୁ ଜବରଦଖଲ ଉଚ୍ଛେଦ ହୋଇଥିଲା। ଏଥିରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଦୋକାନୀଙ୍କ ଦୋକାନ ଗୃହ ଭାଙ୍ଗିଥିଲା। ହେଲେ ଏପର୍ଯ୍ୟନ୍ତ ସେମାନଙ୍କର କୌଣସି ଥଇଥାନ ହୋଇପାରିନାହିଁ। ଉକ୍ତ ଥଇଥାନକୁ ନେଇ ବୁଧବାର ପୂର୍ବାହ୍ନ ୧୧ଟାରେ ଭାଜପା ସିଭିଲଟାଉନଶିପ୍ ମଣ୍ଡଳ ନେତୃମଣ୍ଡଳୀ ସହ ଦୋକାନୀମାନେ ଆର୍‌ଏମ୍‌ସି ଉପାୟୁକ୍ତ ଅନୀତା ନାଏକଙ୍କୁ ଭେଟି ଆଲୋଚନା କରିଥିଲେ। ଦୋକାନୀମାନେ କହିଲେ, ଦୋକାନ ଗୃହ ଭାଙ୍ଗିବାର ୨ ମାସ ବିତିଯାଇଛି। ଏହାମଧ୍ୟରେ କୌଣସି ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯାଇପାରିନାହିଁ। ଯାହାଫଳରେ ଦୋକାନୀଙ୍କ ପରିବାରବର୍ଗ ଆର୍ଥିକ ଅନାଟନରେ ଗତି କରୁଛନ୍ତି। କୌଣସି ଉପାୟ ନ ପାଇ ଗଛମୂଳ ଓ ଅନ୍ୟତ୍ର ବେପାର କରାଯାଉଛି। ତୁରନ୍ତ କୌଣସି ବ୍ୟବସ୍ଥା କରାଯାଉ ବୋଲି ଦୋକାନୀମାନେ ଦାବି କରିଥିଲେ। ଏହି ପରିପ୍ରେକ୍ଷୀରେ ଉପାୟୁକ୍ତ ନାଏକ ଉଚ୍ଚକର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ପାଇଁ କିଛି ସମୟ ମହଲତ ମାଗିଥିଲେ। ସିଭିଲଟାଉନଶିପ୍‌ର ଅନୀଲ ମହାନନ୍ଦିଆ, ସୀବ ମାଇତି, ବିଶ୍ୱଜିତ ସାହୁ, ହିରଣ୍ୟ ସାହୁ ସମେତ ଅନ୍ୟମାନେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ୨ଶହ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ପ୍ରଦାନ

**ରାଉରକେଲା,୯।୪(ବିପ୍ଳବ ରଞ୍ଜନ ଦାଶ)** ଆର୍‌ଏସପି କର୍ପୋରେଟ ସାମାଜିକ ଦାୟିତ୍ୱ ପ୍ରୟାସର ଅଂଶସ୍ୱରୁପ ପାର୍ଶ୍ୱାଞ୍ଚଳ ଓ ପୁନର୍ବସିତ କଲୋନୀର ଅବହେଳିତ ବର୍ଗର ୨ଶହ ଜଣ ଛାତ୍ରୀଛାତ୍ରଙ୍କୁ ୨୩.୫ ଲକ୍ଷ ଟଙ୍କାର ମେଧାବୃତ୍ତି ପ୍ରଦାନ କରାଯାଇଛି। ସିଏସଆର ବିଭାଗର ସେକ୍ଟର-୨୦ ସ୍ଥିତ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ନିକଟରେ ଛାତ୍ରବୃତ୍ତି ବିତରଣ ପାଇଁ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସହର ପ୍ରଶାସନ ଏବଂ ସିଏସଆର ବିଭାଗର ସିଜିଏମ ଇନଚାର୍ଜ ପି.କେ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ସିଏସଆର ବିଭାଗର ଜିଏମ ଇନଚାର୍ଜ ସୁଶ୍ରୀ ମୁନମୁନ ମିତ୍ରା, ସିଏସଆର ବିଭାଗର ଜିଏମ ବିଭାବସୁ ମଲ୍ଲିକ ଓ ସିଏସଆର ବିଭାଗ ଅନ୍ୟ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଡମି ଚେକ ଓ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ, ଛାତ୍ରୀଛାତ୍ରଙ୍କ ବୃତ୍ତିଅର୍ଥ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯାଇଛି। ଛାତ୍ରୀଛାତ୍ରଙ୍କ ସହିତ ମତବିନିମୟ କରି ସ୍ୱାଇଁ ସେମାନଙ୍କୁ ଉଚ୍ଚ ଲକ୍ଷ୍ୟ ରଖିବା ତଥା ସ୍ୱପ୍ନ ଦେଖିବା ସହିତ ସେଗୁଡିକୁ ସାକାର କରିବା ନିମନ୍ତେ କଠିନ ଅଧ୍ୟବସାୟ କରିବା ପାଇଁ ଉତ୍ସାହିତ କରିଥିଲେ। ଛାତ୍ରବୃତ୍ତି ପାଇଥିବା ଟପ୍ପୋ କହିଛନ୍ତି, ଆର୍‌ଏସପି ମାଧ୍ୟମରେ ମୁଁ ପାଇଥିବା ଛାତ୍ରବୃତ୍ତି ଯୋଗୁ ପୁସ୍ତକ ଏବଂ ଅନ୍ୟାନ୍ୟ ଅଧ୍ୟୟନ ସାମଗ୍ରୀ କିଣିପାରୁଛି। ଏହା ମତେ ଉନ୍ନତ ଶିକ୍ଷା ପାଇବାରେ ସକ୍ଷମ କରିଛି। ମୁଁ ଏହି ପଦକ୍ଷେପ ପାଇଁ ଆର୍‌ଏସପି ନିକଟରେ କୃତଜ୍ଞ ବୋଲି ପ୍ରକାଶ କରିଛନ୍ତି। ସିଏସଆର ବିଭାଗ ଏଜିଏମ ଟି.ବି ଟପ୍ପୋ ଧନ୍ୟବାଦ ଜ୍ଞାପନ କରିଥିଲେ। ସିଏସଆର ବିଭାଗର ମ୍ୟାନେଜର ସୁଶ୍ରୀ ରୀତା ସୁଧିରମ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ଯୋଜନା ଅନ୍ତର୍ଗତ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଦ୍ୱାରା ଯୋଗ୍ୟ ଛାତ୍ରୀଛାତ୍ର ମନୋନୀତ ହୋଇଥାନ୍ତି। ଆର୍‌ଏସପିର ସିଏସଆର ପ୍ରୟାସର ଅଂଶ ସ୍ୱରୂପ ଶିକ୍ଷାର ପ୍ରସାର ନିମନ୍ତେ ଏହି ଯୋଜନା ୨୦୦୭-୦୮ରେ ଆରମ୍ଭ ହୋଇଥିଲା। ଏହି ଯୋଜନା ଅଧିନରେ ମନୋନୀତ ଛାତ୍ରୀଛାତ୍ରଙ୍କୁ ଉଚ୍ଚ ମାଧ୍ୟମିକ ଓ ମାଧ୍ୟମିକ ଶିକ୍ଷା ଲାଭ ନିମନ୍ତେ ବାର୍ଷିକ ୧୨ହଜାର ଟଙ୍କା ଏବଂ ପ୍ରାଥମିକ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରୀଛାତ୍ରଙ୍କୁ ମାସିକ ୧୦ହଜାର ୮ଶହ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଉଛି।




ମେଧାବୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# ଆର୍‌ଏସପିର ୯ ଅଧିକାରୀଙ୍କୁ ମିଳିଲା ଟ୍ରେଲବ୍ଲେଜର ପୁରସ୍କାର



ଆର୍‌ଏସପି ଭାରାପ୍ରାପ୍ତ ନିର୍ଦ୍ଦେଶକଙ୍କ ଗହଣରେ ପୁରସ୍କାର ଲାଭ କରିଥିବା ୯ଜଣ ଅଧିକାରୀ।

**ରାଉରକେଲା,୯।୪(ବିପ୍ଳବ ରଞ୍ଜନ ଦାଶ)** ଆର୍‌ଏସପିର ୯ ଅଧିକାରୀଙ୍କୁ ବୁଧବାର ଇଣ୍ଡୋ ଜର୍ମାନ କ୍ଲବଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆର୍‌ଏସପିର ଭାରାପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଟ୍ରେଲବ୍ଲେଜର ପୁରସ୍କାର ପ୍ରଦାନ କରିଛନ୍ତି। ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ବିତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅଭୟ କୁମାର ବେହୁରିଆ, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଳ ଚୌଧୁରୀ, କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ ଓ ପୁରସ୍କାର ବିଜେତା ସପତ୍ନୀକ ଉପସ୍ଥିତ ଥିଲେ। ପୁରସ୍କାର ବିଜେତାମାନେ ହେଉଛନ୍ତି, ଏସପି-୩ ବିଭାଗର ସିନିୟର ମ୍ୟାନେଜର ଶିବମ ସିଂହ, ଆରଏମଏଚପି ବିଭାଗର ଏଜିଏମ ନରେଶ କୁମାର ପରିଡା, ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର ସିନିୟର ମ୍ୟାନେଜର ତଥା ସମ୍ପ୍ରତି ଇଡି ୱାର୍କ୍ସ ସଚିବାଳୟଠାରେ କାର୍ଯ୍ୟରତ ଆଦିତ୍ୟ ଶଙ୍କର ରାଉତରାୟ, ରିଫ୍ରାକ୍ଟୋରିଜ ବିଭାଗର ସିନିୟର ମ୍ୟାନେଜର ତଥା ସମ୍ପ୍ରତି ଇଡି ୱାର୍କସ ସଚିବାଳୟରେ କାର୍ଯ୍ୟରତ ଆଦିତ୍ୟ ଶଙ୍କର ରାଉତରାୟ, ରିଫ୍ରାକ୍ଟୋରିଜ ବିଭାଗର ସିନିୟର ମ୍ୟାନେଜର ପୂରବ ଦାସ, ଏସଏମଏସ-୨ ବିଭାଗର ସିନିୟର ମ୍ୟାନେଜର ରବିନ୍ଦ୍ର କୁମାର ସିଂହ, ଇନଷ୍ଟ୍ରୁମେଣ୍ଟେସନ ଏବଂ ଅଟୋମେସନ ବିଭାଗର ମ୍ୟାନେଜର ସୁମନ୍ତ କୁମାର ମହାପାତ୍ର, ପିଡି ବିଭାଗର ସିନିୟର ମ୍ୟାନେଜର ବିଶ୍ୱ ରଞ୍ଜନ ସ୍ୱାଇଁ, ପ୍ରକଳ୍ପ ବିଭାଗର ସିନିୟର ମ୍ୟାନେଜର ପ୍ରୀତମ କୁମାର ନାୟକ, ବୋଲାଣି ଓର ମାଇନ୍ସର ଏଜିଏମ ଚନ୍ଦନ କୁମାର ଅଗ୍ରବାଲା। କାର୍ଯ୍ୟକ୍ରମ ଶେଷରେ ମାନବ ସମ୍ବଳ ବିଭାଗର ଡେପୁଟି ମ୍ୟାନେଜର ସୁଶ୍ରୀ ଇତିଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଚଆରଓଡି ବିଭାଗର ଡେପୁଟି ମ୍ୟାନେଜର ସୁଶ୍ରୀ ସିମ୍ପି ପଟେଲ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସାମଗ୍ରିକ କାର୍ଯ୍ୟକ୍ରମ ଏଚଆର ଓଡି ବିଭାଗର ଜିଏମ ଏସ.ବଡପଣ୍ଡାଙ୍କ ତତ୍ତ୍ୱାବଧାନ କ୍ରମେ ସମନ୍ୱିତ ହୋଇଥିଲା।

# ଗଞ୍ଜେଇ ଜବତ, ୨ ଗିରଫ

**ରାଉରକେଲା,୯।୪(ସଙ୍ଗୀତା ଜେନା)** ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ ବିଶ୍ରା ଅଞ୍ଚଳରୁ ମଙ୍ଗଳବାର ସନ୍ଧ୍ୟାରେ ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ବୋଲେରୋ ଚାଳକ ଦେବଗଡ଼ର ସୁନୀଲ ପ୍ରଧାନ(୩୫) ଏବଂ ରେଙ୍ଗାଲି ଅଞ୍ଚଳର ବିରଞ୍ଚି ସାହୁ(୬୪)। ସେମାନଙ୍କ ନିକଟରୁ ୩ କେଜି ୪୩ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏ ନେଇ ପୋଲିସ ମାମଲା(ନଂ ୧୩୫/୨୫) ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି। ବିଶ୍ରା ଥାନା ଅନ୍ତର୍ଗତ ସନ୍ତୋଷପୁର ଅଞ୍ଚଳରେ ମଙ୍ଗଳବାର ପାଟ୍ରୋଲିଂ ସମୟରେ ପୋଲିସ ୨ ଜଣଙ୍କୁ ଧରିଥିଲା।

# ଲୋକୋମୋଟିଭ କମିଶନିଂ ଉଦ୍‌ଘାଟିତ

**ରାଉରକେଲା,୯।୪(ବିପ୍ଳବ ରଞ୍ଜନ ଦାଶ)** ଆର୍‌ଏସପିର ଟ୍ରାଫିକ ଓ କଞ୍ଚାମାଲ ବିଭାଗରେ ଏପ୍ରିଲ ୪ତାରିଖରେ ନବୀକୃତ ଲୋକୋମୋଟିଭର କମିଶନିଂ ସମ୍ପନ୍ନ ହୋଇଛି। କମିଶନିଂ ନେଇ ଆୟୋଜିତ ଉତ୍ସବରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ନବୀକୃତ ଲୋକୋମୋଟିଭ କଲ ନଂ-୧୪୨୩ର ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ରକ୍ଷଣାବେକ୍ଷଣ ବିଭାଗର ସିଜିଏମ ଇନଚାର୍ଜ ଏସ.ଏସ ରାୟଚୌଧୁରୀ, ସର୍ଭିସେସ ବିଭାଗ ସିଜିଏମ ଆଶିଶ ଚନ୍ଦ୍ର ସରକାର, ଇଲେକ୍ଟ୍ରିକାଲ ବିଭାଗର ସିଜିଏମ ଆର.କେ ମୁଦୁଲି, ଟ୍ରାଫିକ ବିଭାଗର ସିଜିଏମ କେ ସୁନ୍ୟାନୀଙ୍କ ସମେତ ଟି ଆଣ୍ଡ ଆର୍ ଏମ ବିଭାଗର ବିଭିନ୍ନ ବିଭାଗୀୟ ମୁଖ୍ୟ, ଅନ୍ୟ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ। ନିର୍ବାହୀ ନିର୍ଦ୍ଦେଶକ ସାମୁଦାୟିକଙ୍କୁ ଏହି ଲୋକୋମୋଟିଭର ନିପୁଣ ଉପଯୋଗ ପୂର୍ବକ କାରଖାନାର ପ୍ରଦର୍ଶନରେ ଅଧିକ ଉନ୍ନତୀ ଆଣିବା ପାଇଁ ଆହ୍ୱାନ ଦେଇଥିଲେ ଏବଂ ସମସ୍ତଙ୍କୁ ସାମଗ୍ରିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ ଯେ, ଲୋକୋମୋଟିଭ କଲ ନଂ-୧୪୨୩ର ନିୟମିତ ବ୍ୟବଧାନ ମରାମତି ତିରୁଚିରାପଲ୍ଲୀ ସ୍ଥିତ ଗୋଲଡେନ ରକ ଭାରତୀୟ ରେଳବାଇ ୱାକ- ସପରେ ସମ୍ପନ୍ନ ହୋଇଥିଲା। ଏହି ଲୋକୋମୋଟିଭକୁ ଭାରତୀୟ ରେଳବାଇର ମେଷର୍ଷ ବନାରସ ଲୋକୋମୋଟିଭ ୱାର୍କ୍ସ ବାରାଣସୀ ପ୍ରସ୍ତୁତ କରିଥିଲା। ଏହାକୁ ୨୦୦୯ ମସିହାରେ କ୍ରୟ କରାଯିବା ସହିତ କମିଶନିଂ କରାଯାଇଥିଲା। ୨୦୨୪ ନଭେମ୍ବର ୪ ତାରିଖରେ ଉକ୍ତ ଲୋକୋମୋଟିଭକୁ ନବୀକରଣ ନିମନ୍ତେ ତିରୁଚିରାପଲ୍ଲୀ ସ୍ଥିତ ଗୋଲଡେନ ରକ ଭାରତୀୟ ରେଳବାଇ ୱାର୍କ୍ସ ସପକୁ ପଠାଗଲା। ପିଏଚଓ ପରେ ନବୀକୃତ ଲୋକୋମୋଟିଭ ଗତ ୨୦୨୫ ମାର୍ଚ୍ଚ ୨୦ତାରିଖରେ ଆରଏସପିରେ ପହଞ୍ଚିଥିଲା। ଆରଏସପି ନିକଟରେ ୪୧ଟି ଅନୁରୂପ ଲୋକୋମୋଟିଭ ରହିଛି। ଲୋକୋମୋଟିଭର ନବୀକରଣ ଏହାର ନିର୍ଭରଶୀଳତା, ଉପଲବ୍ଧତା ଓ ହର୍ଷ ପାୱାରରେ ଉନ୍ନତୀ ଆଣିଛି। ଯାହା ଉଭୟ ଆଭ୍ୟନ୍ତରୀଣ ଓ ବାହ୍ୟ ରୋଲିଂ ଷ୍ଟକ ସ୍ଥାନାନ୍ତରଣରେ ସହାୟକ ହେବ।



ଲୋକୋମୋଟିଭ କମିଶନିଂ ଉଦ୍‌ଘାଟିତ।

# ଆଜି ୯ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ

**ରାଉରକେଲା,୯।୪(ବିପ୍ଳବ ରଞ୍ଜନ ଦାଶ):** ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ (ଓପିଟିସିଏଲ) ପକ୍ଷରୁ ୧୩୨/୩୩ କେ.ଭି. ରାଉରକେଲା ଗ୍ରୀଡ୍ ସବ୍‌ଷ୍ଟେସନରେ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ରାଉରେକେଲା ସହର ଅନ୍ତର୍ଗତ ଲାଠିକଟା, ଜଲଦା, ସିଭିଲ ଟାଉନଶିପ, ପିଏଚଡି, ପାନପୋଷ, ବନ୍ଦୋମୁଣ୍ଡା, ଗୋପାବନ୍ଧୁପାଲି, ପାୱାର୍ ହାଉସ, ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ ଆଦି ୯ଟି ଅଞ୍ଚଳ ଏବଂ ଏହାର ଆଖପାଖ ଅଞ୍ଚଳରେ ଶୁକ୍ରବାର ସକାଳ ୭ଟାରୁ ସକାଳ ୯ଟା୩୦ ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ ବୋଲି ଘୋଷଣା କରାଯିବା ସହିତ ସ୍ଥାନୀୟ ଅଞ୍ଚଳର ବିଦ୍ୟୁତ ଗ୍ରାହକ ତଥା ଜନସାଧାରଣଙ୍କ ସହଯୋଗ କାମନା କରିଛି ଟିପିଡବ୍ଲ୍ୟୁଓଡିଏଲ, କର୍ପୋରେଟ କାର୍ଯ୍ୟାଳୟ।

# ୧୨ରୁ ଶ୍ରୀରାମକଥା, ସୁନ୍ଦରାକାଣ୍ଡ ପାଠ

**ରାଉରକେଲା,୯।୪(ସଙ୍ଗୀତା ଜେନା)** ଆସନ୍ତା ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ରାଉରକେଲାରେ ୩ ଦିବସୀୟ ଶ୍ରୀରାମକଥା ଏବଂ ସୁନ୍ଦରାକାଣ୍ଡ ପାଠ ଆୟୋଜନ ହେବ। ଏଥିରେ ମଧ୍ୟପ୍ରଦେଶରୁ ପ୍ରବଚକ ବ୍ରଜକିଶୋରୀ ସରକାର ଯୋଗଦେଇ ରାମଦରବାର ଆୟୋଜନ କରିବେ। ଏଥିରେ ପ୍ରମୁଖ ଆକର୍ଷଣ ସାଜିବେ ଦୁବାଇ ପୋଲିସର ମେଜର ଡ. ଓମାର ଅଲ୍ ମର୍ଜୁକୀ। ଏହାସହ ରାମାୟଣ ଧାରାବାହିକରେ ରାମସୀତା ଭୂମିକାରେ ପ୍ରସିଦ୍ଧି ଲାଭ କରିଥିବା ତଥା ବଲିଉଡ ତାରକା ଗୁରମିତ ଚୌଧୁରୀ ଏବଂ ଦେବିନା ବାନାର୍ଜୀ ପ୍ରମୁଖ ଉପସ୍ଥିତ ରହିବେ। ଏନେଇ ବୁଧବାର ପୂର୍ବାହ୍ନ ସାଢ଼େ ୧୧ଟାରେ ମେ'ଫେୟାର ହକି ଭିଲେଜ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଆୟୋଜକ ସୌମ୍ୟ ପ୍ରଧାନ, ଅମିତାଭ ସାମଲ, ସାମାଜିକର୍ମୀ ହରି ରାଉତରାୟ ଓ ସଂଗ୍ରାମକେଶରୀ ବେହେରା ପ୍ରମୁଖ ଏଥିରେ ସୂଚନା ପ୍ରଦାନ କରିଥିଲେ। ଆୟୋଜକ ପ୍ରଧାନ କହିଛନ୍ତି, ପ୍ରତ୍ୟେକ ଦିନ ଅପରାହ୍ନ ସାଢ଼େ ୪ଟାରୁ ରାତି ସାଢ଼େ ୯ଟା ପର୍ଯ୍ୟନ୍ତ ମେ'ଫେୟାର ହକି ଭିଲେଜ ପରିସରରେ ଆଧ୍ୟାତ୍ମିକ ସମାଗମ ହେବ। ରାମ, ହନୁମାନ କଥା ପ୍ରଥମ ପର୍ଯ୍ୟାୟରେ ହେବା ପରେ ରାମଦରବାର ବ୍ରଜକିଶୋରୀ ଉପସ୍ଥାପନା କରିବେ। ସେହିପରି ଏପ୍ରିଲ ୧୪ରେ ବୃନ୍ଦାବନରୁ ଆସିଥିବା ସ୍ୱାମୀ ପଦ୍ମନାଭ ଆଚାର୍ଯ୍ୟ ସୁନ୍ଦରାକାଣ୍ଡ ପରିବେଷଣ କରିବେ। ଆୟୋଜକ ସାମଲ କହିଛନ୍ତି, ରାଉରକେଲାରେ ଆଧ୍ୟାତ୍ମିକତା ଏବଂ କଳାର ଅନୁପମ ସମନ୍ୱୟ ଅଣାଯାଉଛି। ଏହି ଭବ୍ୟ କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ସଂଖ୍ୟାରେ ଶ୍ରୋତାମାନେ ଯୋଗଦେବାକୁ ସାମଲ ଅନୁରୋଧ କରିଥିଲେ। ଶେଷରେ ସାମାଜିକର୍ମୀ ରାଉତରାୟ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ ସୂଚନା ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ।




ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତାମାନେ।

# ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ପାନୀୟଜଳ ଯୋଗାଣ

**ରାଉରକେଲା,୯।୪(ସଙ୍ଗୀତା ଜେନା)** ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ସୁନ୍ଦରଗଡ଼, ହେମଗିର, ଝାରସୁଗୁଡ଼ା ଏବଂ କୁରୋଲୋଇ ଅଞ୍ଚଳରେ ଶିକ୍ଷା, ଯୋଗାଣ ଓ ପରିମଳ ପଦକ୍ଷେପ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଉଛି। ପ୍ରକଳ୍ପ ବିଦ୍ୟା ଏବଂ ପ୍ରକଳ୍ପ ନିର୍ମଳ ନାମକ ୨ଟି ସିଏସ୍‌ଆର୍ କାର୍ଯ୍ୟକ୍ରମ କମ୍ପାନୀ ପକ୍ଷରୁ ଆରମ୍ଭ କରାଯାଇଛି। ଏଥିରେ ପ୍ରାୟ ୩୦ ହଜାର ଲୋକ ଉପକୃତ ହେଉଛନ୍ତି। ମୁଣ୍ଡେରଖେଟ୍‌ରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିରିକ୍ତ ବିଡ଼ିଓ ଜିତେନ୍ଦ୍ର ମୁଣ୍ଡା, ଅତିରିକ୍ତ ବିଇଓ କପିଳଚନ୍ଦ୍ର ଦାସ, ମୁଣ୍ଡେରଖେଟ୍‌ର ସରପଞ୍ଚ ସନ୍ୟାସୀ ବାଗ, ଗର୍ଜ୍ଜନଜୋରର ସରପଞ୍ଚ ସୁନନ୍ଦା କାଲୋ, ଚକ୍ର କ୍ଲଷ୍ଟରର ସିଆର୍‌ସିସି ନିତ୍ୟାନନ୍ଦ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।




ଉପସ୍ଥିତ କର୍ମକର୍ତ୍ତା ଓ ଅନ୍ୟମାନେ।

ପ୍ରକଳ୍ପ ବିଦ୍ୟା ଅନୁଯାୟୀ, ଆଖାପାଖ ଅଞ୍ଚଳରେ ୨୦ଟି ସ୍କୁଲର ୨୨ ଜଣ ଅତିରିକ୍ତ ଶିକ୍ଷକଙ୍କୁ ନିୟୋଜିତ କରି ସରକାରୀ ସ୍କୁଲରେ ଶିକ୍ଷକଙ୍କ ଅଭାବ ଦୂର କରିଛି। ଘୋଘରପାଲି ଅଞ୍ଚଳରେ ହିତାଧିକାରୀ ବିଦ୍ୟାଳୟ ଗୁଡ଼ିକ ମଧ୍ୟରେ ମୁଣ୍ଡେରଖେଟ୍, ଭୋଗ୍ରାଜାଇର, ଘୋଘରପାଲୀ, ପୋଡାଜାଲାଙ୍ଗା, ରେଙ୍ଗଲପାଣି, ଛତାବର, ବିଲେମୁଣ୍ଡା ଜାମଖାନୀ ଅଞ୍ଚଳର ବିଦ୍ୟାଳୟ, ଗିରିସମା, ଝାରପାଲମ ହାଇସ୍କୁଲ ସମେତ ଝାରସୁଗୁଡ଼ାର କୁରାଲୋଇ, ମୋହନପୁର, ଉଲପଗଡ଼, ଲିଆଖାଇ, ପିପିଲିମାଲ ହାଇସ୍କୁଲ, ଖୈରକୁନି, କୁରାଲୋଇ ଆଶ୍ରମ ସ୍କୁଲ, ବାରୀ ଆଶ୍ରମ ସ୍କୁଲ, ଗ୍ରିଣ୍ଡୋଲା ଆଶ୍ରମ ସ୍କୁଲ, କର୍ଲାମାନ ହାଇସ୍କୁଲ ଉପକୃତ ହେଉଛନ୍ତି। ନିର୍ମଳ ପ୍ରକଳ୍ପ ଜରିଆରେ ୧୨ଟି ଗ୍ରାମରେ ୧୧ଟି ସୌରଶକ୍ତି ଚାଳିତ ବୋରୱେଲ, ୫୦ଟି ବାୟୋଶୌଚାଳୟ, ୨୦ଟି ଜଳ ବିଶୋଧକ ସ୍ଥାପନ ମାଧ୍ୟମରେ ସ୍ଥାୟୀ ଜଳ ଓ ପରିମଳ ସମସ୍ୟା ସମାଧାନ ହୋଇଛି। ସୁନ୍ଦରଗଡ଼ ଉପଜିଲାପାଳ ଦଶରଥି ସରାବୁ, ବେଦାନ୍ତ କୋଇଲାଖଣିର ସିଇଓ ଡେଭିଡ ଷ୍ଟୋନ୍ ପ୍ରମୁଖ ଉକ୍ତ ପ୍ରକଳ୍ପ ଗୁଡ଼ିକୁ ନେଇ ସଚେତନ କରିବା ସହ ସାଧୁବାଦ ପ୍ରଦାନ କରିଥିଲେ।

**୪ର୍ଥ ଦିନରେ ବିଶାଳଖିଣ୍ଡା ବିରାଟ ରାମଲୀଳା ମହୋତ୍ସବ**

ସମ୍ବଲପୁର,(ବି.ଶଙ୍କର): ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ ବିଶାଳଖିଣ୍ଡା ଗ୍ରାମରେ ବିରାଟ ରାମଲୀଳା ମହୋତ୍ସବ ବୁଧବାର ଚତୁର୍ଥ ଦିବସରେ ପହଞ୍ଚିଛି । ସଭାପତି ଦୁର୍ଗାପ୍ରସାଦ ପୂଜାରୀ ଓ ସବ୍ୟସାଚୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରାବଣ ଦରବାର, ଶବରୀ ଅଇଁଠା, ବାଳୀବଧ, ବୈଦ୍ୟନାଥ ଲିଙ୍ଗ ହରଣ, ଲଙ୍କା ଦରବାର ମଞ୍ଚସ୍ଥ ହୋଇଥିଲା । ଏହାସହ କୁନି ଶିଶୁ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। କମିଟି ସମ୍ପାଦକ ଆଚାର୍ଯ୍ୟ ଧନ୍ୟବାଦ ଜ୍ଞାପନ କରିଥିଲେ ।



**ସଂକ୍ଷେପରେ**

## ଓଡ଼ିଆ ପକ୍ଷ ଉପଲକ୍ଷେ ରକ୍ତଦାନ ଶିବିର

କୁଚିଣ୍ଡା,୮।୪(ବିରଞ୍ଚି ଦର୍ଭା)

ଜାତୀୟ ସେବା ଯୋଜନା କୁଚିଣ୍ଡା ମହାବିଦ୍ୟାଳୟ, କୁଚିଣ୍ଡା ଉପଜିଲାପାଳ କାର୍ଯ୍ୟାଳୟ ଓ କୁଚିଣ୍ଡା କଲେଜ ଏନ୍‌ଏସ୍‌ଏସ୍ ପକ୍ଷରୁ ଓଡ଼ିଆ ପକ୍ଷ ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ଅଡିଟୋରିୟମଠାରେ ଅନୁଷ୍ଠିତ ଶିବିରକୁ ଗ୍ରାମ୍ୟ ଉନ୍ନୟନ,ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କୁଚିଣ୍ଡା କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷା ସୁଭଦ୍ରା ଦାସଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ଉପଜିଲାପାଳ ଗୌରବମୟ ପ୍ରଧାନ, ଏସ୍‌ଡିଏମ୍‌ଓ ଡା. ସୁବୋଧ କୁମାର ନାୟକ, କୁଚିଣ୍ଡା ବିଡିଓ ଜୟନ୍ତ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏନ୍‌ଏସ୍‌ଏସ ଅଫିସର ସୁଶ୍ରୀ ବେଲମତୀ କୁମୁରା ସଭା ପରିଚାଳନା କରିଥିଲେ। କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନା ରକ୍ତ ଭଣ୍ଡାର କର୍ମଚାରୀ ପ୍ରମୋଦ କୁମାର ପଟେଲ ଓ ତାଙ୍କ ଟିମ୍‌ଙ୍କ ଦ୍ୱାରା ୨୦ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କୁଚିଣ୍ଡା କଲେଜ ଏନସିସି ଅଫିସର ରୋଶନ କୁଲୁ, ଅଧ୍ୟାପିକା ମଞ୍ଜୁଶ୍ରୀ ଦାସ, ମଞ୍ଜୁଶ୍ରୀ ସାହୁ, ଜୟନ୍ତୀ ସିଂ, ଅଧ୍ୟାପକ ସୁଧାଂଶୁ ମହାପାତ୍ର, ଦିବ୍ୟ ନାଗ, ଦିଲୀପ ନନ୍ଦ, ଅତୁଲ୍ୟ ଅଗ୍ରୱାଲ, ରାଜେଶ ଶର୍ମା ସହଯୋଗ କରିଥିଲେ।

## ୭ ଦିନ ଭିତରେ ନିଯୁକ୍ତି ପ୍ରତିଶ୍ରୁତି

**୩ ଶ୍ରମିକ ଛଟେଇ ମାମଲା**

**ନିଃସର୍ତ୍ତ କ୍ଷମା ମାଗିଲେ ଭିମ୍‌ସାର କର୍ତ୍ତୃପକ୍ଷ**

ସମ୍ବଲପୁର,୯।୪(ଭବାନୀ ଶଙ୍କର ଭୋଇ)

ବୁର୍ଲା ଭିମ୍‌ସାରରେ ୩ଜଣ ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ପ୍ରଦାନରେ ଅବହେଳା ମାମଲାରେ ବୁଧବାର ଭିମ୍‌ସାର ଡିନ ପ୍ରଫେସର ପ୍ରଦୀପ ମହାନ୍ତି ବ୍ୟକ୍ତିଗତ ଭାବେ ସୁପ୍ରିମକୋର୍ଟରେ ଉପସ୍ଥିତ ହୋଇ କ୍ଷମା ପ୍ରାର୍ଥନା କରିଛନ୍ତି। ଏହା ସହିତ ଭିମ୍‌ସାର ଜାରି କରାଯାଇଥିବା ନୋଟିସରେ ସୁଧାର କରି ଛଟେଇ ଶ୍ରମିକମାନଙ୍କୁ ୭ଦିନ ଭିତରେ ନିଃସର୍ତ୍ତ ନିଯୁକ୍ତି ଦେବା ପାଇଁ ସୁପ୍ରିମକୋର୍ଟଙ୍କୁ ଅବଗତ କରିଛନ୍ତି।

ଆବେଦନକାରୀ ରେବତୀକାନ୍ତ କଲେତ ସଫେଇ କର୍ମଚାରୀ ଭାବେ, ଶମ୍ଭୁନାଥ ସାହୁ ଶ୍ରମିକଭାବେ ୨୦୦୦ରୁ ୨୦୦୭ ପର୍ଯ୍ୟନ୍ତ ଏବଂ କ୍ଷୀରୋଦ କୁମାର ସାହୁ ୧୯୯୧ରୁ ୨୦୦୭ ପର୍ଯ୍ୟନ୍ତ ଲେଡିଜ୍ ହଷ୍ଟେଲ ଜଗୁଆଳିଭାବେ କାର୍ଯ୍ୟ କରିଥିଲେ। ହସ୍ପିଟାଲ କର୍ତ୍ତୃପକ୍ଷ ସ୍ଥାୟୀ ନିଯୁକ୍ତିର ପ୍ରତିଶ୍ରୁତି ଦେଇ ଦୈନିକ ୪୦ ଟଙ୍କା ମଜୁରିରେ ସପ୍ତାହକୁ ଦୁଇ ଦିନ ପାଇଁ ନିଯୁକ୍ତି କରିଥିଲେ। ଦୀର୍ଘଦିନ ଧରି ତାଙ୍କଠାରୁ ସେବା ଗ୍ରହଣ କଲାପରେ ବେଆଇନ ଭାବେ ୨୦୦୭



ଭିମ୍‌ସାର ମେଡିକାଲ ବିଲ୍‌ଡିଂ।

ମସିହାରେ ସେମାନଙ୍କୁ କାମରୁ ବାହାର କରିଦେଇଥିଲେ। ଏହା ବିରୋଧରେ ସେମାନେ ଶ୍ରମ ଅଦାଲତ ଏବଂ ପରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଭୟ ଅଦାଲତ ତାଙ୍କ ସପକ୍ଷରେ ରାୟ ଦେଲା ପରେ ମଧ୍ୟ ହସ୍ପିଟାଲ କର୍ତ୍ତୃପକ୍ଷ ସେମାନଙ୍କୁ ନିଯୁକ୍ତି ନ ଦେବାରୁ ସେମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ଗତ ୩ ମାର୍ଚ୍ଚରେ ତାଙ୍କ ଆଦେଶରେ ୩ ଆବେଦନକାରୀଙ୍କୁ ଭିମସାର କର୍ତ୍ତୃପକ୍ଷ ତୁରନ୍ତ ନିଃସର୍ତ୍ତ ପୁନଃନିଯୁକ୍ତି ପ୍ରଦାନ କରିବାପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ହେଲେ ଆଦେଶର ଉପେକ୍ଷା କରି ହସ୍ପିଟାଲ କର୍ତ୍ତୃପକ୍ଷ ପୂର୍ବବତ ସପ୍ତାହକୁ ଦୁଇଦିନ ପାଇଁ ସର୍ତ୍ତମୂଳକ ଭାବେ ମାମଲାର ଶୁଣାଣି ପର୍ଯ୍ୟନ୍ତ ନିଯୁକ୍ତ କରିଥିଲେ। ଏହାକୁ ନେଇ ସୁପ୍ରିମକୋର୍ଟ ବିରକ୍ତି ପ୍ରକାଶ କରିଥିଲେ। ଏହାପରେ ଗତ ୧ତାରିଖରେ ସୁପ୍ରିମକୋର୍ଟର ଜଷ୍ଟିସ ଜେ.କେ. ମାହେଶ୍ୱରୀ ଏବଂ ଜଷ୍ଟିସ୍ ଅରବିନ୍ଦ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ ୨୦୦୭ ମସିହାରେ ଛଟେଇ ମାମଲାରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ଫାଇଲ କରାଯାଇଥିବା ସତ୍ୟପାଠକୁ କଡ଼ା ସମାଲୋଚନା କରିବା ସହିତ ଆଗାମୀ ଶୁଣାଣିରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ବ୍ୟକ୍ତିଗତ ଉପସ୍ଥିତ ରହିବା ପାଇଁ ଆଦେଶ ଦେଇଥିଲେ। ବୁଧବାର ଭିମ୍‌ସାର ଡିନ ବ୍ୟକ୍ତିଗତଭାବେ ଉପସ୍ଥିତ ହୋଇ ନୋଟିସରେ ସୁଧାର କରି ଛଟେଇ ଶ୍ରମିକମାନଙ୍କୁ ନିଯୁକ୍ତି ଦେବା ପାଇଁ ଏକ ସପ୍ତାହ ସମୟ ମାଗିଛନ୍ତି। ମାମଲାର ଆଗାମୀ ଶୁଣାଣୀ ଆଗାମୀ ସପ୍ତାହ ପାଇଁ ଧାର୍ଯ୍ୟ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଡ. କେଦାରନାଥ ତ୍ରିପାଠୀ, ଜ୍ଞାନଦତ୍ତ ଚୌହାନ ଏବଂ ଆଦିତ୍ୟ ନାରାୟଣ ତ୍ରିପାଠୀ ସୁପ୍ରିମ୍ କୋର୍ଟରେ ମାମଲାର ପରିଚାଳନା କରୁଛନ୍ତି।

## ବହି ପ୍ରତି ଆଗ୍ରହ ସୃଷ୍ଟି କରିବା ଜରୁରୀ


ଉତ୍କଳ ବାଳାଶ୍ରମରେ ଅନ୍ତେବାସୀଙ୍କ ସହ ଅତିଥି ବୃନ୍ଦ।

**ଓଡ଼ିଆ ପକ୍ଷ ପାଳନର ନବମ ଦିନ: ଆସ, ବହିଟିଏ କିଣିବା ଅଭିଯାନ**

ସମ୍ବଲପୁର,୯।୪(ଭବାନୀ ଶଙ୍କର ଭୋଇ)

ଓଡ଼ିଆ ପକ୍ଷ ପାଳନ ଅବସରରେ ଆସ, ବହିଟିଏ କିଣିବା ଅଭିଯାନ ଦିବସ ବୁଧବାର ସମ୍ବଲପୁର ଜିଲା ଧନକଉଡ଼ାସ୍ଥିତ ଉତ୍କଳ ବାଳାଶ୍ରମରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ସାହିତ୍ୟ ପ୍ରତି ଆଗ୍ରହ ଓ ଆଦର ବୃଦ୍ଧି କରିବା ସହ ନିଜେ ବହି କିଣି ଅନ୍ୟମାନଙ୍କୁ ବହି କିଣିବା ପାଇଁ ପ୍ରେରିତ କରିବା ଏହି ଅଭିଯାନର ଲକ୍ଷ୍ୟ ବୋଲି ମୁଖ୍ୟ ଅତିଥି ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ କହିଥିଲେ। ଛୋଟ ସମୟରୁ ବହି ପ୍ରତି ଆଗ୍ରହ ଜାତ ହେଲେ ବିଜ୍ଞ ବ୍ୟକ୍ତିତ୍ୱର ଅଧିକାରୀ ହୋଇ ପାରିବା ବୋଲି ଅତିରିକ୍ତ ଜିଲାପାଳ ପିଲାମାନଙ୍କୁ ବୁଝାଇଥିଲେ। ବାଳାଶ୍ରମର ଅନ୍ତେବାସୀମାନଙ୍କୁ ସେମାନଙ୍କ ପାଠପଢା ବିଷୟରେ ଅତିରିକ୍ତ ଜିଲାପାଳ ପଚାରି ବୁଝିଥିଲେ। ସମ୍ବଲପୁର ଜିଲା ପ୍ରଶାସନ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଳାଶ୍ରମର ପିଲାମାନଙ୍କୁ ୭୧ଟି ଓଡ଼ିଆ ଗଳ୍ପ, ପ୍ରବନ୍ଧ ଓ ଅନ୍ୟାନ୍ୟ ପୁସ୍ତକ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୁଚିସ୍ମିତା ପଟ୍ଟନାୟକ, ଜିଲା ସଂସ୍କୃତି ଅଧିକାରୀ ମାମନି ଆଚାର୍ଯ୍ୟ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜୁକ୍ତା କୁଲୁ ଉପସ୍ଥିତ ଥିଲେ।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବାର୍ଷିକ ଉତ୍ସବ

ସମ୍ବଲପୁର,୯।୪(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଅନ୍ତର୍ଗତ ପରମାଣପୁରଠାରେ ଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପରମାଣପୁର ସରପଞ୍ଚ ମହେନ୍ଦ୍ର ନାଥ, ମୁଖ୍ୟବକ୍ତା ମୁରା ଜିପିଏ କଲେଜ ଅଧ୍ୟାପକ ଦେବେନ୍ଦ୍ର କୁମାର ମିଶ୍ର, ସମ୍ମାନିତ ଅତିଥିଭାବେ ମାନେଶ୍ୱର ବ୍ଲକ ଉପାଧ୍ୟକ୍ଷ ନରେନ୍ଦ୍ର ମିଶ୍ର ଓ ପ୍ରତାପ ମିଶ୍ର ମଞ୍ଚାସୀନ ଥିଲେ। ଶିକ୍ଷାକେନ୍ଦ୍ର ସଭାପତି ମନୋରଞ୍ଜନ ନାଥ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ସୁବ୍ରତ କୁମାର ମିଶ୍ର ଓ ଅଧ୍ୟକ୍ଷା ରାଜଲକ୍ଷ୍ମୀ ମିଶ୍ର ମଞ୍ଚାସିନ ଥିଲେ। ସଭା ପରେ ପୁରସ୍କାର ବିତରଣ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସରୋଜ କୁମାର ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

## ମନୋବଳ ଦୃଢ଼ ରହିଲେ ବିଜୟ ସୁନିଶ୍ଚିତ


ଗୋଶାଳା ସିଆରପିଏଫ ପରିସରରେ ଶୌର୍ଯ୍ୟ ଦିବସ କାର୍ଯ୍ୟକ୍ରମରେ ଅତିଥିମାନେ।

**ସିଆର୍‌ପିଏଫ ଗ୍ରୁପ୍ ସେଣ୍ଟରରେ ଶୌର୍ଯ୍ୟ ଦିବସ**

ସମ୍ବଲପୁର,୯।୪(ବି.ଶଙ୍କର)

ଶୌର୍ଯ୍ୟ ଦିବସ କାର୍ଯ୍ୟକ୍ରମ ସମ୍ବଲପୁର ଜିଲା ଗୋଶାଳାସ୍ଥିତ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ (ସିଆର୍‌ପିଏଫ) ପରିସରରେ ବୁଧବାର ପାଳିତ ହୋଇଯାଇଛି। ଡେପୁଟି ଇନ୍ସପେକ୍ଟର ଜେନେରାଲ ଦଲୀପ ସିଂ ଅମ୍ବେଶ କାର୍ଯ୍ୟକ୍ରମରେ ଯୋଗଦେଇ ଉପସ୍ଥିତ ଅଧିକାରୀ, ଅଧସ୍ତନ ଅଧିକାରୀ ଏବଂ ଯୱାନମାନଙ୍କୁ ସମ୍ବୋଧିତ କରି ସାହସିକତା ଦିନର ଇତିହାସ ଉପରେ ଆଲୋକପାତ କରିଥିଲେ। ଅମ୍ବେଶ କହିଥିଲେ, ୧୯୬୬ ମସିହା ଏପ୍ରିଲ ୯ ତାରିଖ ରାତି ୩ଟା ୩୦ରେ ପାକିସ୍ତାନୀ ସେନା ଗୁଜୁରାଟ ସୀମାର ସର୍ଦ୍ଦାର ଟାକ ପୋଷ୍ଟ ଉପରେ ଆକ୍ରମଣ କରିଥିଲା। ସେହି ସମୟରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ ଦ୍ୱିତୀୟ ବାଟାଲିୟନର କେବଳ ଚାରୋଟି କମ୍ପାନୀ ନିୟୋଜିତ ଥିବାବେଳେ ଶତ୍ରୁ ପାର୍ଶ୍ୱରେ ୩୫ଶହ ସୈନିକ ଏବଂ ଭାରି ଅସ୍ତ୍ରଶସ୍ତ୍ରର ଏକ ବ୍ରିଗେଡ୍ ଉପସ୍ଥିତ ଥିଲେ। ଏହା ସତ୍ତ୍ୱେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳର ସାହସୀ ଯୱାନମାନେ ୧୨ଘଣ୍ଟା କାଳ ଅଦମ୍ୟ ସାହସର ସହିତ ଶତ୍ରୁର ସମ୍ମୁଖୀନ ହୋଇଥିଲେ। ଏଥିରେ ୩୪ ପାକିସ୍ତାନୀ ସୈନିକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୪ଜଣଙ୍କୁ କାବୁ କରାଯାଇଥିଲା। ଏହି ଯୁଦ୍ଧରେ ୬ ଜଣ ସାହସୀ ସିଆରପିଏଫ ଯୱାନ ସହିଦ ହୋଇଥିଲେ । ଫଳରେ ଆମର ପୋଷ୍ଟ ସୁରକ୍ଷିତ ରହିଲା । ଏହି ଯୁଦ୍ଧ କେବଳ ଭାରତୀୟ ପୋଲିସ ଫୋର୍ସ ଇତିହାସରେ ଏକ ଗୌରବମୟ ଅଧ୍ୟାୟ ନୁହେଁ ବରଂ ଭାରତୀୟ ସେନା ଇତିହାସରେ ସାହସିକତାର ପ୍ରତୀକ ପାଲଟିଛି। ତେଣୁ ସମସ୍ତ ଯୱାନମାନେ ପାରସ୍ପରିକ ସହଯୋଗ, ଧୈର୍ଯ୍ୟ ଏବଂ ମନୋବଳ ସହିତ କାର୍ଯ୍ୟ କରିବା ଉଚିତ। ଏହାଦ୍ୱାରା ସିଆରପିଏଫ ବିଜୟୀ ହେବା ସହ ସର୍ବୋଚ୍ଚ ସମ୍ମାନ ରକ୍ଷା କରିବ ବୋଲି ଡେପୁଟିଇନ୍ସପେକ୍ଟରଜେନେରାଲଅମ୍ବେଶ ଆହ୍ୱାନ ଦେଇଥିଲେ । ଏହି ଅବସରରେ ସୈନିକ ସମ୍ମିଳନୀ, ସମସ୍ତ ଯୱାନମାନଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ରାତ୍ରିରେ ବଡାଖାନା ହୋଇଥିଲା। ସିଆପିଏଫ କମାଣ୍ଡାଣ୍ଟ ରାମଫୁଲ ମିନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୧୧ରେ ସମ୍ବଲପୁରରେ ଆନ୍ତଃଜିଲା ପେନ୍‌ସନ ଅଦାଲତ

ସମ୍ବଲପୁର,୯।୪(ଭବାନୀ ଶଙ୍କର ଭୋଇ)

ଓଡ଼ିଶା ପ୍ରଧାନ ମହାଲେଖାକାର(ଏଜି) କାର୍ଯ୍ୟାଳୟ ଓ ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସହଯୋଗରେ ଆସନ୍ତା ୧୧ ତାରିଖ ସକାଳ ୮ଟାରେ ଆନ୍ତଃ ଜିଲା ପେନସନ ଅଦାଲତ ସମ୍ବଲପୁର ତପସ୍ୱିନୀ ସମ୍ମିଳନୀ କକ୍ଷରେ ଆୟୋଜିତ ହେବ। ଏହି ଅଦାଲତରେ ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼ ଓ ଦେବଗଡ଼ ଜିଲାର ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କ ବକେୟା ଅବସରକାଳୀନ ପ୍ରାପ୍ୟ ପେନସନ, ଗ୍ରାଚ୍ୟୁଇଟି, ଭବିଷ୍ୟନିଧି ଅର୍ଥ ପ୍ରଦାନ ପାଇଁ ଅଭିଯୋଗ ଶୁଣାଣି ଓ ସମାଧାନ ପାଇଁ ପଦକ୍ଷେପ ନିଆଯିବ। ଏଥିରେ ଏହି ୪ ଜିଲାର ପେନସନ ଅନୁମୋଦନ ଅଧିକାରୀମାନେ ଉପସ୍ଥିତ ରହିବାକୁ ଏଜି କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଅଦାଲତରେ ଜିଲା ପ୍ରଶାସନ, ଏଜି କାର୍ଯ୍ୟାଳୟ ଓ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ। ଯେଉଁ ଅବସରପ୍ରାପ୍ତ କର୍ମଚାରୀ ବିଭିନ୍ନ କାରଣରୁ ପ୍ରାପ୍ୟ ପାଇ ପାରିନାହାନ୍ତି ସେମାନେ ଆବଶ୍ୟକ କାଗଜପତ୍ର ସହ ଅଭିଯୋଗ ଶୁଣାଣିରେ ଭାଗ ନେଇପାରିବେ ବୋଲି ଜିଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ସୂଚନା ଦେଇଛନ୍ତି।

## ମାନସିକ, ଶାରୀରିକ ପ୍ରସ୍ତୁତ ହେବା ଆବଶ୍ୟକ


ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରରେ ଅତିଥିଙ୍କ ସହ ଛାତ୍ରୀମାନେ।

**ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ**

ସମ୍ବଲପୁର,୯।୪(ବି.ଶଙ୍କର)

ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କ୍ଲବ ଆନୁକୂଲ୍ୟରେ ସାତଦିନିଆ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ବୁଧବାର ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ(ଏନ୍‌ଏସ୍‌ସିବି) ମହାବିଦ୍ୟାଳୟରେ ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ପ୍ରଦୀପ କୁମାର ହରପାଲ ଶିବିରକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଇତିହାସ ବିଭାଗ ମୁଖ୍ୟ ଡ. ଦୁର୍ଲଭ କୁମାର ସା ଯୋଗଦେଇ ଛାତ୍ରୀଙ୍କୁ ଉପଦେଶ ପ୍ରଦାନ ପୂର୍ବକ ଆତ୍ମବିଶ୍ୱାସ ବଜାୟ ରଖି ନିଜକୁ ମାନସିକ ତଥା ଶାରୀରିକ ଭାବେ ସଦା ପ୍ରସ୍ତୁତ ରହିବା ପାଇଁ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ଶିକ୍ଷା ଅଧିକାରୀ ତଥା ଓଡ଼ିଆ ବିଭାଗ ମୁଖ୍ୟ ଡ. ଶ୍ୟାମ ଭୋଇ ମୁଖ୍ୟବକ୍ତାଭାବେ ଯୋଗଦେଇ ଆତ୍ମରକ୍ଷା କୌଶଳର ଗୁରୁତ୍ୱ ସମ୍ପର୍କରେ ଛାତ୍ରୀଙ୍କୁ ବୁଝାଇଥିଲେ। ଅନ୍ୟତମ ଅତିଥି ଡ. ରଘୁମଣି ନାୟକ ପ୍ରତିକୂଳ ପରିସ୍ଥିତିରେ ଛାତ୍ରୀମାନେ ନିଜର ସୁରକ୍ଷା ତଥା ଅସାମାଜିକତତ୍ତ୍ୱଙ୍କ ମୁକାବିଲା ପାଇଁ ଦୃଢ ମନୋବଳ ନେଇ ନିଜକୁ ଗଢି ତୋଳିବାକୁ ପରାମର୍ଶ ଦେଇଥିଲେ । ପ୍ରଶିକ୍ଷିକା ଭାରତୀ ଓରାମ ଶିବିରର କାର୍ଯ୍ୟସୂଚୀର ବିବରଣୀ ପାଠ କରିଥିଲେ । ଆତ୍ମରକ୍ଷା ପ୍ରଶିକ୍ଷଣ କ୍ଲବ ସଂଯୋଜିକା ପ୍ରିୟଦର୍ଶିନୀ ବେଉରା ସଭା ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ପ୍ରାଧ୍ୟାପକ ଦେବେନ୍ଦ୍ର ଭୁଏ, ବିଶ୍ୱଜିତ ମହାନ୍ତି, ଡ. ହୃଦା ନାଗ, ସହକାରୀ ପ୍ରାଧ୍ୟାପିକା ଡ. ସନ୍ଧ୍ୟାରାଣୀ କୁଅଁର, ରୋଜାଲି ସେଠ ଏଥିରେ ସହଯୋଗ କରିଥିବା ବେଳେ ଅଧ୍ୟାପିକା ଶ୍ରଦ୍ଧାଞ୍ଜଳି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ବିସ୍ଥାପିତ ପରିବାରକୁ ଘରୁ ତଡ଼ିଦେଲେ

**ଜମି ପଟ୍ଟାଥିବା ଦାବି କରି ୧୦ ଘରେ ତାଲା ପକାଇଲେ ଠିକାଦାର**

ସମ୍ବଲପୁର,୯।୪(ଭବାନୀ ଶଙ୍କର ଭୋଇ)

ହୀରାକୁଦ ଶକ୍ତି ନଗରରେ ରହୁଥିବା ୧୦ଟି ହୀରାକୁଦ ବିସ୍ଥାପିତ ପରିବାରକୁ ଘରୁ ବାହାର କରି ଦିଆଯାଇଥିବା ନେଇ ବୁଧବାର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ସେମାନଙ୍କ ଅଭିଯୋଗ ଅନୁସାରେ ୧୯୫୭ ମସିହା ପୂର୍ବରୁ ସମସ୍ତଙ୍କ ପୂର୍ବପୁରୁଷ ହୀରାକୁଦ ବୁଡି ଅଞ୍ଚଳ ରମ୍ପେଲା ଥାନା ଅନ୍ତର୍ଗତ ଜଡ଼ାମୁଡା ଏବଂ ତଏରବା ବୁର୍ଦ୍ଧା ଗାଁରେ ବାସ କରୁଥିଲେ। ନଦୀବନ୍ଧ ନିର୍ମାଣ ପରେ ସେମାନଙ୍କୁ ବିସ୍ଥାପିତ କରି ହୀରାକୁଦର ଗୁରୁଡିପଡାରେ ଥଇଥାନ କରାଯାଇଥିଲା। ଯାହା ବର୍ତ୍ତମାନ ଶକ୍ତି ନଗର ଭାବେ ପରିଚିତ। ତେବେ ଦୀର୍ଘ ବର୍ଷ ଧରି ସେଠାରେ ବାସ କରିବା ସତ୍ତ୍ୱେ ସେମାନଙ୍କୁ ରହୁଥିବା ସ୍ଥାନର ପଟ୍ଟା ପ୍ରଦାନ କରାଯାଇନାହିଁ। ତେବେ ହଠାତ ଜଣେ ଠିକାଦାର ତାଙ୍କ ସ୍ତ୍ରୀଙ୍କ ନାମରେ ଜମିର ପଟ୍ଟା ଥିବା ଦାବି କରି ବିସ୍ଥାପିତ ପରିବାର ରହୁଥିବା ଘର ଖାଲି କରିବାକୁ କହି ତାଲା ପକାଇ ଦେଇଥିଲା। ଫଳରେ ଆଦିବାସୀ ପରିବାରଗୁଡିକ ଖୋଲଶ ଆକାଶ ତଳେ ମଙ୍ଗଳବାରଠାରୁ ରହୁଥିବା ଅଭିଯୋଗ କରିଛନ୍ତି। ଜିଲାପାଳ ସମସ୍ତ ଅଭିଯୋଗ ଶୁଣିବା ପରେ ପ୍ରଶାସନ ପକ୍ଷରୁ ଘଟଣାର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ବିସ୍ଥାପିତ ଆଦିବାସୀ ପରିବାରକୁ ଥଇଥାନ କରିବାକୁ ଦାବି କରାଯାଇଛି। ବିସ୍ଥାପିତ ପରିବାର ପକ୍ଷରୁ କୃଷ୍ଣଚନ୍ଦ୍ର ବାଗ, ବିମଳିନୀ ସାହୁ, ସୁବାଷ ମିର୍ଦ୍ଧା, ସୀମା ମିର୍ଦ୍ଧା, ସନ୍ତୋଷ ମିର୍ଦ୍ଧା, ଜୟଦେବ ବାଗ, ସନ୍ତୋଷ ବାଗ ପ୍ରମୁଖ ଜିଲାପାଳଙ୍କୁ ଭେଟିଥିଲେ।

## ଶ୍ୟାମ ମେଟାଲିକ୍ସ ପକ୍ଷରୁ ଆନିମଲ ରେସ୍‌କ୍ୟୁ ଭ୍ୟାନ୍ ପ୍ରଦାନ କାର୍ଯ୍ୟକ୍ରମ

ସମ୍ବଲପୁର,୯।୪(ବି.ଶଙ୍କର)

ଶ୍ୟାମ ମେଟାଲିକ୍ସ ଓ ଏନର୍ଜି ଲିମିଟେଡ ପକ୍ଷରୁ ଆନିମଲ ରେସ୍‌କ୍ୟୁ ଭ୍ୟାନ୍ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ୟାମ ମେଟାଲିକ୍ସ ଓ ଏନର୍ଜି ଲିମିଟେଡ ଅଧ୍ୟକ୍ଷ ମହାବୀର ଅଗ୍ରୱାଲ, କମ୍ପାନୀ ନିର୍ଦ୍ଦେଶକ ଦେବ କୁମାର ତିୱାରୀ ଏବଂ ମାନବ ସମ୍ବଳ ବିଭାଗ ମୁଖ୍ୟ ଭୁପେନ୍ଦ୍ର ସିଂ କୁଶୱାହଙ୍କ ଉପସ୍ଥିତିରେ ବିଙ୍ଗ ଏନିମଲ ନାମକ ବେସରକାରୀ ସଂସ୍ଥାକୁ ଉଦ୍ଧାର ଯାନ ଦିଆଯାଇଛି। ଫଳରେ ଏହି ସଂସ୍ଥା ଆହତ ଓ ଆସହାୟ ପଶୁମାନଙ୍କର ଉଦ୍ଧାର, ଚିକିତ୍ସା ଓ ପୁନର୍ବାସ ନିମନ୍ତେ ଅଧିକ କାମ କରିପାରିବ। କାର୍ଯ୍ୟକ୍ରମରେ ବିଭିନ୍ନ ଏନ୍‌ଜିଓ ସଦସ୍ୟ, କମ୍ପାନୀ ପ୍ରତିନିଧି ଓ ପଶୁ କଲ୍ୟାଣ ସେବାରେ ଲିପ୍ତ ସେବକମାନେ ଉପସ୍ଥିତ ଥିଲେ। ଏହି ଉଦ୍ଧାର ଯାନ ଏମର୍ଜେନ୍ସି ସମୟରେ ଦ୍ରୁତ ପ୍ରତିକ୍ରିୟା ଓ ସୁରକ୍ଷିତ ପରିବହନ ପ୍ରଦାନ କରିବା ପାଇଁ ସୁସଜ୍ଜିତ ଅଟୋମୋବାଇଲ। ଏହା ସହର ଓ ଅର୍ଦ୍ଧ ସହର ଅଞ୍ଚଳରେ ବୃଦ୍ଧି ପାଉଥିବା ସଡ଼କ ଦୁର୍ଘଟଣାରେ ଆହତ ପଶୁମାନଙ୍କ ପାଇଁ ଅତ୍ୟନ୍ତ ଜରୁରୀ ଥିଲା। ଆହତ ପଶୁ ଉଦ୍ଧାର କାର୍ଯ୍ୟକୁ ଅଧିକ ସୁଗମ ଓ ପ୍ରଭାବଶାଳୀ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।



ଆନିମଲ ରେସ୍‌କ୍ୟୁ ଭେନ ପ୍ରଦାନ କାର୍ଯ୍ୟକ୍ରମରେ କମ୍ପାନୀର ଅଧିକାରୀ ଏବଂ ବିଭିନ୍ନ ଏନଜିଓର ସମସ୍ୟମାନେ।

## ସଙ୍ଗୀତ ଚାପଗ୍ରସ୍ତ ମନକୁ ହାଲୁକା କରିବାର ମାଧ୍ୟମ

ସମ୍ବଲପୁର,୯।୪(ବି.ଶଙ୍କର)

ବିଦ୍ୟା ବିକାଶ ଗ୍ରୁପର ୧୬ତମ ପ୍ରତିଷ୍ଠା ଦିବସ ଅଙ୍କୁର-୨୦୨୫ କାର୍ଯ୍ୟକ୍ରମ ସମ୍ବଲପୁର ଜିଲା ଶାସନ ସ୍ଥିତ ବିକାଶ କ୍ୟାମ୍ପସରେ ବୁଧବାର ପାଳିତ ହୋଇଯାଇଛି। ଔଷଧ ବିଭାଗ ବିଶେଷଜ୍ଞ ଡାକ୍ତର କାଞ୍ଚନ ରାୟ ମୁଖ୍ୟ ଅତିଥି ଏବଂ ସମ୍ବଲପୁରୀ ଗାୟକ ଉମାକାନ୍ତ ବାରିକ ସମ୍ମାନୀୟ ଅତିଥିଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ଭବିଷ୍ୟତ ପାଇଁ ପରିବର୍ତ୍ତନଶୀଳ ଦୁନିଆ ସହିତ ମିଳୁଥିବା ସୁବିଧା ସୁଯୋଗକୁ ଉପଯୋଗ କରି ଉତ୍କୃଷ୍ଟ ଓ ସୁଦୃଢ଼ ମାନବ ଭାବେ ଗଢ଼ି ତୋଳିବାକୁ ମୁଖ୍ୟ ଅତିଥି ଡାକ୍ତର ରାୟ ପରାମର୍ଶ ଦେଇଥିଲେ । ଛାତ୍ରୀଛାତ୍ରମାନେ ପାଠପଢ଼ା ସହ ସଙ୍ଗୀତ ପ୍ରତି ରୁଚି ରହିବା ଆବଶ୍ୟକତା ରହିଛି। ସଂପ୍ରତି ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପାଠପଢ଼ାରେ ପ୍ରତିଯୋଗୀତା ଚାଲିଛି । ଫଳରେ ସେମାନେ ଚାପରେ ରହୁଛନ୍ତି। ଅପରପକ୍ଷେ ପାଠ୍ୟକ୍ରମର ବୋଝ ରହିଛି। ତେଣୁ ସଙ୍ଗୀତ ଚାପଗ୍ରସ୍ତ ମନକୁ ହାଲୁକା କରିବାର ମାଧ୍ୟମ ଅଟେ ବୋଲି ସଙ୍ଗୀତଜ୍ଞ ବାରିକ କହିଥିଲେ। ବିଦ୍ୟା ବିକାଶ ଗ୍ରୁପ ଅଧ୍ୟକ୍ଷ ଓ ତଥା ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ ସୂଚନା ପ୍ରଦାନ କରିଥିଲେ । ବିଦ୍ୟାଳୟ ୨୦୧୦ମସିହାରେ ଏକ ଛୋଟ ଚାରା ରୂପେ ଅଙ୍କୁରୋଦଗମ ହୋଇଥିଲା । ସଂପ୍ରତି ସମଗ୍ର ବିକାଶ ପରିବାରର ନିରବଚ୍ଛିନ୍ନ ପ୍ରୟାସରେ ଏକ ବିଶାଳ ବଟବୃକ୍ଷର ରୂପ ନେବାକୁ ଲାଗିଛି ବୋଲି ଅଧ୍ୟକ୍ଷ ରାଓ ନିଜ ବକ୍ତବ୍ୟରେ କହିଥିଲେ। ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ ଡି ନାଗେଶ୍ୱର ରାଓ ବିଦ୍ୟାଳୟର ପ୍ରାରମ୍ଭିକ ସଂଗ୍ରାମରତ ଜୀବନର ଅନୁଭୂତି ଉପସ୍ଥାପନ କରିଥିଲେ । ନିର୍ଦ୍ଦେଶକ ଜି. ରାମକ୍ରିଷ୍ଣା, ବିଦ୍ୟା ବିକାଶ ଗ୍ରୁପର ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜୀବ କୁମାର ବାବୁ, ବିକାଶ ଦ କନସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି, ବିକାଶ ସିନିୟର ସେକଣ୍ଡାରୀ ବିଦ୍ୟାଳୟ ଅଧ୍ୟକ୍ଷା ପୁଷ୍ପିତା ପଣ୍ଡା, ବିକାଶ ହାଇୟର ସେକଣ୍ଡାରୀ ସ୍କୁଲର କାର୍ଯ୍ୟବାହୀ ଅଧ୍ୟକ୍ଷ ଡ. ଦିବ୍ୟସିଂହ ମହାନ୍ତ, ବିକାଶ ଫାଷ୍ଟ ଷ୍ଟେପ ସ୍କୁଲ ଅଧ୍ୟକ୍ଷା ଡି. ଶାନ୍ତା ଚୌଧୁରୀ, ବିକାଶ ହସ୍ପିଟାଲ ମୁଖ୍ୟ ପ୍ରଶାସନିକ ଅଧିକାରୀ ଡାକ୍ତର ଦିଲ୍ଲୀପ କୁମାର ନନ୍ଦ, ବିଦ୍ୟା ବିକାଶ ଗ୍ରୁପର ଏକାଡେମିକ ଏଡଭାଇଜର ଡ. ନବୀନ ଶର୍ମା ଯୋଗଦାନ କରି ଅତିଥିମାନଙ୍କୁ ମାନପତ୍ର ସହ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ । ଏହି ଅବସରରେ ସମସ୍ତ ଅଣଶିକ୍ଷକମାନଙ୍କୁ ଉପହାର ପ୍ରଦାନ କରାଯାଇଥିଲା । ଏହାସହ ଅଣଶିକ୍ଷକ, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ବିକାଶ ନର୍ସିଂ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଈଶ୍ୱର ନାଗ ଧନ୍ୟବାଦ ଅର୍ପଣ କରିଥିଲେ।



ବୁଧବାର ଆୟୋଜିତ ବିଦ୍ୟା ବିକାଶ ଗ୍ରୁପର ପ୍ରତିଷ୍ଠା ଦିବସରେ ଅତିଥି ଏବଂ କର୍ମକର୍ତ୍ତାମାନେ।

**ବିଦ୍ୟା ବିକାଶ ଗ୍ରୁପ୍‌ର ୧୬ତମ ପ୍ରତିଷ୍ଠା ଦିବସ ଅଙ୍କୁର**

## କେନାଲରୁ ଯୁବକଙ୍କ ମୃତଦେହ ଜବତ

ଜୁନାଗଡ଼ (ଅଂଶୁମାନ ଯୋଷୀ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଅନ୍ତର୍ଗତ ଛୋରିଆଗଡ଼ ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲରୁ ବୁଧବାର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକଙ୍କ ପରିଚୟ ଜଣାପଡି ନ ଥିବାବେଳେ ବୟସ ପାଖାପାଖି ୩୦ ହେବ ବୋଲି ଜଣାପଡିଛି। କେନାଲ ଭିତରେ କେମିତି ପଡିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।ଏ ନେଇ ଜୁନାଗଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।



## ସଂକ୍ଷେପରେ

### ଥାନା ଉପରକୁ ପଥରମାଡ଼ ଘଟଣା: ଆଉ ୭ ଗିରଫ

ଥୁଆମୂଳ ରାମପୁର,୯।୪(ଦୁର୍ଗା କୀର୍ତ୍ତି): ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ଅଧୀନ ଡୁମେରପଦର ଗ୍ରାମର ମୃତକଙ୍କ ପରିବାର ଓ ଗ୍ରାମବାସୀ କ୍ଷତିପୂରଣ ଦାବିକରି ଗତ ୪ତାରିଖରେ ରାସ୍ତା ଅବରୋଧ ସହ ଥାନା ଉପରକୁ ପଥର ମାଡ଼ କରିଥିଲେ। ଏଥିରେ ଥାନାର ଝରକା କାଚ ଭାଙ୍ଗିବା ସହ କେତେଜଣ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଏହି ଘଟଣାରେ ପୋଲିସ ପ୍ରାୟ ୩୦ ଜଣଙ୍କ ନାମରେ ମାମଲା (ନଂ.୪୩/୨୫) ରୁଜୁକରି ଗତ ୫ତାରିଖରେ ୫ଜଣଙ୍କୁ ଗିରଫ କରିଥିଲା। ସୋମବାର ଆଉ ୭ଜଣଙ୍କୁ ପୋଲିସ ଗିରଫକରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଦଳିବନ୍ଧୁ ନାଏକ(୨୨), ବାରୁ ନାଏକ(୩୫), ବଂଶୀଧର ନାଏକ(୪୮), ନିରଞ୍ଜନ ନାଏକ (୪୯), କକ୍ଲେଶ୍ୱର ନାଏକ(୫୦), ପ୍ରହ୍ଲାଦ ନାଏକ(୪୧) ଓ ବୁଲୁ ନାଏକ(୨୩)। ଜାମିନ ନାମଞ୍ଜୁର ହେବାରୁ ବିଚାରବିଭାଗୀୟ ହାଜତକୁ ପଠାଯାଇଥିବା ଥାନା ଅଧିକାରୀ କୈବଲ୍ୟ ସେଠ ସୂଚନା ଦେଇଛନ୍ତି। ଫେରାର ଥିବା ଅନ୍ୟମାନଙ୍କ ଉପରେ ମଧ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ରିଷିଡ଼ା ରାମଲୀଳା: ଶିବଧନୁ ଭଗ୍ନ, ସୀତା ବିବାହ ମଞ୍ଚସ୍ଥ

ରିଷିଡ଼ା, ୯।୪ (ସୁଶାନ୍ତ ମଲ୍ଲିକ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ରିଷିଡ଼ା ଜଗନ୍ନାଥ ମନ୍ଦିର ପରିସରରେ କୁମ୍ଭାରପଡ଼ା ଜଗନ୍ନାଥ ସାଂସ୍କୃତିକ ସଂସଦ ପକ୍ଷରୁ ଚାଲୁଥିବା ରାମଲୀଳା ଯାତ୍ରାର ତୃତୀୟ ରଜନୀରେ ଜନକନଗରରେ ରାମଙ୍କ ଶିବଧନୁ ଭଗ୍ନ, ସୀତା ବିବାହ, ପର୍ଶୁରାମ ଭେଟ ନାଟକ ମଞ୍ଚସ୍ଥ ହୋଇଥିଲା। ଏଥିରେ ରାମ ଭୂମିକାରେ ବୈବସ୍ତୁତ ରଣା, ଲକ୍ଷ୍ମଣ ସାନ ରଣା, ସୀତା ନିମାଇଁ ରଣା, ଜନକ ବିକ୍ରମ ରଣା, ଦଶରଥ ନବୀନ ରଣା, ପର୍ଶୁରାମ ସୁଶାନ୍ତ ମଲ୍ଲିକ, ବିଶ୍ୱାମିତ୍ର ଲକ୍ଷ୍ମଣ ରଣା ପ୍ରମୁଖ ଅଭିନୟ କରିଥିଲେ। ମୋହନ ଲାଲ ରଣା ପୁରାଣପଣ୍ଡା ଦାୟିତ୍ୱ ନିର୍ବାହ କରିଥିଲେ। ସଭାପତି ସୁରେନ୍ଦ୍ର ରଣା, ସମ୍ପାଦକ ମନୋଜ ରଣା, ସହ ସମ୍ପାଦକ ପ୍ରଦୀପ ରଣା, ଉପସଭାପତି ନନ୍ଦୁଲାଲ ରଣା ପ୍ରମୁଖ ସହଯୋଗ କରିଥିଲେ।

### ଷୋହଳପ୍ରହର ନାମଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପନ

ଖଡ଼ିଆଳ,୯।୪ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ୍ ଗଡ୍ରାମୁଣ୍ଡାଠାରେ ଆସନ୍ତା ୨୦ରୁ ୨୩ ତାରିଖ ପର୍ଯ୍ୟନ୍ତ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ପ୍ରହରୀ ମଣ୍ଡପ ନିକଟରେ ପୂଜକ ମନୋଜ ମିଶ୍ରଙ୍କ ପୌରୋହିତ୍ୟ ଏବଂ ଯଜ୍ଞକର୍ତ୍ତା ହୃଷୀକେଶ ବନ୍ଛୋର ଓ ସହଧର୍ମଣୀ ଗୌରୀ ବନ୍ଛୋର ପୂଜାର୍ଚ୍ଚନା କଲା ପରେ ଶୁଭସ୍ତମ୍ଭ ସ୍ଥାପନ କରଯାଇଥିଲା। ଏହି ସମୟରେ ନାମଯଜ୍ଞ କମିଟିର ପୂର୍ଣ୍ଣଚନ୍ଦ୍ର ବନଛୋର, ବିକାଶ ବନଛୋର, ଦୁଃଖୀନ ବନଛୋର, ରିଙ୍କୁ ହାତୀ,ଗୁଣଧର ହଂସ, ବୁବୁ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ନାମଯଜ୍ଞରେ ନୂଆପଡ଼ା ସମେତ ପଡୋଶୀ କଳାହାଣ୍ଡି, ବଲାଙ୍ଗୀର, ନବରଙ୍ଗପୁର, ସମ୍ବଲପୁର ଜିଲାର ସଂକୀର୍ତ୍ତନ ଦଳ ଯୋଗଦେବା କାର୍ଯ୍ୟକ୍ରମ ରହିଛି।

# ଅସମ୍ପୂର୍ଣ୍ଣ ଜଳପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ

ଭବାନୀପାଟଣା,୯।୪(ଉତ୍ତମ କୁମାର ଦାଶ)



ଜିଲାପରିଷଦ ବୈଠକରେ ଉପସ୍ଥିତ ଲୋକପ୍ରତିନିଧି ଓ ଅଧିକାରୀମାନେ।

**ସପ୍ତମ ଜିଲାପରିଷଦ ବୈଠକ**

କଳାହାଣ୍ଡି ଜିଲା ପରିଷଦର ସପ୍ତମ ବୈଠକ ବୁଧବାର ଭବାନୀପାଟଣାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ଅଧ୍ୟକ୍ଷତା କରି ଜିଲାର ଉନ୍ନତି ପାଇଁ ସମସ୍ତେ ସକ୍ରିୟ ଅଂଶ ଗ୍ରହଣ କରି ନିଜର ସୁଚିନ୍ତିତ ମତାମତ ରଖିବା ପାଇଁ କହିଥିଲେ। ବୈଠକରେ ରାଜ୍ୟ ସଭା ସାଂସଦ ସୁଜିତ କୁମାର, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, ନର୍ଲା ବିଧାୟିକା ମନୋରମା ମହାନ୍ତି, ଜିଲାପାଳ ପାୱାର ସଚିନ ପ୍ରକାଶ, ଜିଲା ପରିଷଦ ଉପାଧ୍ୟକ୍ଷା ସୁଧିରା ମେହେର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢୀ, ସାଂସଦ ପ୍ରତିନିଧି ଜୟଶଙ୍କର ନାଏକ, ଧର୍ମଗଡ଼ ବିଧାୟକ ପ୍ରତିନିଧି ହିମାଂଶୁ ଶେଖର ପଣ୍ଡା, ଭବାନୀପାଟଣା ସଦର ବିଧାୟକ ପ୍ରତିନିଧି ଧନୁର୍ଦ୍ଧର ଗହୀର ପ୍ରମୁଖ ଯୋଗଦେଇଥିଲେ। ଜିଲାର ସମସ୍ତ ଜିଲା ପରିଷଦ ସଭ୍ୟାସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ଅଧ୍ୟକ୍ଷା ଯୋଗଦେଇ ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ପାଇଁ ଗୃହରେ ମତ ଉପସ୍ଥାପନ କରିଥିଲେ। ବିଶେଷ କରି ବର୍ତ୍ତମାନ ଖରାଦିନେ ହୋଇଥିବାରୁ ଗ୍ରାମାଞ୍ଚଳରେ ଯୁଦ୍ଧକାଳୀନ ଭିତ୍ତିରେ ଲୋକଙ୍କ ଆବଶ୍ୟକ ଅନୁଯାୟୀ ପାନୀୟ ଜଳ ସୁବିଧା ଯୋଗାଇଦେବା ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ। ବୈଠକରେ ବିଭିନ୍ନ ବିଦ୍ୟାଳୟରେ ଖାଲି ପଡିଥିବା ପ୍ରଧାନ ଶିକ୍ଷକ, ଶିକ୍ଷକ ପଦବୀ ପୂରଣ, ପିଲାଙ୍କ ପାଇଁ ଆବଶ୍ୟକ ହଷ୍ଟେଲ ନିର୍ମାଣ, ସିଏଚ୍‌ସିରେ ଖାଲିପଡିଥିବା ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀ ପଦବୀ ପୂରଣ ଓ କର୍ମଚାରୀ ଗୃହ ନିର୍ମାଣ, ଜିଲା ମୁଖ୍ୟ ଚିକିତ୍ସାଳୟରେ ଏମ୍‌ଆର୍‌ଆଇ ସୁବିଧା, ଶବବାହକ ଗାଡି ବ୍ୟବସ୍ଥା, ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା, ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇ ନ ଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ଅନ୍ତର୍ଭୁକ୍ତ କରିବା, ଗୋପବନ୍ଧୁ ପେନ୍‌ସନ ଯୋଜନାରେ ବାଦ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା, ଉନ୍ନତ ମାନର ବିହନ, ସାର ଯୋଗାଇବା ସହିତ ଦୀର୍ଘଦିନ ଧରି ଗୋଟିଏ ଷ୍ଟେଶନ (ସ୍ଥାନ)ରେ ରହିଥିବା ଭିଏଡବ୍ଲ୍ୟୁ (ଗ୍ରାମ୍ୟ କୃଷି କର୍ମଚାରୀ)ଙ୍କୁ ଅନ୍ୟତ୍ର ବଦଳି କରାଯିବା, ରାସ୍ତା ନିର୍ମାଣ, ଅସମ୍ପୂର୍ଣ୍ଣ ସ୍କୁଲ ଘର, ଅଙ୍ଗନୱାଡି କେନ୍ଦ୍ର ତୁରନ୍ତ ନିର୍ମାଣ, ଗାଁରେ ମଦ କୋଠି ବନ୍ଦ କରିବା, ଅସମ୍ପୂର୍ଣ୍ଣ ମେଗାଜଳ ପ୍ରକଳ୍ପର ତୁରନ୍ତ ସମ୍ପୂର୍ଣ୍ଣ କରିବା ଇତ୍ୟାଦି ସମ୍ପର୍କରେ ବିଶେଷ ଆଲୋଚନା କରାଯାଇଥିଲା। ଜିଲାସ୍ତରୀୟ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ନିଜ ବିଭାଗର ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଗୃହରେ ଉପସ୍ଥାପନା କରିଥିଲେ। ସଦସ୍ୟ, ସଦସ୍ୟାଙ୍କ ଦ୍ୱାରା ଉପସ୍ଥାପନା କରାଯାଇଥିବା ବିଭିନ୍ନ ସମସ୍ୟା ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଅଧିକ ଯତ୍ନବାନ ହୋଇ କାର୍ଯ୍ୟ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପାଢୀ ଧନ୍ୟବାଦ ଦେଇଥିଲେ।

# ଗଣ ବଳାତ୍କାରକାରୀଙ୍କୁ କଠୋର ଦଣ୍ଡ ଦାବି

ଜୁନାଗଡ଼,୯।୪(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅଞ୍ଚଳରେ ଗତ ୨୬ ତାରିଖ ରାତିରେ ଜଣେ ଯୁବତୀ ଗଣବଳାତ୍କାରର ଶିକାର ହୋଇଥିବା ଅଭିଯୋଗ ଆସିଥିଲା। ଏହି ଘଟଣାରେ ପୋଲିସ ପ୍ରଥମେ ଜଣେ ଓ ପରେ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏଥିରେ ସାମିଲ ଥିବା ଜଣେ ନାବାଳକଙ୍କୁ ଜୁଭେନାଲ ଜଷ୍ଟିସ ବୋର୍ଡ଼ରେ ପୋଲିସ ହାଜର କରିଥିଲା। ତେବେ ଘଟଣାକୁ ଦୃଢ଼ ନିନ୍ଦା କରିଛି କଳାହାଣ୍ଡି ବଙ୍ଗା ସମାଜ। ଘଟଣାରେ ଗିରଫ ଅଭିଯୁକ୍ତ ସମେତ ଅନ୍ୟ ସମସ୍ତ ଅଭିଯୁକ୍ତଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଦାବି କରିଛି ସମାଜ। ଏହାକୁ ନେଇ ବୁଧବାର ଜୁନାଗଡ଼ସ୍ଥିତ ଶହୀଦ ରେଣ୍ଡୋ ମାଝୀ ଭବନଠାରେ ଜିଲା ସଭାପତି ବିମ୍ବାଧର ପ୍ରଧାନୀଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ତୁରନ୍ତ ଅପରାଧୀଙ୍କୁ ଆଇନ ଅନୁଯାୟୀ କଠୋର ଦଣ୍ଡ ଦେବାସହ ପୀଡିତାଙ୍କୁ ନ୍ୟାୟ ଦେବା ପାଇଁ ଜୁନାଗଡ଼ ଥାନା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ସମୟରେ ଜିଲା ସମ୍ପାଦକ ଜାମିନିକାନ୍ତ ଲେଞ୍ଜିଆ ସମେତ ବରିଷ୍ଠ କାର୍ଯ୍ୟକର୍ତ୍ତା ବିରେନ୍ଦ୍ର ବେହେରୁକ, ରାଜେନ୍ଦ୍ର ମହାଲିକ, କୁନା ଦଣ୍ଡସେନା, ହିମାଂଶୁ ପୂଜାରି ପ୍ରମୁଖ ଉପସ୍ଥିତ ଥିଲେ।

# ଶିବିରରେ ୭୮ ୟୁନିଟ୍ ରକ୍ତ ସଂଗ୍ରହ



ରକ୍ତଦାନ ଶିବିରରେ ଜିଲାପାଳ ଓ ଅନ୍ୟମାନେ।

ଭବାନୀପାଟଣା,୯।୪(ଉତ୍ତମ କୁମାର ଦାଶ)

ଓଡ଼ିଆ ପକ୍ଷ ପାଳନ ଅବସରରେ ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଯୁବ ରେଡ୍‌କ୍ରସ ଓ ରେଡ୍‌ରିବନ କ୍ଲବ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥଙ୍କ ପୃଷ୍ଠପୋଷକତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଭାଜପା ଜିଲା ସଭାପତି ଯୁଗଳ କିଶୋର ପୋଢ଼, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମିନତୀ ଲତା ଦାସ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିହାର ରଞ୍ଜନ ପଣ୍ଡା, ଉପକୁଳସଚିବ ଡ. ଜୟଦେବ ସାହୁ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଭବାନୀପାଟଣା ବିଡ଼ିଓ ଚନ୍ଦନ କୁମାର ଭୋଇ, ବ୍ଲକ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ, ସାମାଜିକ କର୍ମୀ ଆର୍ତ୍ତତ୍ରାଣ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଭବାନୀପାଟଣାସ୍ଥିତ ବ୍ଲଡବ୍ୟାଙ୍କ ଅଧିକାରୀ ଡା. ବିଭେନ୍ଦୁ କୁମାର ବଳଓ ଅନ୍ୟ ସହଯୋଗୀଙ୍କ ସହାୟତାରେ ମୋଟ ୭୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଡ. ରଜନୀ କାନ୍ତ ଜେନା, କ୍ୟାପଟେନ ଭବାନୀ ଶଙ୍କର ପଣ୍ଡା, ସୁଧୀର କୁମାର ପଣ୍ଡା, ବିଶ୍ୱରଞ୍ଜନ ବେହେରାଙ୍କ ସମେତ ବିଭିନ୍ନ ମହାବିଦ୍ୟାଳୟର ଯୁବ ରେଡକ୍ରସ ପରାମର୍ଶଦାତା ସହଯୋଗ କରିଥିଲେ। ବିଶ୍ୱବିଦ୍ୟାଳୟର ଯୁବ ରେଡ୍‌କ୍ରସ ଓ ରେଡ୍‌ରିବନ କ୍ଲବ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ଶିବିର ପରିଚାଳନା କରିଥିଲେ।

# ଜୀବନ ଦୋଛକିରେ ନୂତନ ମାର୍ଗ ଦେଖାଏ ପୁସ୍ତକ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଭବାନୀପାଟଣା,୯।୪(ଉତ୍ତମ କୁମାର ଦାଶ)

**'ଆସ ବହିଟିଏ କିଣିବା ଦିବସ' ପାଳନ**

ଓଡ଼ିଶା ସରକାରଙ୍କ ଓଡ଼ିଆ ପକ୍ଷ ପାଳନ ଅବସରରେ ବୁଧବାର ଭବାନୀପାଟଣାସ୍ଥିତ ମା' ମାଣିକେଶରୀ ବିଶ୍ୱବିଦ୍ୟାଳୟରେ ଆସ ବହିଟିଏ କିଣିବା ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥଙ୍କ ତତ୍ତ୍ୱାବଧାନରେ ଏହି ଦିବସ ପାଳନ ହୋଇଥିଲା। ଜୀବନର ଦୋଛକିରେ ମଣିଷ ଯେତେବେଳେ ପଡିଯାଏ ସେତେବେଳେ ପୁସ୍ତକଟି ନୂତନ ମାର୍ଗ ଦେଖାଇଥାଏ। ମଣିଷକୁ ମଣିଷ କରିବାରେ ପୁସ୍ତକର ଅବଦାନ ଗୁରୁତ୍ୱପୂର୍ଣ୍ଣ। ପାଠକର ପ୍ରତିକ୍ରିୟା ଉପରେ ପୁସ୍ତକର ସଫଳତା ନିର୍ଭର କରିଥାଏ। ଓଡ଼ିଆ ଭାଷା ଓ ସାହିତ୍ୟର ଭବିଷ୍ୟତକୁ ଉଜ୍ଜ୍ୱଳ କରିବାରେ ଓଡ଼ିଆ ପୁସ୍ତକର ଅଗ୍ରଣୀ ଭୂମିକା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟରେ ଦୁଇଟି ପୁସ୍ତକ ଦୋକାନ ଖୋଲାଯାଇଥିଲା। 'ଆସ ବହିଟିଏ କିଣିବା', 'ଆସ ବହିଟିଏ ପଠନ କରିବା' ମନ୍ତ୍ରରେ ଦୀକ୍ଷିତ ହୋଇ ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଗବେଷକ-ଗବେଷିକା, ଅଧ୍ୟାପକ-ଅଧ୍ୟାପିକା ଅନେକଗୁଡ଼ିଏ ପୁସ୍ତକ କ୍ରୟ କରିଥିଲେ। କାର୍ଯ୍ୟକ୍ରମରେ କୁଳସଚିବ ପିତାମ୍ବର ଭୋଇ, ବିତ୍ତ ନିୟନ୍ତ୍ରକ ସୁରେଶ ପିତିସିକା, ଉପକୁଳସଚିବ ମେଜର ଡ. ଜୟଦେବ ସାହୁ, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ପ୍ରମୁଖ ଉପସ୍ଥିତ ଥିଲେ। ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗର ସହକାରୀ ପ୍ରଫେସର ଡୋଳାମଣି ଧରୁଆ, ଡ. ସାଗରିକା ଦଳାଇ, ଡ. ପ୍ରତ୍ୟାଶା ଧଳ, ସୁବ୍ରତ କୁମାର ମାଝୀ, ରେଣୁକା ଡାକୁଆ ପ୍ରମୁଖ ପରିଚାଳନା କରିଥିଲେ ।

# ୧୨ରୁ ଟିପିଏଲ୍ ଫ୍ଲଡ୍‌ଲାଇଟ କ୍ରିକେଟ

ନୂଆପଡ଼ା,୯।୪ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଫ୍ଲଡ୍‌ଲାଇଟ ତରବୋଡ ପ୍ରିମିୟର ଲିଗ୍ (ଟିପିଏଲ୍) କ୍ରିକେଟ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଜୟ କୁମାର ଗହୀରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଗାଁ ଝାଙ୍କର ଯୋଗେନ୍ଦ୍ର ନାୟକ, ଶିକ୍ଷକ ପ୍ରଫୁଲ୍ଲ ପ୍ରଧାନ, ପୁରନମଲ ସାହୁ, ଭୋଜରାମ ଅହିର, ଅର୍ଜୁନ ଜଗତ, ଅକ୍ଷୟ ଗହିର, ଦୁଃଖ ଭଞ୍ଜନ ନାୟକ, ସଞ୍ଜୀବ ପାଣିଗ୍ରାହୀଙ୍କ ସମେତ ବହୁ ଖେଳପ୍ରେମୀ ଯୋଗଦେଇଥିଲେ। ବୈଠକରେ ସର୍ବସମ୍ମତି କ୍ରମେ ୧୨,୧୩ ଓ ୧୪ ତିନି ଦିନ ଫ୍ଲଡ୍‌ଲାଇଟରେ ସମସ୍ତ ମ୍ୟାଚ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି ପ୍ରତିଯୋଗିତାରେ ଚାରିଗୋଟି ଟିମ୍ ଭାଗ ନେବେ। ଖେଳାଳିଙ୍କ ପାଇଁ ଆବେଦନ ଫି ଶହେଟଙ୍କା ରଖାଯାଇଛି।

# ମା' ଠାକୁରାଣୀଙ୍କ ଚୈତ୍ର ଘଣ୍ଟଯାତ୍ରା ସମ୍ପନ୍ନ

ଥୁଆମୂଳ ରାମପୁର,୯।୪(ଦୁର୍ଗା କୀର୍ତ୍ତି): କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସଦରସ୍ଥିତ ମା' ଠାକୁରାଣୀଙ୍କ ଚୈତ୍ର ଘଣ୍ଟଯାତ୍ରା ସମ୍ପନ୍ନ ହୋଇଛି। ଚୈତ୍ର ଶୁକ୍ଳପକ୍ଷ ଚତୁର୍ଥୀ ତିଥିର ପ୍ରଥମ ମଙ୍ଗଳବାରଠାରୁ ଯାତ୍ରା ଆରମ୍ଭ ହୋଇଥିଲା। ୮ଦିନ ଧରି ଦ୍ୱାର ଦ୍ୱାର ବୁଲି ଭକ୍ତଙ୍କୁ ଦର୍ଶନ ଦେଉଥିବା ମା' ମଙ୍ଗଳବାର ସନ୍ଧ୍ୟାରେ ସ୍ୱାସ୍ଥାନକୁ ବାହୁଡିଛନ୍ତି। ଏହି ପୂଜା ଅବସରରେ ଉମ୍ବରୁଧର ପୂଜାରୀ ମା'ଙ୍କ ଘଣ୍ଟକୁ ମୁଣ୍ଡରେ ବହନ କରିଥିବା ବେଳେ ଯୁବକ ଲାଲ ପରିଚ୍ଛା ମା'ଙ୍କ ଛତର ଧରିଥିଲେ। ମୁଖ୍ୟ ପୂଜକ ଅଶୋକ ମୁଣ୍ଡ ଓ ଶରତ ଚନ୍ଦ୍ର ପୂଜାରୀ ମା'ଙ୍କ ପୂଜାର୍ଚ୍ଚନା ସହ ଘଣ୍ଟ ସାଙ୍ଗରେ ଅଞ୍ଚଳର ବିଭିନ୍ନ ପଡ଼ା ପରିକ୍ରମା କରିଥିଲେ। ଏହି ସମୟରେ ପରିବାର ସଦସ୍ୟ ମା'ଙ୍କୁ ଭୋଗ ଅର୍ପଣ କରିଥିଲେ। ପ୍ରତିବର୍ଷ ଭଳି ବ୍ଲକ ସଦରସ୍ଥିତ ତାଳବନ୍ଧ ପଡ଼ା (ସମାଗୁଡ଼ା)ଠାରେ ଦୁର୍ଗା ପରିବାର ପକ୍ଷରୁ ମା'ଙ୍କୁ ସ୍ୱାଗତ କରି ଭୋଗ ଅର୍ପଣ କରାଯାଇଥିଲା।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

ଖଡ଼ିଆଳ,୯।୪ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ସମାଡ଼ପଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଧର୍ମବୀର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁ ଚରଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରାଥମିକ ଶିକ୍ଷା ଜୀବନର ପ୍ରଥମ ସୋପାନ ବୋଲି କହିଥିଲେ। ଏବିଇଓ ଜୟଦେବ ପଣ୍ଡା, ସିଆର୍‌ସିସି ସିଲୁ ମହାନନ୍ଦ, ଉମା ତାଣ୍ଡି, ଅବସରପ୍ରାପ୍ତ ଶିକ୍ଷକ ଗଣେଶ ଚନ୍ଦ୍ର ଦୁବେ, ଏସ୍‌ଏମ୍‌ସି ସଭାପତି କେଶବ ମାଝୀ, ଅଭିଭାବକ ପରମାନନ୍ଦ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଆଗକୁ ବଢିବା ପାଇଁ ଭଲ ପାଠ ପଢ଼ିବାକୁ ଆହ୍ୱାନ ଦେଇଥିଲେ। ଶିକ୍ଷକ ଟିଙ୍କେଶ୍ୱର ଭୋଇ ସମ୍ପାଦକୀୟ ବିବରଣୀ ପଠନ ଓ ମହେନ୍ଦ୍ର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ପ୍ରାକ୍ତନ ଶିକ୍ଷକ, ପାଚିକା, ଅଭିଭାବକଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ୨୧୬ ବାଟାଲିଅନ ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ

ନୂଆପଡ଼ା,୯।୪ (ମକାରୁ ବେମାଲ)

**ରୋଜଗାରକ୍ଷମ ପାଇଁ ୬୦ ମହିଳାପୁରୁଷଙ୍କୁ ସାମଗ୍ରୀ ପ୍ରଦାନ**

ସୁନାବେଡା ଅଭୟାରଣ୍ୟର କୋମନା ବ୍ଲକ ଜାମଗାଁ ୨୧୬ ବାଟାଲିଅନ ଓ ନୂଆପଡ଼ା ୨୧୬ ବାଟାଲିଅନ ମିଳିତ ଆନୁକୂଲ୍ୟରେ ବିଭିନ୍ନ ଗାଁରେ ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାମଗାଁ, ଭାଓସିଲ, ଢେକୁନପାଣି, ଧାତୁନାମା, ସୁନାବେଡା, ଗାତିବେଡା, ଜୁନାପାଣି, ଛିନମୁଣ୍ଡି, ଅଡାର ଆଦି ଗାଁର ଶତାଧିକ ମହିଳାପୁରୁଷ ସାମିଲ ହୋଇଥିଲେ। ୨୧୬ ବାଟାଲିଅନ ଏରିକ ଗିଲବଟ ଯୋଷ ମୁଖ୍ୟଅତିଥି ଓ ସେକେଣ୍ଡ ଇନ କମାଣ୍ଡାଣ୍ଟ ଆର୍‌ସି ମିଶ୍ର, ଡେପୁଟି କମାଣ୍ଡାଣ୍ଟ ଧନ୍ନରାମ ଯାଦବ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଅଜୟ ଶର୍ମା, ଡେପୁଟି କମାଣ୍ଡାଣ୍ଟ ମୁକେଶ କୁମାର, ଇନ୍ସପେକ୍ଟର ଅରୁଣ କୁମାର ଭୋଇ, ସୁନାବେଡା ସରପଞ୍ଚ ରଜନୀ ଜଗତ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ମହିଳାମାନେ କିପରି ଭାବରେ ସ୍ୱାବଲମ୍ବୀ ହୋଇ ରୋଜଗାରକ୍ଷମ ହୋଇପାରିବେ ତାହାକୁ ଦୃଷ୍ଟିରେ ରଖି ବାଟାଲିଅନ ପକ୍ଷରୁ ୬୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷଙ୍କୁ ମହୁମାଛି ପାଳନ ସହ ମହୁ ସଂଗ୍ରହ ବାକ୍ସ, ମହମବତୀ ତିଆରି ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହାସହ ସମୂହିକ ରୋଜଗାର ପାଇଁ ସ୍ୱୟଂସହାୟକ ମହିଳା ଗୋଷ୍ଠୀଙ୍କୁ ଧୂପକାଠି ତିଆରି ମେଶିନ ପ୍ରଦାନ କରା ଯାଇଛି। ଏଥିପାଇଁ ତାଲିମ ବ୍ୟବସ୍ଥା କରାଯିବ ବୋଲି କମାଣ୍ଡାଣ୍ଟ ଯୋଷ କହିଛନ୍ତି। ଏହି ଅବସରରେ ଅଭୟାରଣ୍ୟ ଭିତରେ ଥିବା ସିଆର୍‌ପିଏଫ୍ ଡାକ୍ତର ଏମ୍ ସୁପ୍ରିୟାଙ୍କ ଦ୍ୱାରା ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ଦିଆଯାଇଥିଲା।

# ବେଦାନ୍ତର ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ପରିଚୟ'

**କଳାହାଣ୍ଡିର ୬୦ଗାଁରୁ ୨ ହଜାର ମହିଳାଙ୍କ ଯୋଗଦାନ**

ଲାଞ୍ଜିଗଡ଼, ୯।୪(ରମେଶ ଚନ୍ଦ୍ର ନାୟକ) କଳାହାଣ୍ଡି ଜିଲା ଲାଞ୍ଜିଗଡସ୍ଥିତ ବେଦାନ୍ତ ଆଲୁମିନିୟମ ପକ୍ଷରୁ ମହିଳାଙ୍କ ମନୋବାଳ ବୃଦ୍ଧି ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ପରିଚୟ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୬୦ ଗାଁରୁ ୨ହଜାରରୁ ଅଧିକ ମହିଳା ଅଂଶଗ୍ରହଣ କରିଥିଲେ। ମହିଳା ସଶକ୍ତୀକରଣ ପାଇଁ ମାସେ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଥିଲେ, ସମାବେଶୀ ବିକାଶର କେନ୍ଦ୍ରରେ ରହିଛନ୍ତି ମହିଳା। ପ୍ରକଳ୍ପ-ସଖୀ ମାଧ୍ୟମରେ ଆମେ ଜିଲାର ୫ ହଜାରରୁ ଅଧିକ ମହିଳାଙ୍କୁ ସଶକ୍ତ କରି ଗର୍ବିତ। ପରିଚୟ ହେଉଛି ସେମାନଙ୍କ ସଫଳତା କାହାଣୀର ଏକ ଉତ୍ସବ। ପରିଚୟରେ ୧୮ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଷ୍ଟଲ ରହିଛି। ଏଥିରେ ମହୁ, କୋଳଥ ଡାଲି, ବାଜରା ପ୍ରସ୍ତୁତ ବିସ୍କୁଟ, ଘଣା ତେଲ, ମସଲା, କାଗଜ ପ୍ଲେଟ୍ ଏବଂ ପରିବେଶ ଅନୁକୂଳ ସଫେଇ ସାମଗ୍ରୀ ସମେତ ବିଭିନ୍ନ ହସ୍ତଶିଳ୍ପ ଓ ଜୈବିକ ଉତ୍ପାଦ ପ୍ରଦର୍ଶିତ ହେଉଛି। ଏହା ମଧ୍ୟରେ ସଖୀ ରୋଷେଇ, ଏସ୍‌ଏଚ୍‌ଜି ମହିଳାଙ୍କ ଦ୍ୱାରା ପରିଚାଳିତ ରୋଷେଇ କାଉଣ୍ଟର, ମାଟିପାତ୍ର ପ୍ରସ୍ତୁତ ପ୍ରଦର୍ଶନୀ, ସ୍ଥାନୀୟ କାରିଗରଙ୍କ ଦ୍ୱାରା ଡୋକ୍ରା ଏବଂ ସଉରା କଳା ଆଦି ଅନ୍ତର୍ଭୁକ୍ତ। ଏହି କାର୍ଯ୍ୟକ୍ରମରେ ୧୧ ଜଣ ସଫଳ ମହିଳାଙ୍କୁ ସେମାନଙ୍କ ଉଦ୍ୟୋଗୀ ଉତ୍କର୍ଷତା ପାଇଁ ସମ୍ମାନିତ କରିବା ସକାଶେ ସମ୍ମାନ ସମାରୋହ ମଧ ଅନୁଷ୍ଠିତ ହୋଇଥିଲା।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳାମାନେ।

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଶିଳ୍ପ ନିର୍ଦ୍ଦେଶକ

ନୂଆପଡ଼ା,୯।୪ (ମକାରୁ ବେମାଲ)



ସୁନାବେଡ଼ାଠାରେ ଅନୁଷ୍ଠିତ ସଭାରେ ଶିଳ୍ପ ନିର୍ଦ୍ଦେଶକଙ୍କ ସହ ଅନ୍ୟମାନେ।

ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗ ନିର୍ଦ୍ଦେଶକ ତଥା ନୂଆପଡା ଜିଲା ନୋଡାଲ ଅଫିସର ଡି ପ୍ରଶାନ୍ତ କୁମାର ରେଡ୍ଡୀ ବୁଧବାର ନୂଆପଡ଼ା ଜିଲା ଗସ୍ତକରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଥମେ ସେ ଖରିଆର ରୋଡସ୍ଥିତ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଛାତ୍ରୀନିବାସକୁ ଯାଇ ସେମାନଙ୍କ ସୁବିଧା ଅସୁବିଧା କଥା ବୁଝିଥିଲେ। ପୂର୍ବାହ୍ନରେ ସେ ଜିଲାପାଳ ମଧୁସୂଦନ ଦାଶ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀଙ୍କ ସହିତ ସୁନାବେଡ଼ା ଅଭୟାରଣ୍ୟରେ ନବନିର୍ମିତ ମନ୍ଦିର ଓ ଧର୍ମଶାଳା ବୁଲି ଦେଖିଥିଲେ। ଏହାପରେ ଗାଁରେ ସଭା କରି ଶିକ୍ଷା, ସ୍ୱାସ୍ଥ୍ୟ, ପାଣି, ରାସ୍ତା ସମ୍ପର୍କରେ ପଚାରି ବୁଝିଥିଲେ। ଏହାପରେ ଢେକୁଁନପାନି ଗାଁର ସଫଳ ଜଳଯୋଗାଣ ପ୍ରକଳ୍ପ ଦେଖି ଖୁସି ବ୍ୟକ୍ତ କରିଥିଲେ। ଗାଁ ଲୋକେ ରାଜସ୍ୱ ଗ୍ରାମ ମାନ୍ୟତା ସହ ସରକାରୀ ବସ ଚଳାଇବା ପାଇଁ ଦାବି କରିଥିଲେ। ସାଲେପଦା ଗାଁର ପିଭିଟିଜି ସ୍କୁଲକୁ ଯାଇ ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିଥିଲେ। ସାଲେପଡ଼ା ଗାଁର ସଫଳ ଷ୍ଟ୍ରବେରି ଚାଷୀ ଗାଓ ସିଂଙ୍କ ବଗିଚା ବୁଲି ଦେଖିଥିଲେ। ଅନ୍ୟ ଚାଷୀ ଅନୁପ୍ରାଣୀତ ହୋଇ ଏଭଳି କରିବା ପାଇଁ ପରାମର୍ଶ ଦେଇଥିଲେ। ଶେଷରେ ତରବୋଡସ୍ଥିତ ଏମ୍‌ଏସ୍‌ଏମ୍‌ଇ ପାର୍କ ପରିଦର୍ଶନ କରି ଅତିଶିଘ୍ର ରାସ୍ତା, ବିଦ୍ୟୁତ୍, ଜଳ ଯୋଗାଣ ପ୍ରଭୃତି ଭିତ୍ତିଭୂମି କାମ ସମ୍ପୂର୍ଣ୍ଣ କରି ଉଦ୍ୟୋଗୀମାନଙ୍କୁ ଆମନ୍ତ୍ରଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅପରାହ୍ନରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୈଠକରେ ଯୋଗଦେଇ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା, ପାନୀୟ ଜଳ ଯୋଗାଣ, ହର୍‌ଘର୍ ଜଳ ଯୋଜନା, ସେତୁବନ୍ଧ ଯୋଜନା, ସୁଭଦ୍ରା ଓ ପୋଷଣ ଭଳି ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ବୁଝି ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ବୈଠକରେ ଜିଲାପାଳ ଦାଶ, ଏସ୍‌ପି ଜି ଆର୍ ରାଘବେନ୍ଦ୍ର, ବନଖଣ୍ଡ ଅଧିକାରୀ ଅଜିଜ ଖାନ, ମହାଦେବ ବଡ଼ାଇକ, ଅତିରିକ୍ତ ଜିଲାପାଳ ଭିମସେନ ଶବର, ସୁବାସ ଚନ୍ଦ୍ର ରଉତ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଏପିଡି ଯୋଗେଶ୍ୱର ଭୋଇ, ସିଡିଏମ୍‌ଓ ଡା. ଧରଣୀଧର ଜେନା, ସମସ୍ତ ବିଡ଼ିଓ, ତହସିଲଦାର ଯୋଗ ଦେଇଥିଲେ।

**ଆଜିଠୁ ସକାଳୁଆ ଅଫିସ, ହେବନି ମଧ୍ୟାହ୍ନ ଭୋଜନ ବିରତି**

ବରଗଡ଼,(ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲାରେ ଆସନ୍ତା ୧୦ତାରିଖ ଅର୍ଥାତ୍ ଗୁରୁବାରରୁ ସମସ୍ତ ସରକାରୀ ଅଫିସରେ ସକାଳୁଆ କାର୍ଯ୍ୟ ଚାଲିବ। ସକାଳ ୭ଟାରୁ ସରକାରୀ ଅଫିସ ଗୁଡିକ ଖୋଲି ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ କାର୍ଯ୍ୟ ଚାଲିବ। ଏହି ସମୟ ଅବଧିରେ ମଧ୍ୟାହ୍ନ ଭୋଜନ ବିରତି ରହିବ ନାହିଁ। ଆସନ୍ତା ଜୁନ ମାସ ୧୫ତାରିଖ ପର୍ଯ୍ୟନ୍ତ ଏଭଳି ସକାଳୁଆ ଅଫିସ କାର୍ଯ୍ୟ ଚାଲିବ ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟରୁ ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡ଼ିଛି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର

ତରଭା,୯।୪( ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ମେଣ୍ଡାରେ ବ୍ଲକ ସ୍ଥାପନ ଦାବି ତେଜିବାରେ ଲାଗିଛି। ବୁଧବାର ମେଣ୍ଡା ତଥା ଆଖପାଖ ଅଞ୍ଚଳର ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତରଭା ବିଡ଼ିଓଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଅବିଭକ୍ତ ବଲାଙ୍ଗୀର ଜିଲାର ସର୍ବପୁରାତନ ଓ ସର୍ବବୃହତ ଗ୍ରାମ ମେଣ୍ଡା। ବ୍ଲକ ହେବା ପାଇଁ ଯାହା ଆବଶ୍ୟକ ତାହା ଏଠାରେ ରହିଛି। ମେଣ୍ଡାକୁ ଏକ ବ୍ଲକ କଲେ ଆଖପାଖ ଥିବା ଅଞ୍ଚଳର ବହୁ ପଞ୍ଚାୟତ ଯଥା ମେଣ୍ଡା, ଦେଉଳପଦର, ରାଣୀସଡା, ପୁଆ, ପାଇକବାହାଲ, ଜରା ଜାରିଙ୍ଗ, ସୋନପୁର ବ୍ଲକର ନାରାୟଣପୁର, ବାଲାଡି ଛକୋରମାଳ ଗ୍ରାମପଞ୍ଚାୟତର ଜନସାଧାରଣ ଉପକୃତ ହୋଇପାରିବେ। ତରଭା ବ୍ଲକଠାରୁ ଏହା ଅଲଗା ହେଲେ କ୍ଷମତାର ବିକେନ୍ଦ୍ରୀକରଣ ହେବ ଓ ଉନ୍ନତିମୂଳକ କାମ ପାଇଁ ଅଧିକ ସରକାରୀ ଅନୁଦାନ ଆସି ପାରିବ। ଯଦ୍ୱାରା ଏହି ଅଞ୍ଚଳର ସାମଗ୍ରିକ ଉନ୍ନତି ହୋଇପାରିବ ବୋଲି ପ୍ରତିନିଧି ମଣ୍ଡଳୀ କହିଛନ୍ତି। ରାଜାରାଜୁଡା ଅମଳରୁ ମେଣ୍ଡା ଏକ ସଂସ୍କୃତି ସମ୍ପନ୍ନ ଅଞ୍ଚଳଭାବେ ପରିଚିତି ରହିଛି। ବର୍ତ୍ତମାନ ଏଠାରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, ପୋଲିସ ଫାଣ୍ଡି, ବ୍ୟାଙ୍କ, ପ୍ରାଥମିକ ଚିକିତ୍ସାଳୟ, ପ୍ରାଣୀ ଚିକିତ୍ସାଳୟ, କୃଷି ସମବାୟ ସମିତି, ହାଇସ୍କୁଲ, ଯୁକ୍ତ ୨ ଏବଂ ଯୁକ୍ତ ୩ ମହାବିଦ୍ୟାଳୟ ରହିଛି। ସର୍ବୋପରି ଏହି ଅଞ୍ଚଳର ଅନେକ ଗାଁ ଜଳାର ଉପାନ୍ତ ଅଞ୍ଚଳରେ ଥିବାରୁ ଠିକ୍



ବିଡିଓଙ୍କୁ ପ୍ରତିନିଧି ମଣ୍ଡଳୀ ଦାବିପତ୍ର ପ୍ରଦାନ କରୁଛନ୍ତି।

### ମେଣ୍ଡାରେ ବ୍ଲକ ସ୍ଥାପନ ଦାବି

ହିସାବରେ ଉନ୍ନତୀକରଣ ହୋଇ ନ ପାରି ଉପେକ୍ଷିତ ହୋଇ ପଡ଼ିରହିଛି। ଏଥିରେ ପରିବର୍ତ୍ତନ ଜରୁରୀ ଯାହା ସ୍ୱତନ୍ତ୍ର ମେଣ୍ଡା ବ୍ଲକ ଗଠନ ଦ୍ୱାରା ହୋଇ ପାରିବ ବୋଲି ପ୍ରତିନିଧି ମଣ୍ଡଳୀ କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଭିକାରି ମେହେର, ରାନିସର୍ଡ଼ା ସରପଞ୍ଚ ଗୋପାଳ କର୍ମୀ, ପାଇକବାହାଲ ସରପଞ୍ଚ ପିଙ୍କି ଶିକା, ସମିତି ସଭ୍ୟ ରାଜକିଶୋର ଭୋଇ, ପୁଆ ସମିତି ସଭ୍ୟ ହେମନ୍ତ ମାଝୀ, ନରୋତ୍ତମ ମଲ୍ଲିକ, ବିଭୂତି ଝାଙ୍କର, ସବ୍ୟସାଚୀ ଦଣ୍ଡସେନା, ରାଜେନ୍ଦ୍ର ପଣ୍ଡା, ଭୁବନାନନ୍ଦ ବାଦୀ, ଚକ୍ରଧର ସା, ଜିତେନ୍ଦ୍ରିୟ ପଣ୍ଡା, ପ୍ରମୋଦ ପରଡିଆ, ଦେବେନ୍ଦ୍ର ପରଧିଆ, ନକୁଳ କର୍ଣ୍ଣ, କାମ ଦୀପ, ଗୁଣନିଧି ଶିକା, ବୈଷ୍ଣବ ହରିପାଲ ସାମିଲ ହୋଇଥିଲେ।

# ଆଜିଠୁ ବାରପାହାଡ଼ ଯାତ୍ରା



ବାରପାହାଡ ପୀଠ ଗୁମ୍ଫାରେ ଲିଙ୍ଗୋ ଦେବତା ପୂଜା ପାଉଛନ୍ତି।

ସୋନପୁର,୯।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ପାଇକବାହାଲ ପଞ୍ଚାୟତର ରାଜପାଲିଠାରେ ଗୁରୁବାରଠାରୁ ବାରପାହାଡ ଯାତ୍ରା ଆରମ୍ଭ ହେବ। ଏହା ତିନି ଦିନ ଧରି ଚାଲିବ। ଗୁରୁବାର ଗଣ୍ଡ ଆଦିବାସୀ ପୂଜକମାନଙ୍କ ଦ୍ୱାରା ବ୍ରାହ୍ମଣୀପାଲି ମଖନାମୁଣ୍ଡାରେ ବାରବଇଠା ପୂଜା ହେବ। ସେହିପରି ୧୧ ତାରିଖରେ ଡଙ୍ଗରକୁ ଡଙ୍ଗର ଯାତ୍ରା, ୧୨ରେ ଛତର ଗୁଡିଯାତ୍ରା ରୀତିନୀତି ଅନୁଯାୟୀ ଅୟୋଜିତ ହେବା ବୋଲି ବାରପାହାଡ ପୀଠର ମୁଖ୍ୟ ପୂଜକ ଜିତେନ୍ଦ୍ର ଝାଙ୍କର ସୂଚନା ଦେଇଛନ୍ତି। ରାଜପାଲି ଠାରେ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ବାରପାହାଡଙ୍କ ଯାତ୍ରା ପ୍ରତିବର୍ଷ ଚୈତ୍ରମାସ ତୃତୀୟା, ଚତୁର୍ଦ୍ଦଶୀ ଓ ପୂର୍ଣ୍ଣମୀରେ ଅନୁଷ୍ଠିତ ହୁଏ। ପରମ୍ପରା ଅନୁଯାୟୀ ଗଣ୍ଡ ଆଦିବାସୀଙ୍କ ଲିଙ୍ଗୋ ଦେବତା ଭାବେ ବାରପାହାଡ ଦେବତାଙ୍କୁ ଅଞ୍ଚଳବାସୀ ପୂଜା କରିଥାନ୍ତି। ପ୍ରତିବର୍ଷ ଚୈତ୍ର ପୂର୍ଣ୍ଣମୀ ବେଳକୁ ଏଠାରେ ବାରପାହାଡ ଡଙ୍ଗରର ଗୁମ୍ଫାକୁ ଛତର ଯାତ୍ରା ହୋଇଥାଏ। ସେଥିପାଇଁ ଯାତ୍ରାକୁ ମହାସମାରୋହରେ ପାଳନ କରିବାକୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ୧୧ ତାରିଖରେ ମେଣ୍ଡା ମଙ୍ଗଳାସରରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ମେଣ୍ଡାଶୁଣୀ ଦେବୀ ପୀଠ ଦେଇ ବାରପାହାଡ ଡଙ୍ଗର ଗୁମ୍ଫା ପର୍ଯ୍ୟନ୍ତ ଯିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଆଦିବାସୀ ଶୋଭାଯାତ୍ରା ମୁଖ୍ୟ ଆକର୍ଷଣ ହେବ। ଶୁକ୍ରବାର ରାତିରେ ଆଞ୍ଚଳିକ ବାହପାହାଡ ସେନା ପକ୍ଷରୁ ବାରପାହାଡ ଡଙ୍ଗର ପାଦ ଦେଶରେ ରାଜପାଲି/ବ୍ରାହ୍ମଣପାଲି ଛକରେ ରସମନ୍ଦାର ମହଲା ଦଣ୍ଡନୃତ୍ୟ ପରିବେଷଣ କରାଯିବ। ବାରପାହାଡ ପୀଠରେ ପ୍ରତିବର୍ଷ ଚୈତ୍ର ପୂର୍ଣ୍ଣମା ରାତିରେ ହଜାର ହଜାର ସଂଖ୍ୟାରେ ପଶୁପକ୍ଷୀ ବଳି ଦିଆଯାଏ। ସୁବର୍ଣ୍ଣପୁର ଜିଲା ସମେତ ବଲାଙ୍ଗୀର, ବରଗଡ ଓ ବୌଦ୍ଧ ଜିଲାର ମାନସିକଧାରୀ ମାନେ ଏହି ଯାତ୍ରାରେ ସାମିଲ ହୁଅନ୍ତି।



ଅତିଥି, କର୍ମକର୍ତ୍ତାଙ୍କ ଗହଣରେ ଖେଳାଳିମାନେ।

# ତାଲାଭାଙ୍ଗି ଘରୁ ଚୋରି

ବିନିକା,୯।୪(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳ ସିଦ୍ଧି ବିନାୟକ ନଗର ଠାରେ ମଙ୍ଗଳବାର ବିଳମ୍ବିତ ରାତିରେ ସହରର ଅମର ମହାନ୍ତିଙ୍କ ଘରୁ ଚୋରି ହୋଇଛି। କେହି ନଥିବାର ସୁଯୋଗ ନେଇ ଚୋରମାନେ ତିନୋଟି ତାଲା ଓ ଆଲମିରାର ଲକର ଭାଙ୍ଗି ଅଧଭରି ସୁନା ଓ ୨୦ ହଜାର ଟଙ୍କା ନେଇ ଯାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି । ସୋନପୁରରୁ ଡଗସ୍କ୍ୱାଡ, ବଲାଙ୍ଗୀରରୁ ସାଇଣ୍ଟିଫିକ ଟିମ୍ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛନ୍ତି। ଗତ କିଛିଦିନ ହେଲା ବିନିକା ସହରରେ ଚୋରି ବଢ଼ିବାରେ ଲାଗିଛି।

# ମୁଖ୍ୟମନ୍ତ୍ରୀ ଆନ୍ତଃ କ୍ଲବ ଫୁଟବଲ ଚାମ୍ପିୟନଶିପ୍

ସୋନପୁର,୯।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ୧୫ ବର୍ଷରୁ କମ୍ ମୁଖ୍ୟମନ୍ତ୍ରୀ ଆନ୍ତଃ କ୍ଲବ ଜିଲାସ୍ତରୀୟ ଫୁଟବଲ ଚାମ୍ପିୟନଶିପ୍‌ର ବୁଧବାର ତୃତୀୟ ଦିବସରେ ତିନୋଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କଙ୍କାଳି ଏଫସି ଜନମୁରା ଓ ବୀରମହାରାଜପୁର ମଧ୍ୟରେ ପ୍ରଥମ ମ୍ୟାଚ୍, ଚରଦେଇ କ୍ଲବ ଓ ରାମଧୁନ କ୍ଲବ ବି ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଏବଂ ରାମଧୁନ କ୍ଲବ ଡି ଓ ନାରାୟଣପୁର ଏଫସି ମଧ୍ୟରେ ତୃତୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସମସ୍ତ ମ୍ୟାଚ୍ ଗୋଲ ଶୂନ୍ୟ ହୋଇଥିଲା। ରେଫେରୀ ସଞ୍ଜୀବ ସାହୁ, ଅନିଲ ଭୋଇ, ନରେଶ ମାଝୀ, ଅନିତା ମହାକୁଡ, ପ୍ରଶାନ୍ତ ସେଠୀ, ଅଜିତ ଓ ସାନୁଜ କୁମାର ମ୍ୟାଚ୍ ଗୁଡିକୁ ପରିଚାଳନା କରିଥିଲେ। ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ଓଡିଶା ଫୁଟବଲ ସଂଘ, ସୁବର୍ଣ୍ଣପୁର ଜିଲା କ୍ରୀଡା ସଂଘ ଓ କ୍ରୀଡା ଏବଂ ଯୁବ ସେବା ବିଭାଗ ପକ୍ଷରୁ ଏହି ଚାମ୍ପିୟନଶିପ୍ ଆୟୋଜିତ ହେଉଛି। ପୁରୁଷୋତ୍ତମ ପାଣିଗ୍ରାହୀ, ବାବୁଲା ବେବର୍ତ୍ତା ଓ ରିଆଜ ମହମ୍ମଦ ଅତିଥି ଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। କ୍ରୀଡା ସଂଘ ସମ୍ପାଦକ ପୀୟୁଷ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମ୍ୟାଚ୍ ଗୁଡିକୁ ପରିଚାଳନାରେ ବିକାଶ ପଣ୍ଡା, ସନ୍ତୋଷ ପାଢୀ, ଚନ୍ଦନ ବେହେରା, କଲିମ ମହମ୍ମଦ ଓ ରଞ୍ଜୁ ସାହୁ ସହଯୋଗ କରିଥିଲେ।

# କଉଡିଆମୁଣ୍ଡା ସାପ୍ତାହିକ ବଜାରରୁ ବାଇକ ଚୋରି

ବିନିକା,୯।୪(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅନ୍ତର୍ଗତ କୌଡ଼ିଆମୁଣ୍ଡା ସାପ୍ତାହିକ ବଜାରରୁ ଜଣେ ବ୍ୟକ୍ତିଙ୍କ ବାଇକ ବୁଧବାର ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଚୋରିର ଶିକାର ହୋଇଛନ୍ତି ଶଙ୍କରା ଗ୍ରାମର ସୁଧାଂଶୁ ପାଣ୍ଡେ। ପୂର୍ବାହ୍ନରେ ସେ ବାଇକ୍ ଯୋଗେ କୌଡିଆମୁଣ୍ଡା ସାପ୍ତାହିକ ବଜାର ଯାଇଥିଲେ । ସେଠାରେ ଥିବା ବରଗଛ ତଳେ ବାଇକ ରଖି ବଜାର ଭିତରକୁ ଯାଇଥିଲେ। ବଜାର ସାରି ଫେରିଲା ପରେ ସେଠାରେ ବାଇକଟି ନଥିବା ଜାଣି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ସୁଧାଂଶୁ ସନ୍ଧ୍ୟା ପ୍ରାୟ ୬ଟାରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଚମ୍ପାପୁରରେ ଚାରିଶମ୍ଭୁ ମହାମିଳନ ଉତ୍ସବ



ଚାରି ଶମ୍ଭୁ ମେଳଣ ଉତ୍ସବରେ ପୂଜାର୍ଚ୍ଚନା କରାଯାଉଛି।

ବୀରମହାରାଜପୁର,୯।୪(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଚମ୍ପାପୁର ପାୟୋନିୟର୍ ପବ୍ଲିକ ସ୍କୁଲ ସମ୍ମୁଖରେ ପଡ଼ିଆରେ ଚାରି ଶମ୍ଭୁ ମିଳନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରେ ବୀରମହାରାଜପୁର ମେଳନ ପଡ଼ିଆରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ ଚାରିଶମ୍ଭୁ। ବଡ଼ମାଲର ସ୍ୱପ୍ନେଶ୍ୱର ମହାଦେବ, କୁଞ୍ଜାପାଲିର ଗୁପ୍ତେଶ୍ୱର ମହାଦେବ, ଉଲୁଣ୍ଡାର ଭୁବନେଶ୍ୱର ମହାଦେବ ଓ ପିତାମହୁଲର ସ୍ୱପ୍ନେଶ୍ୱର ମହାଦେବ ଛତି ଛତ୍ର ବୈରଖଧରି ମୁଖ୍ୟଛକ, ଜଗନ୍ନାଥ ମନ୍ଦିର ଛକ ଦେଇ ଚମ୍ପାପୁର ପଡ଼ିଆରେ ପହଞ୍ଚିଥିଲେ। ସେଠାରେ ଚାରିଶମ୍ଭୁଙ୍କୁ ଭେଟ କଲାପରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଆୟୋଜନ ସୁବଳୟା ଯୁକ୍ତ କଲେଜ ଅଧକ୍ଷ ରମାକାନ୍ତ ପୁରୋହିତ ତାଙ୍କ ସ୍ତ୍ରୀ ଜ୍ୟୋତି ପୁରୋହିତ କର୍ତ୍ତାଭାବେ କାର୍ଯ୍ୟ କରିଥିଲେ। ଗିରିଜା ଶଙ୍କର ପଣ୍ଡା, ଚିତ୍ତ ରଞ୍ଜନ ଦାସ ଯଜ୍ଞ କାର୍ଯ୍ୟରେ ସହଯୋଗ କରିଥିଲେ। ବୀରମହାରାଜପୁର ଜଗନ୍ନାଥ ମହିଳା ସଙ୍କୀର୍ତ୍ତନ୍ୟ ମଣ୍ଡଳୀର ସମସ୍ତ କାର୍ଯ୍ୟକର୍ତ୍ତା ଓ ଶିକ୍ଷକ ନାରାୟଣ ବେହେରା ଓ ଚମ୍ପାପୁର ପଡାବାସୀ ସହଯୋଗ କରିଥିଲେ। ଅପରେ ଚାରିଟାରୁ ଧୁଳି ଦଣ୍ଡ ବା ପାଣି ଦଣ୍ଡ ଅନୁଷ୍ଠିତ ହୋଇ ସନ୍ଧ୍ୟା ସାତଟା ପର୍ଯ୍ୟନ୍ତ ଚାଲିଥିଲା। ଏହି ଚାରିଶମ୍ଭୁ ମେଳଣ ଉତ୍ସବ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା।

### ବୌଦ୍ଧ ରାମଲୀଳା ଯାତ୍ରାର ଚତୁର୍ଥ ଦିବସ

# ପରିବେଷିତ ହେଲା ସୂର୍ପଣଖାର ନାସା ଛେଦନ

ବୌଦ୍ଧ,୯।୪(ଅଜିତ କୁମାର ବାରିକ)

ବୌଦ୍ଧ ଗଡ଼ଜାତର ଐତିହାସିକ ରାମଲୀଳା ଯାତ୍ରା ମହୋତ୍ସବ ଶ୍ରୀରାମନବମୀଠାରୁ ଆରମ୍ଭ ହୋଇଥିବା ବେଳେ ବୁଧବାର ଚତୁର୍ଥ ଦିବସରେ ପହଞ୍ଚିଛି। ଚତୁର୍ଥ ଦିବସରେ ନାଟକ ଭାରତ ମିଳନ, ମାତା ସୀତାଙ୍କ ବାଲି ପିଣ୍ଡଦାନ ଓ ଲଙ୍କାପତି ରାବଣ ଭଉଣୀ ସୂର୍ପଣଖା ଲକ୍ଷ୍ମଣଙ୍କୁ ବିବାହ କରିବାକୁ ବାଧ କରିବାରୁ କ୍ରୋଧରେ ଲକ୍ଷ୍ମଣ ତା'ର ନାକ କାଟିବା ପରେ ଶ୍ରୀରାମ ଓ ଲକ୍ଷ୍ମଣ ଖର, ଦୂଷଣ, ତ୍ରିଶିରା ଭଳି ରାକ୍ଷସଙ୍କ ବଧ କରିଥିଲେ। ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ଉତ୍କୃଷ୍ଟ ରଚନା ଓ ଭବାନୀଶଙ୍କର ମହାପାତ୍ରଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ଶ୍ରୀରାମଲୀଳା ନାଟ୍ୟ ସଂସଦର କଳାକାରମାନେ ନିଖୁଣ ଭାବେ ପୌରାଣିକ କଥାବସ୍ତୁ ଅନୁଯାୟୀ ଚରିତ୍ର ଗୁଡିକୁ ପ୍ରଦର୍ଶନ କରିଥିଲେ। ରାମ ଭୂମିକାରେ ଶିରିଶ୍ ବେହେରା, ଲକ୍ଷ୍ମଣ ଜନାର୍ଦ୍ଦନ ମିଶ୍ର, ସୀତା ବାବୁଲି ବେହେରା, ଭରତ ତପନ ବାରିକ, ମନ୍ଥରା ରଞ୍ଜନ ବାରିକ, ସୂର୍ପଣଖା ଶେଷଦେବ ମଲିକ, ଖର ସନ୍ତୋଷ ବାଗ, ଦୂଷଣ ନବୀନ ମହାପାତ୍ର, ତ୍ରିଶିରା ଶାନ୍ତନୁ ବେହେରା ପ୍ରମୁଖ ଅଭିନୟ କରିଥିଲେ । ନାଟକ ଦେଖିବା ପାଇଁ ଲୋକଙ୍କ ପ୍ରବଳ ଗହଳି ହୋଇଥିଲା।



ରାମଲୀଳା ନାଟକର ଦୃଶ୍ୟ।

# ରାମଲୀଳା ମହୋତ୍ସବର ୪ର୍ଥ ସନ୍ଧ୍ୟା: ରାମ ବନବାସ

ବିନିକା,୯।୪(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳ ୱାର୍ଡ ନଂ ୧୦ ଉର୍ଲେ ରଘୁନାଥ ମନ୍ଦିର ପ୍ରାଙ୍ଗଣରେରେ ଚାଲିଥିବା ରାମଲୀଳା ମହୋତ୍ସବର ବୁଧବାର ଥିଲା ୪ର୍ଥ ସନ୍ଧ୍ୟା। ଏହି ସନ୍ଧ୍ୟାରେ ରାମ ବନବାସ, ଶବର ରାଜାଙ୍କ ସହିତ ରାମଙ୍କର ମୈତ୍ରତା ନାଟକ ପରିବେଷଣ ହୋଇଥିଲଶ। ରାମ ଭୂମିକାରେ ବନମାଳୀ ମିଶ୍ର, ସୀତା ବିନୋଦ କୁଅଁର, ଲକ୍ଷଣ ସୂର୍ଯ୍ୟକାନ୍ତ ତ୍ରିପାଠୀ, ଦଶରଥ ଗିରୀଶ ମିଶ୍ର, କୌଶଲ୍ୟା ପାଣ୍ଡୁ ସାଲମା, କୈକେୟୀ ଶରତ ମିଶ୍ରଙ୍କ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

# ନଟରାଜ ଫାଇଟର, କିଙ୍ଗସ୍ ଏକାଦଶ ବିଜୟୀ

ଅମରପାଲି,୯।୪(ପୀତାମ୍ବର ସାହୁ)

### ବହଲପଦର ପ୍ରିମିୟର ଲିଗ କ୍ରିକେଟ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଲପଦର ପଡ଼ିଆରେ ଦଧିବାମନ କ୍ଲବ ଆନୁକୂଲ୍ୟରେ ୨ୟ ବହଲପଦର ପ୍ରିମିଅର ଲିଗ୍ କ୍ରିକେଟ ଉଦ୍‌ଘାଟିତ ହୋଇଯାଇଛି। ବୁଧବାର ପ୍ରଥମ ମ୍ୟାଚ ନଟରାଜ ଫାଇଟର ଓ କିଙ୍ଗ କୋବ୍ରା ମଧ୍ୟରେ ହୋଇଥିଲା। କିଙ୍ଗ କୋବ୍ରା ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୮ ଉଇକେଟ ହରାଇ ୧୨୦ରନ କରିଥିଲା। ଜବାବରେ ନଟରାଜ ଫାଇଟର ୭.୪ ଓଭରରେ ୫ ଉଇକେଟ ହରାଇ ୧୨୧ରନ କରି ବିଜୟୀ ହୋଇଥିଲା। ଅପରାହ୍ନରେ ଦ୍ୱିତୀୟ ମ୍ୟାଚ କିଙ୍ଗସ ଏକାଦଶ ଓ ଟାଇଗର ଏକାଦଶ ମଧ୍ୟରେ ହୋଇଥିଲା। କିଙ୍ଗସ୍ ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୩ ଉଇକେଟ ହରାଇ ୧୫୪ ରନ କରିଥିଲା। ଜବାବରେ ଟାଇଗର ଏକାଦଶ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୧୨୬ ରନ କରି ପରାସ୍ତ ହୋଇଥିଲା। ମ୍ୟଚ ଗୁଡିକରେ ଅଜିତ ପଧାନ ଓ ସଲିମ ପଧାନ ଅମ୍ପୟାରଭାବେ ଖେଳ ପରିଚାଳନା କରିଥିବା ବେଳେ ଅନିଲ ଭୁକ୍ତା ସ୍କୋରର ଥିଲେ।



ବିଜୟୀ କିଙ୍ଗସ୍ ଏକାଦଶର ଖେଳାଳିମାନେ।

# ଧର୍ମ ପରାୟଣ ମହିଳାଙ୍କ ପରଲୋକ

ଅମରପାଲି,୯।୪(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କଳାପଥର ପଞ୍ଚାୟତ ଅନ୍ତର୍ଗତ ନୂଆପାଲି ଗ୍ରାମର ଧର୍ମ ପରାୟଣ ମହିଳା ମାଳତୀ ବେହେରା (୬୬)ଙ୍କ ପରଲୋକ ହୋଇଯାଇଛି। ସେ କିଛି ଦିନ ହେଲା ହୃଦ୍‌ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ସୁରେନ୍ଦ୍ର ବେହେରା, ପୁଅ ଲବ ବେହେରା, ପୁତ୍ରବଧୂ ସସ୍ମିତା ଦେହୁରୀ ଓ ଜ୍ଞାତି ପରିଜନ ଉପସ୍ଥିତ ଥିଲେ। ଗ୍ରାମର ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ପୁଅ ଲବ ବେହେରା ମୁଖାଗ୍ନି ଦେଇଥିଲେ।

# ଭଲ ମଣିଷ ହେବାକୁ ଚେଷ୍ଟା କର

ଅମରପାଲି, ୯।୪(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ଯଉଁରାଭୃଉଁରା ପଞ୍ଚାୟତର ଢେଲେଇ ସରକାରୀ ୟୁପି ସ୍କୁଲର ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ କୁମାର ଲୁହାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ସମାରୋହରେ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେ ନିଜ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କୁ ପାଠ ପଢି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟିକ ଡ଼. ଦ୍ୱିତୀକୃଷ୍ଣ ପଣ୍ଡା ମୁଖ୍ୟବକ୍ତା, ଉଲୁଣ୍ଡା ଏବିଇଓ ମୁକେଶ କୁମାର ଭୋଇ, ସ୍କୁଲ ପରିଚାଳନା କମିଟି ସଭାପତି ଆନନ୍ଦ ପାଢ଼ୀ, ତ୍ରିନାଥ ଭୋଇ, ଏସ. ପତ୍ରାପାଲି ସରପଞ୍ଚ ସନାତନ ମହାଲିଙ୍ଗ, ସ୍କୁଲ ପ୍ରଧାନଶିକ୍ଷକ ଡ଼. ଅନିରୁଦ୍ଧ କୁରକୁରିଆ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ଭୀମ ଭୋଇଙ୍କ ବାଣୀ ସମାଜ ସଂସ୍କାର ଓ ଚରିତ୍ରବାନ ହେବାରେ ସହାୟକ ବୋଲି ମତବ୍ୟକ୍ତ କରିଥିଲେ।



ଢେଲେଇ ସରକାରୀ ୟୁପି ସ୍କୁଲର ବାର୍ଷିକ ଉତ୍ସବରେ ମଞ୍ଚାସିନ ଅତିଥିମାନେ।

### ଢେଲେଇ ସରକାରୀ ୟୁପି ସ୍କୁଲର ବାର୍ଷିକ ଉତ୍ସବ

ଶିକ୍ଷକ ଆଶିଷ କୁମାର ପର୍ଡିଆ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସ୍ୱାଧୀନ ପ୍ରଧାନ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ଡ଼. ଅନିରୁଦ୍ଧ କୁରକୁରିଆ ସଭା ସଂଯୋଜନା କରିଥିଲେ। ଏହି ଅବସରରେ ସ୍କୁଲ ପରିସରରେ ମୁଖ୍ୟ ଅତିଥି ବିଧାୟକ ଜଗଦଲାଙ୍କ ଦ୍ୱାରା ଭୀମ ଭୋଇଙ୍କ ପ୍ରତିମୂର୍ତ୍ତୀ ଉନ୍ମୋଚନ କରାଯାଇଥିଲା। ଏହା ସହିତ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ଜିଲାର ଶିକ୍ଷକ ଲକ୍ଷ୍ମୀ ନାରାୟଣ ସାହୁ, ପ୍ରାଣବନ୍ଧୁ ସାହୁ, ଦିଲ୍ଲୀପ ମିଶ୍ର, ମୋନାଲିସା ପରମାଣିକ, ହିମାଂଶୁ ଭୂଷଣ ପଣ୍ଡା, ଅଶୋକ ବିଶି, ହୃଷୀକେଶ ଚାନ୍ଦ, ବେଣୁଧର ସୁରଜାଲ, ବନବାସ ମେହେର, ସଞ୍ଜୀବ ସେଠୀ, କରମଚାନ୍ଦ ବାରିକ ଓ ଫଗୁଣୁ ନାଏକ, କଳାକାର ପରଦେଶୀ ଭରାସାଗର, ଇନ୍ଦ୍ରଜିତ କୁମ୍ଭାର, ସମାଜସେବକ ଦୟାନିଧି ଦେବତା, ବନମାଳୀ ପାଢ଼ୀ, ନୃତ୍ୟଗୁରୁ ବିୟୁଟି ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କୁଲର ଛାତ୍ର ଶୁଭମ ଭରାସାଗର, ରାକେଶ ବାଘ, ସାଇ ଆଶିଷ ପାଢ଼ୀ ଏବଂ ଛାତ୍ରୀ ବିଷ୍ଣୁପ୍ରିୟା ମହାକୁର, ରେଶମା ଲୁହା, ଦୀପାଞ୍ଜଳି କୁଶଲଙ୍କୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ସମ୍ମାନିତ କରାଯାଇଥିଲା। ଶିକ୍ଷକ ପୁରନ୍ଦର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ସଭାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ସଂକ୍ଷେପରେ

### ରାସ୍ତା ନିର୍ମାଣ ପାଇଁ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଭେଟିଲେ ଓକିଲ ସଂଘ କର୍ମକର୍ତ୍ତା

ସଇଁତଲା,୯।୪(ରାଖାଲ ପ୍ରସାଦ ଶତପଥୀ)

ସଇଁତଲା ବ୍ଲକ ଛକ ନିକଟରେ ଥିବା ରେଳ ଫାଟକଠାରୁ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। ତୁରନ୍ତ ନୂତନ ରାସ୍ତା ନିର୍ମାଣ କରିବାକୁ ସ୍ଥାନୀୟ ଓକିଲ ସଂଘ କର୍ମକର୍ତ୍ତାମାନେ ମଙ୍ଗଳବାର ଦିନ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଭେଟି ଦାବି କରିଛନ୍ତି । ପ୍ରକାଶ ଯେ, ଏହି ରାସ୍ତା ଦେଇ ପ୍ରତିଦିନ ଶତାଧିକ ଛାତ୍ରୀଛାତ୍ର, ଜନସାଧାରଣ ଯିବା ଆସିବା କରିଥାନ୍ତି । ଡ଼ାକ୍ତରଖାନା, ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ, ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଏବଂ ତହସିଲ କାର୍ଯ୍ୟାଳୟକୁ ଯିବା ପାଇଁ ନିର୍ଭର କରିଥାନ୍ତି । ସଇଁତଲା ସହରଠାରୁ ଏହି ରାସ୍ତା ଦେଇ ବ୍ଲକକୁ ଆସିବାକୁ ହେଲେ କମ ଦୂର ହୋଇଥାଏ। ଓକିଲ ସଂଘ ତରଫରୁ ବାରମ୍ବାର ରାସ୍ତା ନିର୍ମାଣ ପାଇଁ ବ୍ଲକ ପ୍ରଶାସନ ନିକଟରେ ଦାବି କରାଯିବା ପରେ ୪ ଲକ୍ଷ ଟଙ୍କା ମଞ୍ଜୁର ହୋଇସାରିଛି। ଏହାସତ୍ତ୍ୱେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ମଙ୍ଗଳବାର ପୂର୍ବାହ୍ଣରେ ସଇଁତଲା ଓକିଲ ସଂଘର ସଭାପତି ସୁବୋଧ ମିଶ୍ରଙ୍କ ନେତୃତ୍ୱରେ ସଂଘର ସମ୍ପାଦକ ଫିରୋଜ କୁମାର ବରର୍ଡ୍ଡ, ଦେବରାଜ ପଣ୍ଡା, ହିମାଂଶୁ ଶେଖର ଦାଶ, ମନୋଜ କୁମାର ପୃଷେଠ, ପ୍ରଶାନ୍ତ ପୁଟେଲ, ଶିବ ପ୍ରସାଦ ବାରିକ, ଗୋକୁଳ ସୁନା, ତପନ ସାହୁ, ଶାନ୍ତନୁ ବେହେରା, ଦେବାଶିଷ ସେଠ ପ୍ରମୁଖ ବ୍ଲକ କାର୍ଯ୍ୟାଳୟକୁ ଆସି ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାତ କୁମାର ମହାପାତ୍ରଙ୍କୁ ଭେଟି ତୁରନ୍ତ ରାସ୍ତା ନିର୍ମାଣ କରିବାକୁ ଦାବି ଜଣାଇଥିଲେ ।

### ନଅଗାଁ(ଖ) ରାମଜୀ ଯୁବକ ସଂଘ ପକ୍ଷରୁ ରାମଲୀଳା

ଲୋଇସିଂହା,୯।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ନଅଗାଁ(ଖ) ଗ୍ରାମର ରାମଜୀ ଯୁବକ ସଂଘ ପକ୍ଷରୁ ରାମଜୀ ମନ୍ଦିର ପ୍ରାଙ୍ଗଣରେ ରାମଲୀଳା ନାଟକ ପରିବେଷଣ କରାଯାଉଛି। ମଙ୍ଗଳବାର ସନ୍ଧ୍ୟାରେ ସୀତା ବିବାହ ଦୃଶ୍ୟ ପରିବେଷିତ ହୋଇଥିଲା। ଗ୍ରାମର ପଞ୍ଚାୟତ କାର୍ଯ୍ୟାଳୟରୁ ପ୍ରଭୁ ରାମଚନ୍ଦ୍ରଙ୍କ ବରଯାତ୍ରୀ ଶୋଭାଯାତ୍ରାରେ ବାହାରି ବସ୍ତ୍ରର ଧ୍ରୁବା ସାହୁ (ଜନକ ମହର୍ଷି)ଙ୍କ ଘରକୁ ଯାଇଥିଲେ। ସେଠାରେ ରୀତିନୀତିରେ ରାମସୀତାଙ୍କ ବିବାହ ସମ୍ପନ୍ନ ହୋଇଥିଲା। ଏହାପରେ ରାମଲୀଳା ପେଣ୍ଡାଲରେ ରାମଲୀଳା ନାଟକ ଅଭିନୀତ ହୋଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ହୋଇଥିବା ରାମଲୀଳା ନାଟକରେ ବରଗଡ ଧନୁଯାତ୍ରାର ପୂର୍ବତନ କଂସ ମହାରାଜ ଭୁବନେଶ୍ୱର ପଧାନ ସାମିଲ ହୋଇଥିଲେ। କଂସ ମହାରାଜ ପଧାନ କହିଥିଲେ, ନଅଗାଁ(ଖ)ଏକ କଳାକାର ଗାଁ । ଏଠାରେ ବହୁ ଉଚ୍ଚକୋଟୀର କଳା ପ୍ରଦର୍ଶନ କରୁଥିବା କଳାକାର ରହିଛନ୍ତି । ବରଗଡ ଧନୁଯାତ୍ରା ମଞ୍ଚରେ ମୋ ସହ ସେମାନେ କଳାର ନିପୁଣତା ଦେଖାଇଛନ୍ତି। ଏହି ଅବସରରେ ସେ ରାମଲୀଳାର କିଛି ରୋଚକ କଥା ଉପସ୍ଥାପନା କରିଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ବିଭିନ୍ନ ସ୍ଥାନରେ ରାମନବମୀ ଠାରୁ ରାମଲୀଳା ନାଟକ ଆରମ୍ଭ ହୋଇଥାଏ। କିନ୍ତୁ ନଅଗାଁ(ଖ)ରେ ଦେବାଶୁର ଯୁଦ୍ଧ , ଦସ୍ୟୁ ରତ୍ନାକର, ରାବଣ ଦିଗବିଜୟ ସିନ୍ଧୁ)ବଧ ପରେ ରାମଜନ୍ମ ଆରମ୍ଭ ହେଉଥିବା ଗ୍ରାମର ବୟୋଜ୍ୟେଷ୍ଠ କଳାକାର ଜଣାଇଛନ୍ତି।

# ବିପଦସଙ୍କୁଳ ଶ୍ରେଣୀ ଗୃହରେ ଚାଲିଛି ପାଠପଢ଼ା

**ପ୍ରଶାସନ ଦୃଷ୍ଟି ଆଢୁଆଳରେ ଦାବକାନୀ ପ୍ରାଥମିକ ବିଦ୍ୟାଳୟ**

ପାଟଣାଗଡ,୯।୪(ସଚ୍ଚିଦାନନ୍ଦ ମହାକୁର)



ଜରାଜୀର୍ଣ୍ଣ ଅବସ୍ଥାରେ ଶ୍ରେଣୀ ଗୃହ ।

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଦାବକାନୀ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀ କୋଠରୀ ଅଭାବ ରହିଛି । ଫଳରେ ଛାତ୍ରୀଛାତ୍ର ବିପଦସଙ୍କୁଳ ଗୃହରେ ପାଠ ପଢୁଥିବା ଅଭିଯୋଗ ହେଉଛି । ଏନେଇ ସ୍କୁଲ ପରିଚାଳନା କମିଟି ଓ ଅଭିଭାବକମାନେ ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ଓ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏହାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ପ୍ରାଥମିକ ସ୍କୁଲ ଅଞ୍ଚଳର ଏକ ପୁରାତନ ଶିକ୍ଷାନୁଷ୍ଠାନ । ଏଠାରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ରାଜ୍ୟ ସରକାର ନୂତନ ଭାବରେ ଏବର୍ଷ ଶିଶୁ ବାଟିକାକୁ ସଂଯୋଗ କରିଥିବା ବେଳେ ବର୍ତ୍ତମାନ ନାମ ଲେଖା ଜାରି ରହିଛି। ଏବେ ସ୍କୁଲରେ ୩୫ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ତେବେ ସ୍କୁଲରେ ମାତ୍ର ୨ ଟି ଶ୍ରେଣୀଗୃହ ଥିବାରୁ ପାଠପଢ଼ା ବ୍ୟାହତ ହେଉଛି। ଗୋଟିଏ ଶ୍ରେଣୀ ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ବେଳେ ସ୍କୁଲ ଛାତରୁ ସିମେଣ୍ଟ ଖସୁଛି। ଛାତର ଲୁହାଛଡ଼ ସବୁ ଜଳଜଳ ହୋଇ ଦେଖାଯାଉଛି। ଯେ କୌଣସି ମୁହୂର୍ତ୍ତରେ ଉକ୍ତ କୋଠରିରେ ଛାତ ଗଳିପଡ଼ିବା ଆଶଙ୍କା କରି ସ୍କୁଲ ପରିଚାଳନା କମିଟି ପକ୍ଷରୁ ଛାତର ଭାରା ସମ୍ଭାଳିବା ପାଇଁ ସେଠାରେ ଦୁଇଟି ପିଲର ନିର୍ମାଣ କରାଯାଇଛି। ଏବେ ସେହି ବିପଦସଙ୍କୁଳ ଛାତ ତଳେ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ତେବେ ଏଠାରେ ଅଘଟଣ ଘଟିବା ଆଶଙ୍କା ଏଡାଇ ଦିଆଯାଇ ନ ପାରେ। ଏଥିପ୍ରତି ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟ ଦାବି କରିଛନ୍ତି।

# ନର୍ସଙ୍କ ଜରିଆରେ ଡିଲ୍ ଅଭିଯୋଗ

**ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରୁ ଶିଶୁବିକ୍ରି ଘଟଣା**

- ସ୍ଥାନୀୟ ଅଙ୍ଗନୱାଡ଼ି, ଆଶାକର୍ମୀ କିଛି ଜାଣି ନ ଥିବା କହିଲେ
- ବଲାଙ୍ଗୀର ଜିଲାରେ ଶିଶୁ ବିକ୍ରି ରାକେଟ୍ ସକ୍ରିୟ ଅଭିଯୋଗ

ବଲାଙ୍ଗୀର,୯।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରୁ ନବଜାତ ଶିଶୁପୁତ୍ର ବିକ୍ରି ଘଟଣା ହଇଚଇ ସୃଷ୍ଟି କରିଛି। ବଲାଙ୍ଗୀର ସହର ମାଲପଡାର ଏକ ଭଡାଘରେ ରହୁଥିବା ଜଣେ ମହିଳା ଗତ ୬ ତାରିଖ ଦିନ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ଡିସଚାର୍ଜ ପରେ ସେ ଘରକୁ ଫେରିଥିଲେ ମଧ୍ୟ ନବଜାତ ଶିଶୁପୁତ୍ର ତାଙ୍କ ସାଙ୍ଗରେ ନ ଥିଲା। ବୁଧବାର ଶିଶୁବିକ୍ରି ଚର୍ଚ୍ଚା ଜୋର ଧରିଥିଲା।

ମିଳିଥିବା ସୂଚନା ମୁତାବକ, ଟିଟିଲାଗଡର ଜଣେ ମହିଳା ମଧ୍ୟସ୍ଥି ଭାବେ ଉକ୍ତ ଶିଶୁପୁତ୍ରକୁ ବିକ୍ରି ଉଦ୍ଦେଶ୍ୟରେ ନେଇଥିବା ଜଣାପଡିବା ପରେ ପ୍ରଶାସନିକ ଟିମ୍ ଶିଶୁ ଉଦ୍ଧାର ପାଇଁ ବୁଧବାର ରାତି ୭ଟାରେ ଟିଟିଲାଗଡ ଗସ୍ତ କରିଛନ୍ତି। ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ଯେ, ମାଲପଡାରେ ରହୁଥିବା ସମ୍ପୃକ୍ତ ବିଧବା ମହିଳା ଜଣକ ତାଙ୍କ ଗର୍ଭଧାରଣ, ଶିଶୁଜନ୍ମ ସଂକ୍ରାନ୍ତରେ ପଡାର ଅଙ୍ଗନୱାଡି କର୍ମୀ ଓ ଆଶା କର୍ମୀଙ୍କୁ କିଛି ବି ସୂଚନା ଦେଇ ନ ଥିବା ଜଣାଇଛନ୍ତି। ଗଣମାଧ୍ୟମ ପ୍ରତିନିଧିମାନେ ମହିଳାଙ୍କୁ ପଚାରିବାରୁ ସେ ଶିଶୁପୁତ୍ର ଜନ୍ମ ହେବା ପରେ ଏମ୍‌ସିଏଚ୍‌ରେ ଭର୍ତ୍ତି ହୋଇଥିଲେ। ସେ ଥିବା ବେଡ୍ ପାଖକୁ ଜଣେ ଲୋକ ଓ ଜଣେ ମହିଳା ଆସି ତାଙ୍କୁ ଶିଶୁପୁତ୍ରକୁ ଦେବାକୁ କହିଥିଲେ। ସେ ହଁ କହିବାରୁ ଶିଶୁପୁତ୍ର ନେଇ ଯାଇଥିଲେ। ଔଷଧ ଖର୍ଚ୍ଚ ବାବଦକୁ ତାଙ୍କୁ ୫ ହଜାର ଟଙ୍କା ସେମାନେ ଦେଇଥିବା କହି ଏହା ଶିଶୁବିକ୍ରି ନୁହେଁ ବରଂ ତାଙ୍କ ଶିଶୁକୁ ଲାଳନପାଳନ ପାଇଁ ସେ ଦେଇଥିବା କହିଥିଲେ। ଭୀମଭୋଇ ମେଡିକାଲ ହସ୍ପିଟାଲ ଭିତରକୁ ଜଣେ ଅପରିଚିତ ବ୍ୟକ୍ତି କିଭଳି ଖବର ପାଇ ଆସିଲେ ଓ ନବଜାତ ଶିଶୁପୁତ୍ରକୁ ନେଇ ଚାଲିଗଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମାଲପଡାର ଜଣେ ମହିଳା କହିଛନ୍ତି ଯେ, ହସ୍ପିଟାଲର ଜଣେ ନର୍ସ ଏହି ଘଟଣାରେ ମଧ୍ୟସ୍ଥି ସାଜିଛନ୍ତି। ସମ୍ପୃକ୍ତ ମହିଳା ଜଣକ ଏକ ଶିଶୁପୁତ୍ର ଜନ୍ମ ଦେବା ପରେ ସେ ଟିଟିଲାଗଡର ଜଣେ ମହିଳାଙ୍କୁ ଖବର ଦେଇ ଶିଶୁବିକ୍ରିର ଡିଲ୍ କରାଇଥିଲେ। ଏହା ଚର୍ଚ୍ଚା ହେବା ପରେ ଏ ଦିଗରେ ଉଚ୍ଚସ୍ତରୀୟ ତଦନ୍ତ ହେବା ଆବଶ୍ୟକ ରହିଛି। ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଓ ଟିଟିଲାଗଡ ଅଞ୍ଚଳରେ ଶିଶୁବିକ୍ରି ରାକେଟ୍ ସକ୍ରିୟ ଥିବା ଅନେକ ସମୟରେ ଆଲୋଚନା ହେଉଛି। ଏବେ ଟିଟିଲାଗଡରେ ନବଜାତ ଶିଶୁ ଥିବା ଜଣାପଡିବା ପରେ ଏ ଦିଗରେ ଅଧିକ ତଦନ୍ତ କରାଯିବାକୁ ଲୋକେ ଦାବି କରୁଛନ୍ତି। ଏକ ଟିମ୍ ସମ୍ପୃକ୍ତ ମହିଳାଙ୍କୁ ଧରି ପୋଲିସ ସୁରକ୍ଷାରେ ଟିଟିଲାଗଡ ଅଭିମୁଖେ ଯାଉଛନ୍ତି। ସେଠାରେ ପ୍ରଥମେ ଶିଶୁପୁତ୍ରକୁ ଠାବ କରାଯାଇ ପରେ ଶିଶୁବିକ୍ରିର ତଦନ୍ତ ହେବ ବୋଲି ଅତିରିକ୍ତ ଜିଲାପାଳ ପବିତ୍ର ବେହେରା କହିଛନ୍ତି।

### ସୋନଗଡ ବ୍ୟାରେଜ ନିର୍ମାଣ ନେଇ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଭେଟିଲେ ପ୍ରତିନିଧି ଦଳ

ଦେଓଗାଁ,୯।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲାରେ ଜଳସେଚନର ସ୍ଥିତି ପରଖିବାକୁ ଜଳସେଚନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଚନ୍ଦ୍ରଶେଖର ପାଢୀ ନିକଟରେ ଦୁଇଦିନିଆ ବଲାଙ୍ଗୀର ଗସ୍ତରେ ଆସି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏହି ଅବସରରେ ଦେଓଗାଁର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସର୍ବୋଚ୍ଚ ଯନ୍ତ୍ରୀ ଇଂ.ପାଢୀଙ୍କୁ ବଲାଙ୍ଗୀର ଇରିଗେଶନ ଆଇବିଠାରେ ସାକ୍ଷାତ କରି ଦେଓଗାଁର ସିକୁଆଁ ନିକଟସ୍ଥ ସୋନଗଡ ନଦୀରେ ନିର୍ମାଣ ହେବାକୁ ଥିବା ବ୍ୟାରେଜ ବିଷୟରେ ଆଲୋଚନା କରିଥିଲେ। ଯନ୍ତ୍ରୀ ଇଂ. ପାଢୀ ଉକ୍ତ ବ୍ୟାରେଜ ନିର୍ମାଣ ପାଇଁ ଡିପିଆର ପ୍ରସ୍ତୁତ ଚାଲିଛି, ଖୁବଶୀଘ୍ର ଟେଣ୍ଡର କରାଯିବ ବୋଲି ସୂଚନା ଦେଇଥିଲେ। ଏହି ପ୍ରତିନିଧି ଦଳରେ ଗାଇବାହାଲ ସରପଞ୍ଚ ତ୍ରିଲୋଚନ ନାଗଙ୍କ ସମେତ ସୁବାଷ ପ୍ରଧାନ, ଆର୍ଶୀବାଦ ସାହୁ, ଟଙ୍କଧର କର୍ମୀ, ଟୁନା ବାଗ, ଦୟାସାଗର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

### ବଲାଙ୍ଗୀର ଏମ୍‌ପିଙ୍କ ଟିଟିଲାଗଡ଼ ବ୍ଲକ ପ୍ରତିନିଧି ହେଲେ ମୁକେଶ




ଟିଟିଲାଗଡ ବ୍ଲକ କାର୍ଯ୍ୟାଳୟ ନିକଟରେ ମୁକେଶ ଜୈନଙ୍କୁ ସ୍ୱାଗତ କରାଯାଉଛି ।

ଟିଟିଲାଗଡ଼,୯।୪(ଶରତ ମିଶ୍ର)

ଟିଟିଲାଗଡ଼ ବ୍ଲକରେ ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ଭାବରେ ମୁକେଶ ଜୈନଙ୍କୁ ନିଯୁକ୍ତି ମିଳିଛି । ପୂର୍ବରୁ ମୁକେଶ ଭାଜପାର ଜିଲା ସାଧାରଣ ସମ୍ପାଦକ ଓ ଏମ୍‌ପିଙ୍କ ଟିଟିଲାଗଡ଼ ବ୍ଲକ ପ୍ରତିନିଧି ଭାବରେ ନିଯୁକ୍ତ ଥିଲେ। ବର୍ତ୍ତମାନ ତାଙ୍କୁ ପୁନର୍ବାର ଉକ୍ତ ଦାୟିତ୍ୱ ପ୍ରଦାନ ନେଇ ଦଳୀୟ କର୍ମୀଙ୍କ ମହଲରେ ଉତ୍ସାହ ପ୍ରକାଶ ପାଇଛି। ଏମ୍‌ପିଙ୍କ ପ୍ରତିନିଧି ଭାବରେ ନିଯୁକ୍ତି ପତ୍ର ପାଇବା ପରେ ବୁଧବାର ମୁକେଶ ଟିଟିଲାଗଡ଼ସ୍ଥିତ ଧବଳେଶ୍ୱର ମନ୍ଦିରକୁ ଯାଇ ଠାକୁର ଦର୍ଶନ କରିଥିଲେ। ପରେ ବ୍ଲକ କାର୍ଯ୍ୟାଳୟକୁ ଯାଇ ତାଙ୍କ ନିଯୁକ୍ତି ପତ୍ର ବିଡ଼ିଓ ଚନ୍ଦ୍ରମଣୀ ନାଗଙ୍କୁ ପ୍ରଦାନ କରିଥିଲେ। ବ୍ଲକ କାର୍ଯ୍ୟାଳୟରେ ଦଳ ପକ୍ଷରୁ ଲୁଥୁରବନ୍ଧ ମଣ୍ଡଳ ସଭାପତି ଜୀବର୍ଦ୍ଧନ ଖରସେଲ, ଶଗଡ଼ଘାଟ ମଣ୍ଡଳ ସଭାପତି ସଚ୍ଚିକାନ୍ତ ବେହେରା, କୁରସୁ ମଣ୍ଡଳ ସଭାପତି ବିଦୁର ବେହେରା, ଦଳର ବରିଷ୍ଠ ନେତା ଚେୟାରମ୍ୟାନ ବାଗ, ନରେଶ ବେହେରା, କାଳିଆ ସାହୁ, ନିମାଇଁ ଚରଣ ବେହେରା ପ୍ରମୁଖ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ମୁକେଶଙ୍କ ନୂତନ ନିଯୁକ୍ତି ନେଇ ଦଳର ଜିଲା ସଭାପତି ଶ୍ରୀବତ୍ସ ବେହେରା, ଏମପିଙ୍କ ପ୍ରତିନିଧି ପ୍ରଶାନ୍ତ ଷଡ଼ଙ୍ଗୀ, ଟିଟିଲାଗଡ଼ ନଗର ସଭାପତି ସୁନିଲ ଆଚାର୍ଯ୍ୟ ଶୁଭେଚ୍ଛା ଜଣାଇବା ସହ ଏମ୍‌ପି ସଙ୍ଗୀତା ସିଂଦେଓ ଏବଂ ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଠାରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଜାଗା କିଣାବିକାକୁ ନେଇ ଭିଡ଼ିଓ ଭାଇରାଲ

ଲାଠୋର,୯।୪(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ହରିଶଙ୍କରରୋଡ ରେଳ ଫାଟକଠାରେ ଥିବା ରେଲୱେ ଜାଗା କିଣାବିକାକୁ ନେଇ ଦୁଇ ଯୁବକଙ୍କ ମଧ୍ୟରେ ସୋମବାର ରାତିରେ ଯୁକ୍ତିତର୍କ ହୋଇଥିଲା । ସେଥିମଧ୍ୟରୁ ଜଣେ ଯୁବକ ଭିଡିଓ ଉତ୍ତୋଳନ କରି ସୋସିଆଲ ମିଡ଼ିଆ ଏକ୍ସରେ ଭାଇରାଲ କରିଥିବା ଦେଖାଯାଇଛି। ପ୍ରକାଶ ଯେ, ଜଣେ ଯୁବକ ରେଳ ଫାଟକ ନିକଟ ଏକ ରେଲୱେ ପ୍ଲଟରେ କୁକୁଡା ଦୋକାନ କରିଥିଲେ। ସେଥିରୁ ଯାହା ରୋଜଗାର ହେଉଥିଲା ପରିବାର ପ୍ରତିପୋଷଣ କରୁଥିଲେ । କିଛି ଦିନ ତଳେ ରେଳ ବିଭାଗ ପୋଲିସ ତାଙ୍କୁ ସେଠାରୁ ଦୋକାନ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲା । ନିର୍ଦ୍ଦେଶ ଅନୁସାରେ ସେ ସେଠାରୁ ଦୋକାନ ହଟେଇ ଦେଇଥିଲେ । ପରେ କେଉଁଠି ଦୋକାନ ଖୋଲିବେ ସେହି ଚିନ୍ତାରେ ରହିଥିଲେ । ଶେଷରେ ଏହି ଦେକାନୀ ଜଣକ ଫାଟକ ପାଖ ଆଉ ଏକ ରେଲୱେ ପ୍ଲଟରେ ହୋଇଥିବା ପାନ ଦୋକାନକୁ ଲାଗି କରି ଖାଲିଥିବା ଜାଗାରେ ପୁଣି ଦୋକାନ କରିବା ପାଇଁ ସଫାସୁତୁରା କରିଥିଲେ । ଏହା ଦେଖି ପାନ ଦୋକାନୀ ଜଣକ ଅନେକ ଦିନରୁ ଏହି ଜାଗା କିଣିଛି ତୁମେ ଯଦି ଏଠାରେ ଦୋକାନ କରିବ ୨୧ ହଜାର ଟଙ୍କା ଦେବାକୁ ପଡିବ ବୋଲି କହୁଥିବା ନେଇ ଭଏସ୍ ରେକର୍ଡ କରାଯାଇଛି । ପରେ ଟଙ୍କା ମାଗିବାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ତେବେ ନୂଆ କରି ଦୋକାନ କରିବାକୁ ଉଦ୍ୟମ କରୁଥିବା ଯୁବକ ଜଣକ ଯୁକ୍ତିତର୍କ ସମୟର ଭିଡିଓ ଉତ୍ତୋଳନ କରି ନିଜର ଏକ୍ସ ଯୋଗେ ରେଲୱେ ମିନିଷ୍ଟର, ସମ୍ବଲପୁର ଡିଆରଏମ, ଆରପିଏଫ ଇଣ୍ଡିଆ, ଜିଆରପିଙ୍କ ସହ ବିଭିନ୍ନ ଗଣମାଧ୍ୟମକୁ ଟ୍ୟାଗ କରି ଅଭିଯୋଗ କରିଥିବା ଦେଖାଯାଇଛି ।

ସୂଚନାଯୋଗ୍ୟ, ହରିଶଙ୍କର ରୋଡ ରେଳ ଫାଟକ ନିକଟରେ ରହିଥିବା ରେଲୱେ ପ୍ଲଟ କୁ ଲକ୍ଷାଧିକ ଟଙ୍କାରେ କିଣାବିକା ଚାଲିଥିଲେ ମଧ୍ୟ ରେଳ ବିଭାଗ ହାତବାନ୍ଧି ବସିଛି। ଏହାର ସୁଯୋଗ ନେଇ କେତେଜଣ ବ୍ୟକ୍ତି ସେଠାରେ ବିଭିନ୍ନ ବ୍ୟବସାୟ କରି ମାଲେ ମାଲ୍ ହେଉଛନ୍ତି। ଏ କ୍ଷେତ୍ରରେ ରେଳ ବିଭାଗର ଭୂମିକାକୁ ନେଇ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହେଉଛି।

### ପିଏସ ଡିଗ୍ରୀ କଲେଜରେ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା

କଣ୍ଟାବାଞ୍ଜି,୯।୪(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ସଦରସ୍ଥିତ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ବୁଧବାର୍ ଦିନ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଆକ୍ୱଆ ଗାର୍ଡ ଉଦ୍‌ଘାଟିତ ହୋଇଛି। କଲେଜର ପରିଚାଳନା କମିଟି ସଭାପତି ତଥା ପୂର୍ବତନ ବିଧାୟକ ଆୟୁବ ଖାଁ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ଜୋନ ୧୧ର ସଭ୍ୟ କୌସିକ ମେହେରଙ୍କ ଜିଲା ପରିଷଦ ପାଣ୍ଠିରୁ ମିଳିଥିବା ଅନୁଦାନରେ ଏହା ଲଗାଯାଇଛି । ଏହି ଅବସରରେ କଲେଜର ଅଧକ୍ଷ ଗୌରାଙ୍ଗ ଦାଶ, ବିଡ଼ିଓ ପୂର୍ଣ୍ଣାନନ୍ଦ ପଟେଲ, ପରିଚାଳନା ସଭ୍ୟ ଉନି ନାୟାରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଶ୍ରୀନୃସିଂହ ମନ୍ଦିରରେ ସାମୂହିକ ବ୍ରତୋପନୟନ



ନୃସିଂହ ମନ୍ଦିରରେ ସାମୂହିକ ବ୍ରତୋପନୟନ ।

ବଲାଙ୍ଗୀର,୯।୪ (ବୀରେନ୍ଦ୍ର କୁମାର ଝାଙ୍କର)

ନୃସିଂହ ମନ୍ଦିର ମଠାଧୀଶ ମହନ୍ତ ଶ୍ରୀ ବ୍ରଜମୋହନ ଶରଣଦେବ ଓ ଗୁରୁଭାଇ–ଭଉଣୀ ସେବା ସଂଘ ଟ୍ରଷ୍ଟ ଆନୁକୂଲ୍ୟରେ ଗରିବ ବ୍ରାହ୍ମଣ ବାଳକମାନଙ୍କ ନିଶୁଳ୍କ ସାମୂହିକ ବ୍ରତୋପନୟନ ସ୍ଥାନୀୟ ନୃସିଂହ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨ ଜଣ ବଟୁଧାରଣ କରିଥିଲେ। ପଣ୍ଡିତ ମୁରାରୀ ମିଶ୍ରଙ୍କ ବେଦମନ୍ତ୍ର ପଠନ ପରେ ସମାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୁରୁଭାଇ ଓ ଭଉଣୀ ସଂଘ ସଭାପତି ପଣ୍ଡିତ ଚନ୍ଦ୍ର କୁମାର ପୁରୋହିତ, ସମ୍ପାଦକ ପଣ୍ଡିତ ନାରାୟଣ ପୁରୋହିତ, ସହ ସମ୍ପାଦକ ପଣ୍ଡିତ ଗୋବର୍ଦ୍ଧନ ଶତପଥୀ, କୋଷାଧକ୍ଷ ଜଗମୋହନ ତ୍ରିପାଠୀ, ଉପଦେଷ୍ଟା କିଶୋର ପୁରୋହିତ, ବରିଷ୍ଠ ସଦସ୍ୟ ପଣ୍ଡିତ ଭକ୍ତ ଚରଣ ଦାଶ, ବୀର ଅନନ୍ତ ପଣ୍ଡା, ପ୍ରଭାତ କୁମାର ଦାଶ, ବାଦଲ ମହାକୁର ଯାଦବ ଗୁରୁଭାଇ ଓ ଭଉଣୀ ସହଯୋଗ କରିଥିଲେ।

### ସିସି ଟିଭି ନିରୀକ୍ଷଣ ନେଟ୍‌ୱର୍କର ଉଦ୍‌ଘାଟନ

ପାଟଣାଗଡ,୯।୪(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ ଥାନା ପରିସରରେ ସିସିଟିଭି ନିରୀକ୍ଷଣ ନେଟ୍‌ୱର୍କ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ତଥା ପାଟଣାଗଡ ବିଧାୟକ କନକ ବର୍ଦ୍ଧନ ସିଂଦେଓ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ଲୋକସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଯୋଗଦେଇ ଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ଅଭିଲାଷ ଜି, ସ୍ଥାନୀୟ ଉପଜିଲାପାଳ ସୁନୀଲ ମେହେର ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମକୁ ପାଟଣାଗଡ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୂଝାରୀ ପରିଚାଳନା କରିଥିଲେ।

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ରେଳ ପ୍ରବନ୍ଧକ/(ଯାନ୍ତ୍ରିକ), ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ଅଟେ: ୧. ସିକେପି-ସେଣ୍ଟ୍ରାଲ-୨୫-୨୬-୦୧ । ପ୍ରମୁଖ ସେତୁଗୁଡ଼ିକୁ ଆର୍‌ସିସି ଜ୍ୟାକେଟିଂ ଦ୍ୱାରା ଏବଂ ବିଦ୍ୟମାନ ୨୦ ଫୁଟ ଗିର୍ଡରକୁ ପିଏସ୍‌ସି ସ୍ଲାବ୍ ସେତୁରେ ରୂପାନ୍ତରଣ ଦ୍ୱାରା ସୁଦୃଢ଼ୀକୃତ କରିବା (୨ୟ ଆହ୍ୱାନ)। ଟେଣ୍ଡର ମୂଲ୍ୟ: ₹୧,୮୦,୦୩,୭୭୪.୭୪ । ଇଏମ୍‌ଡି: ₹୨,୪୦,୦୦୦/– । ୨. ସିକେପି-ସେଣ୍ଟ୍ରାଲ-୨୫-୨୬-୦୨ । ଏଡିଇଏନ୍/ପଶ୍ଚିମ/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ସେତୁ ନଂ. ୨୧୬ (ଅପ୍ ଓ ଡାଉନ୍), ୨୦୬ (ଡାଉନ୍), ୨୦୨ (ଅପ୍ ଓ ଡାଉନ୍)ର ଆର୍‌ସିସି ଜ୍ୟାକେଟିଂ ଓ ଅନ୍ୟାନ୍ୟ ବିବିଧ କାର୍ଯ୍ୟ ତଥା ସେତୁ ନଂ. ୧୮୪ର ବଳକା କାର୍ଯ୍ୟ । (୨ୟ ଆହ୍ୱାନ)। ଟେଣ୍ଡର ମୂଲ୍ୟ: ₹୨,୮୦,୦୨,୮୪୦.୧୮ । ଇଏମ୍‌ଡି: ₹୨,୯୦,୦୦୦/– । ୩. ସିକେପି-ସେଣ୍ଟ୍ରାଲ-୨୫-୨୬-୦୩ । ଏସ୍‌ଏସ୍‌ଇ/ୱାର୍କସ୍/ଡିଏମ୍‌ଏଫ୍, କେଇ/ୱାର୍କସ୍/ବିଏକ୍ସଏଫ୍, ଏସ୍‌ଏସ୍‌ଇ/ପି.ୱେ/ବିୟୁଏଫ୍ ଏବଂ ଏସ୍‌ଏସ୍‌ଇ/ପି.ୱେ/ଡିଏମ୍‌ଏଫ୍‌ଙ୍କ ବ୍ୟବହାର ପାଇଁ ପ୍ରତ୍ୟେକ ତିନି ବର୍ଷ ଅବଧି ଲାଗି ଚବିଶ ଘଣ୍ଟିଆ ଇନ୍ଧନ ଓ ଡ୍ରାଇଭର ସହିତ ୧ ଟନ୍ ଟ୍ରକ୍ ସଡ଼କ ଯାନ (ଚାରି ଚକିଆ) ଅଣ–ଏସି ଭଡ଼ା ସୂତ୍ରରେ ନେବା । (୨ୟ ଆହ୍ୱାନ)। ଟେଣ୍ଡର ମୂଲ୍ୟ: ₹୬୬,୨୪,୦୦୦/– । ଇଏମ୍‌ଡି: ₹୧,୩୨,୫୦୦/– । ଟେଣ୍ଡର ଫର୍ମ ମୂଲ୍ୟ: ପ୍ରତ୍ୟେକ ପାଇଁ ₹୦ । ଖୋଲାଯିବା ତାରିଖ: କ୍ର.ସଂ. ୧ ପାଇଁ ତା।୨୮।୦୪।୨୦୨୫ରିଖ, କ୍ର.ସଂ. ୨ ପାଇଁ ତା।୩୦।୦୪।୨୦୨୫ରିଖ ଏବଂ କ୍ର.ସଂ. ୩ ପାଇଁ ତା।୨୯।୦୪।୨୦୨୫ରିଖ । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । ଦ୍ରଷ୍ଟବ୍ୟ: ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ–ଟେଣ୍ଡର ଫର୍ମ ଜାରି କରାଯିବ । (କର୍ତ୍ତୃପକ୍ଷ- ରେଲ୍‌ୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ–I/ସିଟି/୩ଇ/ଜିସିସି/ପଲିସି, ତାରିଖ: ୧୬।୦୭।୨୦୨୦) । (PR-32)

## ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବ

ଲୋଇସିଂହା,୯।୪(ସୁଶାନ୍ତ ବାରିକ)




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

ବୁଧବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡାସ୍ଥିତ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସହକାରୀ ଶିକ୍ଷକ ଧନଞ୍ଜୟ ବରିହା ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗ ଦେଇଥିଲେ । ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପଦ୍ମଶ୍ରୀ ଭାଗବତ ପଧାନ, ସରପଞ୍ଚ ବନିତା ମେହେର, ବିଡିଓ ମହାପାତ୍ର କୁଳଦୀପ ମହାନ୍ତି, ବିଦ୍ୟାଳୟର ଅଧକ୍ଷା ଜ୍ୟୋର୍ତିମୟୀ ପଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ମହାଲିଙ୍ଗ ତାଙ୍କ ବକ୍ତବ୍ୟରେ କହିଥିଲେ, ଆଦର୍ଶ ବିଦ୍ୟାଳୟ ଓଡ଼ିଶାରେ ସୁନାମ କରିଛି। ଆଦର୍ଶ ବିଦ୍ୟାଳୟର ବିଶେଷତ୍ୱ ହେଲା ଛାତ୍ରୀଛାତ୍ରମାନେ ଜାତୀୟସ୍ତରରେ ହେଉଥିବା ବିଭିନ୍ନ ପ୍ରତିଯୋଗିତାରେ ପ୍ରତିଯୋଗୀ ହୋଇପାରିବେ। ଅଭିଭାବକମାନେ ଚାହୁଁଛନ୍ତି ଉନ୍ନତ ଶୈକ୍ଷିକ ବାତାବରଣ ଓ ତାଙ୍କ ପିଲାଙ୍କ ଭଲ ଭବିଷ୍ୟତ। ନୂତନ ଶିକ୍ଷା ନୀତି ସମ୍ପର୍କରେ କହିଥିଲେ, ସ୍ୱାଧୀନତା ପୂର୍ବର ଶିକ୍ଷା ନୀତିର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପିଲା ପାଠପଢ଼ି ଚାକିରୀ କରୁ । କିନ୍ତୁ ବର୍ତ୍ତମାନ ସମୟରେ ମାନସିକତାରେ ପରିବର୍ତ୍ତନ ହୋଇଛି। ଆତ୍ମନିର୍ଭରଶୀଳ ଭାରତ ଆଡ଼କୁ ଆମେ ସମସ୍ତେ ଯାଉଛୁ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦେବକୀ ସାହୁ କହିଥିଲେ, ଆଦର୍ଶ ବିଦ୍ୟାଳୟ ପରିକଳ୍ପନା ଦୂରଦୃଷ୍ଟିକୁ ସୂଚାଉଛି। ଅନ୍ୟ ଅତିଥିଗଣ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସମ୍ବନ୍ଧୀୟ ପରାମର୍ଶ ଦେଇଥିଲେ। ଅଧକ୍ଷା ପଧାନ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରି ସ୍କୁଲର ସଫଳତା ବଖାଣିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହାଛଡା ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ପ୍ରଭାତକୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**वरीय पुलिस अधीक्षक का कार्यालय, राँची**

सर्वसाधारण के लिए सूचना।



नाम–पायल कुमारी, उम्र करीब–19 वर्ष, रंग–सांवला, ऊँचाई–5 फीट 3 इंच, पहनावा– आसमानी रंग का कुर्ती काला रंग का जीन्स पैंट पहनी हुई है।

उपरोक्त लापता लड़की पायल कुमारी, उम्र करीब–19 वर्ष, पे0–विशेश्वर महली, सा0–चिनारो पुरियो, थाना–ईटकी, जिला –राँची जो दिनांक–25.03.25 को नारो बाजार नगड़ी गई थी, जो आजतक अपने घर वापस नहीं आई है।

जिसके संबंध में नगड़ी थाना सनहा संख्या–29/2025, दिनांक–27.03.2025, दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता लड़की कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

Email ID(rnc-dcb@jhpolice.gov.in)

पुलिस उपाधीक्षक, मु0–2, राँची। – 9431106142
थाना प्रभारी नगड़ी राँची। – 9431706176

पुलिस उप–महानिरीक्षक–सह–वरीय पुलिस अधीक्षक, राँची।

PR.NO.350008 Police(25-26):D

**QUOTATIONS INVITED**

Sealed quotations are invited from interested agencies/parties for supply of one **Constellation Table Top (Advanced Vitrectomy System)** for its unit located at Mahanadi Netra Chikitsalaya - LEPRA Society, At : Pandapali, PO/Via - Biramaharajpur, Dist - Subarnapur, Odisha - 767018, on or before 16/04/2025.

**OFFICE OF THE SUPERINTENDING ENGINEER, PUBLIC WORK DEPARTMENT, BILASPUR CIRCLE, BILASPUR, CHHATTISGARH**

**निविदा निरस्तीकरण सूचना**

इस कार्यालय के निविदा आमंत्रण सूचना क्रमांक 398 दिनांक 24.03.2025 को अपरिहार्य कारणवश निरस्त किया जाता है।

स्वा./- अधीक्षण अभियंता
लोक निर्माण विभाग
बिलासपुर मण्डल, बिलासपुर

G-252600172/5

**OFFICE OF THE SUPERINTENDING ENGINEER P.W.D. (B&R) AMBIKAPUR CIRCLE, AMBIKAPUR**

Invitation Date: 04.04.2025

**E-PROCUREMENT TENDER NOTICE**

01. For tender detail please visit **http://eproc.cgstate.gov.in**.
02. Concern Division - S. No. 1 Surajpur, S. No. 2 Ambikapur & S. No. 3 Ramanujganj Division.
03. S. No. 1 to 5 - 'C' Class and above Contractor.
04. Bid Submission due Date: 25.04.2025.

| S. No. | N.I.T. No. | Name of Work | P.A.C. in lacks |
|---|---|---|---|
| 1 | 2 | 3 | 4 |
| 1 | 01 | Construction of Higher Secondary School Building at Lanjit Block Odgi Distt. Surajpur including Electrification (First Call) | 119.43 |
| 2 | 02 | Construction of Govt. Higher Secondary School Building at Silsila Block Lundra Distt. Surguja including Electrification (First Call) | 120.18 |
| 3 | 03 | Construction of Higher Secondary School at Gajar Block Ramachandrapur Distt. Balrampur Ramanujganj includng Electrification Works (First Call) | 117.39 |

Sd./- Superintending Engineer
P.W.D. Ambikapur Circle,
Ambikapur

G-252600177/4

**ଆଜିଠୁ ସକାଳୁଆ ଅଫିସ**

ବରଗଡ଼, (ପ୍ରମାନନ୍ଦ ଖମାରୀ): ବରଗଡ଼ ଜିଲାରେ ଗୁରୁବାରରୁ ସମସ୍ତ ସରକାରୀ ଅଫିସରେ ସକାଳୁଆ କାର୍ଯ୍ୟ ଚାଲିବ। ସକାଳ ୭ଟାରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ କାର୍ଯ୍ୟ ଚାଲିବ। କିନ୍ତୁ ମଧ୍ୟାହ୍ନ ଭୋଜନ ବିରତି ରହିବ ନାହିଁ। ଆସନ୍ତା ଜୁନ ୧୫ତାରିଖ ପର୍ଯ୍ୟନ୍ତ ଏଭଳି ସକାଳୁଆ ଅଫିସ କାର୍ଯ୍ୟ ଚାଲିବ ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟରୁ ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡ଼ିଛି।

# ବିନା ନୋଟିସ୍‌ରେ ଗରିବଙ୍କ ଦୋକାନ ଧୂଳିସାତ୍

**ଗରିବଙ୍କୁ ପ୍ରତାରଣା, ଥଳିବାଲାଙ୍କୁ ଅନୁକମ୍ପା**

- ନ୍ୟାୟାଳୟ ରାୟ ସତ୍ତ୍ୱେ ଥଳିବାଲାଙ୍କ ପ୍ରତି ନୀରବ
- ମୁଣ୍ଡ ଟେକିଛି ବଡ଼ ଆନ୍ଦୋଳନ



ବରଗଡ଼ ରେଳ ଷ୍ଟେଶନ ରାସ୍ତାପାର୍ଶ୍ୱରେ ଗରିବଙ୍କ ଦୋକାନକୁ ଉଚ୍ଛେଦ କରାଯାଉଛି।

ବରଗଡ଼,୯।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ରେ ପୌର ପ୍ରଶାସନର ଉଚ୍ଛେଦ ପ୍ରକ୍ରିୟାକୁ ନେଇ ସହର ଉଠୁଛି ଓ ପଡୁଛି। କେତେବେଳେ ବିନା ନୋଟିସ୍‌ରେ ବୋଲଡୋଜର ଲଗାଇ ଗରିବଙ୍କ ଠେଲା ଦୋକାନଠାରୁ ଆରମ୍ଭ କରି ଛୋଟିଆ ଘରକୁ ଧୂଳିସାତ୍ କରି ଦିଆଯାଉଛି ତ ଆଉକେବେ ଉଚ୍ଚ ନ୍ୟାୟାଳୟର ଆଦେଶ ସତ୍ତ୍ୱେ ଥଳିବାଲାଙ୍କ ଅଟ୍ଟାଳିକାକୁ ପୌର ପ୍ରଶାସନର ହାତ ପାଉନାହିଁ। ଯଦିଓ ଲୋକଙ୍କ ଚାପରେ ଥଳିବାଲାଙ୍କ ଘରକୁ ବୋଲଡୋଜର ପହଞ୍ଚୁଛି, ତେବେ ଲୋକ ଦେଖାଣିଆଁ ଆଂଶିକ ଉଚ୍ଛେଦ କରାଯାଉଛି। ଗରିବଙ୍କ ଦେକାନକୁ ଉଚ୍ଛେଦ କରାଯାଉଛି। ଦୋକାନ ଗୃହ ନିର୍ମାଣ ପାଇଁ ଜାଗା ଦିଆଯାଇ ଉଚ୍ଛେଦରେ ପ୍ରଭାବିତ ଦୋକାନୀଙ୍କୁ ଅସ୍ଥାୟୀ ଲାଇସେନ୍ସ ମଧ୍ୟ ପ୍ରଦାନ କରାଯାଉଛି। ଏହାପରେ ଗରିବ ଦୋକାନୀମାନେ ସମ୍ପୃକ୍ତ ସ୍ଥାନରେ ଦୋକାନ ଗୃହ ନିର୍ମାଣ କରୁଛନ୍ତି। ମାତ୍ର ଦୋକାନ ଗୃହ ନିର୍ମାଣ ସରିବା ପରେ ପୌର ପ୍ରଶାସନ ପୁଣି ସେହି ଦୋକାନ ଗୃହ ଗୁଡ଼ିକୁ ଭାଙ୍ଗି ଦେଉଛି। ବରଗଡ଼ ଗୁରୁଦ୍ୱାରା ଛକ–ରେଳ ଷ୍ଟେଶନ ରୋଡ୍‌ରେ ଗରିବ ଦୋକାନୀଙ୍କ ପ୍ରତି ଏଭଳି ପ୍ରତାରଣା କରାଯାଇଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ସ୍ଥାନୀୟ ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ ସପକ୍ଷରେ ଉଚ୍ଚ ନ୍ୟାୟାଳୟ ବାରମ୍ବାର ରାୟ ଦେବା ସତ୍ତ୍ୱେ ସମ୍ପୃକ୍ତ ଜବରଦଖଲ ଅଂଶକୁ ଦୀର୍ଘ ୩ବର୍ଷ ହେଲା, ପୌର ପ୍ରଶାସନ ସମ୍ପୂର୍ଣ୍ଣ ଉଚ୍ଛେଦ କରି ପାରିନାହିଁ।

ସୂଚନା ଅନୁଯାୟୀ, ସହରର କିଛି ଗରିବ ଲୋକେ ଗୁରୁଦ୍ୱାରା ଛକ ନିକଟରେ ଦୋକାନ କରିଥିଲେ। ମାତ୍ର ଗୁରୁଦ୍ୱାରା ଛକ–ରେଳ ଷ୍ଟେଶନ ରାସ୍ତା ପ୍ରଶସ୍ତିକରଣ ପାଇଁ ସେମାନଙ୍କୁ ସେଠାରୁ ଉଚ୍ଛେଦ କରାଯାଇଥିଲା ଏବଂ ଏହି ରାସ୍ତାର ଅନ୍ୟ ସ୍ଥାନରେ ଦୋକାନ ଗୃହ ନିର୍ମାଣ ପାଇଁ ସେମାନଙ୍କୁ ଜାଗା ସହିତ ଅସ୍ଥାୟୀ ଲାଇସେନ୍ସ ଦିଆଯାଇଥିଲା। ଫଳରେ ସମ୍ପୃକ୍ତ ଦୋକାନୀମାନେ ଧାର, କରଜ କରି ସେହି ଜାଗାରେ ନୂତନ ଦୋକାନ ଗୃହ ନିର୍ମାଣ କରଥିଲେ। କିଛି ଦୋକାନ ଗୃହ ନିର୍ମାଣାଧୀନ ଥିବାବେଳେ ଆଉକିଛି ଦୋକାନ ଗୃହ ସମ୍ପୂର୍ଣ୍ଣ ହୋଇଥିଲା। ସେହି ଦୋକାନରେ ବିଭିନ୍ନ ସାମଗ୍ରୀ ବିକ୍ରିବଟା କରି ଗରିବ ଲୋକେ ନିଜ ପରିବାର ପ୍ରତିପୋଷଣ କରି ଆସୁଥିଲେ। କିନ୍ତୁ ମଙ୍ଗଳବାର ସମ୍ପୃକ୍ତ ଦୋକାନୀଙ୍କୁ କୌଣସି ଆଗୁଆ ନୋଟିସ୍ ନ ଦେଇ ପୌର ଓ ରାଜସ୍ୱ ବିଭାଗ ଅଧିକାରୀମାନେ ପୋଲିସ ଉପସ୍ଥିତିରେ ସେହି ଦୋକାନ ଗୃହ ଗୁଡ଼ିକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିଲେ। ଏଥିରେ ସମ୍ପୃକ୍ତ ଦୋକାନୀମାନଙ୍କୁ ସେମାନଙ୍କ ପରିବାର ପ୍ରତିପୋଷଣ ଚିନ୍ତା ଘାରିଛି। ଜଣେ ଦୋକାନୀ କାର୍ତ୍ତିକେଶ୍ୱର ମେହେର କହିଛନ୍ତି, ପୌର ପ୍ରଶାସନ ଯେଉଁ ଜାଗାରେ ଦୋକାନ ଗୃହ ନିର୍ମାଣ ପାଇଁ କହିଥିଲା, ସେଠାରେ ସେ ଦୋକାନ ନିର୍ମାଣ କରିଥିଲେ। ଧାର, କରଜ କରି ଦୋକାନ ନିର୍ମାଣରେ ୪୫ରୁ ୫୦ହଜାର ଟଙ୍କା ଯାଏ ଖର୍ଚ୍ଚ କରିଥିଲେ। ଏଥିପାଇଁ ପୌର ପ୍ରଶାସନ ଏକ ଅସ୍ଥାୟୀ ଲାଇସେନ୍ସ ଦେଇଥିଲେ। ସେହି ଦୋକାନରୁ ଯାହା ରୋଜଗାର ହେଉଥିଲା, ସେଥିରେ ସେ ପରିବାର ଗୁଜୁରାଣ ମେଣ୍ଟାଉଥିଲେ। ଏବେ ଦୋକାନ ଗୃହକୁ ପୌର ପ୍ରଶାସନ ପୁଣି ଉଚ୍ଛେଦ କରିଥିବାରୁ ସେ କିଭଳି ଧାର, କରଜ ପରିଶୋଧ କରିବେ ଏବଂ ପରିବାର ପ୍ରତିପୋଷଣ କରିବେ, ସେହି ଚିନ୍ତା ଏବେ ତାଙ୍କୁ ଘାରିଛି ବୋଲି କହିଛନ୍ତି। ସେହିପରି ବରଗଡ଼ର ଜଣେ ଆଡ଼ଭୋକେଟ୍ ଅନୁପ କୁମାର ଶତପଥୀ ପୌର ପ୍ରଶାସନର ଏଭଳି ଉଚ୍ଛେଦ ପ୍ରକ୍ରିୟାକୁ ନିନ୍ଦା କରିଛନ୍ତି। ବରଗଡ଼ ନାଗରିକ ମଞ୍ଚ ଗତ କିଛିଦିନ ତଳେ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଉପଜିଲାପାଳଙ୍କୁ ଭେଟି ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ଉଚ୍ଛେଦ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାବି କରିଥିଲେ। ଯେତେଦିନ ଯାଏ ଏହି ସ୍ଥାନର ଉଚ୍ଛେଦ ସମ୍ପୂର୍ଣ୍ଣ ନ ହୋଇଛି, ସେତେଦିନ ଯାଏ ଅନ୍ୟ ସ୍ଥାନରେ ଉଚ୍ଛେଦ ନ କରିବାକୁ ମଧ୍ୟ ବିଭାଗୀୟ ଅଧିକାରୀଙ୍କଠାରେ ଦାବି କରାଯାଇଥିଲା। ମାତ୍ର ତାକୁ ଭ୍ରୂକ୍ଷେପ ନ କରି ପୌର ପରିଷଦ ଲେଙ୍ଗୁ ମିଶ୍ର ଛକ–ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ ବଦଳରେ ଯେଉଁ ଗରିବ ଦୋକାନୀଙ୍କୁ ବିନା ନୋଟିସ୍‌ରେ ଉଚ୍ଛେଦ କଲା, ଆଗାମୀ ଦିନରେ ବିଭାଗୀୟ ଅଧିକାରୀମାନେ ତାର ପରିଣାମ ନିଶ୍ଚୟ ଭୋଗିବେ ବୋଲି ଶତପଥୀ କହିଛନ୍ତି।

ପ୍ରକାଶଥାଉକି, ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ ପାଇଁ ୨୦୨୩ ରୁ ସହରବାସୀଙ୍କ ଦାବି ହୋଇ ଆସୁଛି। ଉଚ୍ଛେଦ ସପକ୍ଷରେ ୩ଥର ଉଚ୍ଚ ନ୍ୟାୟାଳୟ ରାୟ ଶୁଣାଇ ସାରିଲେଣି। କିନ୍ତୁ ଯାଏ ଉଚ୍ଛେଦ ସମ୍ପୂର୍ଣ୍ଣ ହୋଇ ନାହିଁ। ପର୍ଯ୍ୟାୟକ୍ରମେ ଉଚ୍ଛେଦ ଚାଲିବ ବୋଲି ବିଭାଗୀୟ ଅଧିକାରୀମାନେ କହୁଛନ୍ତି। ମାତ୍ର ଉଚ୍ଛେଦ ପ୍ରକ୍ରିୟାରେ ଉଦାସୀନତାରୁ ସହରରେ ଅସନ୍ତୋଷ ଲାଗି ରହିଥିବାବେଳେ ଏକ ବଡ଼ ଆନ୍ଦୋଳନ ମୁଣ୍ଡ ଟେକିଛି।

# ଜେନିଥ୍ ଗୁରୁକୁଳ ଶିକ୍ଷାନୁଷ୍ଠାନର ବାର୍ଷିକୋତ୍ସବ ଉଦ୍‌ଯାପିତ



ଉତ୍ସବରେ ଉପସ୍ଥିତ ଅତିଥି ଓ ଅଭିଭାବକ।

ପଦ୍ମପୁର,୯।୪(ପ୍ରଦୀପ୍ତ ଦାଶ)

**ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଉପଯୁକ୍ତ ପରିବେଶ, ସୁଯୋଗ ଆବଶ୍ୟକ**

ପିତା ମାତାଙ୍କ ଆଶୀର୍ବାଦ, ଉତ୍ତମ ପାରିବାରିକ ପରିବେଶ ତଥା ମନଲାଖି ସୁଯୋଗ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ ସହାୟକ ହେବ ବୋଲି ବରଗଡ ଜିଲା ପଦ୍ମପୁର ସ୍ଥିତ ଜେନିଥ ଲୟନ୍ସ ଗୁରୁକୁଳ ଶିକ୍ଷାନୁଷ୍ଠାନର ବାର୍ଷିକୋତ୍ସବର ଉଦ୍‌ଯାପାନୀ ଉତ୍ସବରେ ଅତିଥି ବୃନ୍ଦ ମତ ପ୍ରକାଶ କରିଛନ୍ତି। ଓଡ଼ିଶାର ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ବରଗଡ଼ ଲୋକସଭା ଏମ୍‌ପି ପ୍ରଦୀପ ପୁରୋହିତ ଅତିଥି ଭାବରେ ଯୋଗଦାନ କରି ଉପରୋକ୍ତ ମତ ପ୍ରକାଶ କରିଥିଲେ। ଶିକ୍ଷାନୁଷ୍ଠାନ ସଭାପତି ପ୍ରତାପ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପସଭାପତି ସୁଶାନ୍ତ ରଥ, ସମ୍ପାଦକ ପବନ ଅଗ୍ରୱାଲ, କୋଷାଧ୍ୟକ୍ଷ ଏମ୍ ଡି ମହମ୍ମଦ ଜାବେଦ ସିବିଏସି ଅଧ୍ୟକ୍ଷ ମନୋଜ କୁମାର ପଣ୍ଡା, ସିଏଚ୍ଏସି ଅଧ୍ୟକ୍ଷ ଚତୁର୍ଭୁଜ ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅଶୋକ କୁମାର ପୂଜାହାରୀ, ଜୟନାରାୟଣ ତ୍ରୀପାଠୀ, ହରିବନ୍ଧୁ ଜେନା, ମଧୁସୂଦନ ଦାଶ, ରଞ୍ଜନ କୁମାର ପଣ୍ଡା, ଦିବ୍ୟ କିଶୋର ନାଗ ଓ ବଳରାମ ମେହେରଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷାନୁଷ୍ଠାନର ନୂତନ ଲଗୋ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଜୁନିୟର ବିଦ୍ୟାଳୟ ସଂଯୋଜିକା ସୋଭାନା ପଣ୍ଡା ସଭାକୁ ସଂଯୋଜନା କରିଥିଲେ। ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ତଥା କର୍ମଚାରୀବୃନ୍ଦ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଭାରତ ମୁକ୍ତି ମୋର୍ଚ୍ଚାର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର




ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ପ୍ରତିନିଧିବୃନ୍ଦ।

ବରଗଡ଼,୯।୪(ପ୍ରେମାନନ୍ଦ ଖମାରୀ)

ଭାରତ ମୁକ୍ତି ମୋର୍ଚ୍ଚା, ବରଗଡ଼ ଜିଲା ଶାଖା ପକ୍ଷରୁ ବୁଧବାର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ୬ଦଫା ଦାବି କରାଯାଇଛି। ଇଭିଏମ ବଦଳରେ ବାଲଟ୍ ପେପର୍‌ରେ ନିର୍ବାଚନ କରାଯିବା, ଓବିସି ଜାତି ଆଧାରରେ ଜନଗଣନା ଆଦି ଦାବି ମଧ୍ୟରେ ରହିଛି। ଏହା ସହିତ ୱକଫ୍ ବିଲ ସଂଶୋଧନ ଓ ମହାପୁରୁଷଙ୍କୁ ଅବମାନନାକୁ ଭାରତ ମୁକ୍ତିମୋର୍ଚ୍ଚା ବିରୋଧ କରିଛି। ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସ୍ମାରକପତ୍ରରେ ରାଷ୍ଟ୍ରପତିଙ୍କୁ ନିବେଦନ କରାଯାଇଛି। ସେହିପରି ଏହି ଦାବି ସମୂହ ନେଇ ଆସନ୍ତା ଜୁଲାଇ ମାସ ୧ତାରିଖ ଭାରତ ବନ୍ଦ କରାଯିବ ବୋଲି ସ୍ମାରକପତ୍ରରେ ସୂଚନା ଦିଆଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ଭାରତ ମୁକ୍ତି ମୋର୍ଚ୍ଚାର ଅନେକ ପ୍ରତିନିଧି ଉପସ୍ଥିତ ଥିଲେ।

# କବି ଭୋଜରାଜଙ୍କୁ ବୀଣାପାଣି ଗୀତିକବି ସମ୍ମାନ

ପାଇକମାଲ,୯।୪(ବଡ ଶତପଥୀ)

ଭୁବନେଶ୍ୱର ବୁଦ୍ଧ ମନ୍ଦିର ନୂତନ ସଭାଗୃହ ମଧୁସୂଦନ ନଗର ୟୁନିଟ –୯ରେ ଓଡ଼ିଶା ସାହିତ୍ୟିକ ସଙ୍ଗଠନ, ଭୁବନେଶ୍ୱର, ଓଡ଼ିଶା ପକ୍ଷରୁ ଷଷ୍ଠ ବାର୍ଷିକ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଏବଂ ସୂରୀୟାଂଶ ପତ୍ରିକା ଉନ୍ମୋଚନ ଉତ୍ସବରେ ବରଗଡ଼ ଜିଲା ପାଇକମାଲ ବ୍ଲକ ମାଣ୍ଡୋସିଲ ଗାଁର କବି ଭୋଜରାଜ ବୁଡେକଙ୍କୁ ରାଜ୍ୟସ୍ତରୀୟ ବୀଣାପାଣି ଗୀତିକବି ସମ୍ମାନରେ ସମ୍ମାନୀତ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ୍ ତଥା ସମ୍ବାଦ ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଓଡ଼ିଶା ସାହିତ୍ୟିକ ସଙ୍ଗଠନ ଭୁବନେଶ୍ୱର ରାଜ୍ୟ ମୁଖ୍ୟ ସମ୍ପାଦକ ମଙ୍ଗଲୁ କୁମାର ଦାସ, ବିଶିଷ୍ଟ ଅତିଥି ଭୁବନେଶ୍ୱର ପୂର୍ବତନ ସାଂସଦ ଡଃ ପ୍ରସନ୍ନ ପାଟ୍ଟଶାଣୀ ଓ



ଭୋଜରାଜ ବୁଡେକ

ସମ୍ମାନିତ ଅତିଥି ଭାବରେ ଡଃ ନବକିଶୋର ଶତପଥି, ଶଶଧର ପଣ୍ଡା, ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ଜାନକୀ ମହାନ୍ତି, ସୁରେଶ ଚନ୍ଦ୍ର ରଥ, ସୁଷମା ପାଣିଗ୍ରାହୀ, ଏକାମ୍ର ବାଘ, ଅରୁଣ କୁମାର ପାତ୍ର, ଡଃ ରକ୍ଷକ ନାୟକ, ଡଃ ଅଶୋକ ଦୋରା, ଯୋଗେଶ ଚନ୍ଦ୍ର ନାୟକ, ପ୍ରତୀଭା ମହାରଥୀ, ଚମକ ଚାନ୍ଦିନୀ ଦାସ, ପ୍ରତିମା ମଣ୍ଡଳ ପ୍ରମୁଖ ମଞ୍ଚାସୀନ ଥିଲେ। କବି ନିକଟରେ କଟକରେ ରାଜ୍ୟସ୍ତରୀୟ ପ୍ରଜ୍ଞାପ୍ରାଣ ସମ୍ମାନରେ ସମ୍ମାନିତ ହୋଇଥିବା ବେଳେ ବୌଦ୍ଧ ଜିଲାରେ ସଂସ୍କୃତି ସମନ୍ୱୟ ସମ୍ମାନରେ ସମ୍ମାନିତ ହୋଇଥିଲେ। କବି ଭୋଜରାଜ ବୁଡେକ ମାଣ୍ଡୋସିଲ ଅଞ୍ଚଳର ଜଣେ ଅବସରପ୍ରାପ୍ତ ଶିକ୍ଷକ। ସେ କେବଳ ଶିକ୍ଷକ ନଥିଲେ ମାଣ୍ଡୋସିଲ ଅଞ୍ଚଳର ଜଣାଶୁଣା କବି, ଗାଳ୍ପିକ, ଲେଖକ, ଗୀତିକାର। ତାଙ୍କ ସାରସତ ସାଧନାରେ କାବ୍ୟ, କବିତା, ଶିଶୁ କବିତା ଗଳ୍ପ, ଶିଶୁ ଗଳ୍ପ,ଉପନ୍ୟାସ ପ୍ରବନ୍ଧ, ନାଟକ ରମ୍ୟରଚନା ଲେଖିଛନ୍ତି। ସେ ରାଜ୍ୟର ଅନେକ ସାହିତ୍ୟ ସଂସଦ ସହ ଜଡ଼ିତ ହୋଇ ଅନେକ ଥର ସମ୍ମାନୀତ ହୋଇଛନ୍ତି। ତାଙ୍କ ସଫଳତା ପାଇଁ ମାଣ୍ଡୋସିଲ ଅଞ୍ଚଳରେ ଶୁଭେଚ୍ଛା ସୁଅ ଛୁଟୁଛି।

# ଝାରବନ୍ଧ ମୋଟର ଚାଳକ ସଂଘର ସହାୟତା



ମୃତକଙ୍କ ସ୍ତ୍ରୀଙ୍କୁ ମୋଟର ଚାଳକ ସଂଘ ପକ୍ଷରୁ ଚେକ୍ ଦିଆଯାଉଛି।

ଝାରବନ୍ଧ,୯।୪(ଦେବେନ୍ଦ୍ର ସାହୁ)

ଝାରବନ୍ଧ ବ୍ଲକ ମୋଟର ଚାଳକ ସଂଘର ଜଣେ ସଭ୍ୟଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବାରୁ ତାଙ୍କ ପରିବାରକୁ ବୁଧବାର ସଂଘ ତରଫରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଲଉ ଗ୍ରାମର ଦୁର୍ଗାଚରଣ ଜଗତ(୩୫)ଙ୍କ ଗତ ୧୨ ତାରିଖରେ ହୃଦ୍‌ଘାତରେ ପରଲୋକ ହୋଇଥିଲା। ସେ ଝାରବନ୍ଧ ବ୍ଲକ ମୋଟର ଚାଳକ ସଙ୍ଘର ଜଣେ ସକ୍ରିୟ ସଦସ୍ୟ ଥିଲେ। ଝାରବନ୍ଧ ଚାଳକ ସଂଘ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା କରାଯାଇ ଦୁର୍ଗାଚରଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଛି। ଏଥିସହିତ ଚାଳକ କଲ୍ୟାଣ ପାଣ୍ଠିରୁ ୨୦ ହଜାର ଟଙ୍କାର ଚେକ୍ ତାଙ୍କ ସ୍ତ୍ରୀ ହେମବତୀ ଜଗତଙ୍କୁ ପ୍ରଦାନ କରାଯାଇଛି। ଚାଳକ ସଂଘର ସଭାପତି ଗୋବିନ୍ଦ ସାହୁ, ସମ୍ପାଦକ ମନୋରଞ୍ଜନ ନାଏକ, ବିଦ୍ୟାଧର ନିଆଲ, ହଳଧର ବାଗ, ସହଦେବ ରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଘରୁ ସୁନା, ରୁପା ଅଳଙ୍କାର ନେଇ ଦୁର୍ବୃତ୍ତ ଚମ୍ପଟ

ଅତାବିରା,୯।୪(ଯୁଧିଷ୍ଠିର ମହାପାତ୍ର)

- ଚକୁଲିଫାର୍ମରେ ଅତାବିରା ପୋଲିସର ତନାଘନା
- ମାଲିକାଣୀ ନ ଥିବା ସୁଯୋଗ ନେଇ କଳାକନା ବୁଲାଇଲେ



ଚକୁଲିଫାର୍ମ ସ୍ଥିତ ନୂଆଁ ଖଇରପାଲିରେ ପୋଲିସ ତଦନ୍ତ ଚଳାଇଛି।

ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ଚକୁଲିଫାର୍ମ ସ୍ଥିତ ନୂଆଁ ଖଇରପାଲିରେ ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି। ନୂଆଁ ଖଇରପାଲିରେ ରହୁଥିବା କେ. ସତ୍ୟନାରାୟଣଙ୍କ ବିଧବା ସ୍ତ୍ରୀ କେ. ସାବିତ୍ରୀଙ୍କ ଅନୁପସ୍ଥିତିରେ ଘରୁ ସୁନା ରୁପା ଅଳଙ୍କାର ସହ ନଗଦ ଟଙ୍କା ନେଇ ଦୁର୍ବୃତ୍ତମାନେ ଚମ୍ପଟ ମାରିଥିବା ଅଭିଯୋଗ ହୋଇଛି। ସାବିତ୍ରୀଙ୍କ ପୁତୁରାଙ୍କ ଏତଲାକ୍ରମେ ଅତାବିରା ପୋଲିସ ନଂ.୧୩୨/୨୫ରେ ମାମଲା ରୁଜୁ କରିଛି।

ଚକୁଲିଫାର୍ମ ନୂଆଁ ଖଇରପାଲିରେ ସାବିତ୍ରୀ ଏକୁଟିଆ ରୁହନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବାରୁ ଚିକିତ୍ସା ପାଇଁ ଗତ ୨୦ ଦିନ ହେଲା ଘରେ ତାଲା ମାରି ଆନ୍ଧ୍ରପ୍ରଦେଶର ପାର୍ଥପୁରମ ଯାଇଛନ୍ତି। ଘର ମାଲିକାଣୀ ସାବିତ୍ରୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ମଙ୍ଗଳବାର ରାତିରେ ଚୋରମାନେ ସାବିତ୍ରୀଙ୍କ ଘରେ ପଶି ଘରୁ ସୁନା ରୁପା ଅଳଙ୍କାର, ବିକ୍ରି ପାଇଁ ଥିବା ନୂଆ କପଡ଼ା ସହ ନଗଦ ଟଙ୍କା ନେଇ ଛୁ ମାରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପ୍ରତିଦିନ ଭଳି ବୁଧବାର ସକାଳେ ଘର ଝାଡୁ ମାରୁଥିବା କର୍ମଚାରୀ ପ୍ରଥମେ ଘରର ତାଲା ଭଙ୍ଗାଯାଇଥିବା ଦେଖି ସାମ୍ନାରେ ଥିବା ସାବିତ୍ରୀଙ୍କ ବଡ଼ଭଉଣୀ ଏମ୍. ରାଜେଶ୍ୱରୀଙ୍କୁ ଜଣାଇଥିଲେ। ପରେ ସାବିତ୍ରୀଙ୍କ ପୁତୁରା ଭି.ୱାଇ. ଶେଖର ଅତାବିରା ଥାନାକୁ ଜଣାଇଥିଲେ। ପୋଲିସ ସହ ପୂର୍ବାହ୍ନ ସାଢ଼େ ୧୦ଟାରେ ବରଗଡ଼ରୁ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚିଥିଲା। ସାଢ଼େ ୧୨ଟାରେ ସମ୍ବଲପୁରରୁ ସାଇଣ୍ଟିଫିକ୍ ଟିମ୍ ଆସିବା ପରେ ଅତାବିରା ଆଇଆଇସି ପ୍ରକାଶ କର୍ଣ୍ଣଙ୍କ ତତ୍ତ୍ୱାବଧାନରେ ଅନୁସନ୍ଧାନ କରାଯାଇଛି। ବରଗଡ଼ ଡଗ୍ ସ୍କ୍ୱାର୍ଡ ଅଧିକାରୀ ଅର୍ଜୁନ ଶିକାଙ୍କ ନିର୍ଦ୍ଦେଶରେ ସନ୍ଧାନୀ କୁକୁର ବିଜିଲି ସହ ଡଗ୍ ମାଷ୍ଟର ଆଶିଷ କୁମାର ସେଠ୍ ଓ ସମ୍ବଲପୁର ସାଇଣ୍ଟିଫିକ୍ ଟିମ୍ ଅଧିକାରିଣୀ ବିଜୟଲକ୍ଷ୍ମୀ ଟିର୍କି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ସହ ଘଟଣାର ବିଭିନ୍ନ ଦିଗକୁ ଅନୁସନ୍ଧାନ କରିଥିଲେ। ସାବିତ୍ରୀଙ୍କ ଘରର ତିନୋଟି ଆଲମାରି ସମ୍ପୂର୍ଣ୍ଣ ଭଙ୍ଗାଯାଇଥିବା ବେଳେ ଲକରକୁ ମଧ୍ୟ ଭାଙ୍ଗିଦିଆଯାଇଛି। ସାବିତ୍ରୀ ଘରକୁ ଆସିଲେ କେତେ ଅଳଙ୍କାର ଚୋରି ହୋଇଛି ତାହା ଜଣାପଡ଼ିବ ବୋଲି ତାଙ୍କ ପୁତୁରା କହିଛନ୍ତି।

# ଗୋବିନ୍ଦପାଲି, ଖରମୁଣ୍ଡା ବିଜୟୀ

**ସି. ଏମ୍. ଟ୍ରଫି ଫୁଟ୍‌ବଲ ପ୍ରତିଯୋଗିତା**

ବରଗଡ଼,୯।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଲେଙ୍ଗୁ ମିଶ୍ର ମିନିଷ୍ଟାଡିୟମରେ ଚାଲିଥିବା ସି.ଏମ୍ ଟ୍ରଫି ଫୁଟବଲ ପ୍ରତିଯୋଗିତାରେ ବୁଧବାର ଅନୁଷ୍ଠିତ ଦୁଇଟି ମ୍ୟାଚରେ ଏସ୍ଏସ୍‌ୱାଇସି, ଗୋବିନ୍ଦ ପାଲି ଏବଂ ଖରମୁଣ୍ଡା ୟୁଥ ଏଥ୍‌ଲେଟିକ ଆସୋସିଏଶନ ବିଜୟୀ ହୋଇଛନ୍ତି। ଏସଏସୱାଇସି , ଗୋବିନ୍ଦପାଲି ଓ ବିର୍ସାମୁଣ୍ଡା କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଏସ୍ଏସ୍‌ୱାଇସି, ଗୋବିନ୍ଦପାଲି ଦଳ ୧–୦ ଗୋଲରେ ବିଜୟୀ ହୋଇଥିଲା। ଖେଳକୁ ପ୍ରଶାନ୍ତ ବେହେରା ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ବଷ୍ଟି ପ୍ରଧାନ ଓ ଉମାକାନ୍ତ ସାହୁ ସହଯୋଗ କରିଥିଲେ।ଚତୁର୍ଥ ରେଫରୀ ଥିଲେ ଶୁଭମ ପାତ୍ର। ଖେଳକୁ ପ୍ରାକ୍ତନ କ୍ରୀଡ଼ା ଶିକ୍ଷକ ତଥା ଆଜୀବନ ସଦସ୍ୟ ଗିରିଜା ପ୍ରସାଦ ନାଥ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲା କ୍ରୀଡ଼ା ସଂସଦ କୋଷାଧ୍ୟକ୍ଷ ଡଃ ଶୁଭ୍ରାଂଶୁ ଶେଖର ମହାପାତ୍ର, ଆଉଟଡୋର ଗେମ୍ସ ସମ୍ପାଦକ ସୁରେଶ ଦାଶ ଉପସ୍ଥିତ ଥିଲେ। ସେହିପରି ଅପରାହ୍ନ ୪ଟାରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ଟି ଖରମୁଣ୍ଡା ୟୁଥ ଆଥ୍‌ଲେଟିକ ଆସୋସିଏଶନ ଓ ଗୋପବନ୍ଧୁ କ୍ଲବ, କଦଳୀପାଲି ମଧ୍ୟରେ ହୋଇଥିଲା। ଏଥିରେ ଖରମୁଣ୍ଡା ଦଳ ୨–୦ ଗୋଲରେ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ୧୦ ନମ୍ବର ଖେଳାଳି ପ୍ରଦୀପ ଟିଡ଼ୋ ଓ ୧୮ ନମ୍ବର ଖେଳାଳି ଅବିନାଶ ବେହେରା ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଖେଳକୁ ପଞ୍ଚାନନ ପାତ୍ର ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଅଜୟ ପ୍ରଧାନ ଓ ଆଦିତ୍ୟ ନାୟକ ସହଯୋଗ କରିଥିଲେ । ଚତୁର୍ଥ ରେଫରୀ ଥିଲେ ରାଜେନ୍ଦ୍ର ଭୁଏ। ଏହି ଖେଳକୁ ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ର, ଫୁଟବଲ ସମ୍ପାଦକ ସେକ ସବଦର, ବରିଷ୍ଠ କ୍ରୀଡା ଶିକ୍ଷକ ସଚ୍ଚିଦାନନ୍ଦ ପଣ୍ଡା ଉଦଘାଟନ କରିଥିଲେ। ମ୍ୟାଚ କମିଶନର ଅଛନ୍ତି ସୁରେଶ ଦାଶ। ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବରେ ପ୍ରଦୀପଙ୍କୁ ଫୁଟବଲ ସମ୍ପାଦକ ସେକ ସବଦର ଓ ପ୍ରାକ୍ତନ ଖେଳାଳି ରୁଦ୍ର ପ୍ରଧାନ ତଥା ମ୍ୟାଚ କମିଶନର ସୁରେଶ ଦାଶ ପୁରସ୍କୃତ କରିଥିଲେ।



ଖେଳାଳିଙ୍କ ଗହଣରେ ଅତିଥିବୃନ୍ଦ।

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ରେଳ ପ୍ରବନ୍ଧକ/(ଯାନ୍ତ୍ରିକ), ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ଅଟେ: ୧. ସିକେପି-ସେଣ୍ଟ୍ରାଲ-୨୫-୨୬-୦୧** । ପ୍ରମୁଖ ସେତୁଗୁଡ଼ିକୁ ଆର୍‌ସିସି ଜ୍ୟାକେଟିଂ ଦ୍ୱାରା ଏବଂ ବିଦ୍ୟମାନ ୨୦ ଫୁଟ ଗର୍ଡରକୁ ପିଏସ୍‌ସି ସ୍ଲାବ୍ ସେତୁରେ ରୂପାନ୍ତରଣ ଦ୍ୱାରା ସୁଦୃଢ଼ୀକୃତ କରିବା (୨ୟ ଆହ୍ୱାନ)। **ଟେଣ୍ଡର ମୂଲ୍ୟ: ₹୧,୮୦,୦୩,୭୭୪.୭୪** । **ଇଏମ୍‌ଡି: ₹୨,୪୦,୦୦୦/–** । **୨. ସିକେପି-ସେଣ୍ଟ୍ରାଲ-୨୫-୨୬-୦୨** । ଏଡିଇଏନ/ପଶ୍ଚିମ/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ସେତୁ ନଂ. ୨୧୬ (ଅପ୍ ଓ ଡାଉନ୍), ୨୦୬ (ଡାଉନ୍), ୨୦୨ (ଅପ୍ ଓ ଡାଉନ୍)ର ଆର୍‌ସିସି ଜ୍ୟାକେଟିଂ ଓ ଅନ୍ୟାନ୍ୟ ବିବିଧ କାର୍ଯ୍ୟ ତଥା ସେତୁ ନଂ. ୧୮୪ର ବଳକା କାର୍ଯ୍ୟ । (୨ୟ ଆହ୍ୱାନ)। **ଟେଣ୍ଡର ମୂଲ୍ୟ: ₹୨,୮୦,୦୨,୮୪୦.୧୮** । **ଇଏମ୍‌ଡି: ₹୨,୯୦,୦୦୦/–** । **୩. ସିକେପି-ସେଣ୍ଟ୍ରାଲ-୨୫-୨୬-୦୩** । ଏସ୍ଏସ୍ଇ/ୱାର୍କସ୍/ଡିଏମ୍ଏଫ୍, କେଇ/ୱାର୍କସ୍/ବିଏକ୍ସଏଫ୍, ଏସ୍ଏସ୍ଇ/ପି.ୱେ/ବିୟୁଏଫ୍ ଏବଂ ଏସ୍ଏସ୍ଇ/ପି.ୱେ/ଡିଏମ୍ଏଫ୍‌ଙ୍କ ବ୍ୟବହାର ପାଇଁ ପ୍ରତ୍ୟେକ ତିନି ବର୍ଷ ଅବଧି ଲାଗି ଚବିଶ ଘଣ୍ଟିଆ ଇନ୍ଧନ ଓ ଡ୍ରାଇଭର ସହିତ ୧ ଟନ୍ ଟ୍ରକ୍ ସଡ଼କ ଯାନ (ଚାରି ଚକିଆ) ଅଣ–ଏସି ଭଡ଼ା ସୂତ୍ରରେ ନେବା । (୨ୟ ଆହ୍ୱାନ)। **ଟେଣ୍ଡର ମୂଲ୍ୟ: ₹୬୬,୨୪,୦୦୦/–** । **ଇଏମ୍‌ଡି: ₹୧,୩୨,୫୦୦/–** । **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୦ । **ଖୋଲାଯିବା ତାରିଖ:** କ୍ର.ସଂ. ୧ ପାଇଁ ତା୨୮।୦୪।୨୦୨୫ରିଖ, କ୍ର.ସଂ. ୨ ପାଇଁ ତା୩୦।୦୪।୨୦୨୫ରିଖ ଏବଂ କ୍ର.ସଂ. ୩ ପାଇଁ ତା୨୯।୦୪।୨୦୨୫ରିଖ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ–ଟେଣ୍ଡର ଫର୍ମ ଜାରି କରାଯିବ । (କର୍ତ୍ତୃପକ୍ଷ– ରେଲୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ–I/ସିଟି/୩ଇ/ଜିସିସି/ପଲିସି, ତାରିଖ: ୧୬।୦୭।୨୦୨୦) । (PR-32)

**वरीय पुलिस अधीक्षक का कार्यालय, राँची**

सर्वसाधारण के लिए सूचना।



नाम–पायल कुमारी, उम्र करीब–19 वर्ष, रंग–सांवला, ऊँचाई–5 फीट 3 इंच, पहनावा– आसमानी रंग का कुर्ती काला रंग का जीन्स पैंट पहनी हुई है।

उपरोक्त लापता लड़की पायल कुमारी, उम्र करीब–19 वर्ष, पे0–विशेश्वर महली, सा0–चिनारो पुरियो, थाना–ईटकी, जिला–राँची जो दिनांक–25.03.25 को नारो बाजार नगड़ी गई थी, जो आजतक अपने घर वापस नहीं आई है।

जिसके संबंध में नगड़ी थाना सनहा संख्या–29/2025, दिनांक–27.03.2025, दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता लड़की कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

Email ID(rnc-dcb@jhpolice.gov.in)
पुलिस उपाधीक्षक, मु0–2, राँची। – 9431106142
थाना प्रभारी नगड़ी राँची। – 9431706176

पुलिस उप–महानिरीक्षक–सह–
वरीय पुलिस अधीक्षक, राँची।

PR.NO.350008 Police(25-26):D

**QUOTATIONS INVITED**

Sealed quotations are invited from interested agencies/parties for supply of one **Constellation Table Top (Advanced Vitrectomy System)** for its unit located at Mahanadi Netra Chikitsalaya - LEPRA Society, At : Pandapali, PO/Via - Biramaharajpur, Dist - Subarnapur, Odisha - 767018, on or before 16/04/2025.

**OFFICE OF THE SUPERINTENDING ENGINEER, PUBLIC WORK DEPARTMENT, BILASPUR CIRCLE, BILASPUR, CHHATTISGARH**

**निविदा निरस्तीकरण सूचना**

इस कार्यालय के निविदा आमंत्रण सूचना क्रमांक 398 दिनांक 24.03.2025 को अपरिहार्य कारणवश निरस्त किया जाता है।

स्वा./- अधीक्षण अभियंता
लोक निर्माण विभाग
बिलासपुर मण्डल, बिलासपुर

G-252600172/5

**OFFICE OF THE SUPERINTENDING ENGINEER P.W.D. (B&R) AMBIKAPUR CIRCLE, AMBIKAPUR**

Invitation Date: 04.04.2025

**E-PROCUREMENT TENDER NOTICE**

01. For tender detail please visit **http://eproc.cgstate.gov.in**.
02. Concern Division - S. No. 1 Surajpur, S. No. 2 Ambikapur & S. No. 3 Ramanujganj Division.
03. S. No. 1 to 5 - 'C' Class and above Contractor.
04. Bid Submission due Date: 25.04.2025.

| S. No. | N.I.T. No. | Name of Work | P.A.C. in lacks |
|---|---|---|---|
| 1 | 2 | 3 | 4 |
| 1 | 01 | Construction of Higher Secondary School Building at Lanjit Block Odgi Distt. Surajpur including Electrification (First Call) | 119.43 |
| 2 | 02 | Construction of Govt. Higher Secondary School Building at Silsila Block Lundra Distt. Surguja including Electrification (First Call) | 120.18 |
| 3 | 03 | Construction of Higher Secondary School at Gajar Block Ramachandrapur Distt. Balrampur Ramanujganj includng Electrification Works (First Call) | 117.39 |

Sd./- Superintending Engineer
P.W.D. Ambikapur Circle,
Ambikapur

G-252600177/4

## ସଂକ୍ଷେପରେ

### କୋଇଲା ବୋଝେଇ ବଗିରେ ନିଆଁ

**ବନ୍ଧମୁଣ୍ଡା,୯।୪(ସୁବ୍ରତ ଦେ):** ବନ୍ଧମୁଣ୍ଡା ରେଳ ଷ୍ଟେଶନ ନିକଟ ରେଳବାଇ ଡିପାରଚାର ୟାର୍ଡରେ ଛିଡ଼ା ହୋଇଥିବା ଏକ ମାଲବାହୀ ଟ୍ରେନ୍ ବଗିରେ ହଠାତ୍ ଧୂଆଁ ବାହାରିଥିଲା। ଘଟଣାସ୍ଥଳରେ ଉପସ୍ଥିତ ରେଳ କର୍ମଚାରୀମାନେ ଘଟଣା ସମ୍ପର୍କରେ ସମ୍ପୃକ୍ତ ବିଭାଗକୁ ସୂଚନା ଦେଇଥିଲେ। ପରେ ରେଳ ପ୍ରଶାସନ ଅଗ୍ନିଶମ ବାହିନୀକୁ ଡକାଇଥିଲେ। ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ସମ୍ପୂର୍ଣ୍ଣ ଲିଭିବା ପରେ ଟ୍ରେନ ପରବର୍ତ୍ତୀ ଯାତ୍ରା ଆରମ୍ଭ କରିଥିଲା।

### ୨ଟି ଆଧାର କାର୍ଡରେ ଏକା ନମ୍ବର

**ସମସ୍ତ ଯୋଜନାରୁ ବଞ୍ଚିତ ଶରତ**

**ବଡ଼ଗାଁ ୯।୪(ଅଶୋକ ଷଡ଼ଙ୍ଗୀ):** ଆଧାର କାର୍ଡ ସଂଶୋଧନ ସତ୍ତ୍ୱେ ବାରମ୍ବାର ତ୍ରୁଟି ଯୋଗୁ ଲୋକେ ଆଜିଯାଏ ହଇରାଣ ହେଉଛନ୍ତି। ଦୁଇ ଜଣ ବ୍ୟକ୍ତିଙ୍କ ଆଧାର କାର୍ଡରେ ଫଟୋ ପରିବର୍ତ୍ତନ ହୋଇଥିବା



ବେଳେ ସେମାନଙ୍କ ଆଧାର କାର୍ଡ ନମ୍ବର ଏକା ରହିଥିବା ଅଭିଯୋଗ ହୋଇଛି। ଦୁଇଟି ଆଧାର କାର୍ଡରେ ଏକା ନମ୍ବର ରହିବା ଫଳରେ ଜଣେ ଗରିବ ପରିବାର ସରକାରଙ୍କ ସମସ୍ତ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଏହି ଘଟଣା ଘଟିଛି ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ବଡ଼ଗାଁ ନିକଟ ଚେମାପଡା ୱାର୍ଡ ନମ୍ବର ୭ରେ। ଚେମାପଡା ୱାର୍ଡ ନମ୍ବର ୭ର ବାସିନ୍ଦା ଶରତ ଲାକ୍ରା (୭୫)। ସେ ୧୯୯୨ରେ ଆଧାର କାର୍ଡ କରିଥିଲେ। ହେଲେ ତାଙ୍କ ଗ୍ରାମର ସ୍ୱର୍ଗତ ବୁଢୁ ଢୁଙ୍ଗଢୁଙ୍ଗଙ୍କ ଫଟୋ ଶରତ ଲାକ୍ରାଙ୍କ କାର୍ଡରେ ଓ ଶରତଙ୍କ ଫଟୋ ବୁଢୁ ଲାକ୍ରାଙ୍କ ଆଧାର କାର୍ଡରେ ଥିଲାବେଳେ ଉଭୟଙ୍କ ଆଧାର କାର୍ଡ ନମ୍ବର ଗୋଟିଏ ରହିଛି। ଏହି କାରଣରୁ ଶରତ ସରକାରଙ୍କ କୌଣସି ଯୋଜନାର ସୁଫଳ ପାଇ ପାରୁନାହାନ୍ତି। ସେ ଚାରିଥର ବାର୍ଦ୍ଧକ୍ୟ ଭତ୍ତା ପାଇଁ ଆବେଦନ କରିଥିଲେ ମଧ୍ୟ ଆଧାର କାର୍ଡରେ ତ୍ରୁଟି ଥିବାରୁ ଭତ୍ତା ହୋଇପାରୁନାହିଁ। ଏଥିପ୍ରତି ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ଦେଇ ଉକ୍ତ ସମସ୍ୟାର ସମାଧାନ କଲେ ଶରତ ସରକାରଙ୍କ ସମସ୍ତ ଯୋଜନାର ଲାଭ ଉଠାଇପାରିବେ ବୋଲି କହିଛନ୍ତି।

# ଆସ ବହିଟିଏ କିଣିବା ଅଭିଯାନ

**ସୁନ୍ଦରଗଡ଼,୯।୪(ଜୟ ନାରାୟଣ ମେଣ୍ଡୁଲି)**

ଓଡ଼ିଆ ପକ୍ଷ ପାଳନର ନବମ ଦିବସରେ ବୁଧବାର ସୁନ୍ଦରଗଡ଼ ଜିଲାରେ ଆସ ବହିଟିଏ କିଣିବା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିକାଶ ଭବନଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ସୁନ୍ଦରଗଡ଼ ପୌରପାଳିକା ଅଧ୍ୟକ୍ଷା ତନୟା ମିଶ୍ର ଯୋଗଦେଇ ବହି ଷ୍ଟଲ ଗୁଡ଼ିକ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ରାଉରକେଲା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀ, ସୁନ୍ଦରଗଡ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଭାଜପା ଜିଲା ସଭାପତି ଗିରିଶ ସାହୁ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ଅତିଥି,



ଅଧିକାରୀମାନେ ବହି ଷ୍ଟଲ ବୁଲି ଦେଖୁଛନ୍ତି।

ଅଧିକାରୀ, ଛାତ୍ରୀଛାତ୍ର ଏବଂ ଜନସାଧାରଣ ନିଜ ନିଜ ପସନ୍ଦର ପୁସ୍ତକ କ୍ରୟ କରିଥିଲେ। ଏହି ଅବସରରେ ବିକାଶ ଭବନଠାରେ "ପୁସ୍ତକର ଉପାଦେୟତା" ଉପରେ ଏକ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅତିଥିମାନେ ବହି ପଢାକୁ ସମସ୍ତେ ଏକ ଅଭ୍ୟାସରେ ପରିଣତ କରିବା ଆବଶ୍ୟକ ବୋଲି ମତ ଦେଇଥିଲେ ଏବଂ ବହି ପଢାର ଲାଭ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ପୁସ୍ତକର ବିକଳ୍ପ ନାହିଁ। ଆମେ ଯେତେ ବହି ପଢ଼ିବା ଆମ ମସ୍ତିଷ୍କ ସେତେ ଉର୍ବର ହେବ। ମାତ୍ର ଆଜିକାଲି ବହି କମ ଆଉ ଇଲେକଟ୍ରୋନିକ୍ସ ସାମଗ୍ରୀକୁ ବେଶୀ ବ୍ୟବହାର କରୁଛନ୍ତି। ମୋବାଇଲକୁ ଆମେ କମ ବ୍ୟବହାର କରିବା ଦ୍ୱାରା ଆମେ ଆମ ମାନସିକ ଅବସାଦକୁ ମଧ୍ୟ ଦୂରେଇ ପାରିବା। ସେହିଭଳି ପୁସ୍ତକ ପଢ଼ିବା ଦ୍ୱାରା ଆମର ଭାଷା, ସାହିତ୍ୟ ମଧ୍ୟ ସୁଦୂର ପ୍ରସାରିତ ହେବ ବୋଲି ଅତିଥିମାନେ ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ନେହା ମିଞ୍ଜ ମଧ୍ୟ ବହି ପଢ଼ିବାର ଲାଭ ସମ୍ପର୍କରେ ନିଜ ବକ୍ତୃତା ରଖିଥିଲେ। ବହିରୁ ଆମେ ନୀତି ଶିକ୍ଷା ପାଇ ଥାଉ, ବହି ପଢ଼ିବା ଦ୍ୱାରା ଆମ ଏକାଗ୍ରତା ବଢ଼ିଥାଏ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପଧାନ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ପୌରନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, କର୍ମଚାରୀ, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଏବଂ ଜନସାଧାରଣ ଉପସ୍ଥିତ ଥିଲେ।

### ସୀତାରାମ କଲ୍ୟାଣମ୍ ମହୋତ୍ସବ ଆୟୋଜିତ



ଉତ୍ସବରେ ଉପସ୍ଥିତ ଶ୍ରଦ୍ଧାଳୁ।

**ବନ୍ଧମୁଣ୍ଡା,୯।୪(ସୁବ୍ରତ ଦେ)**

ରାମନବମୀ ଅବସରରେ ବନ୍ଧମୁଣ୍ଡା ବି-ସେକ୍ଟର ସ୍ଥିତ ଆନ୍ଧ୍ର ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ସୀତାରାମ କଲ୍ୟାଣମ ଆୟୋଜିତ ହୋଇଯାଇଛି। ସଙ୍ଗଠନର ସଚିବ ବି ବର୍ଦ୍ଦେଶ୍ୱର ରାଓଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଭିଜିତ ଲଗ୍ନ ବିବାହ ରୀତିନୀତିରେ ସମ୍ପନ୍ନ ହେଇଛି। ଏଥିରେ ରାମ ଚନ୍ଦ୍ର ସୀତାଙ୍କୁ ମଙ୍ଗଳସୂତ୍ର ପିନ୍ଧାଇଥିଲେ। ଆନ୍ଧ୍ରପ୍ରଦେଶର ପୂଜକ ଉଦୟ ଭାସ୍କର ଏବଂ ବିନୟ ଆଚାର୍ଯ୍ୟ ବିବାହ ସମ୍ପନ୍ନ କରିଥିଲେ। ଏହାସହିତ ଆୟୋଜକ କମିଟି ଦ୍ୱାରା ପଟ୍ଟା ଅଭିଷେକ ଏବଂ ନାରାୟଣ ଭୋଜନ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଭକ୍ତ ଅଂଶଗ୍ରହଣ କରି ରାମ ସୀତାଙ୍କ ଆଶୀର୍ବାଦ ନେଇଥିଲେ। ଏହି ଅବସରରେ ବି.ବର୍ଦ୍ଦେଶ୍ୱର ରାଓ, ବି.ଉଦୟ ଭାସ୍କର, ଜିବି ରାଓ, ଏନ ଶ୍ରୀନିବାସ ରାଓ, ଏସ ମଧୁସୂଦନ ରାଓ, ମଙ୍ଗା ରେଡ୍ଡୀ, ଏସ ଶଙ୍କର ରାଓ, ଏମଏନ ରାଓ, କାମେଶ୍ୱର ରାଓ, ଶ୍ୟାମ ସୁନ୍ଦର ରାଓ, ଏ. ରାମବାବୁ, ଏସସିବି ରାଓ, କେ.ଏସ ରାଓ, ଡିସିଏସ ରାଓ, ପି.ରବି କୁମାର ଉପସ୍ଥିତ ଥିଲେ।

# ପଶ୍ଚିମାଞ୍ଚଳ ଡିଆଇଜିଙ୍କୁ ଭେଟି ଦାବି ଜଣାଇଲେ ବିଜେଡି ନେତା

**ସୁନ୍ଦରଗଡ,୯।୪(ଜୟ ନାରାୟଣ ମେଣ୍ଡୁଲି)**

ବିଭିନ୍ନ ଦାବି ନେଇ ସୁନ୍ଦରଗଡ଼ ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ବୁଧବାର ରାଉରକେଲାଠାରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟଙ୍କୁ ସାକ୍ଷାତ କରି ଆଲୋଚନା କରିବା ସହିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୁନ୍ଦରଗଡ ଜିଲା ବିଜେଡି ଉପସଭାପତି ତଥା ବିଧାୟକ ଯୋଗେଶ କୁମାର ସିଂହଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ଏହି ପ୍ରତିନିଧି ମଣ୍ଡଳୀ ଡିଆଇଜି ରାୟଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ସୁନ୍ଦରଗଡ ପୋଲିସ ବିଭାଗ ତଥା ଜନସାଧାରଣଙ୍କ ସୁବିଧା ପାଇଁ ବିଭିନ୍ନ ପ୍ରକାର ସମସ୍ୟା ବିଷୟରେ ଆଲୋଚନା କରିବା ସହିତ ସେଗୁଡିକର ସମାଧାନ ପାଇଁ ଏକ ଦାବିପତ୍ର ଦେଇଥିଲେ। କେତେଜଣ ଯୁବକ ବେପାରୁଆଭାବେ ବିନା ଡ୍ରାଇଭିଂ ଲାଇସେନ୍ସରେ ଦ୍ରୁତଗତିରେ ଗାଡି ଚଳାଇ ଦୁର୍ଘଟଣାର ଶିକାର ହେଉଛନ୍ତି। ଏଥିସହ ବାଇକରେ ବିକଟାଳ ଶବ୍ଦ କରୁଥିବା ସାଇଲେନ୍ସର ଲଗାଉଛନ୍ତି। ଯାହାଫଳରେ ବୟସ୍କବ୍ୟକ୍ତିମାନେ ରାସ୍ତାରେ ନିଜକୁ ସୁରକ୍ଷିତ ମଣୁ ନାହାଁନ୍ତି। ଶୋଭାଯାତ୍ରାରେ ବାଜୁଥିବା ଡିଜେର ଉଚ୍ଚ ସାଉଣ୍ଡ ଯୋଗୁ ବୟସ୍କ ବ୍ୟକ୍ତି ଏବଂ ଜନସାଧାରଣ ଭୋଗୁଥିବା ନାନା



ପଶ୍ଚିମାଞ୍ଚଳ ଡିଆଇଜିଙ୍କୁ ଦାବିପତ୍ର ଦିଆଯାଉଛି।

ପ୍ରକାର ହୃଦଜନିତ ଅସୁବିଧା ଦୂର କରିବାପାଇଁ ପୋଲିସ ଦ୍ୱାରା ଚେକିଂ କରାଯାଇ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ,ସହରରେ ବେଆଇନ ନିଶା କାରବାରକୁ ରୋକାଯିବା ନିମନ୍ତେ ଦାବି କରିଥିଲେ। ସୁନ୍ଦରଗଡ ଜିଲାରେ ଏବେ ସହରରୁ ଗାଁ ପର୍ଯ୍ୟନ୍ତ ଅନେକ ଜନସାଧାରଣ ସାଇବର ଠକଙ୍କ ଦ୍ୱାରା ଠକାମୀର ଶିକାର ହୋଇ ତାଙ୍କର ସର୍ବସ୍ୱ ହରାଉଛନ୍ତି। ଏହିସବୁ କେସ ପାଇଁ କେବଳ ରାଉରକେଲାରେ ଗୋଟିଏ ସାଇବର ଥାନା ଥିବାରୁ ଜନସାଧାରଣ ତାଙ୍କ କେସ ରୁଜୁ ପାଇଁ ରାଉରକେଲାକୁ ଆସି ଖର୍ଚ୍ଚାନ୍ତ ହେବା ସହିତ ତାଙ୍କ ବହୁମୂଲ୍ୟ ସମୟ ମଧ୍ୟ ନଷ୍ଟ ହେଉଛି। ତେଣୁ ସୁନ୍ଦରଗଡରେ ଗୋଟିଏ ନୂତନ ସାଇବର ଥାନା ପ୍ରତିଷ୍ଠା କରାଯିବା ଏବଂ ସୁନ୍ଦରଗଡର ଜନବହୁଳ ଆରଆରଆଇଟି କଲୋନୀର ଜନସାଧାରଣ ଏବଂ ସରକାରୀ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସୁବିଧା ଲାଗି ପାଖ ବାଇପାସ ଛକ ନିକଟରେ ଏକ ନୂତନ ପୋଲିସ ଫାଣ୍ଡି ନିର୍ମାଣ କରିବାକୁ ବିଜେଡିର ବରିଷ୍ଠନେତା ପ୍ରଫୁଲ୍ଲ ଶୁନ୍ୟାନି ଦାବି କରିଥିଲେ। ସରକାରଙ୍କୁ ଦାବି ସବୁ ଜଣେଇ ଶୀଘ୍ର ସମାଧାନ କରାଯିବ ବୋଲ ଡିଆଇଜି ରାୟ ପ୍ରତିଶ୍ରୁତି ଦେଇଥିଲେ। ଏହି ଦାବିପତ୍ର ପ୍ରଦାନ ସମୟରେ ବିଧାୟକ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀଙ୍କ ସମେତ ବିଜେଡିର ପ୍ରଫୁଲ୍ଲ ସୁନ୍ୟାନୀ ଓ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ।

### ସାମାଜିକ କର୍ମୀଙ୍କ ପରଲୋକ

**ରାଜଗାଙ୍ଗପୁର,୯।୪(ଅଶୋକ ପାଣି):** ରାଜଗାଙ୍ଗପୁର ସହରର ଜଣାଶୁଣା ସାମାଜିକକର୍ମୀ ରବିନାରାୟଣ ବିନୋଦଙ୍କ ୭୪ ବର୍ଷ ବୟସରେ ମଙ୍ଗଳବାର ରାଉରକେଲା ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ଘଟିଛି। ସେ ଦୀର୍ଘଦିନ ହେବ ଅସୁସ୍ଥତା ଥିଲେ। ସେ ରାଜଗାଙ୍ଗପୁରର ବିଭିନ୍ନ ଅନୁଷ୍ଠାନ ସହ ଜଡିତ ରହିଥିଲେ। ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ସହ ନୀଳଚକ୍ରର ଉପଦେଷ୍ଟା, ଗାଙ୍ଗପୁର ସାଂସ୍କୃତିକ ପରିଷଦର ଉପଦେଷ୍ଟା, କଂଗ୍ରେସର ବହୁ ବରିଷ୍ଠ ନେତା ତଥା ବର୍ତ୍ତମାନର ରାଜଗାଙ୍ଗପୁର ଟାଉନ କଂଗ୍ରେସ ସଭାପତି ଦେବରଞ୍ଜନ ବିନୋଦଙ୍କ ପିତା ଅଟନ୍ତି। ବିୟୋଗ ସମୟରେ ତାଙ୍କ ପାଖରେ ପୁଅ ଦେବରଞ୍ଜନ ବିନୋଦଙ୍କ ସହ ପପୁ ବିନୋଦ ଓ ସ୍ତ୍ରୀ ଉପସ୍ଥିତ ଥିଲେ।



# ସିବିଆଇ ତଦନ୍ତ ଦାବି କଲେ ବିଧାୟକ ଯୋଗେଶ

**ସୁନ୍ଦରଗଡ,୯।୪(ଜୟ ନାରାୟଣ ମେଣ୍ଡୁଲି)**

**ବେଆଇନ କୋଇଲା ଖଣି କାରବାର**

ସୁନ୍ଦରଗଡ଼ ଜିଲା ହେମଗିର ତହସିଲ ଅଞ୍ଚଳରେ ଚାଲିଥିବା ବେଆଇନ କୋଇଲା ଖଣି କାରବାରର ସିବିଆଇ ତଦନ୍ତ ଦାବି କରିଛନ୍ତି ସ୍ଥାନୀୟ ବିଧାୟକ ଯୋଗେଶ କୁମାର ସିଂହ। ଏନେଇ ବିଧାୟକ ସିଂହ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ନୂଆଦିଲ୍ଲୀ ସ୍ଥିତ ସିବିଆଇର ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଏହା ଦାବି କରିଛନ୍ତି। ଏହି ଖଣି ଚୋରା କାରବାର ନେଇ ସେ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ହେମଗିର ତହସିଲ ଅନ୍ତର୍ଗତ ରତନସରା, ଲତାପାଣି, ତେଲେନଡିହି, କୁଲାପଡା, ଭୋଗରାକଛାର, ଘୁଘରପାଲି ଏବଂ ଜାମକାନି ଆଦି ଅଞ୍ଚଳ ଗୁଡିକରୁ ସୁସଙ୍ଗଠିତ କୋଇଲା ମାଫିଆଙ୍କ ଦ୍ୱାରା ବହୁ ବର୍ଷ ଧରି କୋଇଲା ଉତ୍ତୋଳନ ହୋଇ ବାହାରକୁ ଚାଲାଣ ହୋଇଆସୁଛି। କୋଇଲା ଭଳି ଜାତୀୟ ସମ୍ପତ୍ତିକୁ ଏଭଳି ଭାବେ ଲୁଟ କରାଯାଉଥିବା ଯୋଗୁ ରାଜକୋଷକୁ ବିପୁଳ କ୍ଷତି ପହଞ୍ଚାଇବା ସହ ପରିବେଶ ସୁରକ୍ଷାକୁ ମଧ୍ୟ ପ୍ରଭାବିତ କରୁଛି। ତେଣୁ ଏହାର ଯଥାଶୀଘ୍ର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ଦ୍ୱାରା ନିରପେକ୍ଷ ତଦନ୍ତ କରାଯାଉ। ଯହାଦ୍ୱାରା ଏହି ଘଟଣାର ସତ୍ୟ ଉନ୍ମୋଚିତ ହେବ ସହିତ ଦୋଷୀଙ୍କୁ ଦଣ୍ଡ ବିଧାନ ଏବଂ ଜାତୀୟ ସମ୍ପତ୍ତିକୁ ସୁରକ୍ଷିତ ରଖାଯାଇ ପାରିବ ବୋଲି ବିଧାୟକ ସିଂହ ଏହି ଚିଠିରେ ଉଲ୍ଲେଖ କରିଛନ୍ତି।

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ରେଳ ପ୍ରବନ୍ଧକ/(ଯାନ୍ତ୍ରିକ), ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ଅଟେ: ୧. ସିକେପି-ସେଣ୍ଟ୍ରାଲ-୨୫-୨୬-୦୧** । ପ୍ରମୁଖ ସେତୁଗୁଡ଼ିକୁ ଆରସିସି ଜ୍ୟାକେଟିଂ ଦ୍ୱାରା ଏବଂ ବିଦ୍ୟମାନ ୨୦ ଫୁଟ ଗର୍ଡରକୁ ପିଏସସି ସ୍ଲାବ୍ ସେତୁରେ ରୂପାନ୍ତରଣ ଦ୍ୱାରା ସୁଦୃଢ଼ୀକୃତ କରିବା (୨ୟ ଆହ୍ୱାନ)। **ଟେଣ୍ଡର ମୂଲ୍ୟ: ₹୧,୮୦,୦୩,୭୭୪.୭୪** । **ଇଏମଡି: ₹୨,୪୦,୦୦୦/–** । **୨. ସିକେପି-ସେଣ୍ଟ୍ରାଲ-୨୫-୨୬-୦୨** । ଏଡିଇଏନ/ପଶ୍ଚିମ/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ସେତୁ ନଂ. ୨୧୬ (ଅପ୍ ଓ ଡାଉନ୍), ୨୦୬ (ଡାଉନ୍), ୨୦୨ (ଅପ୍ ଓ ଡାଉନ୍)ର ଆରସିସି ଜ୍ୟାକେଟିଂ ଓ ଅନ୍ୟାନ୍ୟ ବିବିଧ କାର୍ଯ୍ୟ ତଥା ସେତୁ ନଂ. ୧୮୪ର ବଲକା କାର୍ଯ୍ୟ । (୨ୟ ଆହ୍ୱାନ)। **ଟେଣ୍ଡର ମୂଲ୍ୟ: ₹୨,୮୦,୦୨,୮୪୦.୧୮** । **ଇଏମଡି: ₹୨,୯୦,୦୦୦/–** । **୩. ସିକେପି-ସେଣ୍ଟ୍ରାଲ-୨୫-୨୬-୦୩** । ଏସ୍‌ଏସ୍‌ଇ/ୱାର୍କସ୍/ଡିଏମ୍‌ଏଫ୍, କେଇ/ୱାର୍କସ୍/ବିଏକ୍ସଏଫ୍, ଏସ୍‌ଏସ୍‌ଇ/ପି.ୱେ/ବିୟୁଏଫ୍ ଏବଂ ଏସ୍‌ଏସ୍‌ଇ/ପି.ୱେ/ଡିଏମ୍‌ଏଫ୍‌ଙ୍କ ବ୍ୟବହାର ପାଇଁ ପ୍ରତ୍ୟେକ ତିନି ବର୍ଷ ଅବଧି ଲାଗି ଚବିଶ ଘଣ୍ଟିଆ ଇନ୍ଧନ ଓ ଡ୍ରାଇଭର ସହିତ ୧ ଟନ୍ ଟ୍ରକ୍ ସଡ଼କ ଯାନ (ଚାରି ଚକିଆ) ଅଣ-ଏସି ଭଡ଼ା ସୂତ୍ରରେ ନେବା । (୨ୟ ଆହ୍ୱାନ)। **ଟେଣ୍ଡର ମୂଲ୍ୟ: ₹୭୬,୨୪,୦୦୦/–** । **ଇଏମଡି: ₹୧,୩୨,୫୦୦/–** । **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୦ । **ଖୋଲାଯିବା ତାରିଖ:** କ୍ର.ସଂ. ୧ ପାଇଁ ତା୨୮।୦୪।୨୦୨୫ରିଖ, କ୍ର.ସଂ. ୨ ପାଇଁ ତା୩୦।୦୪।୨୦୨୫ରିଖ ଏବଂ କ୍ର.ସଂ. ୩ ପାଇଁ ତା୨୯।୦୪।୨୦୨୫ରିଖ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ । (କର୍ତ୍ତୃପକ୍ଷ- ରେଲ୍‌ୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/କିସିସି/ପଲିସି, ତାରିଖ: ୧୬।୦୭।୨୦୨୦)। (PR-32)

**QUOTATIONS INVITED**

Sealed quotations are invited from interested agencies/parties for supply of one **Constellation Table Top (Advanced Vitrectomy System)** for its unit located at Mahanadi Netra Chikitsalaya - LEPRA Society, At : Pandapali, PO/Via - Biramaharajpur, Dist - Subarnapur, Odisha - 767018, on or before 16/04/2025.

**OFFICE OF THE SUPERINTENDING ENGINEER, PUBLIC WORK DEPARTMENT, BILASPUR CIRCLE, BILASPUR, CHHATTISGARH**

**निविदा निरस्तीकरण सूचना**

इस कार्यालय के निविदा आमंत्रण सूचना क्रमांक 398 दिनांक 24.03.2025 को अपरिहार्य कारणवश निरस्त किया जाता है।

स्वा./- अधीक्षण अभियंता
लोक निर्माण विभाग
बिलासपुर मण्डल, बिलासपुर

G-252600172/5

# ଗଛ ତଳେ ପଢୁଛନ୍ତି ଛାତ୍ରୀଛାତ୍ର

- ଅବ୍ୟବସ୍ଥା ଘେରରେ ଛାମୁଣ୍ଡା ଗାଁ ଅଙ୍ଗନୱାଡ଼ି କେନ୍ଦ୍ର
- ଅଧାପନ୍ତରିଆ ଅଙ୍ଗନୱାଡ଼ି ଗୃହ ନିର୍ମାଣ କରିବାକୁ ଦାବି

**ବଡ଼ଗାଁ, ୯।୪(ଅଶୋକ ଷଡ଼ଙ୍ଗୀ)**



ଅଙ୍ଗନୱାଡି ପିଲାମାନେ ଗଛ ତଳେ ପଢୁଛନ୍ତି।



ବିଡିଓଙ୍କୁ ମହିଳାମାନେ ଦାବିପତ୍ର ଦେଉଛନ୍ତି।

ପିଲାମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଶିକ୍ଷା ପ୍ରତି ଆଗ୍ରହ ବଢାଇବା ପାଇଁ ଅଙ୍ଗନୱାଡିରେ ଶିକ୍ଷା ବ୍ୟବସ୍ଥା କରିଛନ୍ତି। ଶିକ୍ଷା ସହିତ ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ରଖି ଖାଦ୍ୟ ବ୍ୟବସ୍ଥା କରିଛନ୍ତି। କିନ୍ତୁ କେତେକ ଗ୍ରାମରେ ଏବେ ମଧ୍ୟ ଏହି ଅଙ୍ଗନୱାଡି କେନ୍ଦ୍ର ଅବ୍ୟବସ୍ଥା ଘେରରେ ଥିବା ଦେଖାଯାଇଛି। ଏହା ଦେଖିବାକୁ ମିଳିଛି ବଡ଼ଗାଁ ବ୍ଲକ ଅନ୍ତର୍ଗତ ଫୁଲବାରୀ ପଞ୍ଚାୟତ ଅନ୍ତର୍ଗତ ଛାମୁଣ୍ଡା ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରେ। ଗତ ୩ ବର୍ଷ ତଳେ ଉକ୍ତ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କାମ ଆରମ୍ଭ ହୋଇଥିଲା। ହେଲେ ଆଜିପର୍ଯ୍ୟନ୍ତ ତାହା ସମ୍ପୂର୍ଣ୍ଣ ହୋଇପାରିନାହିଁ। ତିନିବର୍ଷ ହେଲା ଏହି କେନ୍ଦ୍ରରେ ପଢୁଥିବା କୁନି ପିଲାମାନେ ଗଛମୂଳରେ ପାଠ ପଢୁଛନ୍ତି। ବିଶେଷ କରି ଖରା ଓ ବର୍ଷା ଦିନେ ଘୋର ସମସ୍ୟାର ସମ୍ମୁଖୀନ ହେଉଥିବା କୁହାଯାଇଛି। ମଙ୍ଗଳବାର ଛାମୁଣ୍ଡା ଗ୍ରାମର ମହିଳାମାନେ ଏହି ସମସ୍ୟା ନେଇ ବଡ଼ଗାଁ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇଙ୍କୁ ସାକ୍ଷାତ କରି ଏହାର ସମାଧାନ ପାଇଁ ଦାବିପତ୍ର ଦେଇଛନ୍ତି। ମହିଳାମାନେ ଏହି ଅଧାପନ୍ତରିଆ ଅଙ୍ଗନୱାଡି କେନ୍ଦ୍ରକୁ ଶୀଘ୍ର ନିର୍ମାଣ ସମ୍ପୂର୍ଣ୍ଣ କରିବାକୁ ଦାବି କରିଛନ୍ତି। ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମହିଳାମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଏହି ସମସ୍ୟା ପାଇଁ ଛାମୁଣ୍ଡା ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଛୋଟ ପିଲାମାନେ ହଇରାଣ ହେଉଥିବା କହିଛନ୍ତି। ଦୀର୍ଘ ତିନିବର୍ଷ ମଧ୍ୟରେ କେହି ଜଣେ ସରକାରୀ ଅଧିକାରୀଙ୍କ କିପରି ଦୃଷ୍ଟି ପଡ଼ିନାହିଁ ପ୍ରଶ୍ନ ଉଠାଇଛନ୍ତି।

# ଧର୍ମଘଟ ନେଇ ଆଲୋଚନା: ଟ୍ରେଡ୍ ୟୁନିୟନ ବୈଠକ




ବୈଠକରେ ଟ୍ରେଡ ୟୁନିୟନ କର୍ମକର୍ତ୍ତା।

**ରାଉରକେଲା,୯।୪(ସଙ୍ଗୀତା ଜେନା)**

ମୋଦୀ ସରକାରଙ୍କ ଶ୍ରମିକ ବିରୋଧୀ ଓ ଜନବିରୋଧୀ ନୀତି ବିରୋଧରେ ଦେଶର ସମସ୍ତ କେନ୍ଦ୍ରୀୟ ଟ୍ରେଡ ୟୁନିଅନ୍ ଓ କର୍ମଚାରୀ ଫେଡେରେସନଙ୍କ ଗତ ମାର୍ଚ୍ଚ ୧୮ ତାରିଖରେ ନୂଆଦିଲ୍ଲୀ ପ୍ୟାରେଲାଲ ଭବନରେ ସର୍ବଭାରତୀୟ କନଭେନସନ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ମେ ୨୦ରେ ଦେଶବ୍ୟାପୀ ଧର୍ମଘଟ ପାଇଁ ଡାକରା ଦିଆଯାଇଥିଲା। ଏହାକୁ ପୂର୍ଣ୍ଣମାତ୍ରାରେ ସଫଳ କରିବା ପାଇଁ ମଙ୍ଗଳବାର ସନ୍ଧ୍ୟା ୮ଟାରେ ସେକ୍ଟର-୧୮ ରାଉରକେଲା ଶ୍ରମିକ ସଂଘ(ଆର୍‌ଏସ୍‌ଏସ୍) କାର୍ଯ୍ୟାଳୟରେ ମିଳିତ ଟ୍ରେଡ ୟୁନିଅନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆର୍‌ଏସ୍‌ଏସ୍ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା, ନିହାର ଦାସ, ସିଆଇଟିୟୁର ଜିଲା ସମ୍ପାଦକ ବିମାନ ମାଇତି, ହିନ୍ଦ ମଜଦୁର ସଭାର ସତ୍ୟାନନ୍ଦ ବେହେରା, ଏଆଇସିସିଟିୟୁର ଅଜିତ ନାୟକ, ନର୍ଥେନ୍ ଓଡ଼ିଶା ଏମ୍ପ୍ଲୟିଜ୍ ଆସୋସିଏଶନ୍‌ର ଏମ୍ କେ ମହାନ୍ତି, ଏଆଇଟିୟୁସିର ଆର୍ ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଆର୍‌ଏସ୍‌ଏସ୍ ସାଧାରଣ ସମ୍ପାଦକ ବେହେରା କହିଛନ୍ତି, ପୂର୍ବରୁ ଆଇନରେ ଶ୍ରମିକଙ୍କ ପାଇଁ ୪୪ଟି ଆଇନ ରହିଥିଲା। କେନ୍ଦ୍ରରେ ମୋଦୀ ସରକାର ଆସିବା ପରେ ଏହାକୁ ସଙ୍କୁଚିତ କରି ୪ଟି କଳା ଆଇନରେ ପରିଣତ କରିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି ଆଇନ ଉଚ୍ଛେଦକୁ କଡ଼ା ନିନ୍ଦା କରୁଛୁ ବୋଲି ବେହେରା କହିଥିଲେ। ସେହିପରି ସିଆଇଟିୟୁର ମାଇତି କହିଛନ୍ତି, ଦେଶର ଶ୍ରମିକ, କୃଷକ ଓ ପ୍ରଭାବିତମାନେ ଏହି ଧର୍ମଘଟରେ ସାମିଲ ହେବା ଜରୁରୀ। ସେହିପରି ଆର୍‌ଏସ୍‌ଏସ୍ ଟ୍ରେଡ ୟୁନିଅନନେତା ଦାସ କହିଛନ୍ତି, ଏହି ଧର୍ମଘଟକୁ ସଫଳ କରିବା ପାଇଁ ସ୍କୁଲ, କଲେଜ, କଳକାରଖାନା ଆଦି ବୁଲି ଲୋକଙ୍କୁ ସଚେତନ କରିବୁ। ୧୭ ଦଫା ଦାବିରେ ସାଧାରଣ ଲୋକଙ୍କ ସହଯୋଗ ଲୋଡିବୁ। ଉକ୍ତ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ପାଇଁ କେନ୍ଦ୍ରସରକାର ଦାୟୀ ରହିବେ ବୋଲି ଦାସ କହିଥିଲେ।

**वरीय पुलिस अधीक्षक का कार्यालय, राँची**

सर्वसाधारण के लिए सूचना।



नाम–पायल कुमारी, उम्र करीब–19 वर्ष, रंग–सांवला, ऊँचाई–5 फीट 3 इंच, पहनावा– आसमानी रंग का कुर्ती काला रंग का जीन्स पैंट पहनी हुई है।

उपरोक्त लापता लड़की पायल कुमारी, उम्र करीब–19 वर्ष, पे0–विशेश्वर महली, सा0–चिनारो पुरियो, थाना–ईटकी, जिला–राँची जो दिनांक–25.03.25 को नारो बाजार नगड़ी गई थी, जो आजतक अपने घर वापस नहीं आई है।

जिसके संबंध में नगड़ी थाना सनहा संख्या–29/2025, दिनांक–27.03.2025, दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता लड़की कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

**Email ID(rnc-dcb@jhpolice.gov.in)**

पुलिस उपाधीक्षक, मु0–2, राँची। – 9431106142
थाना प्रभारी नगड़ी राँची। – 9431706176

पुलिस उप–महानिरीक्षक–सह–वरीय पुलिस अधीक्षक, राँची।

PR.NO.350008 Police(25-26):D

**OFFICE OF THE SUPERINTENDING ENGINEER P.W.D. (B&R) AMBIKAPUR CIRCLE, AMBIKAPUR**

Invitation Date: 04.04.2025

**E-PROCUREMENT TENDER NOTICE**

01. For tender detail please visit **http://eproc.cgstate.gov.in**.
02. Concern Division - S. No. 1 Surajpur, S. No. 2 Ambikapur & S. No. 3 Ramanujganj Division.
03. S. No. 1 to 5 - 'C' Class and above Contractor.
04. Bid Submission due Date: 25.04.2025.

| S. No. | N.I.T. No. | Name of Work | P.A.C. in lacks |
|---|---|---|---|
| 1 | 2 | 3 | 4 |
| 1 | 01 | Construction of Higher Secondary School Building at Lanjit Block Odgi Distt. Surajpur including Electrification (First Call) | 119.43 |
| 2 | 02 | Construction of Govt. Higher Secondary School Building at Silsila Block Lundra Distt. Surguja including Electrification (First Call) | 120.18 |
| 3 | 03 | Construction of Higher Secondary School at Gajar Block Ramachandrapur Distt. Balrampur Ramanujganj includng Electrification Works (First Call) | 117.39 |

Sd./- Superintending Engineer
P.W.D. Ambikapur Circle, Ambikapur

G-252600177/4

## ସଂକ୍ଷେପରେ

### ଦରପୋଡ଼ା ମୃତଦେହ ଜବତ, ଯୁବକ ଅଟକ

**ହତ୍ୟା ପରେ ଜାଳି ଦେବା ଘଟଣା**

ଲଖନପୁର, ୯।୪ (ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ଲଖନପୁର ଥାନା ଅନ୍ତର୍ଗତ ବିଂଶିପାଲି ଛକ ନିକଟରୁ ଏକ ଦରପୋଡା ମୃତଦେହ ପୋଲିସ ଜବତ କରିଛି। ମୃତକ ବନହରପାଲି ଥାନା ଅନ୍ତର୍ଗତ ବାଦିମାଲ ଗ୍ରାମର ରୁପେଶ ପୂଜାରୀ (୫୨)। ପୂର୍ବ ଶତ୍ରୁତାରୁ ରୁପେଶଙ୍କୁ ହତ୍ୟା କରି ପ୍ରମାଣ ନଷ୍ଟ ପାଇଁ ତାଙ୍କୁ ପୋଡିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଅଟକ କରିଛି। ସୂଚନା ଅନୁଯାୟୀ, ରୁପେଶ ଟିଆଏଲ୍ ଘରୋଇ କମ୍ପାନୀରେ ଠିକା ଶ୍ରମିକ ଭାବେ କାମ କରୁଥିଲେ। ଗତ ୫ ତାରିଖ କାମ କରିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଏ ନେଇ ରୁପେଶଙ୍କ ବାପା ନକୁଳ ପୂଜାରୀ ତାଙ୍କ ଗ୍ରାମର ଜଣେ ବ୍ୟକ୍ତି ରୁପେଶଙ୍କୁ ହତ୍ୟା କରିଥିବା ଗତ ୭ ତାରିଖ ବନହରପାଲି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାର ତଦନ୍ତ କରି ବୁଧବାର ବିଂଶିପାଲି ନିକଟରୁ ରୁପେଶଙ୍କ ଦରପୋଡା ମୃତଦେହ ଜବତ କରିଛି। ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ବନହରପାଲି ଥାନା ଅଧିକାରୀ ରଞ୍ଜିତ ନାଏକ, ଲଖନପୁର ଥାନା ଅଧିକାରୀ ବିନୋଦ କୁମାର ରାଓ ପୋଲିସ ଟିମ ଏବଂ ସାଇଣ୍ଟିଫିକ୍ ଟିମ୍ ଉପସ୍ଥିତିରେ ଦରପୋଡା ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

### ଅଖଣ୍ଡ ୨୪ ପ୍ରହର ନାମଯଜ୍ଞ ସମାପନ

ଲଖନପୁର, ୯।୪ (ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ସାଗରପାଲି ଗ୍ରାମରେ ଚାଲିଥିବା ୬୨ତମ ଅଖଣ୍ଡ ୨୪ ପ୍ରହର ନାମଯଜ୍ଞ ବୁଧବାର ସମାପନ ହୋଇଛି। ଗତ ଶନିବାର ଅଧିବାସ ସହ ରବିବାର ନାମ ଆରମ୍ଭ କରି ୨୪ପ୍ରହର ଯାଏଁ ନାମଜପ ଏବଂ ସମ୍ପୂର୍ଣ୍ଣ ରୀତିନୀତିରେ ପୂଜାର୍ଚ୍ଚନା ପରେ ବୁଧବାର ସକାଳେ ନାମ ସମାପନ, ମଧ୍ୟାହ୍ନରେ ନଗରଭ୍ରମଣ, ସନ୍ଧ୍ୟାରେ ଦଧିଭଞ୍ଜନ ସହ ପ୍ରସାଦ ସେବନ ପରେ ନାମଯଜ୍ଞ ସମାପନ ହୋଇଛି। ନାମଯଜ୍ଞରେ କର୍ତ୍ତା ଭାବେ ସପତ୍ନୀକ କମଲୋଚନ ପ୍ରଧାନ, ସଙ୍ଘମିତ୍ରା ପ୍ରଧାନ ଦାୟିତ୍ୱ ତୁଲାଉଥିବାବେଳେ ଭବାନି ପାତ୍ର, ଜନ୍ମଜୟକଲୋ, ବୃନ୍ଦାବନ ମେହେର, ସମାରୁ ମୁଣ୍ଡା, କୁଳମଣି ଭୋଇ, ରୋହିତ ପାତ୍ର ଷଡ଼ ବୈଷ୍ଣବ ଦାୟିତ୍ୱ ତୁଲାଇଛନ୍ତି। ପୂଜକ ଭାବେ ଶିବ ନାରାୟଣ ନାୟକ ଦାୟିତ୍ୱ ତୁଲାଉଛନ୍ତି। ନାମଯଜ୍ଞରେ ସାଗରପାଲି ଗ୍ରାମବାସୀ ସହଯୋଗ କରୁଥିବାବେଳେ ଆଖପାଖ ଅଞ୍ଚଳର ୩୦ରୁ ଊର୍ଦ୍ଧ୍ୱ କୀର୍ତ୍ତନ୍ୟ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ କରିଛନ୍ତି।

### ୨ ବ୍ରୋଞ୍ଜ ଜିତିଲେ ଝାରସୁଗୁଡ଼ାର ଖେଳାଳି

ଝାରସୁଗୁଡ଼ା, ୯।୪ (ଆଶିଷ ରଞ୍ଜନ ଦାଶ)

ଜାତୀୟ କ୍ରୀଡା ସଙ୍ଗଠନ ଦ୍ୱାରା ପରିଚାଳିତ ଅସ୍ମିତା ଖେଲୋ ଇଣ୍ଡିଆ ପେନାକ ସିଲଟ ସିନିୟର ଲିଗ ୨୦୨୪-୨୫ ଏପ୍ରିଲ ୬ରୁ ୮ ମଧ୍ୟରେ ଶ୍ରୀନଗରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ପେନାକ ସିଲଟ ଦଳ ୧ଟି ରୌପ୍ୟ ଓ ୫ଟି ବ୍ରୋଞ୍ଜ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଓଡ଼ିଶା ପକ୍ଷରୁ ଖେଳୁଥିବା ଏହି ଟିମ୍‌ରେ ଝାରସୁଗୁଡାର ତନୀୟା ଠାକୁର ୧ଟି ବ୍ରୋଞ୍ଜ ଓ ଲୀଳାବତୀ ରଣା ୧ଟି ବ୍ରୋଞ୍ଜ ଜିତି ରାଜ୍ୟ ତଥା ଝାରସୁଗୁଡାର ଗୌରବ ବାଢ଼ାଇଛନ୍ତି। ଏଥି ପାଇଁ ଝାରସୁଗୁଡ଼ାବାସୀ ତନୀୟା ଓ ଲୀଳାବତୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ

**ଉତ୍ତରାଞ୍ଚଳ ରାଜସ୍ୱ କମିଶନଙ୍କ ଦେବଗଡ଼ ଗସ୍ତ**

ଦେବଗଡ଼, ୯।୪ (ଶଶାଙ୍କ ଶେଖର ଝାଙ୍କର)

ଉତ୍ତରାଞ୍ଚଳ ରାଜସ୍ୱ କମିଶନ ସଚିନ ରାମଚନ୍ଦ୍ର ଯାଦବ ଦେବଗଡ଼ ଗସ୍ତ କରିଛନ୍ତି। ସେ ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟ ମ୍ୟୁଜିୟମ, ପ୍ରଧାନପାଟର ଉନ୍ନତୀକରଣ, ବସନ୍ତ ନିବାସ, ଲଳିତ ବସନ୍ତ ବୁଲି ଦେଖିବା ସହ ଉନ୍ନତୀକରଣ ନିମନ୍ତେ ବିଭିନ୍ନ ପ୍ରସ୍ତାବଗୁଡିକ ଉପସ୍ଥାପନ କରିଥିଲେ। ପରେ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲାରେ କାର୍ଯ୍ୟକାରୀ କରାଯାଉଥିବା ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସମୀକ୍ଷା କରିବା ସହ ପ୍ରକଳ୍ପ ସମ୍ପର୍କରେ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ। ଯାଦବ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରିତା ଉପରେ ଲୋକମାନଙ୍କ ସୁବିଧା ପାଇଁ ଜିଲା ଉଦ୍ୟାନ ବିଭାଗ, ଜିଲା କୃଷି ବିଭାଗ, ମତ୍ସ୍ୟ ବିଭାଗ,



ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଉଛି।

ପ୍ରାଣୀ ସମ୍ପଦ ବିଭାଗ, ଜନଜାତି ବିଭାଗ, କ୍ରୀଡା ବିଭାଗରେ ବିଭିନ୍ନ ଯୋଜନା ଯଥା ଭ୍ରାମ୍ୟ ମାଣ ମୃତ୍ତିକା ପରୀକ୍ଷା ଗାର, ଅମ୍ଳ ମାଟି ପରିଚାଳନା ନିମନ୍ତେ କାଗଜକଳ ମଣ୍ଡର ପ୍ରୟୋଗ, ବୋଦା ପ୍ରଜନନ କେନ୍ଦ୍ର, ରେଙ୍ଗାଲବେଡା ଅଞ୍ଚଳରେ ନୂତନ ବିଏମସି ସ୍ଥାପନ, ସୌର ଶୀତଳ ଭଣ୍ଡାର ନିର୍ମାଣ, ମତ୍ସ୍ୟ ଯାଆଁଳ ଉତ୍ପାଦନ ପାଇଁ ଉଠା ଜଳ ଯୋଗାଣ ବ୍ୟବସ୍ଥା, କ୍ରୀଡାର ଉନ୍ନତୀକରଣ, ତରଭୁଜ ଚାଷ, ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାମ ଯୋଗାଇ ଦେବା, ପ୍ରଧାନମନ୍ତ୍ରୀ ଆବାସ ସହ ଲୋକାଭିମୁଖୀ ଯୋଜନାଗୁଡିକ ସଫଳ ରୂପାୟନରେ ପ୍ରଶାସନିକ ଏବଂ ବିଭାଗୀୟ ଅଧିକାରୀମାନେ ଆନ୍ତରିକତା ସହ ନିଜ ଦାୟିତ୍ୱ ସମ୍ପାଦନ କରିବା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଉପ ଜିଲାପାଳ ପରକ୍ଷିତ ସାହୁ, ଜିଲା ମତ୍ସ୍ୟ ଅଧିକାରୀ କୁଟିଳ ଚନ୍ଦ୍ର ଦାସ, ପିଏ ଆଇଟିଡିଏ ସନ୍ଧ୍ୟା ମାଝି, ଜିଲା କୃଷି ଅଧିକାରୀ ଧବଳେଶ୍ୱର ପ୍ରଧାନ, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଆନ୍ତର୍ଜାମୀ ସାହୁ, ଜିଲା କ୍ରୀଡା ଅଧିକାରୀ ତାପସ କୁମାର ମହନ୍ତ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ବିଭିନ୍ନ ବିଭାର ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବାଙ୍କଦର୍ହ ଆଦିବାସୀ ସାହିରେ ନୂତନ ନଳକୂପ ଖନନ ଦାବି


ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ବାଙ୍କଦର୍ହବାସୀ।

ଦେବଗଡ଼, ୯।୪ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଦୁଧିଆନାଳୀ ଗ୍ରାମପଞ୍ଚାୟତ ଅଧୀନ ବାଙ୍କଦର୍ହ ଆଦିବାସୀ ସାହିରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏକ ନୂତନ ନଳକୂପ ଖନନ ପାଇଁ ଜିଲା କଂଗ୍ରେସ କମିଟି ପକ୍ଷରୁ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବୁଧବାର ଅପରାହ୍ନରେ ଦେବଗଡ଼ ଜିଲା କଂଗ୍ରେସ ସଭାପତି ସେମ୍ ହେମ୍ବ୍ରମଙ୍କ ନେତୃତ୍ୱରେ ବାଙ୍କଦର୍ହ ଆଦିବାସୀ ସାହିର ବହୁ ପୁରୁଷ ଏବଂ ମହିଳା ଦେବଗଡ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆସି ଏହି ମର୍ମରେ ଦାବିପତ୍ର ପ୍ରଦାନ କରିଥିଲେ। ବାଙ୍କଦର୍ହ ଆଦିବାସୀ ସାହିର ଜନସଂଖ୍ୟା ପ୍ରାୟ ୨୦୦ ହୋଇଥିବା ବେଳେ ବ୍ୟବହାର ପାଇଁ କେବଳ ଗୋଟିଏ ମାତ୍ର ନଳକୂପ ରହିଛି। ଫଳରେ ଗ୍ରୀଷ୍ମ ଋତୁରେ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଫଳରେ ଜଳ ସମସ୍ୟା ସମାଧାନ ପାଇଁ ଆଉ ଏକ ନଳକୂପ ଖନନ ନିମନ୍ତେ ଉକ୍ତ ସ୍ମାରକପତ୍ର ମାଧ୍ୟମରେ ଦାବି କରାଯାଇଛି।

# ଫ୍ରଣ୍ଟଫୁଟ୍ ଏକାଡେମୀ, ସାଇନିଂ ଷ୍ଟାର ବିଜୟୀ

**ତୃତୀୟ ସମର୍ଥ ମେମୋରିଆଲ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ**

ଝାରସୁଗୁଡ଼ା, ୯।୪ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରସ୍ଥିତ ସରବାହାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପଡିଆରେ ବୁଧବାର ସକାଳ ୭ଟାରେ ତୃତୀୟ ସମର୍ଥ ମେମୋରିଆଲ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟିତ ମ୍ୟାଚ୍ ଫ୍ରଣ୍ଟ ଫୁଟ ଏକାଡେମୀ ଏବଂ ଶିକ୍ଷା ଏକାଡେମୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଫ୍ରଣ୍ଟଫୁଟ୍ ଏକାଡେମୀ ବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚ ଲିଓ ବେଲପାହାଡ ଏବଂ ସାଇନିଂ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ସାଇନିଂ ଷ୍ଟାର ବିଜୟୀ ହୋଇଥିଲା। ଖେଳ ସାହିଲ ତିୱାରୀ ଏବଂ ଅନିରୁଦ୍ଧ କେଓ୍ୱତ ପରିଚାଳନା କରିଥିଲେ। ଝାରସୁଗୁଡ଼ା ଜିଲା କ୍ରୀଡା ସଂଘ ଉପସଭାପତି ଜୀବନ ମହାନ୍ତି ଓ ଯୁଗ୍ମ ସମ୍ପାଦକ କ୍ଲେମେଣ୍ଟ ରୋନାଲଡଙ୍କ ଦ୍ୱାରା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ସୂଚନାଯୋଗ୍ୟ ଯେ, ସମର୍ଥ ଅଗ୍ରୱାଲ ନବମ ଶ୍ରେଣୀରେ ଅଧ୍ୟୟନରତ ଥିବା ସମୟରେ ଜଣେ ଦୁର୍ବୃତ୍ତ ଅପହରଣ କରି ହତ୍ୟା କରିଥିଲେ। ସେ ସେଣ୍ଟ ମେରୀ ବିଦ୍ୟାଳୟ ଛାତ୍ର ଥିବା ବେଳେ ଶିକ୍ଷା କ୍ରିକେଟ ଏକାଡେମିର ସବ ଜୁନିୟର କ୍ରିକେଟୟର ଭାବେ ସୁନାମ ଅର୍ଜନ କରିଥିଲେ। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗତ ୩ ବର୍ଷ ହେଲା ଶିକ୍ଷା ଏକେଡେମୀର ସଞ୍ଚାଳକ ସୁମିତ ସିଂ ଏବଂ ସମର୍ଥଙ୍କ ପିତା ସୁନିତ ଅଗ୍ରୱାଲ ଦ୍ୱାରା ସ୍କୁଲ ପିଲାଙ୍କୁ ନେଇ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଆସନ୍ତା ୧୧ ତାରିଖ ସମର୍ଥଙ୍କ ଜନ୍ମଦିବସରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ଜିଲାର ମୋଟ ୬ଟି ଦଳ ଅଂଶଗ୍ରହଣ କରିଥିବା ନେଇ ଶିକ୍ଷା ଏକାଡେମୀର ସଞ୍ଚାଳକ ସୂଚନା ଦେଇଛନ୍ତି।

### ତେଲେନପାଲରେ ରାମନବମୀ ଉତ୍ସବ ଉଦ୍‌ଯାପିତ

ବ୍ରଜରାଜନଗର, ୯।୪ (ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପୌର ପରିଷଦ ଅଧୀନ ତେଲେନପାଲରେ ଧୁମଧାମରେ ଚାଲିଥିବା ରାମନବମୀ ଉତ୍ସବ ମଙ୍ଗଳବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଗତ ୬ ତାରିଖରୁ ଭଜନ, କୀର୍ତ୍ତନ ଚାଲିଥିବା ବେଳେ ପୂଜକ ଆଦିତ୍ୟ ମିଶ୍ର ରହିଥିଲେ। ପୂଜାରେ ମୁଖ୍ୟ କର୍ତ୍ତା ଭାବେ ଗାଁର ମନୋରଞ୍ଜନ ଦାଶ ଓ ସୁଷମା ଦାଶ ରହିଥିଲେ। ତେଲେନପାଲିରେ ରାମନବମୀ ଉତ୍ସବ ୧୯୬୭ରୁ ଆରମ୍ଭ ହୋଇଥିବା ସୂଚନା ଦିଆଯାଇଛି। ରାମନବମୀ ଉତ୍ସବରେ ଏଥର ବିଶେଷ ଭାବେ ଗ୍ରାମର ୬୦ଜଣ ମହିଳା ଏକ ବର୍ଷ ଯାଏ ନବମୀ ବ୍ରତ ରଖି ରାମ ଜନ୍ମ ଦିନ ରାତ୍ରୀରେ ଉଜାଗର ରହି ରାମ ସହସ୍ର ନାମ ଶ୍ଳୋକ, ହୋମ ସହିତ ସମାପନ କରିଥିଲେ। ମଙ୍ଗଳବାର ଏକାଦଶୀ ଦିନ ପୂଜା ଉଦଯାପିତ ହୋଇଥିଲା। ଉଦ୍‌ଯାପନ ଦିନ ପୌର ପରିଷଦ ନଗରପାଳ ଗୋପାଳ ସିତାନୀ ରାମ ମନ୍ଦିରରେ ପହଞ୍ଚି ପ୍ରଭୁଙ୍କୁ ଦର୍ଶନ କରି ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ। ରାମ ମନ୍ଦିର କମିଟି ସଭାପତି ବରିଷ୍ଠ ଶିକ୍ଷ୍ୟାବିତ ପ୍ରାଣ ଶଙ୍କର ମହାପାତ୍ର ଓ ଗ୍ରାମର ଯୁବକମାନେ ସହଯୋଗ କରିଥିଲେ।

# ଅଗ୍ନି ନିର୍ବାପନ, ସୁରକ୍ଷା ସମ୍ବନ୍ଧୀୟ ମକ୍‌ଡ୍ରିଲ୍


ଅଗ୍ନି ନିର୍ବାସନ ଓ ସୁରକ୍ଷା ସମ୍ବନ୍ଧୀୟ ଆୟୋଜିତ ମକଡ୍ରିଲ।

ଝାରସୁଗୁଡ଼ା, ୯।୪ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଡିଏଭି ସ୍କୁଲରେ ଅଗ୍ନି ସୁରକ୍ଷା ସପ୍ତାହ ପାଳନ ଅବସରରେ ବେଦାନ୍ତ ପକ୍ଷରୁ ଅଗ୍ନି ନିର୍ବାପନ ଓ ସୁରକ୍ଷା ସମ୍ବନ୍ଧୀୟ ମକ ଡ୍ରିଲ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ବେଦାନ୍ତ ଅଗ୍ନିଶମ ସେବା ପକ୍ଷରୁ ଆସିଷ୍ଟାଣ୍ଟ ମ୍ୟାନେଜର ଫାୟାର କେ. ଆର. ଆଶିଷ, ସୁମିତ କୁମାର ସିଂ, ଫାୟାର ଅଫିସର ସୂର୍ଯ୍ୟକାନ୍ତ ସାହୁ, ଡିସିପିଓ ବବଲୁ କୁମାର ସା, ଫାୟାର ମ୍ୟାନ ଲଳିତ କିଷାନ, ମେକାନିକ ମୁକ୍ତେଶ୍ୱର ବଗାରଙ୍କ ମିଳିତ ଟିମ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କୁ ସାମାନ୍ୟରୁ ଆରମ୍ଭ କରି ଗୁରୁତର ଭାବେ ଲାଗିଯାଉଥିବା ନିଆଁକୁ ଆୟତ୍ତ କରିବା କୌଶଳ, ଆତ୍ମ ସୁରକ୍ଷା ଓ ସଚେତନତା ବିଷୟରେ ତାଲିମ ଦେଇଥିଲେ। ବିଦ୍ୟାଳୟ ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବେଦାନ୍ତ ଅଗ୍ନିଶମ ସେବା ଦ୍ୱାରା ଆୟୋଜିତ ମକ ଡ୍ରିଲରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ତାଲିମ ଗ୍ରହଣପୂର୍ବକ ଅଗ୍ନି ନିର୍ବାପନ ଯନ୍ତ୍ର ସାହାଯ୍ୟରେ ପରୀକ୍ଷାମୂଳକ ଭାବେ ଫେଣ, ଗ୍ୟାସ ଓ ପାଣି ସାହାଯ୍ୟରେ ନିଆଁ ଲିଭାଇବା ସହଜ କୌଶଳ ଶିଖିଥିଲେ। ପବିତ୍ର ମୋହନ କବି, ବିଜୟ ଦାଶ, ସବିତା ଧଳ, ନୀଳିମା ପଟେଲ, ପଞ୍ଚାନନ ପଟେଲ, ଦେବାଶିଷ ଶ୍ୟାମଲ, ଅକ୍ଷୟ ପାଣି, ଆଶିଷ ପୂଜାରୀ ତଥା ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ସହଯୋଗ କରିଥିଲେ।

# ସିନ୍ଦୂରପଙ୍କ-ସମାସିଂହା ରାସ୍ତା ହେବ ୪ ଲେନ୍

କୋଲାବିରା, ୯।୪ (ଚିନ୍ମୟ କୁମାର ବହିଦାର)

ସମ୍ବଲପୁର ସିନ୍ଦୁରପଙ୍କ ଛକରୁ ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ସମାସିଂହା ପର୍ଯ୍ୟନ୍ତ ପୂର୍ତ୍ତ ରାସ୍ତା ୪ ଲେନ୍ ହେବ ବୋଲି ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ମଙ୍ଗଳବାର ସନ୍ଧ୍ୟାରେ କୋଲାବିରା ବ୍ଲକ ବଡ଼ବାହାଲ ଛକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଦଳୀୟ କର୍ମୀ ଓ ଜନସାଧାରଣ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିବା ସମୟରେ ସିନ୍ଦୂରପଙ୍କରୁ ସମାସିଂହା ୪୫ କିମି ରାସ୍ତା ୪ ଲେନ୍ ହେବ ବୋଲି ଘୋଷଣା କରିଥିଲେ। ଏହା ଦ୍ୱାରା ସମ୍ବଲପୁରରୁ ଝାରସୁଗୁଡ଼ା ଜିଲାକୁ ଯୋଗାଯୋଗ କ୍ଷେତ୍ରରେ ଉନ୍ନତି ଆସିବ ବାଲି ସୂଚନା ଦେଇଥିଲେ। ଏହାସହ ଦ୍ୱିତୀୟ ପର୍ଯ୍ୟାୟରେ ସମାସିଂହାରୁ ବଡ଼ବାହାଲ ଦେଇ ବାମରା ପର୍ଯ୍ୟନ୍ତ ମଧ ୪ ଲେନ ରାସ୍ତା ନିର୍ମାଣ ହେବ ବୋଲି ମନ୍ତ୍ରୀଙ୍କ ସହ ବିଧାୟକ ଘୋଷଣା କରିଥିଲେ। ଏ ନେଇ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ସଚିବ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ପତ୍ର ସଂଖ୍ୟା ୬୨୪୧ ତା, ୩୧/୦୩୨୫ ଅନୁଯାୟୀ ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପୂର୍ତ୍ତ ବିଭାଗ ମୁଖ୍ୟ ଯନ୍ତ୍ରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

# ଓଡ଼ିଆ ପକ୍ଷ ପାଳନରେ ଆସ ବହିଟିଏ କିଣିବା ଦିବସ ପାଳିତ

ଦେବଗଡ଼, ୯।୪ (ଶଶାଙ୍କ ଶେଖର ଝାଙ୍କର)

ଓଡ଼ିଶା ଦିବସଠାରୁ ରାଜ୍ୟରେ ଓଡ଼ିଆ ପକ୍ଷ ପାଳିତ ହେଉଛି। ଏହି ଅବସରରେ ଦେବଗଡ ଜିଲାରେ ଆସ ବହିଟିଏ କିଣିବା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏବେ ଡିଜିଟାଲ ଯୁଗରେ ବହିର ଆଦର କମୁଥିବା ବେଳେ ବହି ପଢିବା ନେଇ ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏଭଳି ଏକ ଅଭିନବ ପ୍ରୟାଶର ଶୁଭାରମ୍ଭ କରିଛନ୍ତି। ଦେବଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲା ପ୍ରଶାସନ ପକ୍ଷରୁ ଆସ ବହିଟିଏ କିଣିବା ଉତ୍ସବ ଆୟୋଜିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ବରେଣ୍ୟ ଅତିଥି ଭାବେ ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ ଭୋଜ, ଜିଲା ନିୟୋଜନ ଅଧିକାରୀ ବିଜୟ କୁମାର ଉପାଧ୍ୟାୟ, ତିଲେଇବଣି ଆଇଟିଡିଏ ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝି ମଞ୍ଚାସୀନ ରହି ସରକାରଙ୍କ ଏଭଳି ଏକ ପ୍ରୟାସକୁ



ଆସ ବହିଟିଏ କିଣିବା ଉତ୍ସବରେ ଉପସ୍ଥିତ ଅତିଥିମାନେ।

ପ୍ରଶଂସା କରିବା ସହିତ ଏହି କାର୍ଯ୍ୟକ୍ରମ ଦ୍ୱାରା ଯୁବପିଢି ପୁସ୍ତକ ପଢିବା ପାଇଁ ଆଗ୍ରହ ପ୍ରକାଶ କରିବେ ବୋଲି କହିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ଏବଂ ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ ମଞ୍ଚ ପରିଚାଳନା କରିଥିଲେ। ମଞ୍ଚାସୀନ ଅତିଥିଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀ ଏବଂ ଜିଲାର ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ପ୍ରମୁଖ ସାମିଲ ହୋଇ ବିଭିନ୍ନ ପୁସ୍ତକ କ୍ରୟ କରିଥିଲେ। ଏହି ଅବସରରେ ଏକ ପୁସ୍ତକ ମେଳା ଖୋଲାଯାଇଥିବା ବେଳେ ଜନସାଧାରଣ ମଧ୍ୟ ସୁଲଭ ମୂଲ୍ୟରେ ବିଭିନ୍ନ ପୁସ୍ତକ କ୍ରୟ କରିବାର ସୁଯୋଗ ପାଇଥିଲେ। କଟକରୁ ଆସିଥିବା ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ ର ୮୩୭ ଖଣ୍ଡ ବହି ଆସିଥିବା ବେଳେ ସେଥିରୁ ୧ ଲକ୍ଷ ୩୫ ହଜାର ୮୬୦ ଟଙ୍କାର ବହି ବିକ୍ରି ହୋଇଥିଲା।

# ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ

**ମାଟି, ଡଷ୍ଟ ପକାଇବା ବନ୍ଦ କରିବା ଦାବି ଘଟଣା**

ଝାରସୁଗୁଡ଼ା, ୯।୪ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବଡ଼ମାଳ ଥାନା ଅନ୍ତର୍ଗତ ପତ୍ରାପାଲି ଗ୍ରାମପଞ୍ଚାୟତବାସୀ ବିସ୍ଥାପିତ ଓ ପ୍ରଭାବିତଙ୍କ ସମସ୍ୟା ସମାଧାନ ନ କରିବା ପର୍ଯ୍ୟନ୍ତ ଏନ୍‌ଏଲ୍‌ସି ଇଣ୍ଡିଆ କମ୍ପାନୀ ଦ୍ୱାରା ମାଟି ଓ ଡଷ୍ଟ ଡମ୍ପିଙ୍ଗ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ପାଇଁ ମଙ୍ଗଳବାର ଜିଲାପାଳଙ୍କ ଦ୍ୱାରସ୍ଥ ହେବା ସହିତ ଦାବିପତ୍ର ଦେଇଥିଲେ। କିନ୍ତୁ ଏହାର କୌଣସି ସମାଧାନ ନ ହେବାରୁ ପଞ୍ଚାୟତବାସୀ ବୁଧବାର ପୂର୍ବାହ୍ନ ୯ଟାରେ ପତ୍ରାପାଲିସ୍ଥିତ ଏନ୍‌ଏଲ୍‌ସି ଇଣ୍ଡିଆ ଡମ୍ପିଙ୍ଗ ୟାର୍ଡ଼ ସମ୍ମୁଖରେ ଧାରଣାରେ ବସିଥିଲେ। ଖବର ପାଇ ଝାରସୁଗୁଡା ଅତିରିକ୍ତ ତହସିଲଦାର କୌଶିକ ମେହେର ଧାରଣା ସ୍ଥଳରେ ପହଞ୍ଚି


ପତ୍ରାପାଲି ଗ୍ରାମବାସୀ ଧାରଣା ଦେଇଛନ୍ତି।

ପତ୍ରାପାଲି ଗ୍ରାମପଞ୍ଚାୟତବାସୀଙ୍କ ସହ ମାଟି ଓ ଡଷ୍ଟ ଡମ୍ପିଙ୍ଗ ନେଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଆଲୋଚନା ଚାଲିଥିଲେ। କିନ୍ତୁ ଉଭୟ ପକ୍ଷରୁ ଆଲୋଚନାରେ କିଛି ସମାଧାନର ବାଟ ବାହାରି ନ ଥିଲା। ପତ୍ରାପାଲି ଗ୍ରାମପଞ୍ଚାୟତ ଜନସାଧାରଣଙ୍କ ମୁଖ୍ୟ ଦାବି ରହିଥିଲା ଯେ, ବିସ୍ଥାପନ ପ୍ରକ୍ରିୟା ସମ୍ପୂର୍ଣ୍ଣ ନ କରି ଏନ୍‌ଏଲ୍‌ସି ବିସ୍ଥାପିତ ଅଞ୍ଚଳରେ ମାଟି ଓ ଡଷ୍ଟ ଡମ୍ପିଙ୍ଗ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବନ୍ଦ କରୁ। ପତ୍ରାପାଲି ଅଞ୍ଚଳରେ କମ୍ପାନୀର କାର୍ଯ୍ୟକାଳ ୬ ବର୍ଷ ବିତିଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ବିସ୍ଥାପିତ ଓ ପ୍ରଭାବିତଙ୍କ ଥଇଥାନ ସୁବିଧା ନ କରିବା ବହୁତ କଷ୍ଟ ଦାୟକ ହୋଇଥିବା ବେଳେ ପ୍ରଶାସନର ନୀରବତା କମ୍ପାନୀକୁ ବଳ ଯୋଗାଉଛି। ଏହାର ସମାଧାନ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଧାରଣାରେ ବସିଥିବା ପତ୍ରାପାଲି ପଞ୍ଚାୟତବାସୀ କହିଛନ୍ତି। ଧାରଣାରେ ପତ୍ରାପାଲି ସରପଞ୍ଚ ଖଗେଶ୍ୱର ନାଇକ, ସନତ କୁମାର ସାହୁ, ସନ୍ତୋଷ ସେଠ, ଚୈତନ୍ୟ ସାହୁଙ୍କ ସହିତ ପତ୍ରାପାଲି ପଞ୍ଚାୟତ ଅଞ୍ଚଳର ବହୁ ଲୋକ ସାମିଲଥିଲେ। ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ବଡ଼ମାଳ ପୋଲିସ ଆଲୋଚନା ସ୍ଥାନରେ ଉପସ୍ଥିତ ଥିଲେ।

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ରେଳ ପ୍ରବନ୍ଧକ/(ଯାନ୍ତ୍ରିକ), ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ଅଟେ: ୧. ସିକେପି-ସେଣ୍ଟ୍ରାଲ-୨୫-୨୬-୦୧** । ପ୍ରମୁଖ ସେତୁଗୁଡ଼ିକୁ ଆରସିସି ଜ୍ୟାକେଟିଂ ଦ୍ୱାରା ଏବଂ ବିଦ୍ୟମାନ ୨୦ ଫୁଟ ଗର୍ଡରକୁ ପିଏସ୍‌ସି ସ୍ଲାବ୍ ସେତୁରେ ରୂପାନ୍ତରଣ ଦ୍ୱାରା ସୁଦୃଢ଼ୀକୃତ କରିବା (୨ୟ ଆହ୍ୱାନ)। **ଟେଣ୍ଡର ମୂଲ୍ୟ:** ₹୧,୮୦,୦୩,୭୭୪.୭୪ । **ଇଏମ୍‌ଡି:** ₹୨,୪୦,୦୦୦/- । **୨. ସିକେପି-ସେଣ୍ଟ୍ରାଲ-୨୫-୨୬-୦୨** । ଏଡିଇଏନ୍/ପଶ୍ଚିମ/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ସେତୁ ନଂ. ୨୧୬ (ଅପ୍ ଓ ଡାଉନ୍), ୨୦୬ (ଡାଉନ୍), ୨୦୨ (ଅପ୍ ଓ ଡାଉନ୍)ର ଆରସିସି ଜ୍ୟାକେଟିଂ ଓ ଅନ୍ୟାନ୍ୟ ବିବିଧ କାର୍ଯ୍ୟ ତଥା ସେତୁ ନଂ. ୧୮୪ର ବଳକା କାର୍ଯ୍ୟ । (୨ୟ ଆହ୍ୱାନ)। **ଟେଣ୍ଡର ମୂଲ୍ୟ:** ₹୨,୮୦,୦୨,୮୪୦.୧୮ । **ଇଏମ୍‌ଡି:** ₹୨,୯୦,୦୦୦/- । **୩. ସିକେପି-ସେଣ୍ଟ୍ରାଲ-୨୫-୨୬-୦୩** । ଏସ୍ଏସ୍ଇ/ୱାର୍କସ୍/ଡିଏମ୍ଏଫ୍, କେଇ/ୱାର୍କସ୍/ବିଏକ୍ୟୁଏଫ୍, ଏସ୍ଏସ୍ଇ/ପି.ୱେ/ବିୟୁଏଫ୍ ଏବଂ ଏସ୍ଏସ୍ଇ/ପି.ୱେ/ଡିଏମ୍ଏଫ୍‌ଙ୍କ ବ୍ୟବହାର ପାଇଁ ପ୍ରତ୍ୟେକ ତିନି ବର୍ଷ ଅବଧି ଲାଗି ଚବିଶ ଘଣ୍ଟିଆ ଇନ୍ଧନ ଓ ଡ୍ରାଇଭର ସହିତ ୧ ଟନ୍ ଟ୍ରକ୍ ସଡ଼କ ଯାନ (ଚାରି ଚକିଆ) ଅଣ-ଏସି ଭଡ଼ା ସୂତ୍ରରେ ନେବା । (୨ୟ ଆହ୍ୱାନ)। **ଟେଣ୍ଡର ମୂଲ୍ୟ:** ₹୬୬,୨୪,୦୦୦/- । **ଇଏମ୍‌ଡି:** ₹୧,୩୨,୫୦୦/- । **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୦ । **ଖୋଲାଯିବା ତାରିଖ:** କ୍ର.ସଂ. ୧ ପାଇଁ ତା୨୮।୦୪।୨୦୨୫ରିଖ, କ୍ର.ସଂ. ୨ ପାଇଁ ତା୩୦।୦୪।୨୦୨୫ରିଖ ଏବଂ କ୍ର.ସଂ. ୩ ପାଇଁ ତା୨୯।୦୪।୨୦୨୫ରିଖ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସୟନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ । (କର୍ତ୍ତୃପକ୍ଷ- ରେଲୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/କିସିସି/ପଲିସି, ତାରିଖ: ୧୬।୦୭।୨୦୨୦) । (PR-32)

**QUOTATIONS INVITED**

Sealed quotations are invited from interested agencies/parties for supply of one **Constellation Table Top (Advanced Vitrectomy System)** for its unit located at Mahanadi Netra Chikitsalaya - LEPRA Society, At : Pandapali, PO/Via - Biramaharajpur, Dist - Subarnapur, Odisha - 767018, on or before 16/04/2025.

**OFFICE OF THE SUPERINTENDING ENGINEER, PUBLIC WORK DEPARTMENT, BILASPUR CIRCLE, BILASPUR, CHHATTISGARH**

**निविदा निरस्तीकरण सूचना**

इस कार्यालय के निविदा आमंत्रण सूचना क्रमांक 398 दिनांक 24.03.2025 को अपरिहार्य कारणवश निरस्त किया जाता है।

स्वा./- अधीक्षण अभियंता
लोक निर्माण विभाग
बिलासपुर मण्डल, बिलासपुर

G-252600172/5

**वरीय पुलिस अधीक्षक का कार्यालय, राँची**

सर्वसाधारण के लिए सूचना।



नाम–पायल कुमारी, उम्र करीब–19 वर्ष, रंग–सांवला, ऊँचाई–5 फीट 3 इंच, पहनावा– आसमानी रंग का कुर्ती काला रंग का जीन्स पैंट पहनी हुई है।

उपरोक्त लापता लड़की पायल कुमारी, उम्र करीब–19 वर्ष, पे0–विशेश्वर महली, सा0–चिनारो पुरियो, थाना–ईटकी, जिला–राँची जो दिनांक–25.03.25 को नारो बाजार नगड़ी गई थी, जो आजतक अपने घर वापस नहीं आई है।

जिसके संबंध में नगड़ी थाना सनहा संख्या–29/2025, दिनांक–27.03.2025, दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता लड़की कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

**Email ID(rnc-dcb@jhpolice.gov.in)**
पुलिस उपाधीक्षक, मु0–2, राँची। – 9431106142
थाना प्रभारी नगड़ी राँची। – 9431706176

पुलिस उप–महानिरीक्षक–सह–वरीय पुलिस अधीक्षक, राँची।

PR.NO.350008 Police(25-26):D

**OFFICE OF THE SUPERINTENDING ENGINEER P.W.D. (B&R) AMBIKAPUR CIRCLE, AMBIKAPUR**

Invitation Date: 04.04.2025

**E-PROCUREMENT TENDER NOTICE**

01. For tender detail please visit **http://eproc.cgstate.gov.in**.
02. Concern Division - S. No. 1 Surajpur, S. No. 2 Ambikapur & S. No. 3 Ramanujganj Division.
03. S. No. 1 to 5 - 'C' Class and above Contractor.
04. Bid Submission due Date: 25.04.2025.

| S. No. | N.I.T. No. | Name of Work | P.A.C. in lacks |
|---|---|---|---|
| 1 | 2 | 3 | 4 |
| 1 | 01 | Construction of Higher Secondary School Building at Lanjit Block Odgi Distt. Surajpur including Electrification (First Call) | 119.43 |
| 2 | 02 | Construction of Govt. Higher Secondary School Building at Silsila Block Lundra Distt. Surguja including Electrification (First Call) | 120.18 |
| 3 | 03 | Construction of Higher Secondary School at Gajar Block Ramachandrapur Distt. Balrampur Ramanujganj includng Electrification Works (First Call) | 117.39 |

**Sd./- Superintending Engineer**
**P.W.D. Ambikapur Circle, Ambikapur**

G-252600177/4

**ଟ୍ରେନ ଧକ୍କାରେ ଆହତ ଗୋରୁଙ୍କୁ ସେବା ଯୋଗାଇଲା ଗୋସେବା କେନ୍ଦ୍ର**

କଣ୍ଟାବାଞ୍ଜି,(ଗୁରୁ ଦୟାଲ ହଂସ): ଟ୍ରେନ ଧକ୍କାରେ ଗୁରୁତର ହୋଇ ପଡିଥିବା ଏକ ଗୋରୁଙ୍କୁ ଆବଶ୍ୟକ ଚିକିତ୍ସା ସେବା କଣ୍ଟାବାଞ୍ଜିସ୍ଥିତ ଗୋସେବା କେନ୍ଦ୍ର ପକ୍ଷରୁ ଯୋଗାଇ ଦିଆଯାଇଛି। ବୁଧବାର ଅପରାହ୍ନରେ କଣ୍ଟାବାଞ୍ଜି ପ୍ଲାଟଫର୍ମ ନଂ ୧ରେ ଏକ ମାଲବାହୀ ଟ୍ରେନ ଧକ୍କାରେ ଏକ ବୁଲା ଗୋରୁର ଦୁଇଟି ଗୋଡ଼ କଟି ଯାଇଥିଲା। ଏହି ଖବର ପାଇ ଗୋସେବା କେନ୍ଦ୍ରର ମନୋଜ ଚିନଗୁନ, ରଘୁନାଥ ବଗ୍ଥୋର, ଦେବେନ୍ଦ୍ର ,ସୁମିତ, ତୁଫାନ, ନନ୍ଦିନୀ, ଅଞ୍ଜୁ, ପ୍ରତ୍ୟୁଷ, ଜିତୁ,କିଶୋର, ବିକାଶ ଆହତ ଗୋରକୁ ନିକଟସ୍ଥ ପ୍ରାଣୀ ଚିକିତ୍ସାଳୟ ନେଇ ଚିକିତ୍ସା କରାଇଥିଲେ। ଉକ୍ତ ଗୋ ସେବା କେନ୍ଦ୍ର ଦୀର୍ଘ ୧୦ବର୍ଷ ହେଲା ବିନା ସରକାରୀ ସହାୟତାରେ ବୁଲା ଗୋରୁଙ୍କୁ ସେବା ଯୋଗାଇ ଆସୁଛି।

## ସଂକ୍ଷେପରେ

### ଔଷଧ ଦୋକାନରେ ପୋଲିସ ଯାଞ୍ଚ

ସମ୍ବଲପୁର,୯।୪(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ବୁଧବାର ସନ୍ଧ୍ୟାରେ ଔଷଧ ଦୋକାନ ଗୁଡିକରେ ସ୍ଥାନୀୟ ପୋଲିସ ପକ୍ଷରୁ ଯାଞ୍ଚ କରାଯାଉଛି। ଆଗକୁ ହନୁମାନ ଜୟନ୍ତୀ ସମେତ ବିଭିନ୍ନ ପର୍ବପର୍ବାଣୀ ରହିଛି। ତେଣୁ ନିଶାଖୋର ମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ଔଷଧ ଦୋକାନଗୁଡିକରେ ଯେମିତି ବେଆଇନ ନିଶା ବଟିକା ଏବଂ କଫସିରପ ବିକ୍ରି ନହେବ ସେଥିପାଇଁ ଅତର୍କିତ ଚଢ଼ାଉ କରାଯାଇ ଯାଞ୍ଚ କରାଯାଉଛି। ଏସ୍‌ପି ମୁକେଶ ଭାମୁଙ୍କ ନିର୍ଦ୍ଦେଶକ୍ରମେ ସମ୍ବଲପୁର ମହାନଗର ନିଗମ ଅଞ୍ଚଳର ସମସ୍ତ ଥାନା ଅଧିକାରୀଙ୍କ ନେତୃତ୍ୱରେ ଔଷଧ ଦୋକାନ ଗୁଡିକରେ ଯାଞ୍ଚ କରାଯାଉଥିବା ସଦର ଏସ୍‌ଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି। ଯେଉଁ ଦୋକାନ ଗୁଡିକରେ ବେଆଇନ ନିଶା ବଟିକା କିମ୍ବା କଫସିରଫ ବାହାରିବ ସେମାନଙ୍କ ନାମରେ ଥାନାରେ ମାମଲା ରୁଜୁ କରାଯିବ ବୋଲି ଏସ୍‌ଡିପିଓ ବାଗ କହିଛନ୍ତି।

### ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

**ନାବାଳକଙ୍କ ସହିତ ଅପ୍ରାକୃତିକ ଯୌନ ନିର୍ଯାତନା ମାମଲା**

ବରଗଡ଼,୯।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ବିଜେପୁର ଥାନା ଅଞ୍ଚଳରେ ୨୦୨୨ରେ ଜଣେ ନାବାଳକ(୪ବର୍ଷ)ଙ୍କୁ ଅପ୍ରାକୃତିକ ଯୌନ କ୍ରୀଡ଼ା କରିବା ମାମଲାର ରାୟ ପ୍ରକାଶ ପାଇଛି। ବରଗଡ଼ର ପୋକ୍‌ସୋ ଜଜ୍ ବୁଧବାର ଏହି ମାମଲାର ଶୁଣାଣି କରି ଅଭିଯୁକ୍ତ ରାମେଶ୍ୱର ବିଶି(୨୮)ଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ହଜାର ଟଙ୍କା ଜରିମାନା ଦେବାକୁ କହିଛନ୍ତି। ଜରିମାନା ଅନାଦାୟ ପୁଣି ୬ମାସ କାରାଦଣ୍ଡ ହେବ ବୋଲି ରାୟରେ ଜଜ୍ ଶୁଣାଣି କରିଛନ୍ତି। ଅନ୍ୟପଟେ ପୀଡ଼ିତ ନାବାଳକଙ୍କୁ ୬ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଦିଗରେ ବିହିତ ପଦକ୍ଷେପ ନେବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଅନୁଯାୟୀ, ୨୦୨୨ ଫେବୃୟାରୀ ୧୪ତାରିଖରେ ପୀଡ଼ିତ ନାବାଳକ ଅଭିଯୁକ୍ତଙ୍କ ଘରକୁ ଯାଇଥିଲେ। ଅଭିଯୁକ୍ତଙ୍କ ପୁଅଙ୍କ ସହିତ ସେ ସେଠାକୁ ଖେଳିବାକୁ ଯାଇଥିଲେ। ତେବେ ନିରୀହତାର ସୁଯୋଗ ନେଇ ଅଭିଯୁକ୍ତ ରାମେଶ୍ୱର ନାବାଳକଙ୍କୁ ଅପ୍ରାକୃତିକ ଯୌନ ନିର୍ଯାତନା ଦେଇଥିଲେ। ନାବାଳକଙ୍କ ମା' ଅଭିଯୁକ୍ତଙ୍କ ଘରେ ପହଞ୍ଚି ପୁଅକୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନା ନେବା ସହିତ ବିଜେପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରିବା ସହିତ ରାମେଶ୍ୱରଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ। ପୀଡ଼ିତ ନାବାଳକଙ୍କ ପକ୍ଷରୁ ସରକାରୀ ଓକିଲ ୧୯ଜଣ ସାକ୍ଷ୍ୟ, ୨୨ନଥିପତ୍ର, ୧୫ଏମ.ଓ ଦାଖଲ କରିଥିଲେ। ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଦ୍ୟୁତିଶ ଆଚାର୍ଯ୍ୟ ମାମଲାର ପରିଚାଳନା କରୁଥିଲେ।

### ତରଭୁଜ ବୋଝେଇ ଟ୍ରକ୍‌ରୁ ୧୪୦ କେଜି ଗଞ୍ଜେଇ ଜବତ

**ଚାଲାଣ ବେଳେ ୨ଜଣଙ୍କୁ ଧରିଲା ପୋଲିସ**

ବାଉଁଶୁଣୀ,୯।୪(ଦେବାଶିଷ ନେପାକ)

ବାଉଁଶୁଣୀ ପୋଲିସ ବୁଧବାର ସକାଳେ ଏକ ତରଭୁଜ ବୋଝେଇ ଟ୍ରକ୍‌ରୁ ୧୪୦ କେଜି ଗଞ୍ଜେଇ ଜବତ କରିଛି। ବେଆଇନ୍ ଗଞ୍ଜେଇ ଚାଲାଣ ଅଭିଯୋଗରେ ମନମୁଣ୍ଡା ଥାନା ପରିବନ୍ଧ ଗ୍ରାମର ଦଇତାରୀ ମହାକୁଡ଼ ଓ ରଞ୍ଜିତ କର୍ମୀଙ୍କୁ ଗିରଫ କରାଯାଇଛି। ମନମୁଣ୍ଡା ପଟୁ ଏକ ତରଭୁଜ ବୋଝେଇ ଟ୍ରକ୍ ବୌଦ୍ଧ ପଟକୁ ଯାଉଥିବା ବେଳେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ବାଉଁଶୁଣୀ ପୋଲିସର ଏକ ଟିମ ଜାତୀୟ ରାଜପଥ ନଂ ୫୭ର ବାଉଁଶୁଣୀ ବାଘ ନଦୀ ପୋଲ ନିକଟରେ ଟ୍ରକ୍‌କୁ ଅଟକାଇଥିଲା। ଯାଞ୍ଚ କରିବାରୁ ତରଭୁଜ ବୋଝେଇ ଟ୍ରକ୍ ଭିତରୁ ଗଞ୍ଜେଇ ବାହାରିଥିଲା। ପୋଲିସ ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତଙ୍କୁ ଧରିଥିଲା।

# ଗୁଦଗୁଦା ମହୋତ୍ସବ ଉଦ୍‌ଯାପିତ

କୁଚିଣ୍ଡା,୯।୪(ବିରଞ୍ଚି ଦର୍ଶୀ)



ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିମାନେ।

**ଗୁଦଗୁଦାର ବିକାଶ ହେଲେ କୁଚିଣ୍ଡାର ଅର୍ଥନୈତିକ ଅଭିବୃଦ୍ଧି ହେବ**

ଗୁଦଗୁଦା ଜଳପ୍ରପାତର ବିକାଶ ହେଲେ କୁଚିଣ୍ଡାର ଅର୍ଥନୈତିକ ଅଭିବୃଦ୍ଧି ହେବ। ସମ୍ବଲପୁର ଜିଲା କୁଚିଣ୍ଡା କଲେଜ ପଡିଆରେ ତିନିଦିନ ଧରି ଚାଲିଥିବା ଗୁଦଗୁଦା ମହୋତ୍ସବର ବୁଧବାର ଉଦ୍‌ଯାପନୀ ସନ୍ଧ୍ୟାରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟଅତିଥିଭାବେ ଯୋଗଦେଇ କହିଛନ୍ତି। ସେ ତାଙ୍କ ବକ୍ତବ୍ୟରେ କୁଚିଣ୍ଡା ଉପଖଣ୍ଡର ୫୫ଗୋଟି ପଞ୍ଚାୟତର ଚାଷଜମିକୁ ଜଳ ସେଚନ ହେଲେ କୃଷି ଓ କୃଷକଙ୍କ ଉନ୍ନତି ହୋଇପାରିବ। ତେଣୁ ସେଥିନିମନ୍ତେ ସରକାରଙ୍କ ଯୋଜନା ଥିବା କହି କୁଚିଣ୍ଡା କଲେଜରେ ୧୬ଏକର ପରିମିତ ଜମିରେ ଏକ ଷ୍ଟାଡିୟମ ହେବ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ସମବାୟ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପବଳ ସାମନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମନୋରଞ୍ଜନ ମାଧ୍ୟମରେ କୁଚିଣ୍ଡାର ଏକତା ବୃଦ୍ଧି ସହ ଭାଇଚାରା ସୃଷ୍ଟି ହୋଇ ପାରିବ ବୋଲି କହିଥିଲେ। ଏହାଛଡା କୁଚିଣ୍ଡା ଉପଖଣ୍ଡରେ ସମବାୟ ବିଭାଗ ପକ୍ଷରୁ ୨୮ଟିଷ୍ଟକୟାର୍ଡ ରହିଥିବା ବେଳେ ଖୁବ୍‌ଶୀଘ୍ର ଆଉ ୨୧ଟି ଷ୍ଟକ ୟାର୍ଡ ହେବାର ଘୋଷଣା କରିଥିଲେ। ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ,ପୂର୍ବତନ ଉପଜିଲାପାଳ ବଟକୃଷ୍ଣ ଦେହୁରୀ ଏବଂ ବିଭୁତି ଭୂଷଣ ବେହେରା କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଗୁଦଗୁଦା ମହୋତ୍ସବ ହେଉଛି କଳା ନୈପୁଣ୍ୟ ପରିବୃଷଣର ଉତ୍କୃଷ୍ଟ କ୍ଷେତ୍ର। ତେଣୁ ଏହି ମହୋତ୍ସବକୁ ବଞ୍ଚାଇ ରଖିବାକୁ କହିଥିଲେ।

ମହୋତ୍ସବଅଧ୍ୟକ୍ଷ ତଥା ଉପଜିଲାପାଳ ଗୌରବମୟ ପ୍ରଧାନ ସଭାପତିତ୍ୱ କରି ବଟକୃଷ୍ଣ ଦେହୁରୀ କୁଚିଣ୍ଡାରେ ଉପଜିଲାପାଳ ଥିବା ସମୟରେ ଏହା ଆଦିବାସୀ ମହୋତ୍ସବ ଏବଂ ପରବର୍ତ୍ତୀ ସମୟରେ ବିଭୂତି ଭୂଷଣ ବେହେରା ଉପଜିଲାପାଳ ଥିବା ସମୟରେ ଏହା ଗୁଦଗୁଦା ମହୋତ୍ସବ ନାମରେ ନାମିତ ହୋଇଥିବା କହିଥିଲେ। ଏହି ଅବସରରେ ବର୍ଷିୟାନ କଳାକାର ପର୍ଶୁରାମ ମିଶ୍ର, ସଙ୍ଗୀତଜ୍ଞ ତଥା ନାଟ୍ୟକାର ଅତୁଲ୍ୟ ମହାକୁଡ, ପୂର୍ବତନ ଉପଜିଲାପାଳ ବଟକୃଷ୍ଣ ଦେହୁରୀ ଓ ବିଭୂତି ଭୂଷଣ ବେହେରା ଏବଂ ବାମରା ବ୍ଲକ କିନାବଗା ପଞ୍ଚାୟତର ବନସୁରକ୍ଷା ସମିତିକୁ ତାଙ୍କ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ମଳୟ ବେହେରା ସଭା ପରିଚାଳନା କରିଥିବା ବେଳେ ମହୋତ୍ସବର ସଂଯୋଜକ ସୁରଥ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ ମଞ୍ଚକୁ ଦୁର୍ଗାଦାସୀ ନାଥ ଶର୍ମା ଓ ମାନସ ରଞ୍ଜନ ମିଶ୍ର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଆସିଷ୍ଟାଣ୍ଟ କଲେକ୍ଟର ଲୋଚନ ଶବର, କୁଚିଣ୍ଡା ବିଡିଓ ଜୟନ୍ତ ସାହୁ, ବାମରା ବିଡିଓ ପୁଷ୍ପକ ପ୍ରଧାନ, ଜମନକିରା ବିଡିଓ ରବିନ୍ଦ୍ର କୁମାର ସେଠୀ, କୁଚିଣ୍ଡା ତହସିଲଦାର ମିତାଲି ମଧୁମିତା ଦଳେଇ, ବାମରା ତହସିଲଦାର ଦିଲିପ ପ୍ରଧାନ, ଜମନକିରା ତହସିଲଦାର ପ୍ରବୀଣା ବିଲୁଙ୍ଗ, ଡେପୁଟି କଲେକ୍ଟର ସରିତା ଓରାମ, ଆସିଷ୍ଟାଣ୍ଟ କଲେକ୍ଟର ରମେଶ ଚନ୍ଦ୍ର ସାହୁ, ସାଗର ପ୍ରସାଦ ପ୍ରଧାନଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ସହଯୋଗ କରିଥିଲେ।

# ଜିଲା ପୋଲିସ ସ୍ତରରେ ଅଦଳବଦଳ

ବୌଦ୍ଧ,୯।୪(ଅଜିତ କୁମାର ବାରିକ)

ବୌଦ୍ଧରେ ରାହୁଲ ଗୋଏଲ ଆରକ୍ଷୀ ଅଧିକ୍ଷକ ଭାବରେ ଯୋଗଦେବାପରେ ପୋଲିସ ପ୍ରଶାସନିକ ବ୍ୟବସ୍ଥାକୁ ସଜାଡ଼ିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ବିଶେଷ ଭାବରେ ଗଞ୍ଜେଇ କାରବାରରେ ପୋଲିସ କର୍ମଚାରୀଙ୍କ ସଂପୃକ୍ତିକୁ ନେଇ ସାଧାରଣରେ ପୋଲିସର ଭାବମୂର୍ତ୍ତି ପ୍ରଭାବିତ ହୋଇଥିବାବେଳେ ଆରକ୍ଷୀ ଅଧିକ୍ଷକ ଗୋଏଲ ଗତ ପୋଲିସ ପ୍ରତିଷ୍ଠା ଦିବସରେ ଏନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଏଥିପାଇଁ ଆରକ୍ଷୀ ଅଧିକ୍ଷକ ଗୋଏଲ ଜିଲାରେ ପୋଲିସ ସେବାକୁ ସୁଦୃଢ କରିବା ଲକ୍ଷରେ ଜିଲାରେ ପୋଲିସ ସ୍ତରରେ ଅଦଳ ବଦଳ କରିଛନ୍ତି। ସୂଚନା ମୁତାବକ, ପୁରୁଣାକଟକ ଥାନାଧିକାରୀ ଶାରଦା ପ୍ରସନ୍ନ ଦାଶଙ୍କୁ ବାଉଁଶୁଣୀ ଥାନାଧିକାରୀ ଭାବରେ ବଦଳି କରାଯାଇଥିବାବେଳେ ଜିଲା ପୋଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଅରୁଣ କୁମାର ସିଂହଙ୍କୁ ପୁରୁଣାକଟକ ଥାନାଧିକାରୀ ଭାବରେ ବଦଳି କରାଯାଇଛି। ସେହିପରି ଘଣ୍ଟାପଡ଼ା ଥାନା ସବଇନସପେକ୍ଟର ନରସିଂହ ମହାପାତ୍ରଙ୍କୁ ବୌଦ୍ଧ ଆଦର୍ଶଥାନା, ବୌଦ୍ଧ ଆଦର୍ଶଥାନା ସବଇନିସପେକ୍ଟର ରିଙ୍କି ପାତ୍ରଙ୍କୁ ମନମୁଣ୍ଡା ଥାନା, ବାଉଁଶୁଣୀ ଥାନା ସବଇନିସପେକ୍ଟର ଚନ୍ଦନ ଜେନାଙ୍କୁ ଶଗଡ଼ା ଫାଣ୍ଡି, ଶଗଡା ଫାଣ୍ଡି ସବଇନିସପେକ୍ଟର ମାଧବ ଚନ୍ଦ୍ର ଟାକିରିଙ୍କୁ ଘଣ୍ଟାପଡା ଥାନା, ରିଜର୍ଭ ଅଫିସ ସବଇନିସପେକ୍ଟର ଶଶ୍ମିତା ମଗରଙ୍କୁ ପୁରୁଣାକଟକ ଥାନା, ମନମୁଣ୍ଡା ଥାନା ସବଇନିସପେକ୍ଟର ମନ୍ଦାକିନି କହଁରଙ୍କୁ କଣ୍ଟାମାଳ ଥାନା ଓ ରିଜର୍ଭ ଅଫିସ ଇନିସପେକ୍ଟର ଧମାଲ ଶିବରାମଙ୍କୁ ବୌଦ୍ଧ ଥାନାକୁ ବହଳି କରାଯାଇଛି। ସେହିପରି ହରଭଙ୍ଗା ଥାନା ଏଏସ୍‌ଆଇ ଜିତେନ୍ଦ୍ର ମେହେରଙ୍କୁ ବୌଦ୍ଧ ଥାନା, ବଘିଆପଡ଼ା ଫାଣ୍ଡି ଏଏସ୍‌ଆଇ ପବିତ୍ର ସାମଲଙ୍କୁ ବୌଦ୍ଧ ଥାନା, ରଜର୍ଭ ଅଫିସ ଏଏସଆଇ ଯଂଯୁକ୍ତା ଦିଗାଲଙ୍କୁ ବୌଦ୍ଧ ଥାନା, ଆଡେଣୀଗଡ଼ା ଫାଣ୍ଡି ଏଏସ୍‌ଆଇ ବ୍ରହ୍ମାନନ୍ଦ ପ୍ରଧାନଙ୍କୁ ବଘିଆପଡ଼ା ଫାଣ୍ଡି, କଣ୍ଟାମାଳ କୋର୍ଟ ଏଏସ୍‌ଆଇ ପ୍ରାଣବନ୍ଧୁ ସାହୁଙ୍କୁ ଜହ୍ନାପଙ୍ଗ ଫାଣ୍ଡି, ବାଉଁଶୁଣୀ ଥାନା ଏଏସଆଇ ପୁଷ୍ପାଞ୍ଜଳି ମିଶ୍ରଙ୍କୁ ମନମୁଣ୍ଡା ଥାନା, ବୌଦ୍ଧ ଥାନା ଏଏସ୍‌ଆଇ ଧରଣୀଧର ମହାକୁଡ଼ଙ୍କୁ ମନମୁଣ୍ଡା ଥାନା, ମନମୁଣ୍ଡା ଥାନା ଏଏସଆଇ ଧନଞ୍ଜୟ ବେହେରାଙ୍କୁ ହରଭଙ୍ଗା ଥାନା, କଣ୍ଟାମାଳ ଥାନା ଏଏସଆଇ ସୁନିଲ କୁମାର ବେହେରାଙ୍କୁ ହରଭଙ୍ଗା ଥାନା, ମନମୁଣ୍ଡା ଥାନା ଏଏସ୍‌ଆଇ କୁମୁଦ ଚନ୍ଦ୍ର ଭୋଇଙ୍କୁ କଣ୍ଟାମାଳ ଥାନା, ହରଭଙ୍ଗା ଥାନା ଏଏସ୍‌ଆଇ ଅବନି ରଞ୍ଜନ ବେହେରାଙ୍କୁ ଘଣ୍ଟାପଡ଼ା ଥାନା, ଜହ୍ନାପଙ୍ଗ ଫାଣ୍ଡି ଏଏସ୍‌ଆଇ ପ୍ରଶାନ୍ତ କୁମାର ମଲିକଙ୍କୁ ଆଡେଣୀଗଡ଼ ଫାଣ୍ଡି, ରିଜର୍ଭ ବୌଦ୍ଧ ଏଏସ୍‌ଆଇ କୁମୁଦ ସେଠୀଙ୍କୁ କଣ୍ଟାମାଳ କୋର୍ଟ ଓ ରିଜର୍ଭ ଏଏସ୍‌ଆଇ ବୌଦ୍ଧ ଅଭୟ ପ୍ରଧାନଙ୍କୁ କଣ୍ଟାମାଳ ଥାନାଙ୍କୁ ବଦଳି କରାଯାଇଛି।

# ନେଗିପାଲି ଫରେଷ୍ଟ ନର୍ସରୀ ନିକଟରୁ ନବଜାତକ ଉଦ୍ଧାର

ଲୋଇସିଂହା,୯।୪(ସୁଶାନ୍ତ ବାରିକ)



ଶିଶୁ କନ୍ୟାକୁ ଲୋଇସିଂହା ଡାକ୍ତରଖାନାର ଜଣେ ଷ୍ଟାଫ ନର୍ସ ଆଇଆଇସିଙ୍କୁ ହସ୍ତାନ୍ତର କରିଛନ୍ତି।

**ଅଲୋଡ଼ା ହେଲା ଶିଶୁ କନ୍ୟା**

ପୁଣି ଶିଶୁ କନ୍ୟା ଆଲୋଡା । ବୁଧବାର ସକାଳେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ରୁଗୁଡିଖୋଲ-ବେନ୍ଦ୍ରା ରାସ୍ତାର ନେଗିପାଲିସ୍ଥିତ ଫରେଷ୍ଟ ନର୍ସରୀ ନିକଟ ଆମ୍ବଗଛ ତଳୁ ଏକ ସଦ୍ୟ ନବଜାତ ଶିଶକନ୍ୟାକୁ ଉଦ୍ଧାର କରାଯାଇଛି। ଉଦ୍ଧାର ଶିଶୁ କନ୍ୟାକୁ ପ୍ରଥମେ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା । ପରେ ଲୋଇସିଂହା ଆଇଆଇସି ଯାଜ୍ଞସିନୀ ନାଏକ ଡାକ୍ତରଖାନା ଆସି ସମ୍ପୃକ୍ତ ଶିଶୁ କନ୍ୟାକୁ ଉଚ୍ଚତର ଚିକିତ୍ସା ପାଇଁ ବଲାଙ୍ଗୀର ଭୀମ ଭୋଇ ମେଡିକାଲକୁ ନେଇଯାଇଥିଲେ । ଏହାଛଡା ଉଦ୍ଧାର ଶିଶୁ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟକୁ ଅବଗତ କରିଥିଲେ। ସିଡବ୍ଲୁସି ସଦସ୍ୟ ଏସ.ଲତାଶ୍ରୀଙ୍କ ସୂଚନା ଅନୁଯାୟୀ, ନବଜାତକ ଦୁର୍ବଳ ଥିବାରୁ ତାକୁ ମେଡିକାଲ ଶିଶୁ ବିଭାଗର ଏସ୍‌ଏନସିୟୁରେ ଭର୍ତ୍ତି କରାଯାଇଛି। ଏବେ ଶିଶୁ ସୁସ୍ଥ ରହିଛି। ଉଦ୍ଧାର ଶିଶୁ ସମ୍ପର୍କରେ ତଦନ୍ତ କରିବା ପାଇଁ ଲୋଇସିଂହା ପୋଲିସକୁ ଚିଠି କରାଯାଇଥିବା ସେ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ସକାଳ ପ୍ରାୟ ସାଢେ ୮ଟା ସମୟରେ ଲୋଇସିଂହାର ଦାରା ସିଂ ମେହେର ନାମକ ଜଣେ ଦୋକାନୀ ବକଟି ଅଞ୍ଚଳକୁ ଗାଡି ସିଟ କଭର କାମ କରିବା ପାଇଁ ଯାଉଥିଲେ । ହେଲେ ଯିବାବେଳେ ବାଟରେ ନେଗିପାଲି ଫରେଷ୍ଟ ନର୍ସରୀ ନିକଟରେ ଏକ ନବଜାତ ଶିଶୁର କ୍ରନ୍ଦନ ଶୁଣିବାକୁ ପାଇଥିଲେ। ଫଳରେ ସେ ରହିଯାଇ ଘଟଣାସ୍ଥଳକୁ ଯିବାରୁ ଏକ ଶିଶୁ କନ୍ୟା ଶାଡିରେ ଗୁଡ଼ା ହୋଇ ପଡିଥିବା ଦେଖିବାକୁ ପାଇଥିଲେ। ତାର ଦେହକୁ ପିମ୍ପୁଡି କାମୁଡି କ୍ଷତାକ୍ତ କରି ଦେଇଥିଲା। ଏହାଦେଖି ଦାରାସିଂ ନେଗିପାଲି ଗ୍ରାମର ସମ୍ପର୍କୀୟ କାକା ଶତ୍ରୁଘ୍ନ ମହାକୁରଙ୍କୁ ଏନେଇ ସୂଚନା ଦେଇଥିଲେ। ସେ ଆସିବା ପରେ ପୋଲିସ ପରାମର୍ଶ କ୍ରମେ ଉଭୟ ଶିଶକନ୍ୟାକୁ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତରଖାନାରେ ଶିଶୁ ବିଶେଷଜ୍ଞ ଡା. ଅରବିନ୍ଦ କାଲସାଏ ଶିଶୁ କନ୍ୟାର ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ। ଉଦ୍ଧାର ଶିଶୁ କନ୍ୟା ଅବୈଧ ପ୍ରେମ ସମ୍ପର୍କରୁ ଜାତ ନା କେହି ଦମ୍ପତି କନ୍ୟା ଜନ୍ମ ହେବାରୁ ଆଲୋଡା ଭାବି ପିଙ୍ଗି ଦେଇଛନ୍ତି ତାର ତଦନ୍ତ କରାଯିବାକୁ ମତପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ୨୦୨୩ ଡିସେମ୍ବର ୫ ତାରିଖରେ ଲୋଇସିଂହା ଥାନା ଅନ୍ତର୍ଗତ ଗାଇଖାଇ ଜଙ୍ଗଲର ୨୬ ନଂ ଜାତୀୟ ରାଜପଥ କଡରୁ ଏକ ଶିଶୁ କନ୍ୟା ଉଦ୍ଧାର ହୋଇଥିଲା । ବଲାଙ୍ଗୀର ସହରର ଏକ ନିସନ୍ତାନ ଦମ୍ପତି ତାକୁ ପାଇଥିଲେ । ସେତେବେଳେ ଘଟଣାର ୪ ଦିନ ପରେ ଏହା ପ୍ରଘଟ ହୋଇଥିଲା ।

# ବୁଢ଼ାମାଳରୁ ପୁରୀ ଗଲା ୧୯ଖଣ୍ଡ ରଥକାଠ





ପୁରୀ ଅଭିମୁଖେ ବାହାରିଥିବା ରଥକାଠ।

ପଦ୍ମପୁର,୯।୪(ପ୍ରଦୀପ୍ତ ଦାଶ)

ଆସନ୍ତା ରଥ ଯାତ୍ରା ପାଇଁ ପଦ୍ମପୁର ବୁଢ଼ାମାଳରୁ ୧୯ ଖଣ୍ଡ ରଥ କାଠକୁ ବୁଧବାର ପୁରୀ ପଠାଯାଇଛି। ବରଗଡ ବନଖଣ୍ଡ ଅନ୍ତର୍ଗତ ପଦ୍ମପୁର ବନାଞ୍ଚଳର ବୁଢ଼ାମାଳରେ ୧୪ଟି ଫାସୀ ଗଛ ରଥ ନିର୍ମାଣ ପାଇଁ ଚିହ୍ନଟ ହୋଇଥିଲା। ୩ ଦିନ ତଳେ ଏହି ଗଛଗୁଡିକୁ ୧୯ ଖଣ୍ଡ କାଠ କଟାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନ ୫ଟାରେ ତାଲପାଲି ଗାଇସିଲେଟ ଦେଇ ଏହି ରଥ କାଠ ଗାଡ଼ି ପୁରୀ ଅଭିମୁଖେ ବାହାରିଥିଲା। ବରଗଡ ବନଖଣ୍ଡ ଅଧିକାରୀ ବିକ୍ରମ ଦେବ ପଟ୍ଟନାୟକ ,ଏସିଏଫ୍ ରାଜେନ୍ଦ୍ର କୁମାର ଭୋଇ,ପଦ୍ମପୁର ରେଞ୍ଜର ସୁଦାମ ଜଗଦଲା ଓ ବନ ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଯୁକ୍ତଙ୍କୁ ୧ ବର୍ଷ କାରାଦଣ୍ଡାଦେଶ

ଦେବଗଡ଼,୯।୪(ଶଶାଙ୍କ ଶେଖର ଝାଙ୍କର)

**ଚାକିରି ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ଠକେଇ ମାମଲା**

ଚାକିରି ପ୍ରଲୋଭନ ଦେଖାଇ ଜଣେ ଯୁବକଙ୍କଠାରୁ ୩ ଲକ୍ଷ ୫୦ ହଜାର ଟଙ୍କା ଠକେଇ ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଦେବଗଡ ଏସ୍‌ଡିଜେଏମ୍ ଧନଞ୍ଜୟ ନାୟକ ଏହି ମାମଲାର ବିଚାର କରି ୧୩ଜଣ ସାକ୍ଷୀଙ୍କ ବୟାନ ଓ ଉଭୟ ପକ୍ଷ ଓକିଲଙ୍କ ଜବାବ ସୁଆଲକୁ ଭିତ୍ତି କରି ସୌମ୍ୟଜିତ ଶତପଥିଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଏକବର୍ଷ କାରାଦଣ୍ଡାଦେଶରେ ଦଣ୍ଡିତ କରିବା ସହ ୨ ହଜାର ଟଙ୍କା ଜରିମାନ ଦଣ୍ଡିତ କରିଛନ୍ତି।

ଜରିମାନା ଅନାଦେୟ ଅଧିକ ଏକ ମାସ କାରାଦଣ୍ଡାରେ ଦଣ୍ଡିତ କରିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଦେବଗଡ଼ ପୌରାଞ୍ଚଳ ପୁରୁଣାଗଡର ସୌମ୍ୟଜିତ ୨୦୨୦ରେ ରିଆମାଳ ଥାନାଞ୍ଚଳର ମୁଣ୍ଡଗୋହୀରାର ଡୋଳେଶ୍ୱର ବଣିତ୍ରୂଳଙ୍କ ସହିତ ବନ୍ଧୁତା ସ୍ଥାପନ କରିଥିଲେ। ଡୋଳେଶ୍ୱର କୌଣସି କାମଧନ୍ଦା କରୁ ନ ଥିବାରୁ ହୀରାକୁଦ ଡ୍ୟାମ ପ୍ରୋଜେକ୍ଟରେ ଚାକିରି କରାଇଦେବାକୁ କହି ସୌମ୍ୟଜିତ ୩ ଲକ୍ଷ ୫୦ ହଜାର ଟଙ୍କା ମାଗିଥିଲେ। ଡୋଳେଶ୍ୱର ଚାକିରି ଲୋଭରେ ସୌମ୍ୟଜିତଙ୍କ ବ୍ୟାଙ୍କ ଆକାଉଣ୍ଟରେ ବିଭିନ୍ନ ପର୍ଯ୍ୟାୟରେ ୩ ଲକ୍ଷ ଟଙ୍କା ଜମା କରିବା ସହିତ ନଗଦ ୫୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହାପରେ ସୌମ୍ୟଜିତ ହ୍ୱାଟ୍ସଅପ୍ ଯୋଗେ ଡୋଳେଶ୍ୱରଙ୍କୁ ଏକ ନକଲି ନିଯୁକ୍ତି ପତ୍ର ପ୍ରଦାନ କରିବା ସହ ଡାକ ଯୋଗେ ନିଯୁକ୍ତି ପତ୍ର ଆସିବ ବୋଲି କହିଥିଲେ। ଦୀର୍ଘଦିନ ପରେ ମଧ ଡୋଳେଶ୍ୱରଙ୍କ ନିକଟକୁ କୌଣସି ନିଯୁକ୍ତି ପତ୍ର ନ ଆସିବାରୁ ସେ ସୌମ୍ୟଜିତଙ୍କୁ ଯୋଗାଯୋଗ କରିଥିଲେ। ସୌମ୍ୟଜିତ ବିଭିନ୍ନ ଆଳ ଦେଖାଇ ସମୟ ଗଡାଇ ଚାଲିଥିଲେ। ସମସ୍ତ ଟଙ୍କା ଫେରସ୍ତ କରିବାକୁ ପ୍ରତିଶ୍ରୁତି ଦେବା ସହ ଏକଥା କାହାରିକୁ ନ ଜଣାଇବା ପାଇଁ ସୌମ୍ୟଜିତ ଡୋଳେଶ୍ୱରଙ୍କୁ ଧମକ ଦେଇଥିଲେ। ଦୀର୍ଘଦିନ ପର୍ଯ୍ୟନ୍ତ ଟଙ୍କା ଫେରସ୍ତ ନ ପାଇବାରୁ ଡୋଳେଶ୍ୱର ବାଧ୍ୟ ହୋଇ ୨୦୨୩ ସେପ୍ଟେମ୍ବର ୮ରେ ଦେବଗଡ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଦେବଗଡ ଥାନା ପୋଲିସ ସୌମୀଜିତଙ୍କ ବିରୋଧରେ ଏକ ମାମଲା ରୁଜୁକରି ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲା। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ଆସିଷ୍ଟାଣ୍ଟ ପବ୍ଲିକ ପ୍ରସିକ୍ୟୁଟର ଉଷା ମାଝି ଓ ଶୈଳେନ୍ଦ୍ର କୁମାର ସାହୁ ମକଦ୍ଦମା ପରିଚାଳନା କରିଥିଲେ।

# ମୋ ବ୍ୟାଙ୍କ ଜମାକାରୀଙ୍କ ଟଙ୍କା ହଡ଼ପ ଅଭିଯୋଗ

କୁଚିଣ୍ଡା,୯।୪(ବିରଞ୍ଚି ଦର୍ଶୀ)



ମହୁଲପାଲି ଥାନାକୁ ଫେରାଦ ହେବାକୁ ଆସିବା ପୂର୍ବରୁ ପାନପୋଷ ଛକରେ ଜମାକାରୀମାନେ।

**ମହୁଲପାଲି ଥାନାର ଦ୍ୱାରସ୍ଥ ହେଲେ ଜମାକାରୀ**

ଘରପାଖରେ ବ୍ୟାଙ୍କ ସେବା ଯୋଗାଇଦେବାକୁ ସରକାର ପ୍ରତି ପଞ୍ଚାୟତରେ ମୋ ବ୍ୟାଙ୍କ(ସହଜସେବା କେନ୍ଦ୍ର) ଖୋଲିଛନ୍ତି। ଲୋକେ ଏହାରି ଉପରେ ଭରସା କରି ନିଜର କଷ୍ଟ ଉପାର୍ଜିତ ଅର୍ଥକୁ ଗଚ୍ଛିତ ରଖିଥିଲେ। ହେଲେ ସମସ୍ତ ଭରସା ଓ ବିଶ୍ୱାସକୁ ଫୁ କରି ଜମାକାରୀଙ୍କ ଲକ୍ଷଲକ୍ଷ ଟଙ୍କାକୁ ହଡପ କରି ନେଇଛନ୍ତି ଗ୍ରାହକ ସେବାକେନ୍ଦ୍ର ପରିଚାଳକ। ଏଭଳି ଘଟଣା ଘଟିଛି ସମ୍ବଲପୁର ଜିଲା ବାମରା ବ୍ଲକ କବରିବାହାଲ ପଞ୍ଚାୟତରେ। କେଶାଇବାହାଲ ଷ୍ଟେଟବ୍ୟାଙ୍କ ଶାଖା ନିୟନ୍ତ୍ରଣରେ କବରିବାହାଲ ପଞ୍ଚାୟତ ପରିସରରେ ଖୋଲାଯାଇଥିବା ଏହି ସହଜସେବା କେନ୍ଦ୍ରର ପରିଚାଳକ ସତ୍ୟନାରାୟଣ ପୃଷେଠ ଲୋକଙ୍କ ଗଚ୍ଛିତ ଥିବା ଟଙ୍କାକୁ ବିଭିନ୍ନ ଫନ୍ଦି ଫିକର କରି ଆତ୍ମସାତ କରିଥିବା ବୁଧବାର ୫୪ଜଣ ଜମାକାରୀ ତାଙ୍କ ବିରୋଧରେ ମହୁଲପାଲି ଥାନାରେ ଏତଲା ଦେଇଛନ୍ତି। ବିଭିନ୍ନ ପଞ୍ଚାୟତର ଏଭଳି ଶହଶହ ଲୋକଙ୍କ ଜମା ଟଙ୍କା ପୃଷେଠ ଫେରସ୍ତ କରୁ ନ ଥିବା ଏତଲାରେ ଉଲ୍ଲେଖ କରାଯାଇଛି। ମୋ ବ୍ୟାଙ୍କ ସେବା କେନ୍ଦ୍ର ପରିଚାଳକ ପ୍ରାୟ ୨ବର୍ଷ ଧରି ଟଙ୍କା ଜମା ପାଇଁ ଆସୁଥିବା ବ୍ୟକ୍ତିଙ୍କ ଜମାଖାତାରେ କଲମରେ ଲେଖି ଉକ୍ତ ଟଙ୍କାକୁ ଜମା କରୁ ନ ଥିଲେ। ଟଙ୍କା ଉଠାଣ ସମୟରେ ଲୋକଙ୍କ ଫିଙ୍ଗର ପ୍ରିଣ୍ଟ ନେଇ ଆଜି ଲିଙ୍କ ନାହିଁ ପରେ ଆସିବାକୁ କହୁଥିଲେ। ହେଲେ ଅଧିକାଂଶ ମହିଳା ଜମାକାରୀ ସୁଭଦ୍ରା ଟଙ୍କା ପାଇଁ କେଶାଇବାହାଲ ଷ୍ଟେଟବ୍ୟାଙ୍କକୁ ଯାଇ ପାସ୍‌ବହି ଅପଡେଟ କଲା ସମୟରେ ଏଭଳି ଟଙ୍କା ଉଠାଇ ନିଆଯାଇଥିବା ଜାଣିବାକୁ ପାଇଥିଲେ। ଆଉ କେତେକ ଜମାକାରୀ ସେମାଙ୍କେ ଆବାସ ଯୋଜନା ଘର ଟଙ୍କା ଉଠାଇବାକୁ ଗଲା ବେଳେ ଏଭଳି ଚଞ୍ଚକତା ହୋଇଥିବା ଜାଣି ପାରିଥିଲେ। ଘଟଣା ସମ୍ପର୍କରେ ପରିଚାଳକ ପୃଷେଠଙ୍କୁ ଲୋକେ ପଚାରିବାରେ ଜମାଟଙ୍କା ଶୀଘ୍ର ଫେରାଇ ଦେବାକୁ କହି ସମୟ ଗଡାଇ ଚାଲିଥିଲେ। ବିଭିନ୍ନ ଗ୍ରାମର ପ୍ରାୟ ୨ରୁ ୩ଶହ ଲୋକଙ୍କ ଜମା ଟଙ୍କାକୁ ସେ ହଡପ କରି ନେଇଥିବା ଜମାକାରୀ ପାନପୋଷ ଗ୍ରାମର ୱାର୍ଡ ସଭ୍ୟ ପ୍ରଫୁଲ୍ଲ ଧାନ କହିଛନ୍ତି। ୨ହଜାର ଟଙ୍କାରୁ ଆରମ୍ଭ କରି ୧ଲକ୍ଷ ୭୧ହଜାର ଟଙ୍କା ପର୍ଯ୍ୟନ୍ତ ଲୋକେ ନିଜର ଜମା ଅର୍ଥକୁ ହରାଇଛନ୍ତି। ବନ୍ଧକାନୀ ଗ୍ରାମର ଦଶମୀ ମୁଣ୍ଡାଙ୍କ ୧ଲକ୍ଷ ୭୧ହଜାର, ପାନପୋଷର ଉପାସୀ ମାଝିଙ୍କ ସର୍ବାଧିକ ୧ଲକ୍ଷ ୧୦ହଜାର, ଭିକାପାଲି ଗ୍ରାମର କିର୍ସିମାନି ମୁଣ୍ଡାଙ୍କ ୭୦ହଜାର, ଝଗଡାତିରିଆ ଗ୍ରାମର ଚନ୍ଦ୍ରାବତୀ କିଷାନଙ୍କ ୮୦ହଜାର, କବରିବାହାଲର ନୀଳାବତୀ ପିଙ୍ଗଙ୍କ ୭୦ହଜାର ଏଭଳି ପ୍ରାୟ ୧କୋଟିରୁ ଉର୍ଦ୍ଧ୍ୱ ଟଙ୍କାକୁ ହଡ଼ପ ହୋଇଥିବା ଲୋକେ ଥାନାରେ ରିପୋର୍ଟ କରିଛନ୍ତି।

ଗତ ଫେବୃୟାରୀ ୨୪ରେ ପାନପୋଷ ଗ୍ରାମର ଜମାକାରୀ ଉପାସୀ ମାଝି ଏନେଇ ମହୁଲପାଲି ଥାନାରେ ଲିଖିତ ରିପୋର୍ଟ କରିଥିଲେ।ପୋଲିସ ସତ୍ୟନାରାୟଣ ପୃଷେଠଙ୍କୁ ଥାନାକୁ ଡାକି ତଦନ୍ତ କରିବା ସମୟରେ ସେ ମାର୍ଚ୍ଚ ଶେଷ ସୁଦ୍ଧା ଟଙ୍କା ଫେରାଇ ଦେବାକୁ ଥାନାରେ ଚୁକ୍ତିନାମା କରିଥିଲେ। ମାତ୍ର ଅଦ୍ୟାବଧି ସେ ଟଙ୍କା ଫେରସ୍ତ କରି ନ ଥିବା ଉପାସୀ ପୁଣିଥରେ ମହୁଲପାଲି ଥାନାରେ ରିପୋର୍ଟ କରିଛନ୍ତି। ଘଟଣା ସମ୍ପର୍କରେ ମୋ ବ୍ୟାଙ୍କ ଶାଖା ପରିଚାଳକ ସତ୍ୟନାରାୟଣ ପୃଷେଠଙ୍କୁ ତାଙ୍କ ମୋବାଇଲ ନଂ. ୯୯୩୮୩୬୩୩୯୦ରେ ଯୋଗାଯୋଗ କରାଯାଇଥିଲା। ହେଲେ ସୁଇଚ ଅଫ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଏ ସମ୍ପର୍କରେ ମହୁଲପାଲି ଥାନା ଅଧିକାରୀ ସୁମିତ ଫିରୋଜ ଏକ୍କାଙ୍କୁ ପଚାରିବାରେ ଗୁରୁବାର କେଶାଇବାହାଲ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ଡକାଯାଇଛି। ଏହାପରେ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।



ଅହମଦାବାଦର ସାବରମତି ରିଭର ଫ୍ରଣ୍ଟ ଇଭେଣ୍ଟ ସେଣ୍ଟରରେ ବୁଧବାର ଏଆଇସିସି ପକ୍ଷରୁ ଅନୁଷ୍ଠିତ ଅଧିବେଶନରେ କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ଲୋକ ସଭା ବିରୋଧ ଦଳ ନେତା ରାହୁଲ ଗାନ୍ଧୀ ଓ ଦଳୀୟ ନେତୃବୃନ୍ଦ।

# ବିଜେଡି: ବୈଠକ ପରେ ବୈଠକ

ଭୁବନେଶ୍ୱର,୯।୪(ରବିନାରାୟଣ ଜେନା)

ସଂସଦର ଉଭୟ ସଦନରେ ୱାକ୍‌ଫ ବିଲ୍ ପାରିତ ହୋଇ ବିଜ୍ଞପ୍ତି ହୋଇସାରିଲାଣି। ହେଲେ ରାଜ୍ୟ ସଭାରେ ବିଜେଡିର ବିବେକାନୁମୋଦିତ ମତଦାନ ପ୍ରସଙ୍ଗକୁ ନେଇ ସୃଷ୍ଟି ହୋଇଥିବା ଝଡ଼ ଥମିବାର ନାଁ ଧରୁନାହିଁ। ଗତ ୪ ଦିନ ଧରି ବିଜେଡିର ରାଜ୍ୟ ସଭା ସଦସ୍ୟ, କେତେଜଣ ବରିଷ୍ଠ ଓ କନିଷ୍ଠ ନେତାଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଲାଗିରହିଛି। ଆଉ ଏହାକୁ ନେଇ କେତେବେଳେ ହୋଟେଲରେ ବରିଷ୍ଠ ନେତାଙ୍କ ବୈଠକ ବସୁଛି ତ ଆଉ କେତେବେଳେ ବିଧାୟକଙ୍କ ଘରେ ମେଳି ହେଉଛି। ବିଜେଡିରେ ଏଭଳି ସ୍ଥିତିକୁ ନେଇ ତୃଣମୂଳସ୍ତରରୁ ଆରମ୍ଭକରି ଶୀର୍ଷସ୍ତର ପର୍ଯ୍ୟନ୍ତ ସମସ୍ତଙ୍କ ମନରେ ଏକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବୁଧବାର ପଟିଆସ୍ଥିତ ଏକ ଘରୋଇ ହୋଟେଲରେ ବିଜେଡି ନେତାଙ୍କ ରୁଦ୍ଧଦ୍ୱାର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ନେତା ଶଶିଭୂଷଣ ବେହେରା, ଅଶୋକ ଚନ୍ଦ୍ର ପଣ୍ଡା, ଚନ୍ଦ୍ରସାରଥି ବେହେରା, ନୃସିଂହ ସାହୁ, ଭୂପିନ୍ଦର ସିଂ, ପ୍ରଭାତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ପରେ ଶଶିଭୂଷଣ କହିଛନ୍ତି, ବିଜେଡି ଏକ ଶୃଙ୍ଖଳିତ ଦଳ। ଆମର ନେତା ନବୀନ ପଟ୍ଟନାୟକ। ଯଦି ବାହ୍ୟଶକ୍ତି ଦଳକୁ ଦୁର୍ବଳ କରିବାକୁ ଚେଷ୍ଟାକରନ୍ତି, ସୁପ୍ରିମୋ ଏହାକୁ ବରଦାସ୍ତ କରିବେ ନାହିଁ। ସେ ଆହୁରି କହିଛନ୍ତି, ବିଜେଡି ଏକ ବୃହତ୍ ଆଞ୍ଚଳିକ ଦଳ। ରାଜ୍ୟରେ ଦୀର୍ଘବର୍ଷ ଧରି ଲୋକଙ୍କ ଆସ୍ଥା ଓ ବିଶ୍ୱାସ ଜିଣିଆସିଛି। କୌଣସି ପରିସ୍ଥିତିରେ ବିଜେଡି ପ୍ରତି ଆଞ୍ଚ ଆଣିବାକୁ ଦିଆଯିବନାହିଁ। ନବୀନଙ୍କ ଉପରକୁ ଯିଏ ଆକ୍ଷେପ କରିବ ତାକୁ ଛଡ଼ାଯିବ ନାହିଁ। ଯେଉଁମାନେ ସମସ୍ୟା ସୃଷ୍ଟି କରୁଛନ୍ତି ସେମାନଙ୍କୁ ବାହାର ରାସ୍ତା ଦେଖାଇ ଦିଆଯିବ ବୋଲି ଶଶୀ କହିଛନ୍ତି।

ସେହିପରି ବିଧାୟକ ପ୍ରତାପ ଦେବଙ୍କ ସରକାରୀ ବାସଭବନରେ ବୁଧବାର ମଧ୍ୟାହ୍ନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ବରିଷ୍ଠ ନେତା ଅରୁଣ ସାହୁ କହିଛନ୍ତି, ବିଜେଡି କିଭଳି ଅଧିକ ଶକ୍ତିଶାଳୀ ହେବ ସେନେଇ ଆଲୋଚନା ଚାଲିଛି। ଯେଉଁମାନେ ଦଳରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି ସେମାନଙ୍କ ସମ୍ପର୍କରେ ଦଳର ସୁପ୍ରିମୋଙ୍କୁ ଅବଗତ କରାଯିବ। ଆଗକୁ ଦଳ ଅଧିକ ଶକ୍ତିଶାଳୀ ହେବ ବୋଲି ଅରୁଣ କହିଛନ୍ତି।

ଏହି ପରିପ୍ରେକ୍ଷୀରେ ବୁଧବାର ପୂର୍ବତନ ବିଧାୟକ ଚନ୍ଦ୍ରସାରଥି ବେହେରା, ଦେବୀରଞ୍ଜନ ତ୍ରିପାଠୀ, ପ୍ରଣବ ବଳବନ୍ତରାୟ, ଅଂଶୁମାନ ମହାନ୍ତି, ସମ୍ବିତ୍ ରାଉତରାୟ, ରୁଦ୍ରପ୍ରତାପ ମହାରଥୀ ଓ ବିଷ୍ଣୁବ୍ରତ ରାଉତରାୟ ପ୍ରମୁଖ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଏକ ଚିଠି ଦେଇଛନ୍ତି। ସେଥିରେ ଦଳର ନୀତି ଆଦର୍ଶକୁ କେଉଁମାନେ, କାହିଁକି ଏବଂ କେଉଁ କାରଣରୁ ବିଚ୍ୟୁତ୍ କଲେ ତାହାର ସମୀକ୍ଷାପୂର୍ବକ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ତେବେ ବିଜେଡି ନେତାଙ୍କ ବୈଠକ ପରେ ବୈଠକକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି।

ଏହି ପ୍ରସଙ୍ଗରେ ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ବିଜେଡିରେ ଯେଉଁ ବିଶୃଙ୍ଖଳା ଦେଖାଦେଇଛି ତାହା କେବଳ କ୍ଷମତା ପାଇଁ। କ୍ଷମତା ଥିବା ପର୍ଯ୍ୟନ୍ତ ଦଳ ଶୃଙ୍ଖଳିତ ଥିଲା, ଏବେ କ୍ଷମତା ନାହିଁ ତେଣୁ ବାଡ଼ାପିଟା ଚାଲିଛି।

ସେହିପରି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ବିଜେଡି ଏବେ ବିଜୁଙ୍କ ଚିନ୍ତାଧାରାରୁ ବିଚ୍ୟୁତ ହୋଇସାରିଲାଣି। ଦଳରେ ନୀତି ଆଦର୍ଶ ବୋଲି କିଛି ନାହିଁ। ତେଣୁ ବିଶୃଙ୍ଖଳା ବଢ଼ିଚାଲିଛି। ଯେଉଁମାନେ ଦଳକୁ ପାଣ୍ଡିଆନଙ୍କ କବଳରୁ ରକ୍ଷା କରିବାକୁ ଚାହୁଁଛନ୍ତି ସେମାନେ ସ୍ୱର ଉଠାଉଛନ୍ତି।

## ଓଡ଼ିଆ ଅସ୍ମିତା ଯୋଗୁ ବିଜେଡି ନିର୍ବାଚନ ହାରିଲା: ଦେବାଶିଷ

କଟକ,୯।୪(ଶିଳ୍ପା ପ୍ରିୟଦର୍ଶିନୀ)

ୱକଫ୍ ବିଲ୍‌ରେ ବିଜେଡିର ଭୋଟିଂ ପରେ ଶଙ୍ଖ ଦଳରେ ଏବେ ପୂରା ଗୋଳମାଳିଆ ସ୍ଥିତି ଦେଖାଦେଇଛି। ବୁଧବାର ବିଜେଡିର ଯୁବ ଓ ବରିଷ୍ଠ ନେତାମାନେ ଭିନ୍ନ ଭିନ୍ନ ସ୍ଥାନରେ ବୈଠକ କରିଥିବା ନେଇ ଚର୍ଚ୍ଚା ହେଉଥିବାବେଳେ ଏହି ସମୟରେ ମୁହଁ ଖୋଲିଛନ୍ତି ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ। ସୋସିଆଲ ମିଡିଆ ଏକ୍ସ ପୋଷ୍ଟରେ ଦେବାଶିଷ ଉଲ୍ଲେଖ କରିଛନ୍ତି, ବିଜେଡିରେ ଯୋଗ ଦେଇଥିବା ନୂଆ ନେତାଙ୍କୁ ଦଳର ଇତିହାସ ବିଷୟରେ ଜଣାନାହିଁ। ଦଳ ପ୍ରତିଷ୍ଠା ହେବା ଦିନଠାରୁ ଲକ୍ଷାଧିକ କର୍ମୀ, ବରିଷ୍ଠ ନେତା ବହୁ ସଂଗ୍ରାମ କରି ଏକ ଆଞ୍ଚଳିକ ଦଳକୁ ଜାତୀୟ ସ୍ତରରେ ପହଞ୍ଚାଇପାରିଥିଲେ। ମାତ୍ର ଏବେର କେତେଜଣ ନେତା ନବୀନ ବାବୁଙ୍କ ଆଦର୍ଶ, ଧର୍ମନିରପେକ୍ଷତା ଏବଂ ଓଡ଼ିଶା ପ୍ରତି ପ୍ରତିବଦ୍ଧତା ସହ ଅପରିଚିତ। ସେମାନେ ଆଉ କାହା ଇସାରାରେ ପରିଚାଳିତ। ସ୍ୱାଭିମାନ ନ ଥିବା ସ୍ୱାର୍ଥବାଦୀଙ୍କ ସମ୍ପର୍କରେ ମାତ୍ର ଏତିକି କୁହାଯାଇପାରେ, ସେମାନେ ଦଳ, ଓଡ଼ିଶା କିମ୍ବା ନବୀନ ପଟ୍ଟନାୟକଙ୍କର ନୁହନ୍ତି। ଗତ ନିର୍ବାଚନରେ ବିଜେଡିର ପରାଜୟ ଓଡ଼ିଆ ଅସ୍ମିତା ପାଇଁ ହୋଇଥିଲା। ଆମେ ଜଗନ୍ନାଥ ଦେଶର ଲୋକ। ଆମ ଅସ୍ମିତା ରକ୍ଷା କରିବା ଆମର ମୂଳଲକ୍ଷ୍ୟ ବୋଲି ଦେବାଶିଷ ଉଲ୍ଲେଖ କରିଛନ୍ତି।

## ପଶ୍ଚିମବଙ୍ଗରେ ଲାଗୁ ହେବନାହିଁ ୱାକ୍‌ଫ ଆଇନ: ମମତା

କୋଲକାତା,୯।୪



ମମତା ବାନାର୍ଜୀ

ୱାକ୍‌ଫ ସଂଶୋଧିତ ଆଇନକୁ ନେଇ ମୁସଲମାନ ସମ୍ପ୍ରଦାୟ ଚିନ୍ତିତ ଥିବାରୁ ପଶ୍ଚିମବଙ୍ଗରେ ଏହାକୁ ଲାଗୁ ହେବାକୁ ଦିଆଯିବ ନାହିଁ ବୋଲି ବୁଧବାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସଂଖ୍ୟାଲଘୁମାନଙ୍କୁ ଆଶ୍ୱାସନା ଦେଇଛନ୍ତି। ରାଜ୍ୟରେ ସଂଖ୍ୟାଲଘୁ ଓ ସେମାନଙ୍କ ସମ୍ପତ୍ତିକୁ ସୁରକ୍ଷା ଦିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। କୋଲକାତାରେ ଜୈନ ସମୁଦାୟର ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା କହିଛନ୍ତି, ପଶ୍ଚିମବଙ୍ଗରେ 'କୌଣସି ବିଭାଜନ ଓ ଶାସନ ନୀତି' ରହିବାକୁ ଦିଆଯିବ ନାହିଁ। ୱାକ୍‌ଫ ଆଇନ ପ୍ରଣୟନ ନେଇ ମୁସଲମାନମାନେ ଅସନ୍ତୁଷ୍ଟ ଥିବା ବିଷୟ ସେ ଜାଣିଛନ୍ତି। ବିଶ୍ୱାସ ରଖନ୍ତୁ, ରାଜ୍ୟରେ ଏପରି କିଛି ହେବାକୁ ଦିଆଯିବ ନାହିଁ। ସମସ୍ତେ ଏକଜୁଟ ହୋଇ ରୁହନ୍ତୁ ବୋଲି ମମତା ଆହ୍ୱାନ ଦେଇଛନ୍ତି। ୱାକ୍‌ଫ ସଂଶୋଧନ ବିଲ୍‌କୁ ନେଇ ମୁର୍ଶିଦାବାଦ ଜିଲାରେ ମଙ୍ଗଳବାର ଘଟିଥିବା ହିଂସାକାଣ୍ଡକୁ ନେଇ ମମତା ଆହୁରି କହିଛନ୍ତି, ବାଂଲାଦେଶ ସୀମାନ୍ତ ଅଞ୍ଚଳରେ ସ୍ଥିତିକୁ ଦେଖ। ଏହି ବିଲ୍ ବର୍ତ୍ତମାନ ପାରିତ ହେବାର ନ ଥିଲା। ପଶ୍ଚିମବଙ୍ଗରେ ୩୩% ସଂଖ୍ୟାଲଘୁ ରହିଛନ୍ତି। ସେମାନଙ୍କ ସହ ମୁଁ କ'ଣ କରିବି ବୋଲି ସେ ପ୍ରଶ୍ନ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ୱାକ୍‌ଫ ସଂଶୋଧନ ବିଧେୟକ ଲୋକ ସଭାରେ ଏପ୍ରିଲ ୩ ଓ ରାଜ୍ୟ ସଭାରେ ୪ ତାରିଖରେ ପାରିତ ହୋଇଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହା ଉପରେ ଏପ୍ରିଲ ୬ରେ ସ୍ୱାକ୍ଷର କରିଥିଲେ। ଉକ୍ତ ବିଧେୟକ ଆଇନରେ ପରିଣତ ହୋଇଥିବା ନେଇ ମଙ୍ଗଳବାର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

**STATE BANK OF INDIA**
**BANKI BRANCH(00222), At/PO.: Banki, Dist.: Cuttack, Pin-754008**

**MEMO REGISTERED A.D. POST**

To,
**Mr. Ranjan Rana,** S/o: Dusasan Rana, At: Nizigarh, PO: Tigiria, Dist: Cuttack-754030

**Ref No.: BR/STAFF/2024-25/16** **Date: 26.11.2024**

**Dear Sir,**

**UNAUTHORISED ABSENCE FROM DUTY**

Please refer to our **memo No.: BR/STAFF/2024-25/14, Dated 15.10.2024** calling upon you to report for duty. It is observed that you are continuing to be absent from duty since **24.06.2024**. The above position is highly irregular and in contravention of the rules governing your service in the Bank. You are therefore, hereby, advised to report for duty within 30 days of the date of this notice. If you fail to do so, you will be deemed to have voluntarily vacated your employment on the expiry of this notice, in which case you would also be liable to pay to the Bank one month's pay and allowances in lieu of the notice.

**Sd/- Chief Manager, Banki Branch**

# TAHASIL OFFICE, DARINGBADI DIST-KANDHAMAL

## LAND ACQUISITION OFFICER AND COMPETENTAUTHORITY DARINGBADI, DIST-KANDHAMAL

**PUBLIC NOTICE**

रजिस्ट्री सं. डी.एल.- 33004/99 REGD. No. D. L.-33004/99

भारत का राजपत्र
The Gazette of India

ଅସାଧାରଣ (EXTRAORDINARY)
ଭାଗ II–ଖଣ୍ଡ ୩ ଉପ ବିଭାଗ (II)
PART II- SECTION 3-SUB-SECTION(II)
ପ୍ରାଧିକର୍ତାଙ୍କ ଦ୍ୱାରା ପ୍ରକାଶିତ (PUBLISHED BY AUTHORITY)

ନୂଆଦିଲ୍ଲୀ, ଗୁରୁବାର, ମାର୍ଚ୍ଚ ୧୩, ୨୦୨୫ / ଫାଲଗୁନ 22, 1946
NEW DELHI, THURSDAY, 13TH MARCH, 2025 / FALGUNA 22, 1946

## MINISTRY OF ROAD TRANSPORT AND HIGHWAYS

**NOTIFICATION**

**New Delhi, the 13th March, 2025**

**S.O. 1193(E)**.— Whereas by the notification of the Government of India in the Ministry of Road Transport and Highways, **4609(E) Dated:22/10/2024** , published in the Gazette of India, Extraordinary, Part II, Section 3, Sub- section (ii) issued under sub-section (1) of section 3A of the National Highway Act, 1956 (48 of 1956) (hereinafter referred to as the said Act), Central Government, after being satisfied that for the public purpose, the land, the brief description of which is given in the Schedule below, is required for "Widening and strenthening of Daringibadi Ghat portion from km 229.500 to km 256.468 of NH-59" in the district of KANDHAMAL in the state of ODISHA, hereby declares its intention to acquire such land

And where as the substance of the said notification has been published in **"The Prameya"** and **"Dharitri"** both dated **09/11/2024**; under sub-section (3) of section 3A of the said Act;

And whereas the Competent Authority has received objections filed under Section 3-C, considered andsettled the same appropriately;

And whereas, in pursuance of sub-section (1) of section 3D of the said Act, the competent authority has submitted its report to the Central Government;

Now, therefore, upon receipt of the said report of the competent authority and in exercise of the powers conferred by the sub-section (1) of section 3D of the said Act, the Central Government hereby declares that the land specified in the said Schedule should be acquired for the aforesaid purpose;

And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said Schedule shall vest absolutely in the Central Government, free from all encumbrances.

| Name of village/ Town | Name of the Landowner/ interested person | Field Survey No. | Area of land in his share | Any structures/trees/ tube-well attached to the land | Name of the Bank & Branch in which he / she holds the Account | Particulars of the Bank Account No.______, IFSC Code of the Bank Branch |
|---|---|---|---|---|---|---|
| | | | | | | |

**Sd/- Tahasildar-cum-Land Acquisition Officer & Competent Authority, Daringbadi, Dist-Kandhamal**

## SCHEDULE

**Brief description of the land to be acquired, with or without structure, falling with in the NH59 in the stretch of land from Km. 229.500 to Km. 256.468 (Daringbadi) in the district of KANDHAMAL in the state of ODISHA**

**State: ODISHA** **District: KANDHAMAL**

| Sl. No. | Survey/Plot Number | Type of Land | Nature of Land | Area (in Hectares) | Name of Land Owner/Interested Person |
|---|---|---|---|---|---|
| 1 | 2 | 3 | 4 | 5 | 6 |
| **Taluk:Daringbadi** | | | | | |
| **Village:Subaranga** | | | | | |
| 1 | 200 | Private | Padara dui | 0.0817483 | Suryapati Parichha |
| 2 | 201 | Government (PARBAT) | abada ajagya anabadi | 0.186159 | Govt of Odisha |
| 3 | 201/234 | Government (abada jagya anabadi) | patita | 0.0356131 | Govt of Odisha |
| 4 | 202 | Government(Rakhita) | Nayanajori | 0.0627276 | Govt of Odisha |
| 5 | 203 | Government | Rasta | 0.1230271 | Govt of Odisha |
| 6 | 204 | Government | Nayanjori | 0.0886281 | Govt of Odisha |
| 7 | 205 | Government | Rasta | 0.1226224 | Govt of Odisha |
| 8 | 206 | Government(Rakhita) | Nayanjori | 0.0578713 | Govt of Odisha |
| 9 | 207 | Government(Parbat) | abada ajagya anabadi | 0.1922299 | Govt of Odisha |
| 10 | 222/229 | Government | Rasta | 0.1177661 | Govt.of Odisha |
| **Village: Malebadi** | | | | | |
| 11 | 385 | Government(Rakhita) | NayanJori | 0.048968 | Governmentof odisha |
| 12 | 386 | Government(rakhita) | rasta | 0.0853905 | Governmentof Odisha |
| 13 | 387 | Government(rakhita) | nayanjori | 0.0449211 | Governmentof Odisha |
| 14 | 388 | Government(abada jagyo anabadi) | forest | 0.116552 | Governmentof Odisha |
| **Village: Penapusi** | | | | | |
| 15 | 1 | Government(AABADA JOGYA ANABADI) | JANGAL | 0.169567 | Governmentof Odisha |
| 16 | 1/419 | Government | Nyanjori | 0.0720356 | Govt of Odisha |
| 17 | 13/426 | Government | JANGAL | 0.8648321 | Govt.of Odisha |
| 18 | 2 | Government(AABADA JOGYA ANABADI) | jangal | 0.25172 | Govt.of Odisha |
| 19 | 27 | Private | BILA DUI | 0.0109268 | Tanda Pradhan Dangu Pradhan Ganeswar Pradhan |
| 20 | 273 | Private | PADAR EK | 0.0772966 | KabirajPradhan, |
| 21 | 28 | Government | PATIT | 0.0072845 | Govt.of Odisha |
| 22 | 29 | Private | Bila ak | 0.0080939 | DalakPradhan,Nazara Pradhan, Rubunga Pradhan, Sitada Pradhan |
| 23 | 30 | Private | Bila AK | 0.0149737 | RupaPradhanS/O.Daba Pradhan |
| 24 | 31 | Government | NAYANJORI | 0.5912586 | Govt.of Odisha |
| 25 | 32 | Government | Rasta | 0.9461756 | Govt.of Odisha |
| 26 | 33 | Government | NAYANJORI | 0.1829219 | Govt.of Odisha |
| 27 | 33/417 | Private | PADAR DUI | 0.0485633 | Dalak Pradhan S/o.LambuPradhan |
| 28 | 34 | Private | Billa Dui | 0.0768919 | SridharPradhan,Sonof Narti Pradhan |
| 29 | 35 | Private | Billa Dui | 0.0149737 | Dalak Pradhan Son of LambuPrdahan, Nazara Pradhan Son of Bilu Pradhan Rubunga Pradhan Sitada Pradha Son of Pati Pradhan |
| 30 | 36 | Private | BILA AK | 0.0060704 | Rasapati Pradhan, Karunakar Pradhan Son of Indra Pradhan |
| 31 | 38 | Government | Jangal | 0.1728045 | Govt.of Odisha |
| 32 | 39 | Private | Bila Tini | 0.0331849 | Dalak Pradhan S/O.LambuPrdahan, |
| 33 | 391 | Government | RASTA | 0.0157831 | Govt.of Odisha |
| 34 | 392 | Government | JANGAL | 0.0028329 | Govt.of Odisha |
| 35 | 392/423 | Government | Jangal | 0.1630919 | Govt.of Odisha |
| 36 | 40 | Private | Bila dui | 0.087414 | Supersingh Pradhan, S/o.Bedanga Pradhan |
| 37 | 420 | Government | Rasta | 0.1181708 | Govt of Odisha |
| 38 | 421 | Government | Nayanjori | 0.072845 | Govt.of Odisha |
| 39 | 47 | Private | BILA AK | 0.0028329 | Sridhar Pradhan, S/o.NaratiPradhan |
| 40 | 48 | Private | Billa Dui | 0.01 | Dalak Pradhan Son of Laambu Pradhan, Najara Pradhan Son of Bilu Pradhan, Rubunga Pradhan, Sitada Pradhan Son of Pati Pradhan, Caste Kandha |
| 41 | 60 | Government | Jangal | 0.0817483 | Govt.of Odisha |
| 42 | 62 | Private | BILA DUI | 0.0024282 | Bisandra Pradhan, Sabindra Pradhan, Rajundra Pradhan S/o.Moranga Pradhan |
| 43 | 75 | Government | GOCHAR | 0.1740186 | Govt of Odisha |
| | | | **Total** | **5.6449652** | |

**[F.No.RO/BBSR/11017/LA/97/2016/3D]**
**SHAIKHAMINKHAN, Director**

# ସମୃଦ୍ଧ ଦେଶ ଗଠନ ପାଇଁ ଲୋଡ଼ା ସାମୂହିକ ପ୍ରୟାସ

**ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ 'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପଲିଟିକ୍ସ' ମଞ୍ଚରେ ଶ୍ରୀ ଶ୍ରୀ ରବିଶଙ୍କର**

ଭୁବନେଶ୍ୱର,୯।୪ (ଅଭୟ ଦାଶ)




ଶ୍ରୀ ଶ୍ରୀ ରବିଶଙ୍କର ଏବଂ ହାର୍ଭାର୍ଡ ମେଡିକାଲ ସ୍କୁଲର ପ୍ରାଧ୍ୟାପକ ତଥା ମନସ୍ତତ୍ତ୍ୱବିତ୍ ରବର୍ଟ ୱାଲ୍ଡିଙ୍ଗରଙ୍କ ବାର୍ତ୍ତାଳାପ କରୁଛନ୍ତି।

ଆମେରିକାର ମାସାଚୁସେଟ୍ସ ସ୍ଥିତ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପଲିଟିକ୍ସ ଫୋରମ ପକ୍ଷରୁ ହାର୍ଭାର୍ଡ ମେଡିକାଲ ସ୍କୁଲରେ ଆୟୋଜିତ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଏବଂ ହାର୍ଭାର୍ଡ ଶିକ୍ଷାର୍ଥୀ ସ୍ୱାସ୍ଥ୍ୟ ସପ୍ତାହ ପାଳନ ଅବସରରେ ଯୋଗଦେଇ ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କର ଏକ ସମୃଦ୍ଧ ଦେଶ ଗଠନ ପାଇଁ ସାମୂହିକ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଗୁରୁଦେବ ହାର୍ଭାର୍ଡ ମେଡିକାଲ ସ୍କୁଲର ପ୍ରାଧ୍ୟାପକ ତଥା ମନସ୍ତତ୍ତ୍ୱବିତ୍ ରବର୍ଟ ୱାଲଡିଙ୍ଗରଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ, ଆମ ମସ୍ତିଷ୍କ ପ୍ରକୃତରେ ଆମକୁ କ୍ଷତି ପହଞ୍ଚାଇବାକୁ ଥିବା ଜିନିଷ ଉପରେ ଧ୍ୟାନଦେବାକୁ ବିକଶିତ ହୋଇଛି। ମନୁଷ୍ୟକୁ ଶାନ୍ତ ରହିବାକୁ ନିୟମିତ ଧ୍ୟାନ କରିବା ଓ ପ୍ରକୃତି ସହ ଯୋଡ଼ି ହେବା ଉଚିତ । ମନୁଷ୍ୟ ଶିଶୁ ଅବସ୍ଥାରେ ଆବେଁ ଅସନ୍ତୁଷ୍ଟ ନ ହୋଇ ନ ଥାଏ। କେବଳ ମୌଳିକ ଆବଶ୍ୟକତା ପୂରଣ ନ ହେଲେ ହିଁ ଜଣେ ଶିଶୁ ଅସନ୍ତୁଷ୍ଟ ହୋଇଥାଏ । ସେହିଭଳି ଗୁରୁ ଶ୍ରୀ ଶ୍ରୀ ରବିଶଙ୍କର ଗଣତନ୍ତ୍ର ଉପରେ ଆମେରିକାବାସୀଙ୍କ ବିଶ୍ୱାସକୁ ନେଇ କହିଥିଲେ, ବହୁ ଗଣତାନ୍ତ୍ରିକ ଦେଶ ତୁଳନାରେ ଏହି ଦେଶ (ଆମେରିକା) ରେ ଲୋକଙ୍କ ମତଦାନ ହାର କମ୍ ରହିଛି। ତେଣୁ ସେମାନେ ପ୍ରଥମେ ନିଜ ମତାଧିକାର ସାବ୍ୟସ୍ତ କରିବା ଏବଂ ଅଧିକ ଦାୟିତ୍ୱ ନେବା ସର୍ବଦା ବାଞ୍ଛନୀୟ ।

ସେହିପରି ୨୦୨୩ ରେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ତତ୍କାଳୀନ ଉପ କୁଳପତି ଆଲାନ୍ ଏମ୍.ଗାର୍ବରଙ୍କ ନେତୃତ୍ୱରେ ଗଠିତ ଶିକ୍ଷାର୍ଥୀଙ୍କ ମାନସିକ ସ୍ୱାସ୍ଥ୍ୟ ଟାସ୍କଫୋର୍ସର ସୁପାରିସ କ୍ରମେ ଏହି ସପ୍ତାହ ପାଳନ ଆରମ୍ଭ ହୋଇଥିଲା।

ଅପରପକ୍ଷରେ ଶ୍ରୀ ଶ୍ରୀ ରବିଶଙ୍କର ହେଉଛନ୍ତି 'ଆର୍ଟ ଅଫ୍ ଲିଭିଂ ଫାଉଣ୍ଡେସନ'ର ପ୍ରତିଷ୍ଠାତା। ୧୯୮୧ରେ ଏହା ପ୍ରତିଷ୍ଠା ହେବା ପରଠାରୁ ଅଦ୍ୟାବଧି ୧୮୦ରୁ ଅଧିକ ଦେଶକୁ ବିସ୍ତାରିତ ହୋଇଛି। ଏସବୁଦେଶରେ ଗୁରୁଦେବଙ୍କର ବିଦ୍ୟାଳୟ ଏବଂ ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ପ୍ରତିବର୍ଷ ୧ ଲକ୍ଷ ୨୦ ହଜାରରୁ ଅଧିକ ଶିକ୍ଷାର୍ଥୀ ଶିକ୍ଷାଲାଭ କରନ୍ତି।

# ଏପ୍ରିଲ ୧୧ ରୁ ଷ୍ଟୋର ଫ୍ରଣ୍ଟର ପ୍ରଦର୍ଶନୀ

ନୂଆଦିଲ୍ଲୀ, ୯।୪

ପ୍ରତି ବର୍ଷ ଭଳି ଚଳିତ ବର୍ଷ ନ୍ୟାଶନାଲ ପେଟ୍ ଡେ ଅବସରରେ ଆମାଜନ.ଇନ୍‌ର ବହୁ ପ୍ରତୀକ୍ଷିତ ପ୍ରଦର୍ଶନୀ 'ଷ୍ଟୋରଫ୍ରଣ୍ଟ'ର ଶୁଭାରମ୍ଭ ୨୦୨୫ ଏପ୍ରିଲ ୧୧ ରୁ ଆରମ୍ଭ ହେଉଛି। ଏହି ୪ ଦିନିଆ ପ୍ରଦର୍ଶନୀରେ ଗୃହପାଳିତ ପଶୁମାନଙ୍କ ପାଇଁ ଅତ୍ୟାବଶ୍ୟକ ସାମଗ୍ରୀର ବ୍ୟାପକ କଲେକ୍ସନ ଉପଲବ୍ଧ ରହିଛି। ୨୦୨୫ ଏପ୍ରିଲ ୧୧ ରୁ ୧୪ ତାରିଖ ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଚାଲିବ। ଉକ୍ତ ପ୍ରଦର୍ଶନୀରେ ପୁଷ୍ଟିକର ଖାଦ୍ୟ ଏବଂ ମଜାଦାର ଖେଳନାଠାରୁ ଆରମ୍ଭକରି ପ୍ରିମିୟମ୍ ଗ୍ରୁମିଂ ଉତ୍ପାଦ ଏବଂ ଆରାମଦାୟକ ବାସସ୍ଥାନ ଅତ୍ୟାବଶ୍ୟକ ସାମଗ୍ରୀ ପର୍ଯ୍ୟନ୍ତ ସବୁ କିଛି ଉପଲବ୍ଧ। ଏହି ପ୍ରଦର୍ଶନୀରେ ଟପ୍ ବ୍ରାଣ୍ଡ ଯଥା ପେଡିଗ୍ରି, ଡ୍ରୁଲ୍ସ, ରୟାଲ୍ କ୍ୟାନିନ୍, ମ୍ୟୁଚି, ଫାର୍ମିନା, ହିମାଳୟା ଓ ଆହୁରି ଅନେକ ବ୍ରାଣ୍ଡର ସାମଗ୍ରୀ ରହିଛି, ଦ୍ରୁତ ଓ ବିଶ୍ୱସନୀୟ ଡେଲିଭରି ସହିତ ଏହା ଅଧିକ ମଜାଦାର ଏବଂ ସୁବିଧାଜନକ ହୋଇପାରିଛି। ଏପରିକି ଗ୍ରାହକମାନେ ଆମାଜନ ପେ ଜରିଆରେ ବହୁତ ଭଲ ସଞ୍ଚୟ ଉପଭୋଗ କରିପାରିବେ ଏବଂ ପ୍ରାଇମ ମେମ୍ବରଙ୍କ ପାଇଁ ହଜାର ହଜାର ପେଟ୍ ପ୍ରଡକ୍ଟ ଉପରେ ସମାନ ଦିନର ଡେଲିଭରି ସୁବିଧା ଉପଲବ୍ଧ ରହିଛି। ଗ୍ରାହକମାନେ ସର୍ବନିମ୍ନ ୫୦୦୦ଟଙ୍କା ଅର୍ଡର ଉପରେ ଏସ୍‌ବିଆଇ କ୍ରେଡିଟ କାର୍ଡ ଉପରେ ୧୦% ରିହାତି ପାଇପାରିବେ। ଏଠାରେ ଶୀର୍ଷ ସୁପାରିସ ସାମଗ୍ରୀଗୁଡ଼ିକ ମଧ୍ୟରେ କ୍ୟୁପେଟ୍ସ କ୍ୟାଟ୍ ୱାଟର-ବେଡ୍ ଇନଫ୍ଲାଟେବଲ୍ ୱାଟର ମ୍ୟାଟ ଫୁଡ୍ ଭଳି ଆହୁରି ଅନେକ ସାମଗ୍ରୀ ଉପଲବ୍ଧ ରହିଛି।

# ଡିସେମ୍ବରରେ ଜିଓର ୧.୫ ଲକ୍ଷରୁ ଅଧିକ ନୂଆ ଗ୍ରାହକ

ଭୁବନେଶ୍ୱର,୯।୪




ଓଡ଼ିଶା ବଜାରରେ ରିଲାଏନ୍ସ ଜିଓ କ୍ରମାଗତ ଭାବେ ନୂଆ ଗ୍ରାହକ ସଂଯୋଗ ବୃଦ୍ଧି କରିଚାଲିଛି। ଏପରିକି ୨୦୨୪ ଡିସେମ୍ବରରେ ଜିଓ ୧.୫ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଏବଂ ୱାୟାରଲାଇନ୍ ଗ୍ରାହକ ଯୋଡିଛି।

ଉଲ୍ଲେଖଯୋଗ୍ୟ, ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ ୨୦୨୪ ଡିସେମ୍ବରରେ ରିଲାଏନ୍ସ ଜିଓ ଓଡ଼ିଶାରେ ୧.୩୪ ଲକ୍ଷରୁ ଅଧିକ ନୂତନ ମୋବାଇଲ ଉପଭୋକ୍ତା ଏବଂ ୧୬,୬୦୦ ରୁ ଅଧିକ ନୂତନ ଜିଓଫାଇବର/ ଜିଓ ଏୟାରଫାଇବର ଗ୍ରାହକ ଯୋଡିଛି। ଏଥିସହ ଜିଓ ନେଟ୍‌ୱର୍କରେ ମୋଟ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ୧.୫୬ କୋଟି ଅତିକ୍ରମ କରିଛି। ଜିଓ ବ୍ୟତୀତ ଡିସେମ୍ବରରେ ଏୟାରଟେଲ୍ ଓଡ଼ିଶାରେ କେବଳ ୧୮,୦୦୦ ମୋବାଇଲ୍ ଗ୍ରାହକ ଯୋଡ଼ିଥିବା ବେଳେ ବିଏସ୍ଏନ୍ଏଲ୍ ୯୦୦୦ ମୋବାଇଲ୍ ଗ୍ରାହକ ଯୋଡ଼ିଥିବା ଟ୍ରାଇ ପ୍ରଦତ୍ତ ତଥ୍ୟରୁ ଜଣାପଡିଛି।ଭୋଡାଫୋନ ଆଇଡ଼ିଆ ଏହି ମାସରେ ହଜାର ହଜାର ମୋବାଇଲ ଗ୍ରାହକ ହରାଇଛନ୍ତି। ଟ୍ରାଇ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ଓଡ଼ିଶାରେ ମୋଟ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ୨୦୨୪ ଡିସେମ୍ବରରେ ୧.୫୮ ଲକ୍ଷ ବୃଦ୍ଧି ପାଇ ୩.୪୩ କୋଟିରେ ପହଞ୍ଚିଛି। ଜାତୀୟ ସ୍ତରରେ ମଧ୍ୟ ଜିଓ ଡିସେମ୍ବରରେ ସର୍ବାଧିକ ସଂଖ୍ୟକ ମୋବାଇଲ ଗ୍ରାହକ ଯୋଡ଼ିଛି ଏବଂ ଏହି ମାସରେ ୩୯ ଲକ୍ଷରୁ ଅଧିକ ନୂତନ ମୋବାଇଲ ଗ୍ରାହକ ଜିଓ ନେଟ୍‌ୱର୍କରେ ଯୋଗଦେଇଛନ୍ତି। ରିଲାଏନ୍ସ ଜିଓ ରାଜ୍ୟରେ ୪ ଲକ୍ଷ ୱାୟାରଲାଇନ୍ ବା ହୋମ୍ ବ୍ରଡ୍‌ବ୍ୟାଣ୍ଡ ଗ୍ରାହକ ହାସଲକରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛି। ଏହାର ଗ୍ରାହକ ସଂଖ୍ୟା ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତୁଳନାରେ ୩ଗୁଣ ଅଧିକ ରହିଛି। ଏହାସହ ଜିଓ ବର୍ତ୍ତମାନ ଓଡ଼ିଶାରେ ୬୫% ୱାୟାରଲାଇନ୍ ଗ୍ରାହକ ବଜାର ଅଂଶ ହାସଲ କରିଛି ଏବଂ ୪ ଲକ୍ଷରୁ ଅଧିକ ଜିଓଫାଇବର ଓ ଜିଓ ଏୟାରଫାଇବର ଗ୍ରାହକ ସର୍ବାଧୁନିକ ବିଶ୍ୱସ୍ତରୀୟ ଘରୋଇ ମନୋରଞ୍ଜନ (ହୋମ୍ ଏଣ୍ଟରଟେନ୍‌ମେଣ୍ଟ), ଅସୀମିତ ୱାଇଫାଇ ଏବଂ ନିରବଚ୍ଛିନ୍ନ ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ଉପଭୋଗ କରୁଛନ୍ତି। ଏହାର ବିସ୍ତୃତ ୪ଜି ଏବଂ ୫ଜି ନେଟ୍‌ୱର୍କ ଉପସ୍ଥିତି ବଳରେ ଜିଓ ଓଡ଼ିଶାର ସବୁଠାରୁ ପସନ୍ଦର ଡିଜିଟାଲ ସେବା ପ୍ରଦାନକାରୀ ହୋଇଛି ଏବଂ ୪୫%ରୁ ଅଧିକ ମୋବାଇଲ୍ ଗ୍ରାହକ ବଜାର ଅଂଶ ଏବଂ ୫୨% ରାଜସ୍ୱ ବଜାର ଅଂଶ ହାସଲ କରିଛି।

# ସାର୍ବଜନୀନ ଇସ୍ୟୁ ମାଧ୍ୟମରେ ପାଣ୍ଠି ସଂଗ୍ରହ

ନୂଆଦିଲ୍ଲୀ, ୯।୪

ଆଇଆଇଏଫ୍ଏଲ୍ ଫାଇନାନ୍ସ ବାର୍ଷିକ ୧୦.୨୫% ପର୍ଯ୍ୟନ୍ତ କୁପନ ପ୍ରଦାନ କରୁଥିବା ବଣ୍ଡଗୁଡିକର ସାର୍ବଜନୀନ ଇସ୍ୟୁ ମାଧ୍ୟମରେ ୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ ପାଣ୍ଠି ସଂଗ୍ରହ କରିବ ବୋଲି ଆଇଆଇଏଫ୍ଏଲ୍ ଫାଇନାନ୍ସ ଲିମିଟେଡ୍ ଘୋଷଣା କରିଛି। ଏପରିକି ଏହି ସଂଗୃହୀତ ପାଣ୍ଠିକୁ କମ୍ପାନୀ ଭବିଷ୍ୟତର ଋଣ, ବିତ୍ତୀୟ ଓ ସାଧାରଣ କର୍ପୋରେଟ ଉଦ୍ଦେଶ୍ୟଗୁଡିକ ପାଇଁ ବ୍ୟବହାର କରିବ। ଏନ୍‌ସିଡିଗୁଡିକୁ କ୍ରିସିଲ ରେଟିଂସ ଲିମିଟେଡ୍ ଓ ଆଇସିଆର୍ଏ ଲିମିଟେଡ୍(ଆଇସିଆର୍ଏ) ଏଏ (ଷ୍ଟେବୁଲ)' ଦ୍ୱାରା 'କ୍ରିସିଲ ଏଏ/ଷ୍ଟେବୁଲ' ରେଟିଂ ଦିଆଯାଇଛି। ଏହି ରେଟିଂଗୁଡିକ ସହ ଋଣସ୍ୱୀକାର ପତ୍ରଗୁଡିକୁ ଆର୍ଥିକ ନିୟମଗୁଡିକର ଧାର୍ଯ୍ୟ ସମୟରେ ଅନୁପାଳନ ସମ୍ପର୍କରେ ସର୍ବାଧିକ ସୁରକ୍ଷା ଭାବେ ବିବେଚନା କରାଯାଇଥାଏ। ଏଭଳି ଋଣପତ୍ରଗୁଡିକ ଖୁବ୍ କମ୍ କ୍ରେଡିଟ୍ ରିସ୍କ ବହନ କରିଥାନ୍ତି। ଏହି ଇସ୍ୟୁ ୨୦୨୫ ଏପ୍ରିଲ ୨୩ ରେ ବନ୍ଦ ହେବ।

ଆଇଆଇଏଫ୍ଏଲ୍ ଫାଇନାନ୍ସ ୪୦୦ କୋଟି ଟଙ୍କା ପର୍ଯ୍ୟନ୍ତ (ଗ୍ରୀନ୍ ସୁ ଅପ୍‌ସନ) ଓଭର-ସବ୍‌ସ୍କ୍ରିପଶନ ବଜାୟ ରଖିବା ପାଇଁ ଏକ ବିକଳ୍ପ ସହିତ ୧୦୦ କୋଟି ଟଙ୍କା ପର୍ଯ୍ୟନ୍ତ (ବେସ୍ ଇସ୍ୟୁ ସାଇଜ) ଏନ୍‌ସିଡି ଇସ୍ୟୁ କରିବ, ଯାହାର ମୋଟ ମୂଲ୍ୟ ୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ ରହିଛି।

# ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୯।୪

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୩୮୦ (୩୭୯.୯୩) ପଏଣ୍ଟ ହ୍ରାସ ଘଟି ୭୩,୮୪୭ (୭୩,୮୪୭.୧୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୩୭ (୧୩୬.୭୦) ପଏଣ୍ଟ କମି ୨୨,୩୯୯ (୨୨,୩୯୯.୧୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଶିଳ୍ପରେ ଆଇଟିଏଲ୍‌ର ୧୫% ବଜାର ଅଂଶ ହାସଲ

ନୂଆଦିଲ୍ଲୀ, ୯।୪

ଦେଶର ଅଗ୍ରଣୀ ଟ୍ରାକ୍ଟର ଓ କୃଷି ଯନ୍ତ୍ରପାତି ବ୍ରାଣ୍ଡ ସୋନାଲିକା ଓ ସୋଲିସ୍‌ର ମାଲିକାନା କମ୍ପାନୀ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ୍(ଆଇଟିଏଲ୍) କୁ ଆଉ ଏକ ସଫଳତା ମିଳିଛି। ଏପରିକି ୨୦୨୪-୨୫ ଆର୍ଥିକ ବର୍ଷକୁ କମ୍ପାନୀ ଉଲ୍ଲେଖନୀୟ ସଫଳତା ସହ ଶେଷ କରିଛି। ଏହି ଆର୍ଥିକ ବର୍ଷରେ କମ୍ପାନୀ ସର୍ବାଧିକ ୧,୫୩,୭୬୪ ୟୁନିଟ୍ ଟ୍ରାକ୍ଟର ବିକ୍ରି କରିଥିବାବେଳେ ୧୪.୮% ର ମୋଟ ବଜାର ଅଂଶ ହାସଲ କରିଛି। ସେହିଭଳି ଘରୋଇ ବଜାରରେ ଆଇଟିଏଲ୍‌ର ସର୍ବୋତ୍ତମ ପ୍ରଦର୍ଶନ ସାମିଲ ରହିଛି। ଏପରିକି ଏହା ସୋନାଲିକାର ହେଭି ଡ୍ୟୁଟି ଟ୍ରାକ୍ଟର କାରଣରୁ ସମ୍ଭବପର ହୋଇଛି। ଏହି ଆର୍ଥିକ ବର୍ଷରେ ଆଇଟିଏଲ ଗ୍ରୁପ ଫର୍ଚ୍ୟୁନ ୫୦୦ ଇଣ୍ଡିଆ ଦ୍ୱାରା ଭାରତର ଶୀର୍ଷ ୧୦ ଅଟୋ ବ୍ରାଣ୍ଡ ମଧ୍ୟରେ ସ୍ଥାନିତ ହୋଇଛି। କମ୍ପାନୀ ପ୍ରଥମ ଥର ପାଇଁ ଏହି ପ୍ରତିଷ୍ଠିତ ତାଲିକାରେ ପ୍ରବେଶ କରିଛି। ଏହା ଭାରତର ଶୀର୍ଷ ୫୦୦ ସର୍ବବୃହତ କମ୍ପାନୀଗୁଡିକ ମଧ୍ୟରେ ୨୩୭ ତମ ର୍ୟାଙ୍କରେ ରହିଛି। ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ଚଳିତ ଆର୍ଥିକ ବର୍ଷରେ କୃଷକଙ୍କ ପ୍ରକୃତ ସାଥୀ ହେବା ପାଇଁ ଆମର ସଙ୍କଳ୍ପବଦ୍ଧତା ଆମକୁ ୧,୫୩,୭୬୪ର ସର୍ବୋଚ୍ଚ ବାର୍ଷିକ ଟ୍ରାକ୍ଟର ବିକ୍ରି ଓ ୧୪.୮% ର ମୋଟ ବଜାର ଅଂଶ ହାସଲ କରିବାରେ ସାହାଯ୍ୟ କରିଛି। ଏହି ସଫଳତା ଏଭଳି ଏକ ବର୍ଷର ଶେଷକୁ ଚିହ୍ନିତ କରିଛି, ଯାହା ଆମକୁ ଫର୍ଚ୍ୟୁନ ୫୦୦ ଇଣ୍ଡିଆର ସର୍ବବୃହତ୍ କମ୍ପାନୀ ତାଲିକା ଓ ଭାରତରେ ଶୀର୍ଷ ୧୦ଟି ଅଟୋ ବ୍ରାଣ୍ଡ ତାଲିକାରେ ସ୍ଥାନିତ କରିଛି। ଅଭିନବ ଟେକ୍ନୋଲୋଜି ଟ୍ରାକ୍ଟର, ମଜଭୁତ ଉତ୍ପାଦ ଅପ୍‌ଗ୍ରେଡ୍ ଓ କୃଷକଙ୍କ ସହ ସଂଯୋଗ ସହ ଆମେ ନିଶ୍ଚିତ ରୂପେ ବିଭିନ୍ନ ଅଞ୍ଚଳରେ କୃଷକଙ୍କ ପାଇଁ ଶୀର୍ଷ ବିକଳ୍ପରେ ପରିଣତ ହୋଇଛି। ଗ୍ରାହକଙ୍କୁ ପ୍ରାଥମିକତା ଦେବା ଓ ଉଦ୍ଭାବନ ଜାରି ରଖିବାର ଆଇଟିଏଲ୍‌ର ଅନ୍ତର୍ନିହିତ ମୂଲ୍ୟବୋଧ କମ୍ପାନୀକୁ ନିରନ୍ତର ଆଗକୁ ବଢାଉଛି। ୱାନ୍ ନେଶନ-ୱାନ୍ ଟ୍ରାକ୍ଟର-ୱାନ୍ ପ୍ରାଇସ୍ ଓ କମ୍ପାନୀ ୱେବ୍‌ସାଇଟରେ ଟ୍ରାକ୍ଟର ମୂଲ୍ୟ ପ୍ରଦର୍ଶିତ କରିବା ଭଳି ସୋନାଲିକାର ବୈପ୍ଳବିକ ପଦକ୍ଷେପଗୁଡିକ ଏହାର ଗ୍ରାହକଙ୍କ ପାଇଁ ନିରପେକ୍ଷତା, ବିଶ୍ୱାସ ଓ ସ୍ୱଚ୍ଛତା ସୁନିଶ୍ଚିତ କରିଛି। ସେହିପରି ଆଇଟିଏଲ୍ ପାବର ହୋସିଆରପୁରରେ ଥିବା ଏହାର ବିଶ୍ୱର ୧ ନମ୍ବର ଇଣ୍ଟିଗ୍ରେଟେଡ୍ ଓ ରୋବୋଟିକ୍ ଟ୍ରାକ୍ଟର ପ୍ଲାଣ୍ଟରୁ ଉତ୍ପାଦନ କରୁଥିବା ସମସ୍ତ ପ୍ରକାର ଟ୍ରାକ୍ଟର କୃଷକଙ୍କ ପାଇଁ ସମ୍ପୂର୍ଣ୍ଣ ସନ୍ତୁଷ୍ଟି ପ୍ରଦାନ କରୁଛନ୍ତି।


## KASTURBA GANDHI BALIKA VIDYALAYA, BILLA

At: Billa, P.O.: Baikala, Block: Saharpada,
District: Keonjhar, PIN - 758045

Letter No. 589 Date: 26.03.2025

**TENDER CALL NOTICE**

No. n-04: Sealed tenders are invited from registered supplier/ firms having own sale counter, GST Registration valid PAN & IT Certificate 2025-26 for supply recurring/non-recurring items/ articles for KGBV Hostel. The tender paper containing detailed scope of work along with terms and conditions hoist at **ipr.advt@gmail.com** & **www.kendujhar.odisha.gov.in** and notice board of KGBV, BEO, SAHARPADA, BDO, SAHARPADA, DEO-cum-DPC, SSA Keonjhar. Last date of receipt of the tender paper is 17.04.2025 at 4.00 P.M.

The authority reserves the right to cancel all or any/part of the tender without assigning any reason thereof.

**Sd./- Block Education Office, Saharpada**
OIPR-27188/11/0001/2425

## ODISHA PUBLIC SERVICE COMMISSION

**NOTICE**

**No.2301/PSC, Dt.08.04.2025**

**No.D-07:** It is for information of all concerned that, due to typographical error the Name of the Optional Subject/ Paper at Sl.No. 12 & 13 mentioned as Annual Husbandry & Veterinary Science, Paper-I & Annual Husbandry & Veterinary Science, Paper-II in this Office Notice No.2186/ PSC, dt.02.04.2025 shall be **read as Animal Husbandry & Veterinary Science, Paper-I having Subject Code 12 & Animal Husbandry & Veterinary Science, Paper-II having Subject Code 13** respectively.

Besides this, all other stipulations made in Notice No.2186/ PSC, dt.02.04.2025 shall be remain unchanged.

**Sd./- Secretary**
OIPR-12002/11/0183/2425

## OFFICE OF THE PANCHAYAT SAMITI LAXMIPUR, DIST-KORAPUT

Letter No.1124/2025 Date:07.04.2025

**E-TENDER CALL NOTICE**

**No.i-10:** Seal tenders are invited from Registered Contractor from state PWD/M.I./Irrigation/Rural works for execution of Buildings etc. The detail information of which are made available in the **(http://tenderodisha.gov.in)** website only and also in Koraput Dist. Website i.e. **http//www.koraput.odisha.gov.in** & in DRDA Website **http//www.drdakoraput.org.**

The date and time of apply and receive of Tender paper is from **dtd.08.04.2025** to **28.04.2025 up to 5.30 PM** through in the **(http://tenderodisha.gov.in)** website only.

Tender will be opened on. **Dtd.29.04.2025 (Tuesday) at 11.30 A.M.** onwards in the **Video Conference Hall of Block Office, Laxmipur.**

OIPR-19158/11/0005/2425 **Sd./-Block Development Officer, Laxmipur**

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE ADDITIONAL CHIEF ENGINEER, DRAINAGE CIRCLE, BALASORE

No. A-23

Email Id: sedcbls@yahoo.com

**'e'-Procurement Notice No. ACEDCBLS - 02/2025-26**

| | | | |
|---|---|---|---|
| 1 | Name of Work | : | Drainage works (Under D.I.P. Scheme) |
| 2 | Total No. of Projects | : | 2 Nos. of Individual Work |
| 3 | Estimated cost of Individual works | : | Varies from Rs.2,30,43,066/- to Rs.2,53,82,801/- (Excluding G.S.T.) |
| 4 | Period of Completion | : | 11 (Eleven) Calendar Months |
| 5 | Bid Identification Number | : | ACEDCBLS/DDJPR - 01-02/2025-26<br>ACEDCBLS/DDJPR - 02-02/2025-26 |
| 6 | Date & Time of availability of Bid document in the portal | : | From Dt.09.04.2025 at 10.00 hours to Dt.23.04.2025 at 17.00 hours |
| 7 | Date of Opening of Technical Bid | : | Dt.24.04.2025 at 11.30 hours in the Office of the Additional Chief Engineer, Drainage Circle, Balasore |
| 8 | Date of Opening of Financial Bid | : | To be uploaded in portal |
| 9 | Date of Lottery (if required) | : | To be notified |
| 10 | Procurement Officer/Name & address of the Officer Inviting Bids | : | Additional Chief Engineer, Drainage Circle, Balasore |

Further details can be seen from the Govt. Website: **www.tendersorissa.gov.in**.

**Sd./- Additional Chief Engineer**
**Drainage Circle, Balasore**
OIPR-32190/11/0012/2425

## ODISHA HYDRO POWER CORPORATION LTD.
## OFFICE OF THE SENIOR GENERAL MANAGER (ELECTRICAL)
## UPPER KOLAB HYDRO ELECTRIC PROJECT

AT/PO- BARINIPUT, DIST: KORAPUT- 764006, Phone-06854-242001, Fax: 06854242038,
E-mail:sgmel_ukhep@ohpcltd.com, CIN:U40101OR1995SGC003963

**E-Tender NOTICE No.-01/2025-26, Dated 04.04.2025**

**No.CAD-62:** The Unit Head, Upper Kolab Hydro Electric Project, Bariniput, Koraput, Odisha invites percentage rate bid in double cover system in ONLINE MODE only from eligible contractors for the works as mentioned below.

| Sl. No. | Name of the Work | Approx. Estimated Cost (in Rs.) | E.M.D. (in Rs.) (Refundable) | Cost of bid document (Non-refundable) | Class of Contractor | Availability of Bids online for Bidders | Due date and time of Opening of Bid |
|---|---|---|---|---|---|---|---|
| 1 | R/M to Switchyard Road, UKHEP, Bariniput | 30,22,364.07/- | 30,230/- | 7080/- (Rs.6000+18% GST) | "B or C" Class | From 10.00 AM of Dt.10.04.2025 to 13.00 Hrs. of Dt.22.04.2025 | At 12.30 Hrs. of Dt.23.04.2025 |

1. The Bidders have to participate in ONLINE bidding only through the Govt. e-Procurement portal www.tendersorissa.gov.in by using their compatible Digital Signature Certificate (DSC).
2. Further details like tender specification (DTCN), BOQ and any addendum/ corrigendum/ cancellation of tender can be seen in the same website.

OIPR-04002/11/0070/2425 **Sd./- Unit Head, UKHEP, Bariniput**

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, ANGUL

No. O-10

E-Mail: sencrwangul@yahoo.co.in, Ph.: 06764-236404

No. 1030 Dt.02.04.2025

**NOTICE INVITING TENDER FOR ROAD WORKS IN ODISHA**

**Bid Identification No. Road Online AGL-01/2025-26**

1. Name of the Work : Road Works
2. Total No. of Work : 01 No.
3. Estimated Cost : Rs.747.54 Lakhs (Approx.)
4. Class of Contractor : As per annexure
5. Period of Completion : As per annexure
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Road Online AGL-01/2025-26 | 09.04.25 at 10.00 A.M. | 25.04.25 upto 5.00 P.M. | 23.04.25 upto 1.00 P.M. | 28.04.25 at 09.00 A.M. | Will be intimated separately |

For detailed Notice inviting tenders, please visit to the website **www.tendersorissa.gov.in.**

OIPR-25180/11/0047/2425 **Sd./- Chief Construction Engineer, Rural Works Circle, Angul**

## ODISHA LIFT IRRIGATION CORPORATION LIMITED
(A GOVERNMENT OF ODISHA UNDERTAKING)
## OFFICE OF THE EXECUTIVE ENGINEER LIFT IRRIGATION DIVISION, GUNUPUR

E-mail ID:eeolicgnp@ymail.com

Office Letter No.341 Date:05.04.2025

**CORRIGENDUM**

**No.CAD-69:** In continuation to this office Tender Call Notice No.-02/24-25, dt.17.03.2025 the following amendment is made. It was decided that as per tender committee.

1. Due to wrong information for GST the tender has been cancelled.

**Sd./- Executive Engineer**
**L.I. Division, Gunupur**
OIPR-32144/11/0006/2425

## CONFISCATION NOTICE OF TATA ACE

**No.MM-03:** It is to inform all concerned through this publication that one TATA ACE bearing Regd. Number OR-07-S4566, Engine number-2751D105FQZS59651, Chassis Number-MAT4450519ZF14379 was seized near on the canal way from village Sagarapalli to Bhamarabarapalli for illegal transportation of Forest Produce i.e, Teaklogs- 11 Nos. measuring to 26.83cft, on dated 31.03.2021. The vehicle was seized from the possession of Sri Bhagyarathi Mohanty S/o: Bhaja Mohanty, At/PO: Bhismagiri, PS: Digapahandi, Dist. Ganjam, State: Odisha. In the meanwhile, The Regional Transport Authority, Ganjam, Chatrapur has intimated that Sri Balakishore Panigrahi (Owner of the TATA ACE) W/o: Brundaban Panigrahi, At/PO: Digapahandi,Dist. Ganjam. Regd. owner of the seized vehicle. The afore said vehicle along with the seized produce may confiscated for its involvement in OR Case No. 578 of 2020-21 of Digapahandi Range for non-submission of replay to show cause and non-attendance of the accused person/owner therefore on the date of hearing fixed before the forum of the Authorised Officer on dated 30.01.2025.

The final dated of hearing to the aforementioned case is fixed to 16.04.2025 at 11.00 A.M in the forum of the Authorised Officer-cum-Assistant Conservator of Forests, Brahmapur Forest Division for giving another opportunity of being heard in the matter. Failure to attend the hearing by any claimant/ accused on the date fixed above and within 30 days from the date of publication of this notice in relation to the above vehicle, the vehicle may be confiscated under section 56 of the Odisha Forest Act, 1972 exparte.

**Sd./- Authorised Officer-cum-A.C.F.**
**Brahmapur Forest Division**
OIPR-08038/11/0034/2425

## ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, ଆନନ୍ଦପୁର
## OFFICE OF THE SUPERINTENDING ENGINEER, M.I. DIVISION, ANANDAPUR

At/P.O.: Salapada, Dist.: Keonjhar, PIN Code - 758020

No. 871/MIDA Dt.03.04.2025

**e-Procurement Notice**

**Bid Identification No. 01/MIDA/2025-26**

e-mail ID: mianandapur@yahoo.co.in
eemidanandapur@gmail.com

No. A-09: The Superintending Engineer, Minor Irrigation Division, Anandapur on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | | |
|---|---|---|
| Name of the Work | : | Civil works in Different Blocks of Keonjhar District under the Imp. to CD for the year 2025-26. |
| No. of works | : | 16 (Sixteen) Nos. only |
| Estimated Cost | : | Varies from 6.67 lakhs to 6.78 lakh (Approximately) |
| Cost of Tender Paper | : | 4000/- (Non-refundable) |
| Period of Completion | : | 02 (Two) Calendar Months |
| Availability of bid documents for sale and receipt through Online | : | From Dt.08.04.2025, 10.00 A.M. to Dt.17.04.2025 upto 4.00 P.M. |
| Last date / time of receipt of bids in the portal | : | 17.04.2025 (4.00 P.M.) |
| Date of Technical bid opening through online | : | On Dt.17.04.2025 at 05.00 P.M. in the Office of the S.E., M.I. Division, Anandapur |
| Mode of payment of Bid Cost | : | Online |
| Digital Signature Certificate of Bidder | : | The bidder must possess compatible Digital Signature Certificate (DSC) |
| The detail tender call notice can also be seen in the DOWR website: **http:/dowrorissa.gov.in** | | |
| Name & Address of the OIT | : | Superintending Engineer, Minor Irrigation Division, Anandapur, At/P.O./ District: Keonjhar<br>Email ID: **mianandapur@yahoo.co.in** |
| Further details can be seen from the e-Procurement market place **http://tendersorissa.gov.in** | | |

**Sd./- Superintending Engineer**
**M.I. Division, Anandapur**
OIPR-32108/11/0028/2425

## ଓଡ଼ିଶା ସରକାର
## ଖଣି ଉପ-ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ସମ୍ବଲପୁର ଜିଲ୍ଲା, ସମ୍ବଲପୁର କ୍ଷେତ୍ର

ଇ-ମେଲ୍: ddm.sambalpur@orissaminerals.gov.in

ତା: ୦୮।୦୪।୨୦୨୫

**ଟେଣ୍ଡର ନିମନ୍ତ୍ରଣ ବିଜ୍ଞପ୍ତି**

No. G-04: ମାଇନ୍ସ ଏବଂ ମିନେରାଲ୍ (ଡେଭଲପମେଣ୍ଟ ଆଣ୍ଡ ରେଗୁଲେସନ୍) ଆକ୍ଟ, ୧୯୫୭ର ଧାରା ୧୫ରେ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା କ୍ଷମତା ଅନୁସାରେ ଏବଂ ସମୟ ସମୟରେ ସଂଶୋଧିତ ଓଡ଼ିଶା ମାଇନୋରାଲ ମିନେରାଲ କନ୍‌ସେସ୍ ନିୟମ, ୨୦୧୬ ଅନୁଯାୟୀ ୦୮ ସଂଖ୍ୟକ ଲଘୁ ଖଣିଜ ଉତ୍ସର ଇ-ନିଲାମ ମାଧ୍ୟମରେ ଲିଜ୍ ଅନୁଦାନ ପାଇଁ ଟେଣ୍ଡର ଆହ୍ୱାନ କରାଯାଉଛି।

ତଦନୁସାରେ, କ୍ୱାରି ଲିଜ୍ ଅନୁଦାନ ପାଇଁ 'ଫର୍ମ-ଏମ୍' ଫର୍ମାଟରେ (ଉଭୟ ଡିଜିଟାଲ ଓ ଫିଜିକାଲ) ବୈଷୟିକ ବିଡ୍ ଆମନ୍ତ୍ରଣ କରାଯାଉଛି।

ଇଲେକ୍ଟ୍ରୋନିକ୍ ନିଲାମରେ ଅଂଶଗ୍ରହଣ ପାଇଁ ଯୋଗ୍ୟ ସର୍ତ୍ତ, ତାରିଖ ଏବଂ ସମୟ ଟେଣ୍ଡର ଡକ୍ୟୁମେଣ୍ଟରେ ପ୍ରଦାନ କରାଯାଇଛି। କ୍ୱାରିଗୁଡ଼ିକ ପାଇଁ ଇ-ନିଲାମ ପ୍ରକ୍ରିୟାର ସମୟ ସାରଣୀ, ବିଜ୍ଞପ୍ତି, ଅପଡେଟ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଟେଣ୍ଡର ଡକ୍ୟୁମେଣ୍ଟକୁ **https://www.mstcecommerce.com** ୱେବ୍‌ସାଇଟ୍‌ରୁ ଡାଉନଲୋଡ୍ କରାଯାଇପାରିବ।

ଆଗ୍ରହୀ ବିଡରମାନେ ଉପରୋକ୍ତ ୱେବସାଇଟ୍‌ରେ ନିଜକୁ ପଞ୍ଜୀକୃତ କରିପାରିବେ। ସଫଳ ପଞ୍ଜିକରଣ ପରେ ଇ-ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ବିଡରମାନେ ଲଗଇନ୍ ଆଇଡି ଏବଂ ପାସ୍‌ୱାର୍ଡ ପାଇବେ। ମଡେଲ ଟେଣ୍ଡର ଡକ୍ୟୁମେଣ୍ଟ ଏବଂ ମିନେରାଲ ବ୍ଲକ ସାରାଂଶ ଉପରୋକ୍ତ ୱେବ୍‌ସାଇଟ୍‌ରେ ମାଗଣାରେ ଉପଲବ୍ଧ।

ଇଚ୍ଛୁକ ବିଡରମାନେ ନିଜର ଲଗଇନ୍ ୟୁଜର ID ଏବଂ ପାସ୍‌ୱାର୍ଡ ବ୍ୟବହାର କରି ଫର୍ମ - Mରେ ଆବଶ୍ୟକୀୟ ବିବରଣୀ ଏବଂ ପ୍ରଯୁଜ୍ୟ ବାଧ୍ୟତାମୂଳକ ଡକ୍ୟୁମେଣ୍ଟ ଦାଖଲ କରିବେ। 'ଫର୍ମ-ଏମ୍'ର ସଫଳ ଦାଖଲ ପାଇଁ ବିଡରମାନେ ଇ-ନିଲାମ ପୋର୍ଟାଲରେ ଉପଲବ୍ଧ 'ବିଡର ମାନୁଆଲ'କୁ ଅନୁସରଣ କରିବା ଉଚିତ୍। ଇ-ଟେଣ୍ଡର ଦାଖଲ ପାଇଁ ବିଡରଙ୍କୁ ଦିଆଯାଇଥିବା ଅବଧି, ଖବରକାଗଜ ଏବଂ MSTC ୱେବ୍‌ସାଇଟରେ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ହେବା ଦିନଠାରୁ ଗଣନା କରାଯିବ।

**ସମୟ ସାରଣୀ:**

ଟେଣ୍ଡର ଡକ୍ୟୁମେଣ୍ଟରେ ସବିଶେଷ ସମୟ ସାରଣୀ ଉପଲବ୍ଧ ଅଛି।

ଟେଣ୍ଡର ଆବେଦନର ଆରମ୍ଭ ତାରିଖ: ୧୧।୦୪।୨୦୨୫।

ଟେଣ୍ଡର ଆବେଦନର ଶେଷ ତାରିଖ: ୦୨।୦୫।୨୦୨୫

**କ୍ୱାରିଗୁଡ଼ିକର ତାଲିକା:**

| କ୍ର. ନଂ. | କ୍ଷେତ୍ର | ଜିଲ୍ଲା | ତହସିଲ | ସୋର୍ସର ନାମ | ଲାଣ୍ଡ ସେଡ୍ୟୁଲ | | | | | ପରିମାଣ | MAC per $M^3$ (in Rs.) | MGQ Per Year |
|---|---|---|---|---|---|---|---|---|---|---|---|---|
| | | | | | ମୌଜା | ଖତିୟାନ ନଂ. | ପ୍ଲଟ ନଂ. | କିସମ | କ୍ଷେତ୍ରଫଳ | | | |
| ୧ | ସମ୍ବଲପୁର | ସମ୍ବଲପୁର | ରେଢ଼ାଖୋଲ | ସୁରୁବାଲି ଜୋର-ସି ବାଲି ଖଣି | ବଂଶାଜଳ | ୧୦୯ | ୬୪୩ | ଜୋର | ୫,୦୪୩ | ପ୍ରାପ୍ତବ୍ୟ | ୬୦୬୩ | ୬୮ |
| ୨ | ସମ୍ବଲପୁର | ସମ୍ବଲପୁର | ରେଢ଼ାଖୋଲ | ଘୋଷାରି ମାଳ-ବହାଲଝରଣ ବାଲି ଖଣି | ଘୋଷାର ମାଳ | ୮୭, ୨୩, ୮୭ | ୩୩(ଗ୍ରୁ), ୨୯୭(ଗ୍ରୁ), ୧୯୭୧(ଗ୍ରୁ) | ଜୋର, ଜୋର, ଜୋର | ୨.୭୮୦, ୧.୫୦୮, ୦.୭୮୫ | ପ୍ରାପ୍ତବ୍ୟ | ୧୭୫୦ | ୫୮ |
| ୩ | ସମ୍ବଲପୁର | ସମ୍ବଲପୁର | ସମ୍ବଲପୁର | ସିକ୍ରିଡି ୨ ପଥର ଖଣି | ସିକ୍ରିଡି | ୧୬୨ | ୧୭୩୭/ ୨୨୧୦, ୧୭୬୪/ ୨୨୧୧ | ପଥର ଚଟାଣ, ପଥର ଚଟାଣ | ୦.୦୩୪, ୦.୬୧୬ | ପ୍ରାପ୍ତବ୍ୟ | ୫୫୮୦ | ୯୭ |
| ୪ | ସମ୍ବଲପୁର | ସମ୍ବଲପୁର | ସମ୍ବଲପୁର | ସିକ୍ରିଡି ୩ ପଥର ଖଣି | ସିକ୍ରିଡି | ୧୬୦ | ୧୭୮୧ | ପତିତ | ୧.୨୧୮ | ପ୍ରାପ୍ତବ୍ୟ | ୫୦୦୦ | ୯୭ |
| ୫ | ସମ୍ବଲପୁର | ସମ୍ବଲପୁର | ନାକଟିଦେଉଳ | ହିକପାଲି ପଥର ଖଣି | ହିକପାଲି | ୩୮ | ୧୦୪(ଗ୍ରୁ) | ଢୁଙ୍ଗୁରୀ | ୫.୦୫୮ | ପ୍ରାପ୍ତବ୍ୟ | ୧୧୨୫ | ୬୭ |
| ୬ | ସମ୍ବଲପୁର | ସମ୍ବଲପୁର | ରେଙ୍ଗାଲି | ଖିନ୍ଦା ବାଲି ଖଣି | ଖିନ୍ଦା | ୨୪୮ | ୨୨୭୫/ ୨୨୧୭ | ନଦୀ | ୪.୫୯୩, ୧.୪୭୭ | ପ୍ରାପ୍ତବ୍ୟ | ୧୦୪୦୭ | ୩୧୫ |
| ୭ | ସମ୍ବଲପୁର | ସମ୍ବଲପୁର | ରେଙ୍ଗାଲି | ଠେଲକୋଲୋଇ-୨ ବାଲି ଖଣି | ଠେଲକୋଲୋଇ | ୧ | ୧/ ୩୨୯୪ | ଜଳ ଭଣ୍ଡାର | ୭.୯୧୨ | ପ୍ରାପ୍ତବ୍ୟ | ୬୫୯୭ | ୨୪୯ |
| ୮ | ସମ୍ବଲପୁର | ସମ୍ବଲପୁର | ରେଙ୍ଗାଲି | ଘିଚାମୁରା ବାଲି ଖଣି | ଘିଚାମୁରା | ୩୩୧ | ୨୫୬୩ | ନଦୀ | ୧୭.୦୨୫ | ପ୍ରାପ୍ତବ୍ୟ | ୧୫୩୫୩ | ୩୩୦ |

OIPR-30044/11/0002/2425 ସ୍ୱା./- ଖଣି ଅଧିକାରୀ, ସମ୍ବଲପୁର ଜିଲ୍ଲା

# ନକଲି ଆପ୍ ଜରିଆରେ ଠକେଇ

- ସାଇବର ଗ୍ୟାଙ୍ଗ୍‌ର ୯ ଗିରଫ
- ୟୁଏଇରୁ ରାଉରକେଲା ପର୍ଯ୍ୟନ୍ତ ଲମ୍ବିଛି ନେଟ୍‌ୱର୍କ
- ୧.୪୧ କୋଟି ଟଙ୍କା ଫ୍ରିଜ୍

ରାଉରକେଲା,୯।୪(ସଙ୍ଗୀତା ଜେନା)



ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀଙ୍କ ସହ ୯ ଅଭିଯୁକ୍ତ।

ନକଲି ଆପ୍ ଜରିଆରେ ବହୁ କୋଟି ଟଙ୍କା ଠକେଇର ପର୍ଦ୍ଦାଫାଶ କରିଛି ରାଉରକେଲା ପୋଲିସ। ଏହି ଠକେଇରେ ଅନ୍ତର୍ଜାତୀୟ ସାଇବର ଗ୍ୟାଙ୍ଗର ୯ଜଣଙ୍କୁ ବୁଧବାର ପୋଲିସ କବ୍‌ଜାକୁ ନେଇଛି। ଗିରଫ ଅଭିଯୁକ୍ତମାନେ ହେଲେ ୟୁଏଇରେ ରହୁଥିବା ଛତିଶଗଡ଼ ରାୟପୁରର ମାଷ୍ଟରମାଇଣ୍ଡ କିଷନ ଅଗ୍ରୱାଲ(୨୬), କୁନାଲ ଅଗ୍ରୱାଲ(୨୫), ଉତ୍ତରାଖଣ୍ଡ ରୁଦ୍ରପ୍ରୟାଗର ଅର୍ଜୁନ ସିଂହ(୨୭), ଛତିଶଗଡ଼ ଯାସପୁରର ଗିରିଧାରୀ ସିଂହ(୨୪), କୋରବାର ଅଜୟ କୁମାର(୨୫), ବାଲୋଦାବଜାରର ସନ୍ଦୀପ ସୋନି(୨୮), ଚାମ୍ପାର ସୌମେନ୍ଦ୍ର ସିଂ ରାଜପୁତ(୨୮), ରାୟଗଡ଼ର ଅଭିଜିତ୍ ଭରଦ୍ୱାଜ(୨୭) ଏବଂ ଜାଗିରଚାମ୍ପାର ଦିନେଶ ସାହୁ(୨୫)। ଏନେଇ ଏକ ମାମଲା(ନଂ.୪/୨୫) ରୁଜୁକରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୫ଟି ଲାପ୍‌ଟପ୍, ୩୧ଟି ମୋବାଇଲ, ୬୮ଟି ସିମ୍‌କାର୍ଡ, ୨ଟି ଜିଓ ଫାଇବର ରାଉଟର୍, ୨୦ଟି ପରିଚୟପତ୍ର, ୪ଟି ବ୍ୟାଙ୍କ ପାସବୁକ୍ ଏବଂ ଚେକ୍‌ବୁକ୍, ୨ଟି ପେନ୍‌ଡ୍ରାଇଭ୍, ୧୯ଟି କ୍ରେଡିଟ୍ ଏବଂ ଡେବିଟ୍ କାର୍ଡ, ଗୋଟିଏ ମାରୁତି ସ୍ୱିଫ୍ଟ କାର ଓ ସ୍କୁଟି ଜବତ ହୋଇଛି। ୟୁଏଇରୁ ଏହି ସାଇବର ଠକେଇ ଚେର ରାଉରକେଲା ପର୍ଯ୍ୟନ୍ତ ଲମ୍ବିଥିବା ପୋଲିସ ଜିଲା ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ସୂଚନା ଦେଇଛନ୍ତି।

ପଶ୍ଚିମାଞ୍ଚଳ ଡିଆଇଜି ରାୟ କହିଛନ୍ତି, ରାଉରକେଲା ଓ ବାହାର ରାଜ୍ୟର ପ୍ରାୟ ୨୭ ଜଣ ଅଭିଯୋଗକାରୀଙ୍କ ଏତଲାକୁ ଭିତ୍ତିକରି ତଦନ୍ତ ସମୟରେ କିଛି ନିର୍ଦ୍ଦିଷ୍ଟ ବ୍ୟାଙ୍କ ଆକାଉଣ୍ଟରେ ବ୍ୟାପକ ଅର୍ଥ କାରବାର ଲକ୍ଷ୍ୟ କରାଯାଇଥିଲା। ଉକ୍ତ ଆକାଉଣ୍ଟଗୁଡ଼ିକୁ ୧୭୬ଟି ଅନ୍ୟ ବ୍ୟାଙ୍କରୁ କାରବାର ହୋଇଥିଲା। ସନ୍ଦେହ ଆଧାରରେ ତଦନ୍ତ କରାଯାଇ ରାଉରକେଲା ସିସି ଆଣ୍ଡ ଇଓ ପୋଲିସ ସିଭିଲ ଟାଉନଶିପ୍ ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟରେ ଚଢ଼ାଉ କରିଥିଲା। ସେଠାରୁ ପ୍ରଥମେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ପରେ ବାସନ୍ତୀ କଲୋନୀ ଅଞ୍ଚଳରେ ଚଢ଼ାଉକରି ୫ଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ନିକଟରୁ ବ୍ୟାପକ ସାମଗ୍ରୀ ଜବତ ହୋଇଥିଲା। ସେମାନେ ଏକ ନକଲି ଆପ୍ 'ଟ୍ରେଡ୍ ନାଓ' ଜରିଆରେ ଲୋକଙ୍କୁ ପ୍ରଲୋଭିତ କରି ଠକୁଥିଲେ। ୟୁଏଇରେ ରହୁଥିବା କିଷନଙ୍କ ନେତୃତ୍ୱରେ ପ୍ରତ୍ୟେକ ଦିନ ୫୦ ଲକ୍ଷର କାରବାର ହେଉଥିଲା। ହୱାଲା ଅପରେଟରଙ୍କ ଜରିଆରେ ଦକ୍ଷିଣ ଓ ପଶ୍ଚିମ ଏସୀୟ ଦେଶରେ ଏହି ରାକେଟ୍ ସକ୍ରିୟ ଥିଲା। ମାଷ୍ଟରମାଇଣ୍ଡ ଛତିଶଗଡ଼ ନିବାସୀ ହୋଇଥିଲେ ମଧ୍ୟ ସେ ୟୁଏଇରେ ରହୁଥିଲେ। ହେଲେ ରାଉରକେଲା ଯା'ଆସ କରୁଥିଲେ। ଚଢ଼ାଉ ଦିନ ସେ ୟୁଏଇ ଖସିଯିବା ପୂର୍ବରୁ ସହଯୋଗୀଙ୍କ ସମେତ ପୋଲିସ ହାତରେ ଧରାପଡ଼ିଥିଲେ। ଧରାପଡ଼ିଥିବା ଗ୍ୟାଙ୍ଗ ବିରୋଧରେ ଦେଶର ବିଭିନ୍ନ ସ୍ଥାନରେ ୨୭ଟି ମାମଲା ରୁଜୁ ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୩ଟି ବ୍ୟାଙ୍କ ଆକାଉଣ୍ଟରେ ୧.୪୧ କୋଟି ଟଙ୍କା ଫ୍ରିଜ୍ କରାଯାଇଛି ବୋଲି ରାୟ କହିଛନ୍ତି। ଖବରଦାତା ସମ୍ମିଳନୀରେ ଏସ୍‌ପି ନିତେଶ ୱାଧୱାନୀ କହିଛନ୍ତି, ଅନ୍ୟ ଆପ୍‌ଗୁଡ଼ିକ ସେବି ପରିଚାଳନାରେ ରହୁଥିବାବେଳେ ଟ୍ରେଡ୍ ନାଓ ଆପ୍‌ରେ ସେପରି କୌଣସି ରେକର୍ଡ ହସ୍ତଗତ ହୋଇ ନ ଥିଲା। ୟୁବପିଢ଼ିଙ୍କ ଜରିଆରେ ଏପରି ରାକେଟ୍ ସକ୍ରିୟ ରହିଛି। ଉକ୍ତ ମାମଲାରେ ତଦନ୍ତ ଜାରି ରହିଛି ବୋଲି ଏସ୍‌ପି ୱାଧୱାନୀ କହିଛନ୍ତି। ଖବରଦାତା ସମ୍ମିଳନୀରେ ପଶ୍ଚିମାଞ୍ଚଳ ଏସ୍‌ଡିପିଓ ଅମିତ ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ।

## ୬ ଚୋରା ବାଇକ ଜବତ, ୩ ଗିରଫ

ଭୁବନେଶ୍ୱର,୯।୪(ସତ୍ୟଜିତ୍ ରାଉତ): ଏକ ମାମଲାର ତଦନ୍ତ କରୁଥିବାବେଳେ ଭରତପୁର ଥାନା ପୋଲିସ ବାଇକ ଚୋରି ଗ୍ୟାଙ୍ଗକୁ ଧରିଛି। ଗ୍ୟାଙ୍ଗ ମୁଖ୍ୟଙ୍କ ସମେତ ୩ଜଣଙ୍କୁ ବୁଧବାର ଗିରଫ କରାଯାଇଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଏହି ଥାନା ଅନ୍ତର୍ଗତ ପଣ୍ଡାକୁଦିଆ ବସ୍ତିରେ ରହୁଥିବା ସୌମ୍ୟଜିତ ବେହେରା (୩୬) ଏବଂ ଦୁଇ ସହଯୋଗୀ ହେଲେ ଚନ୍ଦକା ଥାନା ଅନ୍ତର୍ଗତ ସୀତାରାମ ବଜାରରେ ରହୁଥିବା ପଶ୍ଚିମବଙ୍ଗ ନଦିଆ ଅଞ୍ଚଳର ଅଜିତ୍ ସେଖ୍ (୨୧) ଓ ଚନ୍ଦକା ଅଞ୍ଚଳରେ ରହୁଥିବା ଭଗବାନ ହାଂସଦା (୨୨)। ସେମାନଙ୍କଠାରୁ ୬ଟି ଚୋରା ବାଇକ ଜବତ ହୋଇଛି। କୋର୍ଟଚାଲାଣ ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ସୌମ୍ୟଜିତଙ୍କ ନାଁରେ ଭରତପୁର ଥାନାରେ ୩ଟି ମାମଲା ରହିଛି। ସୂଚନା ଅନୁଯାୟୀ, ମାର୍ଚ୍ଚ ୨୪ରେ ଅଭିଯୋଗକାରୀ ମାଧବ ବେହେରା ବାପାଙ୍କ ଚିକିତ୍ସା ପାଇଁ ଭରତପୁର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲକୁ ଯାଇଥିଲେ। ବେସ୍‌ମେଣ୍ଟ ପାର୍କିଂରେ ସେ ବାଇକ ରଖିଥିବା ବେଳେ ସେଠାରୁ ଅଭିଯୁକ୍ତ ସୌମ୍ୟଜିତ୍ ଚୋରି କରି ନେଇଯାଇଥିଲେ।

## ଭୁବନେଶ୍ୱରରେ ୫୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

### ଜଳେଶ୍ୱରର ୨ ନିଶା ବେପାରି ଗିରଫ

ଭୁବନେଶ୍ୱର,୯।୪(ସତ୍ୟଜିତ୍ ରାଉତ)

ବାଲେଶ୍ୱରରୁ ବ୍ରାଉନସୁଗାର ଧରି ଭୁବନେଶ୍ୱରର ଡିଲରଙ୍କୁ ଦେବାକୁ ଆସିଥିବା ୨ଜଣ ନିଶା ବେପାରୀଙ୍କୁ କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ୍ (ଏସ୍‌ସିୟୁ) ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ବାଲେଶ୍ୱର ଜଳେଶ୍ୱର ଅଞ୍ଚଳର ଜମ୍ମୁ ଓରଫ ସେକ୍ ଜମିର ମହମ୍ମଦ (୩୦) ଓ ସେକ୍ ସାହିଦ୍ ମହମ୍ମଦ (୪୧)। ସେମାନଙ୍କଠାରୁ ୫୧୫ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୫୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ସେମାନଙ୍କଠାରୁ ଏକ ହୋଣ୍ଡା ଆକ୍ଟିଭା ସ୍କୁଟି (ଓଡି୦୧ଏଡବ୍ଲ୍ୟୁ୪୨୯୧) ଓ ଦୁଇ ମୋବାଇଲ ଫୋନ୍ ଜବତ ହୋଇଛି। ସ୍ପେଶାଲ କ୍ରାଇମ ୟୁନିଟ୍ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ବୁଧବାର ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ନିଶା ବେପାରିଦ୍ୱୟ ବଡ଼ ପରିମାଣର ବ୍ରାଉନସୁଗାର ନେଇ ଭୁବନେଶ୍ୱରକୁ ଆସୁଥିବା ସ୍ପେଶାଲ କ୍ରାଇମ୍ ୟୁନିଟ୍ ଖବର ପାଇଥିଲା। ମଙ୍ଗଳବାର ପୋଲିସ ଟିମ୍ ଖଣ୍ଡଗିରି ନାକା ଗେଟ୍ ଛକ ନିକଟରେ ଛକି ରହିଥିଲା। ଅପରାହ୍ନ ପ୍ରାୟ ୫ଟା ୩୦ରେ ଅଭିଯୁକ୍ତଦ୍ୱୟ ରାସ୍ତା ପାରି ହେବା ବେଳେ ପୋଲିସ ଟିମ୍ ସେମାନଙ୍କୁ କାବୁ କରିନେଇଥିଲେ। ସେମାନେ ଭୁବନେଶ୍ୱରର କାହାକୁ ବ୍ରାଉନସୁଗାର ଦେବାକୁ ଆସିଥିଲେ ଓ ସେମାନଙ୍କ ଲିଙ୍କ୍‌ରେ ଥିବା ବ୍ରାଉନସୁଗାର ଡିଲର ଓ ନିଶାବେପାରୀଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି।

## ରାସ୍ତାରୁ ଜବତ ଗାଡ଼ି ଛଡ଼ାଇନେଲେ

### ମହୁଲ ବେପାରୀଙ୍କ ଗୁଣ୍ଡାଗିରି

ଉଦଳା,୯।୪(ସନ୍ତୋଷ କୁମାର ବାଛିନୀ)


ଜବତ ମହୁଲ

ଅବକାରୀ ବିଭାଗ ଜବତ କରିଥିବା ଗାଡ଼ିକୁ ମହୁଲ ବେପାରୀ ସିନେମା ଷ୍ଟାଇଲରେ ରାସ୍ତାରୁ ଛଡ଼ାଇ ନେଇଛନ୍ତି। ସେଥିରେ ବସିଥିବା ମହିଳା ଅବକାରୀ ଅଧିକାରୀଙ୍କୁ ସାଙ୍ଗରେ ନେଇ ସେ ନିଜ ଘର ପାଖରେ ଜବତ ମହୁଲ ଅନ୍‌ଲୋଡ୍ କରିଥିଲେ। ମହୁଲ ବେପାରୀଙ୍କ ଏଭଳି ଗୁଣ୍ଡାଗିରି ଦେଖି ଜଳକା ହୋଇ ଚାହିଁରହିଲେ ଅବକାରୀ ସବ୍‌ଇନ୍ସପେକ୍ଟର। ଏଭଳି ଘଟଣା ଘଟିଛି ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ଜାରଡ଼ା ଗ୍ରାମରେ।

ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଉଦଳା ଅବକାରୀ ବିଭାଗ କର୍ମଚାରୀ କପ୍ତିପଦା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ମହୁଲ ଚୋରା ଚାଲାଣ ହେଉଥିବା ଖବର ମିଳିଥିଲା। ତଦନୁଯାୟୀ ସେମାନେ କପ୍ତିପଦା ଛକ ନିକଟରେ ମହୁଲ ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ୍‌କୁ ଅଟକାଇ ଯାଞ୍ଚ କରିଥିଲେ। ଡ୍ରାଇଭର କାଗଜପତ୍ର ଦେଖାଇ ନ ପାରିବାରୁ ପିକ୍‌ଅପ୍ ଭ୍ୟାନ୍‌କୁ ଅବକାରୀ ବିଭାଗ ଜବତ କରିଥିଲା। ଜବତ ଗାଡ଼ିରେ ଥିବା ୪ ଜଣଙ୍କୁ ଅବକାରୀ କର୍ମଚାରୀ ଗିରଫକରି ବିଭାଗୀୟ ଗାଡ଼ିରେ ଉଦଳା କାର୍ଯ୍ୟାଳୟକୁ ଆଣିଥିଲେ। ଅନ୍ୟପଟେ ଜବତ ମହୁଲ ବୋଝେଇ ଭ୍ୟାନ୍‌ରେ ଅବକାରୀ ସବ୍‌ଇନ୍ସପେକ୍ଟର ଶୁଭଦର୍ଶିନୀ ସାହୁ ବସି ଜଣେ ଡ୍ରାଇଭରଙ୍କ ସହାୟତାରେ ଉଦଳା କାର୍ଯ୍ୟାଳୟକୁ ଆଣୁଥିଲେ। ଏହି ସମୟରେ ଜାରଡ଼ା ଛକ ନିକଟରେ ମହୁଲ ବେପାରୀ ବାବୁଲି ପ୍ରଧାନ କେତେଜଣ ସହଯୋଗୀଙ୍କ ସହ ରାସ୍ତାରେ ଜବତ ଗାଡ଼ିକୁ ଅଟକାଇଥିଲେ। ଗାଡ଼ିର ଡ୍ରାଇଭରଙ୍କୁ ମାଡ଼ମାରି ଓହ୍ଲାଇ ଦେଇଥିଲେ। ପରେ ସବ୍‌ଇନ୍ସପେକ୍ଟର ବସିଥିବା ମହୁଲ ଗାଡ଼ିକୁ ନିଜେ ଚଳାଇ ତାଙ୍କ ଘରକୁ ନେଇଯାଇଥିଲେ। ସେଠାରେ ଅବକାରୀ ଅଧିକାରୀଙ୍କୁ ଗାଡ଼ିରୁ ଓହ୍ଲାଇ ଦେଇ ତାଙ୍କ ସାମ୍ନାରେ ଜବତ ପିକ୍‌ଅପ୍ ଭ୍ୟାନ୍‌ରୁ ୧୬ କୁଇଣ୍ଟାଲ ମହୁଲ ବସ୍ତାକୁ ଅନ୍‌ଲୋଡ୍ କରିଥିଲେ। ଏହାପରେ ଗାଡ଼ିକୁ କେଉଁଆଡ଼େ ନେଇଯାଇଥିଲେ। ଖବରପାଇ କପ୍ତିପଦା ପୋଲିସ ଟିମ୍ ପହଞ୍ଚି ୧୬ କୁଇଣ୍ଟାଲ ମହୁଲ ଜବତ କରିଥିଲା। ପୂର୍ବରୁ ଥାନାକୁ ଆଣିଥିବା ୪ ଅଭିଯୁକ୍ତ ଅଶ୍ୱିନୀ କୁମାର ଦାସ, ଦୀପକ ଦାସ, ସୁମନ୍ତ ଦାସ ଏବଂ ରଞ୍ଜୁ ବିଶ୍ୱାଳଙ୍କୁ ଗିରଫ କରିଥିଲା। ଘଟଣା ପରେ ମହୁଲ ବେପାରୀ ବାବୁଲି ଫେରାର ହୋଇଯାଇଥିବା ସୂଚନା ମିଳିଛି। ବାବୁଲିଙ୍କ ନାମରେ ଉଦଳା ଅବକାରୀ ଥାନାରେ ମାମଲା ରୁଜୁ ହୋଇଛି।

## ୨ କନ୍‌ଷ୍ଟେବଲଙ୍କୁ ଛୁରାମାଡ଼

ଟେନ୍‌ସା,୯।୪(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡ଼ା ବ୍ଲକ ଟେନ୍‌ସା ଫାଣ୍ଡିର ୨ କନ୍‌ଷ୍ଟେବଲଙ୍କୁ ମଙ୍ଗଳବାର ରାତିରେ ଛୁରାମାଡ଼ ହୋଇଛି। ସେମାନେ ହେଲେ ପୃଥ୍ୱୀରାଜ ପରିଡ଼ା ଏବଂ ଜିତେନ୍ଦ୍ର ରାଉତରାୟ। ଆହତ ୨ କନ୍‌ଷ୍ଟେବଲଙ୍କୁ ଟେନ୍‌ସା ଇସ୍ପାତ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ପୃଥ୍ୱୀରାଜଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଆରଜିଏଚ୍‌କୁ ପଠାଯାଇଛି। ଜିତେନ୍ଦ୍ର ସାମାନ୍ୟ ଆହତ ହୋଇଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ିଦିଆଯାଇଛି। ଘଟଣାସ୍ଥଳରେ ଲହୁଣିପଡ଼ା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆକ୍ରମଣକାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ପୋଲିସ ତାଙ୍କ ପରିବାର ଲୋକଙ୍କୁ ଟେନ୍‌ସା ଫାଣ୍ଡିରେ ରଖି ପଚରାଉଚରା କରୁଛି। ଏନେଇ ଲହୁଣିପଡ଼ା ଥାନାରେ ୨ଟି ପୃଥକ୍ ମାମଲା ରୁଜୁ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଟେନ୍‌ସା ସି-ବ୍ଲକରେ ରହୁଥିବା ୨ ପଡ଼ୋଶୀଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡ଼ା ହୋଇଥିଲା। ଖବର ପାଇ ଟେନ୍‌ସା ଫାଣ୍ଡିରୁ ପୃଥ୍ୱୀରାଜ ଓ ଜିତେନ୍ଦ୍ର ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ସମୟରେ ବ୍ୟକ୍ତି ଜଣକ ଟାଙ୍ଗିଆ ଧରି ଗାଳିଗୁଲଜ କରିଥିଲେ। ସେମାନେ ଟାଙ୍ଗିଆ ଛଡ଼େଇବାରୁ ସେ ଛୁରିରେ ତାଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏନେଇ ଲହୁଣିପଡ଼ା ଥାନାରେ କନ୍‌ଷ୍ଟେବଲ ଓ ଆକ୍ରମଣକାରୀଙ୍କ ପକ୍ଷରୁ ୨ଟି ପୃଥକ୍ ମାମଲା (ନଂ. ୮୯/୨୫, ୯୦/୨୫) ରୁଜୁ ହୋଇଛି।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧାନ ସେରକ ପାଇଁ ସାଇକି ଗଲି
କୁଲାକ ଚାଉଳ କୁକୁରକୁ ଦେଲି।**

ବ୍ୟକ୍ତି ନିଜ ଅଜ୍ଞତା ପାଇଁ ଦୁଃଖ କଷ୍ଟ ପାଇଥାଏ। ଅଯଥାରେ ଅଜସ୍ର ଧନ ନଷ୍ଟକରି ବାହାରେ ସାମାନ୍ୟ କେତେଟା ଟଙ୍କା ପାଇଁ ହାତ ପତାଉଥିବା ଲୋକର ଚରିତ୍ର ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଧାନ କିଆରି ପାଚିଲା
ଚଷା ମାଇପ ନାଚିଲା।**

ଧାନ ଅମଳ ହେବାର ପୂର୍ବରୁ ଚାଷୀ ଘରର ସ୍ତ୍ରୀଲୋକ ଭଲ ଫସଲ ଅମଳ ହେବା ନେଇ ମନରେ ଅନେକ ଆଶା ରଖିଥାନ୍ତି। ଏପରି ସ୍ଥିତିରେ ଅଧିକ ଅମଳ ହେବା ନେଇ ସେମାନେ ଉତ୍‌ଫୁଲ୍ଲ ହୋଇ ଉଠିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିସର୍ସ ପ୍ରା:ଲି:


HDFC BANK
We understand your world

## AUCTION SALE NOTICE

The borrowers, in particular, and the public, in general, are hereby notified that public auction of gold ornaments / security pledged in the below accounts is proposed to be conducted. The auction is of the gold ornaments / security of borrowers who have defaulted to pay, as per the terms of Loan Agreement signed & accepted by them, despite notices by HDFC Bank Limited (the "Bank") to clear the loan dues. The Bank had also issued a notice to the borrowers whereby, 7 days' time was given to repay the entire outstanding dues in the below accounts, failing which Bank would be at liberty to auction the entire pledged gold security without issuing further notice. The borrowers have neglected and failed to make payment, therefore, Bank in exercise of its rights under the loan agreement as a pledgee has decided to enforce the pledge over gold security by selling the entire gold ornaments / security by way of auction and recover the dues owed by the borrowers to the Bank.

**The auction will be conducted at the below mentioned branch/s on 17-Apr-2025 from 2:30 Pm onwards. In the event the auction of any pledged security cannot be conducted or concluded on the date mentioned, the Bank reserves the right to conduct or proceed with the said auction on any subsequent date and time.**

| Sl. No | LOAN NO. | BORROWER'S NAME | LOAN AMOUNT | Place of Auction (Branch Address) |
|---|---|---|---|---|
| 1 | 75716229 | ANITA GADANAYAK | 355000 | HDFC BANK LTD, AT-KANDASARA, PO-NALCO NAGAR, ANGUL-759145 |
| 2 | 75556808 | KUMUDA CHANDRA BEHERA | 183200 | |
| 3 | 75226703 | SOUMYA RANJAN MOHARANA | 52000 | HDFC BANK LTD, AT-PANDUA, PO-KOTAGARA, AANLABARENI, DHENKANAL-759026 |
| 4 | 74835884 | BHAGYADHAR ROUT | 50500 | |
| 5 | 75456400 | MADAN MOHAN PADHAN | 34800 | |
| 6 | 74808984 | AJAYA BHOI | 21000 | |
| 7 | 75184458 | SUBHRA PRAKASH KANOONGO | 333800 | HDFC BANK LTD, BAJRAKABATI ROAD, CUTTACK-753001 |
| 8 | 74815883 | ANANGA UDAYA ROUT | 67800 | |
| 9 | 73550116 | AMRIK SINGH | 300500 | HDFC BANK LTD, BARBIL JODA HIGHWAY, KEONJHAR, BARBIL-758035 |
| 10 | 75281173 | RISHAB OJHA | 65700 | |
| 11 | 74864821 | PRANITA SAHOO | 178000 | HDFC BANK LTD, BESIDE TAHASIL OFFICE, CHANDINI CHOWK, CUTTACK-753002 |
| 12 | 74846536 | TAHARUN NISA | 48000 | |
| 13 | 75677621 | ASISH KUMAR BARIK | 533000 | HDFC BANK LTD, BHABA NAGAR SQUARE, BRAHMAPUR, GANJAM-760004 |
| 14 | 75369329 | CHINMAYEE PANDA | 217000 | |
| 15 | 74853583 | SAHADEV MASANTA | 57600 | HDFC BANK LTD, BIRAMITRAPUR, NEAR NEW BUS STAND, SUNDARGARH, ODISHA-770033 |
| 16 | 74179687 | PUJARINI BISWAL | 137000 | HDFC BANK LTD, BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007 |
| 17 | 74835093 | RANJIT MALLIK | 48800 | |
| 18 | 74873854 | LAXMIDHAR SWAIN | 26000 | |
| 19 | 75759020 | SMITARANI DASH | 650200 | |
| 20 | 73385963 | BIJAYA KUMAR MOHAPATRA | 206000 | HDFC BANK LTD, C/O-PRITI AUTO COMBINE, GOL BAZAR, SAMBALPUR-768001 |
| 21 | 75437382 | GHANSYAM PRADHAN | 31000 | |
| 22 | 75670443 | CHANDAN KUMAR SAHOO | 170100 | HDFC BANK LTD, DURGA BAZAR, JAGATSINGHAPUR, ORISSA-754103 |
| 23 | 75723936 | CHANDAN KUMAR SAHOO | 153400 | |
| 24 | 74853819 | DEEPAK KUMAR NAYAK | 81700 | |
| 25 | 75235520 | LINGARAJ RANA | 35200 | |
| 26 | 75749721 | GITA KHANDUAL | 32600 | |
| 27 | 74868454 | RAMRATAN SANGHAI | 570000 | HDFC BANK LTD, DURGA COMPLEX, JHARSUGUDA-768201 |
| 28 | 73417780 | VIKASH KUMAR JAIN | 231000 | HDFC BANK LTD, DWIBEDI BHAWAN, BISRA ROAD, ROURKELA-769001 |
| 29 | 74213295 | RUPA KUMARI | 104000 | |
| 30 | 73426249 | HIMANSHU BHUSAN PANDA | 50100 | |
| 31 | 75184947 | MD ASIF | 18300 | |
| 32 | 75289926 | SEHK FARUQUE AHEMAD | 98500 | HDFC BANK LTD, F M CIRCLE, BALASORE-756001 |
| 33 | 73702676 | CHITTA RANJAN PADHI | 45000 | |
| 34 | 74850849 | SIDDHARTHA KUMAR DAS | 91700 | HDFC BANK LTD, GAJANAN TOWERS, UPPER GROUND FLOOR, PLOT NO-60, BUDHA NAGAR, KALPANA SQUARE, BHUBANESWAR-751006 |
| 35 | 75402754 | PRATIBHA PRADHAN | 70000 | HDFC BANK LTD, GROUND FLOOR, BRAJA NAGAR, FIRST LANE, LUCHAPADA ROAD, BRAHMAPUR, GANJAM-760001 |
| 36 | 74806587 | SANJEEB KUMAR PATRO | 30000 | |
| 37 | 74866669 | LAXMI NARAYAN MISHRA | 23000 | |
| 38 | 75610860 | JAGANNATHA PADHY | 281400 | HDFC BANK LTD, GROUND FLOOR, MAIN ROAD CHIKITI PENTHA, GANJAM-761010 |
| 39 | 75442477 | GOBINDA BEHERA | 105300 | |
| 40 | 75712796 | BHASKAR SAHU | 78400 | |
| 41 | 74813734 | SHANKAR NAYAK | 31000 | |
| 42 | 74865242 | KABITA KAHNAR | 175600 | HDFC BANK LTD, GROUND FLOOR, NUAGUDA, OPP. FCI-I,ARTS COLLEGE ROAD, MALKANAGIRI-764048 |
| 43 | 74831830 | ANITA MISTRY | 121500 | |
| 44 | 74830325 | SATYAJIT RAY | 116300 | |
| 45 | 75414972 | PRADEEP KUMAR PUJARI | 55900 | |
| 46 | 73583382 | DEEPAK KUMAR PRADHAN | 59797 | HDFC BANK LTD, GROUND FLOOR, POKHARIAPADA, PATTAMUNDAI, KENDRAPADA-754215 |
| 47 | 75377208 | SMRUTI RANJAN PARIDA | 35000 | |
| 48 | 74877651 | JYOTIRANJAN PRADHAN | 51000 | HDFC BANK LTD, GROUND FLOOR, RAJENDRA VIHAR APARTMENT, BLOCK- D, FOREST PARK, BHUBANESWAR-751020 |
| 49 | 74596315 | ANANDA NAIK | 72000 | HDFC BANK LTD, HATATOTA, TALCHER, ANGUL-759100 |
| 50 | 75025646 | ANANDA NAIK | 37000 | |
| 51 | 75757039 | SOUMYARANJAN PRADHAN | 52000 | HDFC BANK LTD, JABARA, JENAPUR, KUAKHIA, RASULPUR, JAJPUR-755023 |
| 52 | 75292578 | PRASANNA BEHERA | 24700 | |
| 53 | 75307209 | JAYASHREE PANDA | 275200 | HDFC BANK LTD, JAGAMARA, BHUBANESWAR, KHURDA-751030 |
| 54 | 75465654 | JITEN KUMAR SAHU | 56400 | |
| 55 | 74830831 | SETUNA RATHA | 45700 | HDFC BANK LTD, JAGANNATH ROAD, NEAR HOTEL SURYA, DHENKANAL-759001 |
| 56 | 75263422 | SANJAYA KUMAR SAHU | 734000 | HDFC BANK LTD, JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 57 | 75327845 | SANJUKTA SAHU | 540000 | |
| 58 | 74859400 | NIRUPAMA PATRA | 238000 | |
| 59 | 75349085 | K SANDHYALATA | 218000 | |
| 60 | 73963637 | RAGHUNATH BHUYAN | 150000 | |
| 61 | 75322689 | SUJATA SAHU | 41000 | |
| 62 | 75706461 | AKASH SINGH | 109800 | HDFC BANK LTD, KIIT CAMPUS 5, NEAR KIMS, ADMINISTRATIVE BLOCK, PATIA, BHUBANESWAR-751024 |
| 63 | 74824142 | AKASH SINGH | 42600 | |
| 64 | 75127364 | MD ZUNED IQUBAL | 41700 | |
| 65 | 75454364 | BIBHU PRASAD SINGH | 103900 | HDFC BANK LTD, MAHIPAL, KENDRAPARA-754211 |
| 66 | 74822402 | SANJU NAYAK | 95000 | |
| 67 | 74833144 | BIRABAR BAI | 60000 | |
| 68 | 75282097 | P ANITA PATRA | 23400 | HDFC BANK LTD, MAIN ROAD, BALISIRA, GUNTHA PADA, BHANJANAGAR, GANJAM-761115 |
| 69 | 75596546 | ASHOK KUMAR SAHU | 21000 | |
| 70 | 75735824 | GANESH JENA | 670800 | |
| 71 | 75154237 | ASHOK SETHI | 121000 | HDFC BANK LTD, MAIN ROAD, BHANJANAGAR, GANJAM-761126 |
| 72 | 75528042 | ALEKH NAIK | 89300 | |
| 73 | 75272266 | SANDHYA SWAIN | 80400 | |
| 74 | 74851172 | KARTTIKA GOUDA | 60500 | |
| 75 | 75453238 | CHINMAYEE PANDA | 100000 | HDFC BANK LTD, MAIN ROAD, GOSANINUAGAON, BERHAMPUR-760003 |
| 76 | 75269712 | TEJAS KUMAR RANA | 1907000 | |
| 77 | 75509524 | PRUTHIRAJ MAHAPATRA | 96000 | HDFC BANK LTD, MAIN ROAD, NEAR RELIANCE TRENDS, BALUGAON-752030 |
| 78 | 75302271 | PRAMOD DALAI | 77600 | |
| 79 | 74863670 | RAJARAM MAHAPATRA | 33000 | |
| 80 | 74869751 | NIRAL ENEM HORO | 92000 | HDFC BANK LTD, MANIKESWARI CHOWK, BHAWANIPATNA, KALAHANDI-766001 |
| 81 | 74314433 | DIBYABHARATI RAUT | 26800 | |
| 82 | 75674403 | AMARLAL SI | 22000 | |
| 83 | 75356067 | KILLI SANKARI | 326000 | HDFC BANK LTD, MARKET SQUARE, PARLAKHEMUNDI, GAJAPATI-761200 |
| 84 | 75031397 | PININTI BENARJI | 284000 | |
| 85 | 74448385 | JENA DURJYODHANA | 115000 | |
| 86 | 75221551 | BHAGIRATHI RAULO | 17000 | |
| 87 | 75310736 | SUJIT JHA | 201900 | HDFC BANK LTD, MERIDIEN TOWER, C-8, FIRST FLOOR, UDIT NAGAR, ROURKELA-769012 |
| 88 | 74822164 | JAY PRAKASH YADAV | 77200 | |
| 89 | 75271147 | MARGARAT KABITA KHARA | 265800 | HDFC BANK LTD, NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 90 | 75344267 | ANDI FLOWER BAGH | 94500 | |
| 91 | 75190842 | GUPTA ADAKATIA | 89600 | |
| 92 | 74844409 | PRAFULLA KUMAR NAYAK | 70000 | |
| 93 | 74818399 | DEVRAJ MAHAR | 50000 | HDFC BANK LTD, NEAR ILA MEDICAL STORE, SHANTIPARA, BOLANGIR-767002 |
| 94 | 75247424 | SUBRAT KUMAR PADHY | 117300 | HDFC BANK LTD, PAKALAVARI STREET, CITY POST OFFICE ROAD, GANJAM, BRAHMAPORE-760002 |
| 95 | 74116176 | MISHKA TEJESWARA RAO | 97000 | |
| 96 | 75127121 | DEEPAK SWAIN | 62000 | |
| 97 | 74812759 | SANJAY KUMAR PALAI | 42400 | |
| 98 | 74849903 | SANJIT BHUKTA | 24500 | HDFC BANK LTD, PARIJAT PALACE COMPLEX, N.A.C. CHHAK, BAUDHGARH, BOUDH-762014 |
| 99 | 75300111 | MOHIT BAGH | 128500 | HDFC BANK LTD, PATEL MARG, NABARANGAPUR-764059 |
| 100 | 75062146 | RUTU HARIJAN | 54000 | |
| 101 | 50200067703988 | DHURJATI DAS | 1486292.96 | HDFC BANK LTD, PATRAPADA, BHUBANESWAR, KHURDA-751019 |
| 102 | 75652183 | RAJALAXMI JENA | 474000 | |
| 103 | 75620113 | RAJALAXMI JENA | 152800 | |
| 104 | 75038852 | RAKESH KUMAR PATI | 85700 | |
| 105 | 74860867 | RAJENDRA JENA | 68800 | |
| 106 | 75375160 | BADAL KUMAR ROUT | 158000 | HDFC BANK LTD, PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 107 | 75464625 | SUBASH CHANDRA BEHERA | 77700 | |
| 108 | 75431651 | SANDEEP MOHAPATRA | 60500 | |
| 109 | 75283021 | RANJAN NAYAK | 975000 | |
| 110 | 75363336 | SANGRAM KESHARI BARIK | 367000 | |
| 111 | 75663661 | SASMITA SAHOO | 204000 | |
| 112 | 75660213 | SASMITA SAHOO | 193000 | |
| 113 | 73798245 | MANOJ KUMAR DAS | 151900 | HDFC BANK LTD, PLOT NO 344, CHANDI CHHAK, CUTTACK-753001 |
| 114 | 75440934 | DILU RAY | 65000 | HDFC BANK LTD, PLOT NO- 447, BHAGWAN TRADE CENTER , NEAR IFFCO SQUARE, ATHARBANKI, PARADEEP-754142 |
| 115 | 75485235 | SUSHRIJEET PRADHAN | 874700 | HDFC BANK LTD, PLOT NO 484/1908, MADHUSUDAN NAGAR, BHUBANESWAR-751012 |
| 116 | 75702896 | PRALINA MUDULI | 112500 | HDFC BANK LTD, PLOT NO 516/1676, SAMPARK VIHAR, PATIA SQUARE, BHUBANESWAR-751024 |
| 117 | 73471866 | ITISHREE SARANGI | 88700 | |
| 118 | 75595251 | SUBHRANSU BHUSAN NATH | 55900 | |
| 119 | 75636778 | DEEPAK KUMAR SWAIN | 48200 | |
| 120 | 75445560 | KAILASH CHANDRA SAHOO | 977500 | HDFC BANK LTD, PLOT NO 6, MAHANADI VIHAR, CUTTACK-753004 |
| 121 | 74108222 | RANJIT DAS | 49100 | HDFC BANK LTD, PLOT NO-2187, S.N. COLONY ROAD, CHANDABALI, BHADRAK, ODISHA-756133 |
| 122 | 75255653 | KARISMA BEHERA | 47600 | |
| 123 | 75448322 | HARU KUMAR BIJULI | 37000 | |
| 124 | 75462633 | SRIKANTA BEHERA | 28800 | |
| 125 | 75298479 | MAHENDRA KUMAR NAYAK | 181000 | HDFC BANK LTD, PLOT NO-323/1000, INFRONT OF NEW BUS STAND, PO-PALLAHATA, KHURDA-762056 |
| 126 | 75532623 | SUSHREE MOHANTY | 130000 | |
| 127 | 75392013 | RITA PATRA | 40500 | HDFC BANK LTD, PLOT NO-758/3631/4648, GANDHI CHOWK, ATHMALLIK, ANGUL, ODISHA-759125 |
| 128 | 73467828 | PRAVATI MOHANTY | 144000 | HDFC BANK LTD, PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100 |
| 129 | 74796440 | CHINMAYA KUMAR BARIK | 129900 | |
| 130 | 75415659 | SANJAYA MALLICK | 93800 | |
| 131 | 74827385 | ASHOK GADATYA | 141800 | HDFC BANK LTD, R K TOWERS, DAILY MARKET, BOLANGIR-767001 |
| 132 | 75448063 | NIRUPAMA DORA | 69026 | HDFC BANK LTD, RAJIV GANDHI CHOWK, KESINGA, KALAHANDI-766012 |
| 133 | 75463700 | BHISMA CHHATRIA | 48700 | |
| 134 | 74518632 | KOUTUKA SAHU | 40000 | |
| 135 | 73585617 | TUSHAR RANJAN DASH | 57000 | HDFC BANK LTD, S. N. PLAZA, NH - 5, NEULPUR, CHANDIKHOL-755024 |
| 136 | 75453816 | KARUNAKAR DALAI | 30300 | |
| 137 | 75332570 | SATYA PRAKASH MOHAPATRA | 28300 | |
| 138 | 74858535 | DASHARATHA MALICK | 27900 | |
| 139 | 75630640 | P LUCKY PATRO | 1582000 | HDFC BANK LTD, SARGUNA STREET, ASKA ROAD, BRAHMAPUR-760006 |
| 140 | 75288033 | SUNITA KUMARI BEHERA | 774700 | |
| 141 | 75356345 | KAILASH CHANDRA SAHU | 294400 | |
| 142 | 75453840 | RATNAMALA MAHARANA | 16000 | |
| 143 | 75227633 | DEBASISH DAS | 350500 | HDFC BANK LTD, VIP PLAZA, VIP ROAD, PURI-752001 |
| 144 | 74864958 | BISHNU PRADHAN | 36200 | |
| 145 | 74867182 | KHIRESWAR SUNANI | 89700 | HDFC BANK LTD, WARD NO 10, JONK, KHARIAR ROAD, NUAPADA-766104 |
| 146 | 465332758 | NIBA BISHOYI | 846000 | HDFC BANK LTD, GROUND FLOOR, OLD CINEMA HALL, NEAR UNION BANK 2 CHOWK, HINJILICUT-761102 |
| 147 | 75262882 | BABITA BISHOYI | 745000 | HDFC BANK LTD, HOLDING NO 123/106, WARD NO 11, KALINGA ROAD, ASIKA, GANJAM-761110 |
| 148 | 75436201 | K RAMESH CHOUDHARY | 187800 | HDFC BANK LTD, GANESWARPUR, REMUNA GOLAI, BALASORE-756019 |
| 149 | 75710547 | RAMA CHANDRA JENA | 385800 | HDFC BANK LTD, PLOT NO-E/11, KOEL NAGAR, ROURKELA, SUNDARGARH-769014 |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction value will be based on the closing price of gold as per IBJA (India Bullion and Jewellers Association Ltd.) on the previous day. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

Date : 10/04/2025
Place : ODISHA

Sd/- Authorized Officer,
HDFC BANK LTD.

# Classified Everyday

0674-2580101, 9692975378



REAL ESTATE

**SALE**

**Gharabari plot with compoundwall 52x40 2080sft. at lowest price 7K.M. from NA-KHARA, 12K.M. from BHUBANESWAR also instalment basis (middle of CTC & BBSR) no interest. 7809525452.** D-76439




Positively health benefited spa by expert female therapist, Bapujinagar. 8018429809 D-76906

Positively health benefited SPA by expert female therapist. 9114559860. D-76907

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-033




For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377

**AFFIDAVIT**

By virtue of an affidavit No.-41 dated 15.02.2025 sworn in before the Court of Magistrate, Bhubaneswar, I, Chinmayee Nayak, W/o- Subrata Kumar Singh, At/ P.O.- Mahakalpada, P.O.- Indupur, Dist.- Jajpur, Odisha, declare that I have changed my name (surname) as Chinmayee Singh in my in-law title after married to Subrata Kumar Singh in the year 2013. I do hereby declare that Chinmayee Nayak and Chinmayee Singh is one and same person. D-102

I, Priti Priyadarshni D/o of Prasanta Kumar Behera, At- MIG 11, H.B. Colony, P.O./P.S./ Dist.- Khordha-752055, I declare by this affidavit No.842 dated on 28.3.2025 that now onwards I shall be known as Priti Priyadarshni for all purpose. D-73585

By virtue of an affidavit sworn before The Executive Magistrate, Dharmasala, dated- 08.04.2025, I, Mahammad Jakir Hussain, At/P.O.- Neulpur P.S.- Dharmasala, Dist.- Jajpur, PIN- 755024, Odisha declare that I have changed my son name from Mojasil Hosen to Mojammil Hussain. Henceforth, He shall be known as Mojammil Hussain for all future purposes. Jakir Hussain D-104

By virtue of an affidavit sworn before Executive Magistrate, Banarpal, Dist.- Angul, dated 5.04.2025, I, Sisira Mohanty, Address: At/ P.O.- Budhapank, P.S.- Banarpal, Dist.- Angul, PIN- 759128, declare that I have changed my son name in Aadhaar card No.- xxxx xxxx 7679 Biswojit Mohanti to Biswajit Mohanty. Henceforth, he shall be known as Biswajit Mohanty for all purposes. Sisira Mohanty D-100

By virtue of an affidavit sworn before Executive Magistrate, Angul, Dist.- Angul, dated 08.01.2025, I, Gagan Bhoi, Address: At- Baidyanathpur, P.O.- Budhapank, P.S.- Banarpal, Dist.- Angul, PIN- 759128, declare that I have changed my daughter name in Aadhaar card No.- xxxx xxxx 2618, Chadini Bhoi to Chandini Bhoi & in DOB has been wrongly mention as 31.08.2012 to change 31.08.2013 for all purposes. Gagan Bhoi D-99

By virtue of an affidavit sworn before Executive Magistrate, Banarpal, Dist.- Angul, Dated 05.04.2025, I, Sisira Mohanty, Address: At/P.O.- Budhapank, P.S.- Banarpal, Dist.- Angul, PIN- 759128. declare that I have changed My son name in Aadhaar card No.- xxxx xxxx 9477 Somyajit Mohanty to Soumyajit Mohanty. Henceforth, he shall be known as Soumyajit Mohanty for all purposes. Sisira Mohanty D-101

By virtue of an affidavit before Notary AthaMallik, Vide No.- 3444, dt- 08.04.2025, I, Ramesh Chandra Tibruwalla resident of Nunukapasi, Kishoreganj Angul- 759127 have changed my name to Ramesh Chandra Tibrewal. Henceforth, I shall be known as Ramesh Chandra Tibrewal in all purposes. D-93

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Executive Magistrate, Balasore, dated 03.04.2025, I Trayambika Behera, At- Balia, P.O.- Kuruda, P.S.- Sahadevkhunta, Dist.- Balasore, PIN- 756556 declare that I have changed my name from Nilam Swati Behera to Trayambika Behera. Henceforth I shall be known as Trayambika Behera for all purposes. Trayambika Behera. D-98

Smt. Sunali Lima, W/o- Sukant Lima, declare by this affidavit No.-348,dt- 09.04.2025, sworn before The Executive Magistrate, Gudari, that now onwards I want to correction my son's name from Arin Lima to Ariyen Lima, bearing Aadhaar No.- xxxx xxxx 2387 of village karlaghati, P.O.- Karlaghati, P.S./Tahasil- Gudari, Dist- Rayagada, for all future purpose. D-97

By virtue of an Affidavit sworn in the Court of Executive Magistrate, Bhubaneswar vide CF No. 106, dtd. 03.04.2025. I, MITHI ROY, D/o- Ramesh Chandra Behera, permanent resident of At- Haridaspur, P.O.- Naharakanta, P.S.- Pahal, Bhubaneswar, Dist.- Khordha, Odisha, PIN- 752101, currently residing At- LP-202, OSHB Colony, Prasanti Vihar, Patia, Near KIIT, Bhubaneswar, Dist- Khordha, Odisha, Pin- 751024, declare that I have changed my name from ANURADHA BEHERA to MITHI ROY. Henceforth, I shall be known as MITHI ROY for all purposes. D-76441

By virtue of an affidavit sowrn before Executive Magistrate, BBSR, Dt- 09.04.2025, I Shrilochan Acharya resident of At- Old Town, P.S.- Lingaraj, BBSR- 751002, Dist.- Khorda, Odisha, declare that I have changed my name from Shreelochan Kumar Acharya to Shrilochan Acharya. Henceforth, I shall be known as Shrilochan Acharya for all purpose. D-88

By virtue of an affidavit sworn before the Executive Magistrate, Muniguda on dated 08.04.2025 (Sl No.- 492/25), I Kala Gamidanga, Father of Tabitha Gomidanga of Village- Chichipanga, P.O./ P.S.- Chandrapur, Dist.- Rayagada, declare that I have changed my daughter's name who is minor (15 years) name to and Tabita Gamidanga. Henceforth, she shall be known as Tabitha Gomidanga for all purposes. D-91

By virtue of an affidavit sworn before The Executive Magistrate, Dharmasala, dated- 08.04.2025, I, Mahammad Jakir Hussain, At/P.O.- Neulpur, P.S.- Dharmasala , Dist.- Jajpur, PIN- 755024, Odisha declare that I have changed my son name from Mojakir Hosen to Mojakkir Hussain. Henceforth, he shall be known as Mojakkir Hussain for all future purposes. Jakir Hussain D-105

By virtue of an affidavit sworn before Bhubaneswar, dated 08.04.2025, I, Indramani Malik, At- Pratapur, P.O.- Neulpur, P.S.- Dharmasala , Dist.- Jajpur, PIN- 755024, Odisha declare that I have changed my son name from Paritis Mallik to Pratyush Malik. Henceforth, he shall be known as Pratyush Malik for all future purposes. Indramani Malik D-103

By virtue of an affidavit before Executive Magistrate, Banki, I have changed my former name Pranata Padhi(Aadhar card No. XXXX XXXX 5782), D/o- Pravat Kumar Padhi of Sahadapada, Banki to Pranita Padhi. Henceforth, I will be known as Pranita Padhi in all purposes. D-92

By virtue of an affidavit before Notary AthaMallik Vide No.- 3445, dt- 08.04.2025, I, Gayatri Tibruwalla resident of Nunukapasi, Kishoreganj, Angul- 759127 have changed my name to Gayatri Tibrewal. Henceforth, I shall be Known as Gayatri Tibrewal in all purposes. D-94

**LEGAL NOTICE**

**Notice Under Order V Rule 20 of C.P.C.**
**IN THE COURT OF THE CIVIL JUDGE (SR. DIV.), DHENKANAL**
**CIVIL SUIT NO.290/2024**

Kalabati Nayak ... ... ... Plaintiff

- Versus -

Prafulla Sahoo and others ... ... ... Defendants

To

1. Mala Sahoo, aged about 60 years, 2. Uma Sahoo, aged about 58 years, 3. Suni Sahoo, aged about 56 years, 4. Niru Sahoo, aged about 54 years

Sl. No. 1 to 4 are daughters of Late Manmanth Kumar Sahoo, All are at/ Ganesh Bazar, Dhenkanal Town, P.S.- Dhenkanal Town, Dist.- Dhenkanal

5. Sujata Sahoo, aged about 59 years, 6. Sabita Sahoo, aged about 57 years, 7. Suburi Sahoo, aged about 55 years, 8. Tikili Sahoo, aged about 51 years

Sl. No. 5 to 8 are daughters of Late- Surendra Kumar Sahoo, Sl. No. are resident of Ganesh Bazar, Dhenkanal Town, P.S.- Dhenkanal Town, Dist.- Dhenkanal

Take summon that the plaintiff has instituted the above suit for partition, permanent injunction and for others reliefs, against the defendants. Hence you are hereby summoned to appear in this court in person or by your pleader duly instructed and able to answer all material questions relating to the suit of 1st the day of May 2025 at 7.00 O' Clock in the forenoon to answer the claim and directed to produce on that day all the documents upon which you intend to rely in support of your defence.

That notice in default of your appearance on the day fixed the suit will be heard and determined in your absence. Given under my hand the seal of court this 25th day of May 2025.

**Sd./- Civil Judge (Sr. Division), Dhenkanal**
**25.03.25**

**SCHEDULE OF PROPERTY**

Mouza- Badasathibatia, Tahasil- Dhenkanal, P.S.- Dhenkanal Sadar, Tahasil No.-3, P/S- 3, Dist.- Dhenkanal, Khata No. 738/6003, Plot No. 1579, Area Ac. 3.230 decimal, Kisama: Bagayata Two, Plot No. 1566, Area- Ac.0.110 decimal, Kisama : Gharabari 3, Plot No.-1570, Area Ac.0.40 decimal, Kisama: Gharabari Three, Plot No.1571, Area 0.100 decimal, Kisama: Gharabari Three, Total Area of Four Plots are Ac.3.480 decimal.

D-109

**ମାନ୍ୟବର ଶ୍ରୀଯୁକ୍ତ ଅତିରିକ୍ତ ଆୟୁକ୍ତ ରିଭିଜନ କୋର୍ଟ ନଂ.-୩, ଭୁବନେଶ୍ୱର, ଜି.- ଖୋର୍ଦ୍ଧା**
**ଓ.ଏସ୍.ଏସ୍. କେସ୍ ନଂ.୫୯୬/୨୦୨୪**

ବୀଣାପାଣି ରାୟ ... ... ବାଦୀ

ବନାମ

ଦୁର୍ଯ୍ୟୋଧନ ରଥ ଓ ଅନ୍ୟମାନେ ... ... ପ୍ରତିବାଦୀମାନେ

**ନୋଟିସ -୫ ରୁଲ୍ -୨୦ ସି.ପି.ସି. ମୁତାବକ**

ପ୍ରାପ୍ତେଷୁ,

ପ୍ରତିବାଦୀ ନଂ.- (୧) ଦୁର୍ଯ୍ୟୋଧନ ରଥ, (୨) ନରୋତ୍ତମ ରଥ, ଉଭୟଙ୍କ ପିତା- ଧୋବେଇ ରଥ, ସା.- ଗୋଲକ ବନେଧ, ଥାନା- ବାଙ୍କୀ, ଜି.- କଟକ, (୩) ପ୍ରଫୁଲ୍ଲ କୁମାର ଛୋଟରାୟ, ପିତା- ମଦନ ଛୋଟରାୟ, (୪) ନମିତା କୁମାରୀ ମହାପାତ୍ର, ସ୍ୱାମୀ- ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ଉଭୟଙ୍କ ବାସସ୍ଥାନ ସା.- ଦାରୁଠେଙ୍ଗ, ପୋ./ଥାନା- ଚନ୍ଦକା, ଜି.- ଖୋର୍ଦ୍ଧା, (୫) ବିକ୍ରମ କୁମାର ଜେନା, ପିତା- ବରେନ୍ଦ୍ର ନାଥ ଜେନା, ସା.- ତାଭୁଜ, ଜି.- ବାଲେଶ୍ୱର, ଓଡ଼ିଶା

**ନୋଟିସ ଅର୍ଡର ୫ ରୁଲ୍ ୨୦ ମୁତାବକ**

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପର ଲିଖିତ ଓଏସ୍ଏସ୍ କେସ୍‌ର ଶୁଣାଣି ଉପରୋକ୍ତ କାର୍ଯ୍ୟାଳୟରେ ଆସନ୍ତା ତା୬।୫।୨୫ରିଖ ଦିବା ଘ.୦୩.୩୦ମି. ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

**ଜମିର ବିବରଣୀ**

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ପଥରଗାଡ଼ିଆ, ସାବକ ଖାତା ନଂ. - ୨୬୯, ସାବକ ପ୍ଲଟ୍ ନଂ.- ୭୧୬, ମୋଟ ଏରିଆ ଏ୫.୯୯୦ଡି. ସ୍ୱଧ ଏ୨.୯୯୫ ଡି. ସ୍ୱଧ ଖରିଦା ବୃତ୍ତି ଏ୦.୧୦୦ଡି., କିସମ-ଶାରଦ ତିନି, ହାଲ ଖାତା ନଂ.- ୯୪୧, ହାଲ ପ୍ଲଟ୍ ନଂ. ୩୬୭୨, ଏରିଆ ଏ୦.୦୮୫ଡି. କିସମ - ଶାରଦ ଅଣ ଜଳସେଚିତ ତିନି, ସ୍ଥିତିବାନ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ କିମ୍ବା ତାଙ୍କ କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

**ଅତିରିକ୍ତ ଆୟୁକ୍ତ ରିଭିଜନ୍ କୋର୍ଟ ନଂ.-୩, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, (ନ ତାଲା), କେଶରୀ ନଗର, ୟୁନିଟ୍-୫, ଭୁବନେଶ୍ୱରଙ୍କ ଆଦେଶ ଅନୁଯାୟୀ**
**ସ୍ୱା./- କୋର୍ଟ ଅଫିସର**

**ତା୦୮।୪।୨୦୨୫**
**ଭୁବନେଶ୍ୱର** ଧ-୧୦୮

IR No.-294
Date 10.03.2025

**ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨ (ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା**
**ସର୍ଭେ ଓ ସେଟେଲ୍‌ମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ**
**ଓ.ଏସ୍.ଏସ୍. କେସ୍ ନଂ.୧୩୨/୨୦୨୩**

ଶ୍ରୀମତୀ ମିନତୀ ଛୋଟରାୟ ... ... ବାଦୀ

ବନାମ

ଜୟଦେବ ବେହେରା ଏବଂ ଅନ୍ୟମାନେ ... ... ପ୍ରତିବାଦୀ

**ନୋଟିସ ସି.ପି.ସି. ଅର୍ଡର-୫ ରୁଲ୍-୨୦ ମୁତାବକ**

୨. ଆକୁଳି ସାମଲ ପିତା ରାଘବ ସାମଲ
ସା.- ଅଡଙ୍ଗମାଳିକେଶ୍ୱର
ଥାନା- କେନ୍ଦ୍ରାପଡ଼ା, ଜିଲ୍ଲା- କଟକ

ଏତଦ୍ୱାରା ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ, ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୨୯।୦୪।୨୦୨୫ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ମୌଜା- ଭାଲୁଙ୍କା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା

ସାବକ

| ଖାତା ନଂ. | ପ୍ଲଟ୍ ନଂ. | କିସମ | ରକବା | ସତ୍ୱ |
|---|---|---|---|---|
| ୬୨ | ୨୯୫ | ବାଜେ-ଫସଲ-୧ | ଏ.୯.୦୦୦ଡି. ସ୍ୱଧରୁ ଏ.୦.୦୯୯ଡି. | ଦଖଲ ସତ୍ୱ ଶୂନ୍ୟ |

ହାଲ

| ଖାତା ନଂ. | ପ୍ଲଟ୍ ନଂ. | କିସମ | ରକବା | ସତ୍ୱ |
|---|---|---|---|---|
| ୫୮ | ୨୨ | ପତିତ | ଏ.୪.୫୮୩ଡି. ସ୍ୱଧରୁ ଏ.୦.୦୯୯ଡି. | ସ୍ଥିତିବାନ |

ଏଣୁ, ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ନିଜେ କିମ୍ବା ତାଙ୍କରି ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶ ଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା୧୦।୦୩।୨୦୨୫ **ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ**
ଭୁବନେଶ୍ୱର **ସ୍ୱା./- କୋର୍ଟ ଅଫିସର**

D-110

**IN THE COURT OF THE JUDGE, FAMILY COURT, JAGATSINGHUR**
**Civil Proceeding No.- 287/2024**
**A petition U/o-5, Rule-20(IA) CPC)**

Subrat Nayak ... ... Petitioner

Vrs.

Tikili Das ... ... Respondent

To,

Tikili Das, aged about 32 years, W/o- Subrat Kumar Nayak of Village Siundi (Ganeswarpur), P.O.- Rahama, P.S.- Tirtol, Dist.- Jagatsinghpur at present working as junior Engineer, R.D. Brahmapur, Division-2, At- Ambapua, P.O.- Bahadur Petta, P.S.- Baidyanathpur, Dist.- Ganjam.

Whereas the petitioner has instituted Civil Proceeding against you before the Court of the Judge, family Court, Jagatsinghpur whereby you are hereby summoned to appar in person or by a pleader duly instructed and able to answer all the material questions relating to Civil proceeding who shall be accompanied by some persons able to answer all such questions on the 16th day of April 2025 at 10 O'Clock to answer the claim and further you are hereby directed to produce on the said day all documents in your possession upon which you based your defense.

Take notice that in default of your appearance on that day before mentioned, Civil proceeding wil be hard and determined in your absence.

Give under my hand seal the Court this 4th day of April, 2025.

Sd/.- Judge, Family Court, Jagatsinghpur

D-107

# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଶ୍ରୀକାନ୍ତ ଚରଣ ଦାସ**

Plot ନଂ M.B3 ବଡ଼ଗଡ଼ ବ୍ରିଟ୍ କଲୋନି, ଭୁବନେଶ୍ୱର
ଆବିର୍ଭାବ: ୦୧।୦୧।୧୯୫୪
ତିରୋଧାନ: ୩୧।୦୩।୨୦୨୫

ତୁମର ସ୍ନେହ, ଶ୍ରଦ୍ଧା, ଉପଦେଶ, ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ:** ପୁତ୍ର, ପୁତ୍ରବଧୂ, ଭ୍ରାତା, ଭ୍ରାତୃବଧୂ, ଦୁହିତା, ଜାମାତା, ପୌତ୍ର, ପୌତ୍ରୀ, ବନ୍ଧୁ ଓ ପରିଜନବର୍ଗ।

ଧ-୪୫

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଜଗନ୍ନାଥ ଖୁଣ୍ଟିଆ**

ଆବିର୍ଭାବ: ୦୭.୦୭.୧୯୩୩
ତିରୋଧାନ: ୩୧.୦୩.୨୦୨୫

ଅଟଳା ଗ୍ରାମର ସର୍ବାଙ୍ଗୀନ ଉନ୍ନତିର ନାୟକ ତଥା ଅଟଳା ରଥଯାତ୍ରାର ରାଜକାର୍ଯ୍ୟ ତୁଲାଉ ଥିବା ଶ୍ରୀଯୁକ୍ତ ଖୁଣ୍ଟିଆ ଏକାଧାରରେ ପରୋପକାରୀ ଓ ସମାଜସେବୀ ରୂପେ ପରିଚିତ ଥିଲେ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

**-: ଶୋକସନ୍ତପ୍ତ :-**

ଜାନକୀ, ଲତା, ବିପିନ- ପୁଷ୍ପା, କାହ୍ନୁ- ଜ୍ୟୋତି, ଭାଇ- ଭାଇବୋହୂ, ଝିଅ-ଜ୍ୱାଇଁ, ଝିଆରୀ- ପୁତୁରା, ଭଣଜା- ଭାଣେଜୀ, ନାତି- ନାତୁଣୀ, ଅଣନାତି-ଅଣନାତୁଣୀ, ଅଟଳା ଗ୍ରାମବାସୀ ବୃନ୍ଦ, ବନ୍ଧୁ ଓ ପରିବାରବର୍ଗ।

ଧ-୭୬୮୦୯

# ମନୋଜ କୁମାରରୁ ଭାରତ କୁମାର


'ଉପକାର' ଫିଲ୍ମରେ ମନୋଜ କୁମାର

ବଲିଉଡ୍‌ର ଅନ୍ୟତମ ବିଶିଷ୍ଟ ଅଭିନେତା ତଥା ନିର୍ଦ୍ଦେଶକ ମନୋଜ କୁମାରଙ୍କ ନିକଟରେ ପରଲୋକ ଘଟିଛି। ହେଲେ ତାଙ୍କର ଏକ ନିକ୍ ନେମ୍ ଥିଲା। ତାହା ହେଲା ଭାରତ କୁମାର। ଏଭଳି ନାମକରଣ ପଛରେ ଏକ କାରଣ ମଧ୍ୟ ରହିଛି। ତାଙ୍କ ନିର୍ଦ୍ଦେଶିତ ପ୍ରଥମ ସିନେମାର ଟାଇଟଲ ଥିଲା 'ଉପକାର'। ସେ ମଧ୍ୟ ଏହାର ମୁଖ୍ୟ ଭୂମିକା (ଭାରତ)ରେ ଅଭିନୟ କରିଥିଲେ। ବିଶେଷଭାବରେ ଏହି ଫିଲ୍ମରେ ଥିବା ପାରିବାରିକ ଛିଟା ଏବଂ ଦେଶଭକ୍ତିର ଝଲକ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଏଥିରେ କଲ୍ୟାଣଜୀ–ଆନନ୍ଦଜୀଙ୍କ ସ୍ୱର ସଂଯୋଜିତ 'ମେରେ ଦେଶ କି ଧରତୀ...' ଗୀତଟି ବେଶ୍ ଶ୍ରୋତାଦୃତ ହୋଇଥିଲା। ଏହାପରେ ତାଙ୍କୁ 'ଭାରତ କୁମାର' ନାମରେ ଲୋକମାନେ ସମ୍ବୋଧନ କରିଥିଲେ। ୧୯୬୭ରେ ରିଲିଜ ହୋଇଥିବା ଏହି ଫିଲ୍ମଟି ବକ୍ସ ଅଫିସରେ ୭କୋଟି ବିଜନେସ୍ କରିଥିଲା। ଏଥିରେ ମନୋଜ କୁମାରଙ୍କ ସାନ ଭାଇ ପୁରନ୍ କୁମାର ଭୂମିକାରେ ପ୍ରେମ ଚୋପ୍ରା ଅଭିନୟ କରିଥିଲେ।

# ଡଷ୍ଟବିନ୍


'ଡଷ୍ଟବିନ୍' ଫିଲ୍ମରେ ପପୁ

ସମସ୍ତ କଳ୍ପନା ଜଳ୍ପନାର ଅବସାନ ଘଟିବାକୁ ଯାଉଛି। ଓଡ଼ିଆ ସିନେମା ଜଗତର ଅନ୍ୟତମ ଆଗଧାଡିର ହାସ୍ୟାଭିନେତା ପପୁ ପମ୍‌ପମ୍‌ଙ୍କ ନିର୍ଦ୍ଦେଶିତ ଏବଂ ଅଭିନୀତ 'ଡଷ୍ଟବିନ୍' ଚଳିତ ମାସ ୧୧ରେ ପରଦା ଉପରକୁ ଆସୁଛି। ପପୁ ଏହାର କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ସଙ୍ଗୀତ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ଏହାର କାହାଣୀରେ ଲଭ, ରୋମାନ୍ସ, ଆକ୍ସନ, ଇମୋସନର ଝଲକ ମଧ୍ୟ ଦେଖିବାକୁ ମିଳିବ। କେ. କେ ସାହୁ ଫିଲ୍ମର ପ୍ରଯୋଜକ ଥିବା ବେଳେ କାର୍ଯ୍ୟକାରୀ ପ୍ରଯୋଜକ ଅଛନ୍ତି ପ୍ରଦୀପ୍ତ ସ୍ୱାଇଁ। ସଂଳାପ ରଚନା କରିଛନ୍ତି ଯୁବ ନାଟ୍ୟକାର ଡ. ଦୀପକ ଜେନା। କ୍ୟାମେରା ଦାୟିତ୍ୱ ତୁଲାଇଛନ୍ତି ଶୁଭମ । ଡ. ନିର୍ମଳ ନାୟକ, ଡ.ଦୀପକ ଜେନା ଏବଂ ରଞ୍ଜନ ନାୟକଙ୍କ ଗୀତଗୁଡିକର ପାଇଁ କଣ୍ଠଦାନ କରଛନ୍ତି କୁଲଦୀପ, ଅନ୍ତରା, ଅନୁରାଗ ଦାସ, ଅନନ୍ୟା ଶ୍ରୀତମ ନନ୍ଦ ଓ ଦେବେଶ ପତି। ଏଥିରେ ପପୁଙ୍କ ନାୟିକା ସାଜିଛନ୍ତି ପ୍ରାଚୀ। ଅନ୍ୟାନ୍ୟ ଚରିତ୍ରରେ ଦୀପାନ୍ୱିତ ଦାସ ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ସ୍ମିତା ମହାନ୍ତି, ଜୀବନ ପଣ୍ଡା, ଅରବିନ୍ଦ ଷଡ଼ଙ୍ଗୀ, ଟୁକୁନା ଷ୍ଟାଇଲିସ ଓ ମନୋଜ ସ୍ୱାଇଁ ପ୍ରମୁଖଙ୍କୁ ଦେଖିବାକୁ ମିଳିବ।

# ମଡେଲିଂରୁ ଅଭିନେତ୍ରୀ


ରକୁଲ୍

ରକୁଲ୍ ପ୍ରୀତ୍ ସିଂ ଗତ ବର୍ଷ ହାତକୁ ଦି' ହାତ ହୋଇଛନ୍ତି। ବିଶିଷ୍ଟ ପ୍ରଯୋଜକ ବାସୁ ଭଗନନାନୀଙ୍କ ପୁତ୍ର ଜ୍ୟାକିଙ୍କ ସହ ସେ ଘର ସଂସାର କରିଛନ୍ତି। ତେବେ ଯେତେବେଳେ ରକୁଲ୍ ପାଠ ପଢୁଥିଲେ ତାଙ୍କ ମନରେ ଏକ ଆଶା ଥିଲା। ଯାହା ହେଉ ତାହା ପୂରଣ ହୋଇଛି। ତେବେ ସେତେବେଳେ ସେ କ'ଣ ହେବାକୁ ଚାହୁଁଥିଲେ ଜାଣିବେନି ? ସେହି ସମୟରେ ରକୁଲ ଭବିଷ୍ୟତରେ ଅଭିନୟକୁ କ୍ୟାରିୟର କରିବାକୁ ଚାହୁଁଥିଲେ। ପ୍ରଥମେ ସେ କଲେଜରେ ପଢ଼ିବା ବେଳେ ମଡେଲିଂ ଦୁନିଆରେ ପାଦ ଦେଲେ। ସେତେବେଳେ ତାଙ୍କର ବୟସ ହୋଇଥିଲା ମାତ୍ର ୧୮ ବର୍ଷ। ବାସ୍, ସେଇଠି ସତେଯେମିତି ତାଙ୍କ ପାଇଁ ସୁଯୋଗ ଅପେକ୍ଷା କରି ବସିଥିଲା। ୨୦୦୯ରେ ଏକ କନ୍ନଡ ଫିଲ୍ମରେ ତାଙ୍କୁ ବ୍ରେକ୍ ମିଳିଥିଲା। ଫିଲ୍ମଟିର ଟାଇଟଲ ଥିଲା 'ଗିଲି'। ୨୦୧୧ରେ ସେ ଫେମିନା ମିସ୍ ଇଣ୍ଡିଆରେ ଅଂଶଗ୍ରହଣ କରିଥିଲେ ମଧ୍ୟ ନିଜକୁ ଟାଇଟଲ ଦୌଡ଼ରେ ସାମିଲ କରିପାରି ନ ଥିଲେ। ୨୦୧୪ରେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମାର ଟାଇଟଲ ଥିଲା 'ୟାରିୟାଁ'।

## ଏମିତି ବି ହୋଇଥିଲା..

# ଯଦି 'ଆସୀକ' ହିଟ୍ ନ ହୁଏ...


ମହେଶ ଭଟ୍ଟ

ଥରେ ମନେ ପକାନ୍ତୁ ନା ସେହି ମ୍ୟୁଜିକାଲ ହିଟ୍ ହିନ୍ଦୀ ସିନେମା 'ଆସୀକ'। ଏହାର ପ୍ରତିଟି ଗୀତ ଏ ପର୍ଯ୍ୟନ୍ତ ଅନେକେ ଗୁଣୁଗୁଣେଇ ଥାଆନ୍ତି। କିନ୍ତୁ ଫିଲ୍ମଟିର ପ୍ରମୋଶନ ସମୟରେ ଏକ ମଜାଦାର ଘଟଣା ଘଟିଥିଲା। ଫିଲ୍ମଟିର ମ୍ୟୁଜିକ ରାଇଟ ନେଇଥିବା ଟି' ସିରିଜର ମାଲିକ ଗୁଲସନ କୁମାରଙ୍କୁ ଏହାର ଗୀତଗୁଡ଼ିକ ସେତେ ପ୍ରଭାବିତ କରି ନ ଥିଲା। ତେଣୁ ଏକଦା ସେ ଏହାର ସମସ୍ତ ଗୀତର ଗୀତିକାର ସୀମରଙ୍କୁ କହିଲେ– ଏହି ଫିଲ୍ମର ଗୀତଗୁଡ଼ିକ ମୋତେ ଆଲବମ୍ ଗୀତ ପରି ଲାଗୁଛି। ସିନେମାଟି ହିଟ୍ ହେବ ତାହା ମୋର ଟିକିଏ ହେଲେ ବିଶ୍ୱାସ ହେଉନାହିଁ। ତା'ପରେ ସମୀର ଏକଥା ଏହାର ନିର୍ଦ୍ଦେଶକ ମହେଶ ଭଟ୍ଟଙ୍କୁ ଜଣାଇବା ପରେ ଘଟଣା ନୂଆ ମୋଡ଼ ନେଇଥିଲା। ଗୁଲସନଙ୍କୁ ମହେଶ କହିଲେ, 'ଯଦି ଏ ଫିଲ୍ମ ହିଟ୍ ନ ହୁଏ, ତେବେ ମୁଁ ଜୀବନରେ ଆଉ କେବେ ନିର୍ଦ୍ଦେଶନା ଦେବି ନାହିଁ। ମୁଁ ଚ୍ୟାଲେଞ୍ଜ ଦେଇ କହୁଛି, ଫିଲ୍ମଟି ବକ୍ସ ଅଫିସରେ ନିଶ୍ଚୟ ରେକର୍ଡ ସୃଷ୍ଟି କରିବ।' ଗୁଲସନ ମଧ୍ୟ ଏହାର ପ୍ରମୋଶନ ଏକ ନିଆରା ଢଙ୍ଗରେ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଆଉ ଶେଷରେ କ'ଣ ହେଲା ତାହା ବର୍ଣ୍ଣନା କରିବା ଅନାବଶ୍ୟକ।

# ଅ | ତୀ | ତ | ରୁ

- ଓଡ଼ିଆ ସିନେମା 'ନୂଆ ବୋଉ'ର ପ୍ରଯୋଜନା କରିଥିଲେ ଧୀରେନ୍ଦ୍ର ନାଥ ବିଶ୍ୱାଳ। ନିର୍ଦ୍ଦେଶନା ଦେଇଥିଲେ ପ୍ରଭାତ ମୁଖାର୍ଜୀ। ଗୀତଗୁଡିକୁ ସ୍ୱର ଦେଇଥିଲେ ବିଶିଷ୍ଟ ସ୍ୱରକାର ବାଳକୃଷ୍ଣ ଦାଶ। ଶରତ ପୂଜାରୀ, ଧୀର ବିଶ୍ୱାଳ, ଟିମା ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।
- ରୂପରାଗ ପ୍ରା.ଲି. କଟକ ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ପୌରାଣିକ ଓଡ଼ିଆ ଚିତ୍ର 'ଶ୍ରୀ ଲୋକନାଥ'। ଏହାର ନିର୍ଦ୍ଦେଶନା ଦେଇଥିଲେ ପ୍ରଫୁଲ୍ଲ ସେନଗୁପ୍ତ। ସାମୁଏଲ ସାହୁ (ବାବି), ମଣିମାଳା ଦେବୀ, ଅକ୍ଷୟ ମହାନ୍ତି (କାଶ୍ୟପ)ଙ୍କୁ ଏଥିରେ ଦେଖିବାକୁ ମିଳିଥିଲା।
- 'ଅମଡାବାଟ' ସିନେମାରେ ଉମାକାନ୍ତ, ଅକ୍ଷୟ ମହାନ୍ତି (କାଶ୍ୟପ), ଝରଣା ଦାସ, ଗୀତା ପ୍ରମୁଖ ଅଭିନୟ କରିଥିଲେ। ଉକ୍ତ ଚଳଚ୍ଚିତ୍ରର ପ୍ରଯୋଜନା କରିଥିଲେ ବାବୁଲାଲ ଦୋଷୀ ଏବଂ ନିର୍ଦ୍ଦେଶନା ଭାର ସମ୍ଭାଳିଥିଲେ ଅମର ଗାଙ୍ଗୁଲି।
- ସ୍ୱର୍ଣ୍ଣ ପଟ୍ଟନାୟକଙ୍କ ପ୍ରଯୋଜନା ଏବଂ ନିତାଇ ପାଲିତଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଥିଲା ଓଡ଼ିଆ ଚଳଚ୍ଚିତ୍ର 'ବନ୍ଧନ'। ଏହାର ଗୀତଗୁଡିକୁ ସ୍ୱର ଦେଇଥିଲେ ଶ୍ରୀକୁମାର। ପ୍ରଶାନ୍ତ ନନ୍ଦ, ଗୀତାଞ୍ଜଳି, ସାମୁଏଲ ସାହୁ (ବାବି) ଏବଂ ଧୀର ବିଶ୍ୱାଳ ଏଥିରେ ଅଭିନୟ କରିଥିଲେ।
- ପି.କେ. ପ୍ରଡକ୍ସନ, କଟକ ବ୍ୟାନରରେ ପ୍ରସ୍ତୁତ ଓଡ଼ିଆ ସିନେମା 'ମମତା'ର ଗୀତଗୁଡିକ ବେଶ୍ ଶ୍ରୋତାଦୃତ ହୋଇଥିଲା। ପ୍ରଫୁଲ୍ଲ କରଙ୍କ ସ୍ୱର ସଂଯୋଜିତ ଆରେ ମିତ ଆ ସଙ୍ଗାତ, ଦେଖି ସେ ବଣ ମଲ୍ଲୀ, ହେ ଫଗୁଣ କାନ୍ଦନାରେ ଏବଂ ରେ ଆମ୍ଭ ନିଦ୍ରା ପରିହରି ଗୀତଗୁଡିକୁ ଆଜି ମଧ୍ୟ ଅନେକ ଗୁଣୁଗୁଣେଇ ଥାଆନ୍ତି। ଏହାର ନିର୍ଦ୍ଦେଶନା ଦେଇଥିଲେ ବ୍ୟୋମେକେଶ ତ୍ରିପାଠୀ। ସୁରେଶ ମହାପାତ୍ର, ପ୍ରଶାନ୍ତ ନନ୍ଦ ଏବଂ ସୁଜାତା ଆନନ୍ଦ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

## ଛୋଟ ପରଦା

# ଭାଗ୍ୟ ରେଖା

ଆମ ରାଜ୍ୟର ଅନ୍ୟତମ ଦର୍ଶକାଦୃତ ଚାନେଲ ଜୀ ସାର୍ଥକ ସବୁବେଳେ ଲୋକଙ୍କ ପସନ୍ଦକୁ ଗୁରୁତ୍ୱ ଦେଇ ଆସିଛି। ମନଛୁଆଁ ଧାରାବାହିକ, ମନୋରଞ୍ଜନଭିତ୍ତିକ କାର୍ଯ୍ୟକ୍ରମ ବା ବାସ୍ତବବାଦୀ ଚଳଚ୍ଚିତ୍ର ଭେଟିଦେଇ ସାଜିଛି ଦର୍ଶକଙ୍କର ପ୍ରଥମ ପସନ୍ଦ। ଠିକ୍ ସେମିତି ଜୀ ସାର୍ଥକର ଲୋକପ୍ରିୟ ଧାରାବାହିକ 'ଭାଗ୍ୟରେଖା'କୁ ଦର୍ଶକଙ୍କ ପାଖରୁ ମିଳିଛି ଅଶେଷ ଭଲପାଇବା। ଖାସ୍ କଥା ହେଲା ଉକ୍ତ ଦର୍ଶକାଦୃତ ଧାରାବାହିକଟି ସଫଳତାର ସହ ୩୦୦ ଅଧ୍ୟାୟ ପୂରଣ କରିଛି। ଏହି ଧାରାବାହିକରେ ଆଗକୁ ଘଟିବାକୁ ଯାଉଛି ଏକ ନୂଆ ଟ୍ୱିଷ୍ଟ। ଶିଖା ଓ ମୋହିନୀର ଚକ୍ରାନ୍ତର ଶିକାର ହୋଇ ରେଖାକୁ ଘରୁ ବାହାର କରିଦିଏ ଭାଗ୍ୟ। ଏପଟେ ସୀତା ସତର ପର୍ଦ୍ଦାଫାଶ କରିବା ପାଇଁ ଶପଥ ନେଇଛନ୍ତି। ମୋହିନୀ, ଭାଗ୍ୟର ଦ୍ୱିତୀୟ ବିବାହ କରାଇବା ପାଇଁ ଯୋଜନା କରିଛନ୍ତି। ରେଖା, ଅନେକ ସଂଘର୍ଷ କରି କେମିତି ସେ ନିଜକୁ ନିର୍ଦ୍ଦୋଶ ବୋଲି ସାବ୍ୟସ୍ତ କରିବାକୁ ଲାଗିପଡ଼ିଛନ୍ତି। ତେବେ କ'ଣ ଭାଗ୍ୟ ରେଖା ସବୁଦିନ ପାଇଁ ଅଲଗା ହୋଇଯିବେ ? କେମିତି ରେଖା ଏହି ସବୁ ପରିସ୍ଥିତିର ଏକୁଟିଆ ସାମନା କରିବ ? କାହାଣୀରେ କ'ଣ ନୂଆ ଟ୍ୱିଷ୍ଟ ଦେଖିବାକୁ ମିଳିବ ? ସବୁ ଜାଣିବାକୁ ହେଲେ ଭାଗ୍ୟରେଖା ଧାରାବାହିକ ସହିତ ନିଜକୁ ଯୋଡ଼ି ହେବାକୁ ଅନୁରୋଧ କରିଛନ୍ତି ଜୀ ସାର୍ଥକର ଚିଫ ଚାନେଲ ଅଫିସର୍ ପ୍ରତୀକ ସିଲ।


ସୁମନ–ଜୟଜିତ

# ଚାହିଁ ବସିଛନ୍ତି ବାଣୀ


ବାଣୀ

ବାଣୀ କପୁର ଏବେ ବେଶ୍ ଉତ୍ସୁକତାର ସହ ଚାହିଁ ବସିଛନ୍ତି। ତେବେ ତାଙ୍କର ଏଭଳି ସ୍ପେଶାଲ ଉତ୍ସୁକତା ପଛରେ ନିଶ୍ଚୟ କିଛି କାରଣ ଥିବ ? ହଁ, ଅସଲ କଥା ହେଲା ତାଙ୍କର ଏହି ଚାହିଁ ବସିବାର ଶେଷ ମଧ୍ୟ ଖୁବ୍‌ଶୀଘ୍ର ହେବାକୁ ଯାଉଛି। ଆସନ୍ତା ମାସ ଏକ ତାରିଖଟି ହେଉଛି ତାଙ୍କ ପାଇଁ ସେହି ଶୁଭ ଦିନ, ଯାହା ପାଇଁ ସେ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି। ହେଲେ ଏହି ଦିନ ଏମିତି କ'ଣ ହେବ କି ? ଉକ୍ତ ଦିନ ସେ ଅଭିନୟ କରିଥିବା ବହୁ ପ୍ରତୀକ୍ଷିତ ସିନେମା 'ରେଡ୍ ୨' ରିଲିଜ ହେବାକୁ ଯାଉଛି। ଆଉ ଏଥିରେ ନିଜ ଭୂମିକାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଏହି ଅଭିନେତ୍ରୀ। ଭୂଷଣ କୁମାରଙ୍କ ଦ୍ୱାରା ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଦେଇଛନ୍ତି ରାଜ କୁମାର ଗୁପ୍ତା। ଏହାର ମୁଖ୍ୟ ଭୂମିକାରେ ଅଜୟ ଦେବଗନ ଏବଂ ରିତେଶ ଦେଶମୁଖ ଅଭିନୟ କରୁଛନ୍ତି। ଫିଲ୍ମ ବିଷୟରେ ବାଣୀ କହନ୍ତି, ''ଏହାର କାହାଣୀକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଶୁଟିଂ ସମୟରେ ଚେଷ୍ଟା କରାଯାଇଛି। ଏଥିରେ ମୋତେ ଯେଉଁ ଭୂମିକାଟି ମିଳିଛକି ତାହା ନିଶ୍ଚୟ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଆଶା ରଖିଛି।'' ତେବେ ଫିଲ୍ମଟି ବାଣୀଙ୍କ ଆକ୍ଟିଂ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା।

# ଆଜିର ରେବତୀ

ଓଡ଼ିଆ ପରମ୍ପରା ଓ ସମାଜଚେତନାକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ–ବଙ୍ଗଳା ସିନେମା 'ଆଜିର ରେବତୀ'। ଉକ୍ତ ଚିତ୍ରଟି ଚଳିତ ମାସ ୧୧ରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି । ପୁରୀର ଗାଳ୍ପିକ ଓ ଗୀତିକାର ଡ. ବଦ୍ରି ମିଶ୍ରଙ୍କର କ୍ଷୁଦ୍ର ଗଳ୍ପ ରେବତୀ ଉପରେ ଏହି ସିନେମା ପର୍ଯ୍ୟବଶିତ। ଏହାର ପ୍ରଯୋଜନା କରିଛନ୍ତି ଓଲିଉଡ୍‌ର ଆଗଧାଡିର ଅନ୍ୟତମ ପ୍ରଯୋଜକ ରମେଶ ବାରିକ। ନିର୍ଦ୍ଦେଶନା ଦେଇଛନ୍ତି 'ପୁଷ୍କରା' ଫେମ୍ ଶୁଭ୍ରାଂଶୁ ଦାସ। ଏହି ଫିଲ୍ମରେ ଶୀତଲ ପାତ୍ର, ପୁଷ୍ପା ପଣ୍ଡା, ପୃଥ୍ୱୀରାଜ ନାୟକ, ବଙ୍ଗଳା କଳାକାର ବୋନି ସେନଗୁପ୍ତା, ଉଷଶୀ ମିଶ୍ର ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ବାପୁ ଗୋସ୍ୱାମୀଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ। ଏହାର ପ୍ରଚାର ପ୍ରସାର ଦାୟିତ୍ୱ ତୁଲାଉଛନ୍ତି ପ୍ରଣୟ ଜେଠୀ।


'ଆଜିର ରେବତୀ' ଫିଲ୍ମର ପୋଷ୍ଟର

**ସର୍ବଭାରତୀୟ ପୋଲିସ ହକି**

## ଉତ୍ତରାଖଣ୍ଡ, ଆଇଟିବିପି, ମଣିପୁର, ପଶ୍ଚିମବଙ୍ଗ ବିଜୟୀ

**ଭୁବନେଶ୍ୱର, ୯।୪ (ତପନ ସ୍ୱାଇଁ):** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ୍‌ରେ ବୁଧବାର ଉତ୍ତରାଖଣ୍ଡ, ଆଇଟିବିପି, ମଣିପୁର ଓ ପଶ୍ଚିମବଙ୍ଗ ଦଳ ବିଜୟ ହାସଲ କରିଛନ୍ତି। ପୂର୍ବାହ୍ନରେ ଅନୁଷ୍ଠିତ ୪ଟି ମ୍ୟାଚରେ ଉତ୍ତରାଖଣ୍ଡ ୯-୦ରେ ଚଣ୍ଡିଗଡ଼, ଆଇଟିବିପି ୮-୩ରେ ରାଜସ୍ଥାନ, ମଣିପୁର ୩-୧ରେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ୬-୩ରେ ଛତିଶଗଡ଼କୁ ପରାସ୍ତ କରିଛି। ଉଚ୍ଚଶିକ୍ଷା ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲ, ଭିଜିଲାନ୍ସ ନିର୍ଦ୍ଦେଶକ ଯଶୱନ୍ତ ଜେଠୱା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ତଥା ଆୟୋଜନ କମିଟିର ଉପାଧ୍ୟକ୍ଷ ଦୟାଲ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ସଶସ୍ତ୍ର) ତଥା ଆୟୋଜନ କମିଟିର ଉପାଧ୍ୟକ୍ଷ ରାଜେଶ କୁମାର, ଆଇଜି (ତାଲିମ) ତଥା ଆୟୋଜନ କମିଟିର ସମ୍ପାଦକ ଅନୁପ କୁମାର ସାହୁ ପ୍ରମୁଖ ବିଭିନ୍ନ ମ୍ୟାଚ ଗୁଡିକରେ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଲିଗ୍ କମ୍ ନକ୍‌ଆଉଟ ଫର୍ମାଟରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟରେ ବିଭିନ୍ନ ରାଜ୍ୟ ପୋଲିସ ଓ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ଦଳ ଅଂଶଗ୍ରହଣ କରିଛନ୍ତି। ୯ଟି ମହିଳା ଓ ୨୬ଟି ପୁରୁଷ ଦଳ ଏହି ଚାମ୍ପିୟନଶିପରେ ଭାଗ ନେଉଛନ୍ତି।

## ୧୯ ବର୍ଷରୁ କମ୍ ବାଳିକା ଏଲିଟ୍ କ୍ୟାମ୍ପରେ ବିଜୟଲକ୍ଷ୍ମୀ



**ଭୁବନେଶ୍ୱର, ୯।୪ (ଅନାଦି କର):** ୨୦୨୪-୨୫ ଘରୋଇ ସିଜନରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଓଡ଼ିଶାର ବିଜୟ ଲକ୍ଷ୍ମୀ ବେହେରାଙ୍କୁ ସମ୍ମାନଜନକ ଏନ୍‌ସିଏ ୧୯ ବର୍ଷରୁ କମ୍ ବାଳିକା ଏଲିଟ୍ କ୍ୟାମ୍ପରେ ଅଂଶଗ୍ରହଣ କରିବା ଲାଗି ଚୟନ କରାଯାଇଛି। ଏହି କ୍ୟାମ୍ପ ଚଳିତ ମାସ ୨୫ ତାରିଖରୁ ମେ' ୨୧ ତାରିଖ ପର୍ଯ୍ୟନ୍ତ ରାଞ୍ଚିଠାରେ ଚାଲିବ। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ ପଦାଧିକାରୀ ବିଜୟ ଲକ୍ଷ୍ମୀଙ୍କୁ ଏଲିଟ୍ କ୍ୟାମ୍ପରେ ଚୟନ ହେବା ପାଇଁ ଅଭିନନ୍ଦନ ଜଣାଇଛନ୍ତି।

# ମେ ୧୮ରୁ କଳିଙ୍ଗ ବ୍ଲାକ୍ ଟାଇଗର୍ସର ଅଭ୍ୟାସ



ଆଶିଷ ଶବର



ମାଇକ ଫ୍ରାଇଡେ



ପେରି ବାକର

**ଭୁବନେଶ୍ୱର, ୯।୪ (ତପନ ସ୍ୱାଇଁ)**

ରଗ୍‌ବୀ ଇଣ୍ଡିଆ ଓ ଜିଏମ୍‌ଆର୍‌ର ମିଳିତ ଆନୁକୂଲ୍ୟରେ ରଗ୍‌ବୀ ପ୍ରିମିୟର ଲିଗ୍ (ଆର୍‌ପିଏଲ୍) ଅନ୍ଧେରି ସ୍ପୋର୍ଟ୍ସ କମ୍ପ୍ଲେକ୍ସ (ମୁମ୍ବାଇ ଫୁଟବଲ ଆରେନା)ରେ ଆସନ୍ତା ଜୁନ ୧ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବିଶ୍ୱର ଏହି ପ୍ରଥମ ଫ୍ରାଞ୍ଚାଇଜ୍ ଭିତ୍ତିକ ୭ଏସ୍ ଲିଗ୍ ପାଇଁ ଓଡ଼ିଶା ଭିତ୍ତିକ ଦଳ କଳିଙ୍ଗ ବ୍ଲକ୍ ଟାଇଗର୍ସର ପ୍ରସ୍ତୁତ ହେଉଛି। ନିକଟରେ ମୁମ୍ବାଇରେ ଅନୁଷ୍ଠିତ ଆରପିଏଲ ନିଲାମରେ ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଥିବା ଏହି ଦଳ ଓଡ଼ିଶା କ୍ରୀଡା ଇତିହାସରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ରାଜ୍ୟ ସହ ଉତ୍ତମ ସଂପର୍କ ରଖିଥିବା ବିଶ୍ୱସ୍ତରୀୟ ପୁଞ୍ଜିନିବେଶ ସଂସ୍ଥା 'ହଞ୍ଜ୍ ଭେଞ୍ଚର୍ସ'ର ପ୍ରତିଷ୍ଠାତା କରନ ପାଲ ସିଂଙ୍କ ସହଯୋଗରେ ଏହି ଫ୍ରାଞ୍ଚାଇଜ୍ ଆଗାମୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ।

**ରଗ୍‌ବୀ ପ୍ରିମିୟର ଲିଗ୍**

ଆଶିଷ ଶବର ଏହି ଦଳରେ ଓଡିଶାର ପ୍ରତିନିଧିତ୍ୱ କରିବେ। ସେହିପରି ରାଜୀବ ନାଥ ସହକାରୀ ପ୍ରଶିକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ଦଳର ଅଭ୍ୟାସ ମେ' ୧୮ରୁ ଜୁନ୍ ୧ ପର୍ଯ୍ୟନ୍ତ ଚାଲିବ। ରଗବୀପ୍ରେମୀମାନେ ଜିଓସିନେମା ଏବଂ ଡିଜନି+ହଟଷ୍ଟାରରେ ସମସ୍ତ ଆକ୍ସନକୁ ସିଧାସଳଖ ଦେଖିପାରିବେ।

ବିରଳ କଳା ବାଘଙ୍କଠାରୁ ପ୍ରେରଣା ନେଇ କଳିଙ୍ଗ ବ୍ଲାକ ଟାଇଗର୍ସ ଓଡିଶାର ଶକ୍ତି, ଚପଳତା ଏବଂ ଲଢୁଆ ଭାବନାର ପ୍ରତୀକକୁ ସୂଚିତ କରୁଛି। ଦଳ ଗଠନ ପରେ ରାଜ୍ୟରେ ଉତ୍ସାହ ପ୍ରକାଶ ପାଇଥିବାବେଳେ ଓଡିଶାର କ୍ରୀଡା ଇକୋସିଷ୍ଟମରେ ନୂଆ ଫର୍ଦ୍ଦ ଯୋଡି ହୋଇଛି। ନିଲାମରେ କଳିଙ୍ଗ ବ୍ଲାକ ଟାଇଗର୍ସ ଅନ୍ତର୍ଜାତୀୟ ଓ ଶୀର୍ଷ ଭାରତୀୟ ପ୍ରତିଭାଙ୍କ ମିଶ୍ରଣରେ ଏକ ପ୍ରଭାବଶାଳୀ ଦଳ ଗଠନ କରିଛି। ଏଥିରେ ପେରି ବେକର, ରୋସ୍କୋ ସ୍ପେସମ୍ୟାନ, ହ୍ୟାରି ମ୍ୟାକନଲ୍ଟି, ମୋରିସ ଲଙ୍ଗବଟମ, ଲୁକାସ ଲାକ୍ୟାମ୍ପ, କାଏଲ ଟ୍ରେମ୍ବଲେ, ଇଥାନ ଟର୍ନର, ଜେମ୍ସ ଥିଏଲଙ୍କ ଭଳି ବିଶ୍ୱସ୍ତରୀୟ ରଗବି ତାରକା ରହିଛନ୍ତି। ଦଳରେ ଭାରତୀୟ ଖେଳାଳିଙ୍କର ମଧ୍ୟ ଏକ ଦୃଢ଼ ଲାଇନ୍‌ଅପ୍ ରହିଛି। ସେମାନଙ୍କ ମଧ୍ୟରେ ଓଡ଼ିଶାର ଆଶିଷ ଶବରଙ୍କ ସମେତ ଅଜୟ ଦେଶୱାଲ, ପପୁ ତୋଡକର, ପ୍ରଦୀପ ସିଂ ଏବଂ ଅର୍ଜୁନ ମାହାତୋ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି। କଳିଙ୍ଗ ବ୍ଲାକ ଟାଇଗର୍ସର ମୁଖ୍ୟ କୋଚ୍ ହେଉଛନ୍ତି ମାଇକ ଫ୍ରାଇଡେ, ଯିଏକି ନିଜର ରଣନୀତି ଏବଂ ପରିବର୍ତ୍ତନକାରୀ ଲିଡରଶିପ୍ ପାଇଁ ବେଶ୍ ଜଣାଶୁଣା। ୟୁଏସଏ ରଗବି ଦ୍ୱାରା ନିଯୁକ୍ତ ଆମେରିକୀୟ ଜାତୀୟ ସେଭେନ୍ସ ଟିମର ମୁଖ୍ୟ ପ୍ରଶିକ୍ଷକ ଭାବେ ଦୀର୍ଘ ୧୦ ବର୍ଷ କାର୍ଯ୍ୟ କରିବା ପରେ ଫ୍ରାଇଡେ ଏବେ ନିଜର ବିଜୟ ମାନସିକତାକୁ ଟାଇଗର୍ସ ଦଳରେ ପ୍ରତିଫଳିତ କରିବାକୁ ପ୍ରସ୍ତୁତ। ଓଡିଶା ପୁରୁଷ ରଗବି ଦଳର ପୂର୍ବତନ ଅଧିନାୟକ ରାଜୀବ ନାଥ ସହକାରୀ ପ୍ରଶିକ୍ଷକ ଭାବେ ଯୋଗ ଦେଇଛନ୍ତି।

ଓଡ଼ିଶାରେ ରଗ୍‌ବୀ ସମ୍ପ୍ରତି ବିଶେଷ କରି ଆଦିବାସୀ ସଂପ୍ରଦାୟର ଖେଳାଳିଙ୍କୁ ନେଇ ବେଶ୍ ସମୃଦ୍ଧ। ଏବେ ଜାତୀୟ ସ୍ତରରେ ଓଡ଼ିଶା ଭିତ୍ତିକ ଫ୍ରାଞ୍ଚାଇଜ୍ ଦଳ ନିଜର ଦକ୍ଷତା ଦେଖାଇବାକୁ ପ୍ରସ୍ତୁତ। ରଗବିର ଆନ୍ତର୍ଜାତୀୟ ସ୍ତରରେ ବ୍ୟାପକ ଅନୁଗାମୀ ଅଛନ୍ତି ଏବଂ ଜାତୀୟ ସ୍ତରରେ ଏହା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଓଡିଶା ଏବେ ବିଭିନ୍ନ କ୍ରୀଡାର ବିକାଶ ପାଇଁ କାର୍ଯ୍ୟ କରୁଥିବାରୁ ରଗବୀ ଏଥିରୁ ବେଶ ଉପକୃତ ହେବ ବୋଲି କଳିଙ୍ଗ ବ୍ଲାକ ଟାଇଗର୍ସର ସହ ମାଲିକ ତଥା ହଞ୍ଜ୍ ଭେଞ୍ଚର୍ସର ପ୍ରତିଷ୍ଠାତା କରନ ପାଲ ସିଂ କହିଛନ୍ତି। ''ଆମେ ବିଶ୍ୱର କୋଣ ଅନୁକୋଣରୁ ଆନ୍ତର୍ଜାତୀୟ ସ୍ତରରେ ଅସାଧାରଣ ଖେଳାଳି ଏବଂ ପ୍ରକୃତ ସାମର୍ଥ୍ୟ ଥିବା ସ୍ଥାନୀୟ ପ୍ରତିଭାମାନଙ୍କୁ ନେଇ ଏକ ଶକ୍ତିଶାଳୀ ଦଳ ଗଠନ କରିଛୁ। କଳିଙ୍ଗ ବ୍ଲାକ ଟାଇଗର୍ସ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବାରୁ ଆମେ ସମସ୍ତେ ଖୁବ୍ ଉତ୍ସାହିତ। ପ୍ରତିଯୋଗୀତାରେ ପ୍ରଭାବୀ ପ୍ରଦର୍ଶନ ପାଇଁ କଠିନ ପରିଶ୍ରମ କରିବୁ ଏବଂ ଆରପିଏଲର ଉଦଘାଟନୀ ସଂସ୍କରଣକୁ ଜିତିବା ପାଇଁ ଶ୍ରେଷ୍ଠ ପ୍ରଦର୍ଶନ ଦେବୁ'' ବୋଲି ମୁଖ୍ୟ କୋଚ୍ ମାଇକ ଫ୍ରାଇଡେ ପ୍ରକାଶ କରିଛନ୍ତି।



ନିକଟରେ ପଞ୍ଜାବରେ ଅନୁଷ୍ଠିତ ଜାତୀୟ ସିନିୟର ଶକ୍ତିଉତ୍ତୋଳନରେ ମହିଳା ଦଳଗତ ଚାମ୍ପିୟନ ହୋଇ ଓଡ଼ିଶା ଷ୍ଟ୍ରଙ୍ଗ ଓମେନ ଟ୍ରଫି ହାସଲ କରିଥିଲା। ଏହି ଟ୍ରଫି ବୁଧବାର ଭୁବନେଶ୍ୱରରେ ପହଞ୍ଚିବାପରେ ମହିଳା ଶକ୍ତିଉତ୍ତୋଳକମାନେ ଏହାକୁ ସ୍ୱାଗତ କରୁଛନ୍ତି।

## ଅପରାଜିତା ଭାରତର ପ୍ରଥମ ମହିଳା ଫେୟାର ପ୍ଲେ ଏକ୍ସପର୍ଟ

**ଭୁବନେଶ୍ୱର, ୯।୪ (ତପନ ସ୍ୱାଇଁ)**



ଅପରାଜିତ ଗୋଛିକାର

ଓଡ଼ିଶା ଚେସ୍ ପାଇଁ ବୁଧବାର ଆସିଛି ଆଉ ଏକ ବଡ଼ ଖବର। ଅନ୍ତର୍ଜାତୀୟ ଚେସ୍ ମହାସଙ୍ଘ (ଫିଡେ) ପକ୍ଷରୁ ଓଡ଼ିଶାର ଅନ୍ତର୍ଜାତୀୟ ଚେସ୍ ଖେଳାଳି ତଥା ଆର୍ବିଟର ଅପରାଜିତା ଗୋଛିକାରଙ୍କୁ ସମ୍ମାନଜନକ ଫେୟାର ପ୍ଲେ ଏକ୍ସପର୍ଟ (ଏଫ୍‌ପିଇ) ଉପାଧିରେ ସମ୍ମାନିତ କରାଯାଇଛି। ୨୦୨୫ରେ ଫିଡେର ପ୍ରଥମ ପରିଷଦ ବୈଠକ ସମୟରେ ଏହି ଘୋଷଣା କରାଯାଇଛି। ଚେସରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଅପରାଜିତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଭାରତର ପ୍ରଥମ ମହିଳା ଭାବେ ଏହି ସମ୍ମାନ ପାଇ ଅପରାଜିତ ଇତିହାସ ରଚିବା ସହ ଦେଶ ଓ ରାଜ୍ୟକୁ ଗର୍ବିତ କରିଛନ୍ତି। ଅନ୍ତର୍ଜାତୀୟ ଚେସ୍ ମହାସଙ୍ଘ (ଫିଡେ) ଭାରତ, ଆର୍ମେନିଆ, ଇଂଲଣ୍ଡ, ଚେକ୍ ରିପବ୍ଲିକ୍, ଇସ୍ତୋନିଆ, ଗ୍ରୀସ୍, ଇରାନ୍, ଇଟାଲି, ନରୱେ, ଉରୁଗୁଏ ଓ ଜାମ୍ବିଆର ମୋଟ ୧୨ ଜଣଙ୍କୁ ଏଫପିଇ ଉପାଧି ପ୍ରଦାନ କରିଛି। ଯେଉଁଥିରେ ମହାରାଷ୍ଟ୍ରର ଅଥର୍ବ ଗଡବୋଲେ ଏବଂ ଓଡିଶାର ଆପାରାଜିତା ଗୋଛିକାର ସାମିଲ ଅଛନ୍ତି। ଜଣେ ଗର୍ବିତ ଭାରତୀୟ ଭାବେ ଅପରାଜିତା ଚେନ୍ନାଇରେ ଫିଡେ ଚେସ୍ ଅଲିମ୍ପିଆଡ୍ ୨୦୨୨, ଗାନ୍ଧିନଗରରେ ଏଫପିଇ ସେମିନାର, ଇଟାଲିରେ ବିଶ୍ୱ ଯୁବ ଚାମ୍ପିୟନଶିପ୍ ଭଳି ଉଚ୍ଚସ୍ତରୀୟ ପ୍ରତିଯୋଗିତାରେ ଇଟାଲିର ୟୁରି ଗ୍ୟାରେଟ୍ ଓ ସ୍କଟଲାଣ୍ଡର ହୋବି ଆଣ୍ଡ୍ରୁଙ୍କ ତତ୍ତ୍ୱାବଧାନରେ ୪ଟି ନର୍ମ ହାସଲ କରିଥିଲେ।

## ଆଲ୍‌ଫା, ରାମେଶ୍ୱର ବିଜୟୀ

**ଭୁବନେଶ୍ୱର, ୯।୪ (ତପନ ସ୍ୱାଇଁ)**

ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ବିଏମ୍ ହାଇସ୍କୁଲ ପଡ଼ିଆରେ ଚାଲିଥିବା ୭ମ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟର ୨ଟି ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ଆଲ୍‌ଫା ସ୍ପୋର୍ଟିଂ ଓ ଆୟୋଜକ ରାମେଶ୍ୱର ସ୍ପୋର୍ଟିଂ ବିଜୟୀ ହୋଇଛି। ୧୮ ବର୍ଷରୁ କମ୍ ପ୍ରତିଯୋଗିତା କମଳା ପରିଡ଼ା ଓ ୧୫ ବର୍ଷରୁ କମ୍ ପ୍ରତିଯୋଗିତା ଅମରେନ୍ଦ୍ର ପ୍ରସାଦ ବଳ ସ୍ମାରକୀ ଭାବେ ବିବେଚିତ ହେଉଛି। ୧୮ ବର୍ଷରୁ କମ୍ ବର୍ଗରେ ଆଲ୍‌ଫା ୧୦୯ ରନରେ ଟାଉନ୍ କ୍ଲବକୁ ପରାସ୍ତ କରିଛି। ଆଲ୍‌ଫା ୩୦ ଓଭରରେ ୯ ଉଇକେଟ ହରାଇ ୨୨୦ ରନ କରିଥିଲା। ବିଜୟୀ ଦଳର ଉଦିତ ଜଟ ୫ ଉଇକେଟ ସଫଳତା ପାଇଥିଲେ। ବ୍ୟବସାୟୀ ତଥା ଯୁବ ନେତା ଅମରେଶ ପରିଡ଼ା ଅତିଥିଭାବେ ଯୋଗଦେଇ ଉଦିତ ଜଟଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ୧୫ ବର୍ଷରୁ କମ୍ ବର୍ଗରେ ରାମେଶ୍ୱର ୨ ଉଇକେଟରେ ସହିଦ ସ୍ପୋର୍ଟିଂକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ପ୍ରଭାବୀ ବୋଲିଂ କରିଥିବା ଆହ୍ୱାନ ମିଶ୍ର ଓ ୩୬ ରନ କରିଥିବା ଆକାଶ ସାହୁ ଯୁଗ୍ମଭାବେ ପୁରସ୍କୃତ ହୋଇଥିଲେ। ବିଏସ୍‌ଏନ୍‌ଏଲ୍‌ର ସହକାରୀ ମ୍ୟାନେଜର ଅମରେନ୍ଦ୍ର ପ୍ରସାଦ ବଳ ଅତିଥିଭାବେ ଯୋଗ ଦେଇଥିଲେ।



ଆହ୍ୱାନ ମିଶ୍ର ଓ ଆକାଶ ସାହୁ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ଆଇପିଏଲ୍ ବେଟିଂ ରାକେଟ ଠାବ : ୩୪ ଗିରଫ

**ପଣଜୀ, ୯।୪**

ଚଳିତ ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ବେଆଇନ ଗ୍ୟାମ୍ବଲିଂ ଓ ବେଟିଂ ସହ ସମ୍ପୃକ୍ତ ୩୪ ଜଣଙ୍କୁ ଗୋଆ କ୍ରାଇମ୍‌ବ୍ରାଞ୍ଚ ଗିରଫ କରିଛି। ଅଭିଯୁକ୍ତମାନେ ରେଡ୍ଡୀ, ଲୋଟସ ଓ ଲାୟନକିଙ୍ଗ୍‌୨୪୭ ଡଟ୍ ବେଟ୍ ଭଳି ମୋବାଇଲ ଆପ୍ଲିକେଶନ ବ୍ୟବହାର କରୁଥିଲେ। ପୋଲିସ ଚଢ଼ାଉକରି ଘଟଣାସ୍ଥଳରୁ ୧୮ଟି ମୋବାଇଲ ଫୋନ୍, ୫ଟି ଲାପ୍‌ଟପ୍, ୩ ଭାରତୀୟ ପାସ୍‌ପୋର୍ଟ, ୧୧ଟି ବ୍ୟାଙ୍କ ପାସ୍‌ବୁକ୍, ୮ଟି ଚେକ୍‌ବୁକ୍, ୫୪ ସିମ୍‌କାର୍ଡ ଓ ବିଭିନ୍ନ ବ୍ୟାଙ୍କର ୩୬୩ ଏଟିଏମ୍ କାର୍ଡ ଜବତ କରିଛି।

# ସୁନ୍ଦରଗଡ଼ ଚାମ୍ପିୟନ

**ଭୁବନେଶ୍ୱର, ୯।୪ (ତପନ ସ୍ୱାଇଁ)**

**କଳାହାଣ୍ଡି କପ୍**

କଟକର ବାରବାଟୀ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ କଳାହାଣ୍ଡି କପ୍ କ୍ରିକେଟ ଫାଇନାଲରେ କଟକ-ଏ'କୁ ୪ ଉଇକେଟରେ ହରାଇ ସୁନ୍ଦରଗଡ଼ ଚାମ୍ପିୟନ ହୋଇଛି। କଟକ 'ଏ' ୪୫.୨ ଓଭରରେ ୧୩୨ ରନକରି ଅଲ୍‌ଆଉଟ ହୋଇଥିଲା। ସୁନ୍ଦରଗଡ଼ର ସାହିଲ ପ୍ରସାଦ ଚମତ୍କାର ବୋଲିଂ କରି ମାତ୍ର ୧୭ ରନରେ ୩ଟି ଉଇକେଟ ନେଇଥିଲେ। ୧୩୩ ରନର ବିଜୟ ଲକ୍ଷ୍ୟକୁ ସୁନ୍ଦରଗଡ଼ ୩୧.୪ ଓଭରରେ ୬ ଉଇକେଟ ହରାଇ ହାସଲ କରି ନେଇଥିଲା। ସାହିଲ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଚାମ୍ପିୟନ ସୁନ୍ଦରଗଡ଼କୁ ଟ୍ରଫି ସହ ୨.୦୦.୦୦୦ ଓ କଟକ-ଏ'କୁ ୧,୦୦,୦୦୦ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। କଟକ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ମୁଖ୍ୟ ଅତିଥି ଏବଂ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମୀର ମହାନ୍ତି ଓ ସମ୍ପାଦକ ଅଭିଜିତ ପାଲ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।




କଳାହାଣ୍ଡି କପ୍ ଟ୍ରଫି ସହ ଚାମ୍ପିୟନ ସୁନ୍ଦରଗଡ଼ ଦଳ।

# ଟେବୁଲ ଶୀର୍ଷରେ ଗୁଜରାଟ

**ଅହମ୍ମଦାବାଦ, ୯।୪**

ଚଳିତ ଆଇପିଏଲ୍‌ରେ ବୁଧବାର ଖେଳାଯାଇଥିବା ମ୍ୟାଚରେ ଗୁଜରାଟ ଟାଇଟନ୍ସ (ଜିଟି) ୫୮ ରନରେ ରାଜସ୍ଥାନ ରୟାଲ୍ସ (ଆର୍‌ଆର୍)କୁ ପରାସ୍ତ କରିଛି। ଗୁଜରାଟ ପକ୍ଷରୁ ଦିଆଯାଇଥିବା ୨୧୮ ରନର ଟାର୍ଗେଟ ଆଗରେ ରାଜସ୍ଥାନ ୧୯.୨ ଓଭରରେ ୧୫୯ ରନରେ ଅଲଆଉଟ ହୋଇଯାଇଥିଲା। ଏହା ଗୁଜରାଟ ଲାଗି ଚତୁର୍ଥ ବିଜୟ ହୋଇଥିବା ବେଳେ ରାଜସ୍ଥାନର ଏହା ତୃତୀୟ ପରାଜୟ। ଏହି ବିଜୟ ସହ ଗୁଜରାଟ ପଏଣ୍ଟ ଟେବୁଲ ଶୀର୍ଷକୁ ଉନ୍ନୀତ ହୋଇଛି।

ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ଆରମ୍ଭରୁ ଅଧିନାୟକ ଶୁବମନ ଗିଲ(୨)ଙ୍କ ଉଇକେଟ ହରାଇଥିଲା। ତାଙ୍କ ଉଇକେଟ ପଡ଼ିବା ପରେ ସୁଦର୍ଶନ ଓ ଜୋସ ବଟଲରଙ୍କ ମଧ୍ୟରେ ଦ୍ୱିତୀୟ ଉଇକେଟରେ ୮୦ ରନର ଭାଗୀଦାରି ହୋଇଥିଲା। ୫ ଚୌକା ସହ ୩୬ ରନ କରିଥିବା ବଟଲରଙ୍କୁ ମହିଶ ଥିକ୍ଷଣା ଏଲ୍‌ବିଡବ୍ଲ୍ୟୁ ଆଉଟ୍ କରିଥିଲେ। ଏହାପରେ ସୁଦର୍ଶନ ଓ ଶାହରୁଖ ଖାନ ତୃତୀୟ ଉଇକେଟରେ ଦଳୀୟ ସ୍କୋରରେ ୬୨ ରନ ଯୋଡ଼ିଥିଲେ। ଆଟାକିଂ ବ୍ୟାଟିଂ କରୁଥିବା ଶାହରୁଖ ୨୦ ବଲରେ ୪ ଚୌକା ଓ ୨ ଛକା ସହିତ ୩୬ ରନ କରିଥିଲେ। ସୁଦର୍ଶନ ୫୩ ବଲରେ ୮୨ ରନ କରିଥିଲେ। ତାଙ୍କ ଇନିଂସରେ ୮ ଚୌକା ଓ ୩ ଛକା ସାମିଲ ଥିଲା। ଶେଷ ଆଡ଼କୁ ରଶିଦ ଖାନ୍ ୧୨ (ଗୋଟିଏ ଲେଖାଏ ଚୌକା ଓ ଛକା) ଓ ରାହୁଲ ତେୱାଟିଆ ୨୪ (ଦୁଇଟି ଲେଖାଏ ଚୌକା ଓ ଛକା) ରନ କରିଥିଲେ। ଫଳରେ ଗୁଜରାଟ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୧୭ ରନ କରିଥିଲା। ରାଜସ୍ଥାନ ପକ୍ଷରୁ ଥିକ୍ଷଣା ଓ ତୁଷାର ଦେଶପାଣ୍ଡେ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ରାଜସ୍ଥାନ ପ୍ରଥମ ୩ ଓଭରରେ ଯଶସ୍ୱି ଜୟସ୍ୱାଲ(୬) ଓ ନୀତିଶ ରାଣା (୧)ଙ୍କ ଉଇକେଟ ହରାଇଥିଲା। ରିୟାନ ପରାଗ ଓ ଅଧିନାୟକ ସଞ୍ଜୁ ସାମସନ ତୃତୀୟ ଉଇକେଟରେ ୪୮ ରନ ଯୋଡ଼ିଥିଲେ। ପରାଗ ୧୪ ବଲରେ ୧ ଚୌକା ଓ ୩ ଛକା ସହିତ ୨୬ ରନ କରିଥିଲେ। ଧ୍ରୁବ ଜୁରେଲ (୫) ଫେଲ ମାରିଥିଲେ। ତାଙ୍କ ପରେ ବ୍ୟାଟିଂ ଆସିଥିବା ଶିମରନ ହେଟମାୟାରଙ୍କ ସହ ସାମସନ ପଞ୍ଚମ ଉଇକେଟରେ ୪୮ ରନ ଯୋଡ଼ିଥିଲେ। ଏହିଠାରୁ କ୍ରମାଗତ ଉଇକେଟ ହରାଇବାରୁ ରାଜସ୍ଥାନ ୧୯.୨ ଓଭରରେ ୧୫୯ ରନରେ ଅଲଆଉଟ ହୋଇଯାଇଥିଲା। ହେଟମାୟର ୫୨ (୪ ଚୌକା ଓ ୩ ଛକା) ଓ ସାମସନ ୪୧ (୪ ଚୌକା ଓ ୨ ଛକା) ରନ କରିଥିଲେ। ଗୁଜରାଟ ପାଇଁ ପ୍ରସିଦ୍ଧ କ୍ରିଷ୍ଣା ୩ଟି ଓ ରଶିଦ ଦୁଇଟି ଉଇକେଟ ନେଇଥିଲେ।



ଶଟ୍ ଖେଳିବା ଅବସରରେ ସାଇ ସୁଦର୍ଶନ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟନ୍ସ: ୨୦ ଓଭରରେ ୨୧୭/୬ (ସାଇ ସୁଦର୍ଶନ-୮୨, ଜୋସ ବଟଲର-୩୬, ଶାହରୁଖ ଖାନ-୩୬, ରାହୁଲ ତେୱାଟିଆ-୨୪, ମହିଶ ଥିକ୍ଷଣା-୨/୫୩, ତୁଷାର ଦେଶପାଣ୍ଡେ-୨/୫୩)। ରାଜସ୍ଥାନ ରୟାଲ୍ସ: ୧୯.୨ ଓଭରରେ ୧୫୯/ଅଲଆଉଟ (ଶିମରନ ହେଟମାୟର-୫୨, ସଞ୍ଜୁ ସାମସନ-୪୧, ରିୟାନ ପରାଗ-୨୬, ପ୍ରସିଦ୍ଧ କ୍ରିଷ୍ଣା-୩/୨୪, ରଶିଦ ଖାନ-୨/୩୭ )।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ବେଙ୍ଗାଲୁରୁ ବନାମ ଦିଲ୍ଲୀ
ସ୍ଥାନ: ବେଙ୍ଗାଲୁରୁ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୫ | ୪ | ୧ | ୮ | +୧.୪୧୩ |
| ଦିଲ୍ଲୀ କ୍ୟାପିଟାଲ୍ସ | ୩ | ୩ | ୦ | ୬ | +୧.୨୫୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୪ | ୩ | ୧ | ୬ | +୧.୦୧୫ |
| ପଞ୍ଜାବ କିଙ୍ଗ୍ସ | ୪ | ୩ | ୧ | ୬ | +୦.୨୮୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୫ | ୩ | ୨ | ୬ | +୦.୦୭୮ |
| କୋଲକାତା ନାଇଟ ରାଇଡର୍ସ | ୫ | ୨ | ୩ | ୪ | +୦.୦୫୬ |
| ରାଜସ୍ଥାନ ରୟାଲ୍ସ | ୫ | ୨ | ୩ | ୪ | -୦.୭୩୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୧ | ୪ | ୨ | -୦.୦୧୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୫ | ୧ | ୪ | ୨ | -୦.୮୮୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୧ | ୪ | ୨ | -୧.୬୨୯ |

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ